ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୭/୨୦୨୦ (୨୦ ପୃଷ୍ଠା) | Bhubaneswar, Friday, February 7/2020 | ★★★★
୪୬ଶ ଭାଗ ୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## କିସର୍ ବୟ୍ ହେଲେ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ

ସଞ୍ଜୟ ଗୁପ୍ତା ଏବଂ ଭୂଷଣ କୁମାରଙ୍କ ଫିଲ୍ମ 'ମୁମ୍ବାଇ ସାଗା'ରେ ବଲିଉଡ୍ କିସର୍ ବୟ୍ କୁହାଯାଉଥିବା ଇମ୍ରାନ୍ ହାଶମୀଙ୍କୁ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ଭୂମିକାରେ ଦେଖିବାକୁ ମିଳିବ।

୧୪

୧୮

## ବାଂଲାଦେଶକୁ ଫାଇନାଲରେ ପହଞ୍ଚାଇଲେ ମହମ୍ମୁଦୁଲ

ମହମ୍ମୁଦୁଲ ହସନ ଜୟଙ୍କ ଶତକ ସହାୟତାରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ବାଂଲାଦେଶ ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି।



# ଭିଭିଆଇପିଙ୍କ ଯାତ୍ରା ପାଇଁ ଏୟାର ଇଣ୍ଡିଆର ୮୨୨ କୋଟି ବାକି

**ନୂଆଦିଲ୍ଲୀ,୬।୨(ପି.ଟି.)**

ଦେଶର ଭିଭିଆଇପିମାନଙ୍କ ଉପରେ ଚାର୍ଟର ଫ୍ଲାଇଟ୍ସ ଭଡ଼ା ବାବଦକୁ ଏୟାର ଇଣ୍ଡିଆର ୮୨୨ କୋଟି ଟଙ୍କା ବାକି ଅଛି। ଆର୍ଥିକ ଅନଟନ ଦେଇ ଗତି କରୁଥିବା ଉକ୍ତ ରାଷ୍ଟ୍ରାୟତ୍ତ ବିମାନ ଚଳାଚଳ ସଂସ୍ଥାରୁ ସରକାର ପୁଞ୍ଜିପ୍ରତ୍ୟାହାର କରୁଥିବାବେଳେ ସୂଚନା ଅଧିକାର (ଆର୍‌ଟିଆଇ) ବଳରେ ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି।

ଭିଭିଆଇପିଙ୍କ ଉପରେ ନ୍ୟାଶନାଲ କ୍ୟାରିୟରର କେତେ ଟଙ୍କା ବାକି ଅଛି ବୋଲି ଅବସରପ୍ରାପ୍ତ କମୋଡର ଲୋକେଶ ବାତ୍ରା ଆର୍‌ଟିଆଇରେ ଏୟାର ଇଣ୍ଡିଆକୁ ତଥ୍ୟ ମାଗିଥିଲେ। ୨୦୧୯ ନଭେମ୍ବର ୩୦ ସୁଦ୍ଧା ଭିଭିଆଇପିମାନଙ୍କ ଉପରେ ଚାର୍ଟର ବିମାନ ଭଡ଼ା ବାବଦରେ ୮୨୨ କୋଟି ଟଙ୍କା ବକେୟା ଥିବା ବିମାନ ଚଳାଚଳ ସଂସ୍ଥା ଉତ୍ତର ଦେଇଛି। ସେହିପରି ଜରୁରୀ ସମୟରେ ପ୍ରଭାବିତଙ୍କୁ ସ୍ଥାନାନ୍ତର ଲାଗି ବ୍ୟବହୃତ ବିମାନ ଖର୍ଚ୍ଚ ବାବଦରେ ୯.୬୭ କୋଟି ଏବଂ ବିଦେଶୀ ଅତିଥିଙ୍କୁ ନେବାଆଣିବାରେ ୧୨.୬୫ କୋଟି ଟଙ୍କା ବକେୟା ରହିଥିବା ଏଥିରେ ସୂଚନା ଦିଆଯାଇଛି। ଭିଭିଆଇପି ଚାର୍ଟର ଫ୍ଲାଇଟ୍ସ ଅଧୀନରେ ଏୟାର ଇଣ୍ଡିଆ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ବିମାନ ଦେଇଥାଏ। ଏହି ବିମାନ ଖର୍ଚ୍ଚର ଦେୟ ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ ପଇଠ କରାଯାଇଥାଏ। କେବଳ ଭିଭିଆଇପି ଚାର୍ଟର ଫ୍ଲାଇଟ୍ସର ବିଲ୍ ବକେୟା ରହିଛି ତାହା ନୁହେଁ, ବରଂ ସରକାରୀ ଅଧିକାରୀମାନଙ୍କ ଯାତ୍ରା ପାଇଁ ଟିକେଟ ବାବଦକୁ ମଧ୍ୟ ଅର୍ଥ ପଇଠ କରାଯାଇ ନାହିଁ। ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଏହି ବାବଦ ବକେୟା ରାଶିର ପରିମାଣ ୫୨୪.୧୪ କୋଟି ଟଙ୍କା ରହିଛି। ଏଥିରୁ ୨୩୬.୧୬ କୋଟି ଟଙ୍କା ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବକେୟା ଥିବା ଏୟାର ଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏୟାରଲାଇନ୍ସ ଆହୁରି କହିଛି ଯେ, ପ୍ରାୟ ୨୮୧.୮୨ କୋଟି ଟଙ୍କା ଆଉ ଆଦାୟ ହେବ ନାହିଁ ବୋଲି ଧରି ନେଇ ଏୟାର ଇଣ୍ଡିଆର ଆକାଉଣ୍ଟ ଖାତାରେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଯେ, ୨୦୧୯ ଡିସେମ୍ବର ୫ ସୁଦ୍ଧା ଏୟାର ଇଣ୍ଡିଆର ନେଟ୍ କ୍ଷତିର ପରିମାଣ ୮, ୫୫୬.୩୫ କୋଟି ଟଙ୍କା ଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଅତ୍ୟଧିକ ସୁଧ ବୋଝ, ବିମାନ ଚଳାଚଳ କମ୍ପାନୀଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଏବଂ ଭାରତୀୟ ଟଙ୍କା ଦୁର୍ବଳ ହେବା ଯୋଗୁ ବିନିମୟ ମୂଲ୍ୟ ଉପରେ ପ୍ରତିକୂଳ ପ୍ରଭାବକୁ ଏହି କ୍ଷତି ପାଇଁ ମୁଖ୍ୟତଃ ଦାୟୀ ବୋଲି ବୁଧବାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



## କୁନାଲ କାମ୍‌ରା ନାମଧାରୀଙ୍କ ଟିକେଟ ବାତିଲ କଲା ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୬।୨(ପି.ଟି.)**

ହାସ୍ୟାଭିନେତା କୁନାଲ କାମ୍‌ରାଙ୍କ ନାମରେ ଅନ୍ୟଜଣେ ବ୍ୟକ୍ତିଙ୍କ ଟିକେଟକୁ ଏୟାର ଇଣ୍ଡିଆ ବୁଧବାର ବାତିଲ କରିଥିଲା। ତାଙ୍କ ଟିକେଟକୁ ଭୁଲ୍‌ବଶତଃ ବାତିଲ କରାଯାଇଥିବା ସମ୍ପୃକ୍ତ ବ୍ୟକ୍ତି ଗୁରୁବାର ସୂଚନା ଦେଇଛନ୍ତି। କାଗଜପତ୍ର ଯାଞ୍ଚ ପରେ ତାଙ୍କୁ ବିମାନ ଯାତ୍ରା ଲାଗି ଅନୁମତି ମିଳିଥିଲା। ୪ଟି ଏୟାରଲାଇନ୍ସ ହାସ୍ୟାଭିନେତା କୁନାଲଙ୍କ ବିମାନ ଯାତ୍ରା ଉପରେ ନିଷିଦ୍ଧାଦେଶ ଲଗାଇଥିଲେ। ଏହା ପରେ କୁନାଲ କାମ୍‌ରା ନାମଧାରୀ ଅନ୍ୟଜଣେ ବ୍ୟକ୍ତିଙ୍କ ଟିକେଟକୁ ଏୟାର ଇଣ୍ଡିଆ ବାତିଲ କରିଦେଇଥିଲା। ତାଙ୍କ ନାଁ କଳା ତାଲିକାରେ ଅଛି ବୋଲି ବିମାନ କର୍ମଚାରୀ କହିବାରୁ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସୂଚନାଯୋଗ୍ୟ, ନିକଟରେ ଇଣ୍ଡିଗୋ ବିମାନରେ ରିପବ୍ଲିକ୍ ଟିଭିର ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ କୁନାଲଙ୍କ ବିମାନଯାତ୍ରା ଉପରେ କଟକଣା ଲଗାଯାଇଥିଲା। ଏୟାର ଇଣ୍ଡିଆ, ସ୍ପାଇସ୍‌ଜେଟ ଏବଂ ଗୋଏୟାର ଅନ୍ୟାଦେଶ ପର୍ଯ୍ୟନ୍ତ ହାସ୍ୟାଭିନେତାଙ୍କ ବିମାନ ଯାତ୍ରା ଉପରେ କଟକଣା ଲଗାଇଥିବାବେଳେ ଇଣ୍ଡିଗୋ ୬ ମାସ ପାଇଁ ନିଷିଦ୍ଧାଦେଶ ଲଗାଇଥିଲା।



# ୬ ଦିନ ଜୀବନ ସହ ସଂଗ୍ରାମ କରି ଆଖି ବୁଜିଲେ ରଶ୍ମିତା

**ରାଜନଗର,୬।୨(ଡି.ଏନ.ଏ.)**

ଯୌତୁକ ନିର୍ଯାତନାର ଶିକାର ହୋଇ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜୀବନ ସହ ସଂଗ୍ରାମ ଚଳାଇଥିବା ରାଜନଗର ଥାନା ଅଧୀନ ବାରଦିଆ ଗାଁର ବିକ୍ରମ ଦାସଙ୍କ ସ୍ତ୍ରୀ ରଶ୍ମିତା ଗୁରୁବାର ସନ୍ଧ୍ୟାରେ କଟକ ବଡ ଡାକ୍ତରଖାନାରେ ଆଖି ବୁଜିଛନ୍ତି। ପ୍ରକାଶ ଯେ, ରାଜନଗର ଥାନା ଅନ୍ତର୍ଗତ ଧନେଶ୍ୱରପୁର ଗାଁର ବ୍ରହ୍ମାନନ୍ଦ ସାହୁଙ୍କ ଝିଅ ରଶ୍ମିତା ବାରଦିଆ ଗାଁର ବୈଲୋଚନ ଦାସଙ୍କ ପୁଅ ବିକ୍ରମଙ୍କୁ ୨୦୧୮ ଜୁନରେ ବିବାହ କରିଥିଲେ। ବିବାହ ପରେ ଅଧିକ ଯୌତୁକ ଦାବି କରି ରଶ୍ମିତାଙ୍କୁ ଶାଶୁଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଗତ ୧ ତାରିଖ ସକାଳେ ଖଟଗୋଡରେ ରଶ୍ମିତାଙ୍କୁ ଶାଶୁଘର ଲୋକେ ବାନ୍ଧି ତାଙ୍କ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କ ଶରୀରର ୮୦ ଭାଗରୁ ଊର୍ଦ୍ଧ୍ୱ ପୋଡି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧନେଶ୍ୱରପୁର ଗାଁ ଲୋକେ ଫେବୃୟାରୀ ୨ରେ ହଂସୁଆ ସେତୁ ନିକଟରେ ୪ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ପରେ ରାଜନଗର ପୋଲିସ ରଶ୍ମିତାଙ୍କ ଶାଶୁ, ଶ୍ୱଶୁର ଓ ନଣନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ସବୁଜ ସଙ୍କେତ ଦେଉନାହିଁ କେନ୍ଦ୍ର

**ଭୁବନେଶ୍ୱର,୬।୨(ବ୍ୟୁରୋ)**

**ଜାତିଭିତ୍ତିକ ଜନଗଣନା**
- କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତରରେ ଏପରି ଜନଗଣନାର ସୂଚନା ନାହିଁ
- ତଥାପି ଆଶାବାଦୀ ଓଡ଼ିଶା
- କଂଗ୍ରେସ, ଭାଜପା କହିଲେ ଭୋଟ୍ ରାଜନୀତି
- କେନ୍ଦ୍ର, ରାଜ୍ୟକୁ ଶ୍ରୀକାନ୍ତଙ୍କ ସମାଲୋଚନା

ଓଡ଼ିଶାରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏବଂ ସାମାଜିକ, ଆର୍ଥିକ ପଛୁଆ ବର୍ଗ(ଏସ୍‌ଇବିସି) ସଂଖ୍ୟା ବହୁତ। ହେଲେ ସେମାନଙ୍କ ପ୍ରକୃତ ସଂଖ୍ୟା କେତେ ତାହାର କୌଣସି ସରକାରୀ ହିସାବ ନାହିଁ। ତେଣୁ ୨୦୨୧ ଜନଗଣନାରେ ଏମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରଖାଯାଉ ବୋଲି ରାଜ୍ୟ ସରକାର ବିଚାର କରିଥିଲେ। ସେଥିପାଇଁ କିଛିଦିନ ତଳେ କ୍ୟାବିନେଟ୍ ବୈଠକ ଡକାଇ ଏ ସମ୍ପର୍କିତ ସଂକଳ୍ପ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହା ପରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କେନ୍ଦ୍ର କ୍ୟାବିନେଟ୍ ସଚିବ ରାଜୀବ ଗୌବଙ୍କୁ ଚିଠି ଲେଖି ଓବିସି/ଏସ୍‌ଇବିସି ଗଣନା ପାଇଁ ବ୍ୟବସ୍ଥା ଲାଗି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ବଜେଟ ଅଧିବେଶନ ଆରମ୍ଭ ପୂର୍ବରୁ ବିଜେଡି ସଂସଦୀୟ ଦଳ ବୈଠକରେ ଜାତିଭିତ୍ତିକ ଜନଗଣନା ଦାବିକୁ ପାର୍ଲାମେଣ୍ଟରେ ଉଠାଯିବା ନେଇ ମତ ପ୍ରକାଶ ପାଇଥିଲା। ସେହି ଅନୁସାରେ ଲୋକ ସଭାରେ ଏମ୍‌ପି ପିନାକୀ ମିଶ୍ର ଏବଂ ରାଜ୍ୟ ସଭାରେ ☞ପୃଷ୍ଠା-୪

Taste the difference! Vencobb FRESH CHICKEN

06.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 77 | 128 | 138 |
| ANG | 74 | 124 | 134 |
| BHM | 69 | 118 | 128 |

*Conditions Apply

Issued in the Interest of Consumers

## ଆଜିର ମନ୍ତବ୍ୟ

" ସିଏଏ ବିରୋଧୀ ବିକ୍ଷୋଭ ଦେଶକୁ ଅରାଜକତା ଆଡ଼କୁ ଟାଣିନେଉଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଆଜିର ସମ୍ପାଦକୀୟ


**ସ୍ପଷ୍ଟ କର**

**ପାତ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୧୦/୧୧

## ଆଜି ମନ୍ତ୍ରୀପରିଷଦ, କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର,୬।୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ରାଜ୍ୟ କ୍ୟାବିନେଟ୍ ଏବଂ ମନ୍ତ୍ରୀପରିଷଦ ବୈଠକ ବସିବ। ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ମନ୍ତ୍ରୀପରିଷଦ ବୈଠକ ବସିବାର କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ଏଥିରେ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ଚଳିତ ମାସ ୧୮ରେ ଆଗତ ହେବାକୁ ଥିବା ବଜେଟକୁ ଅନୁମୋଦନ କରାଯିବ। ସେହିପରି ପରିଷଦ ବୈଠକ ବସିବା ପରେ ୧୨ଟା ୧୫ ମିନିଟ୍‌ରେ କ୍ୟାବିନେଟ୍ ଅନୁଷ୍ଠିତ ହେବ। ଏଥିରେ ୭ରୁ ୮ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୋହର ବାଜିବାର ସମ୍ଭାବନା ରହିଛି।



OIPR - 10003/13/0076/1920



* Terms and conditions apply. For detailed T&C, visit ace.tatamotors.com or the nearest TATA Motors dealership. Images and illustrations are indicative and for information purposes only.
TATA MOTORS: 9748164499,7894470058,7337254400
Authorised Dealers:
Consortium Automobiles: Khorda, Puri, Nayagarh, Kandhamal, Ganjam, Gajpati 7375087787
Trupti Automotives: Angul, Jajpur, Dhenkanal, Cuttack, Jagatsighpur, Kendrapada 9583040249, 9583040257
Pal Movers: Balasore, Bhadrak, Mayurbhanj, Keonjhar 9437960713, 8456911350
Jalan Automobiles: Sambalpur - 9437057804, Jharsuguda - 7381062270, Rourkella - 7381062291, Sundergarh - 7381002371 / 9437057827
Laxmi Sales and Service: Bargarh, Balangir, Sonepur, Boudh, Naupada 8144917704, 8144917701
Kalinga Auto Syndicate: Koraput, Nabarangpur, Malkangiri, Kalahandi, Rayagada 8763144444, 7682826345

**ଅଯୋଧ୍ୟା ଟ୍ରଷ୍ଟକୁ ଟଙ୍କାଟିଏ ଦାନ କଲା କେନ୍ଦ୍ର**

ଅଯୋଧାରେ ରାମମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଲାଗି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ କେନ୍ଦ୍ର ସରକାର ୧ ଟଙ୍କା ଦାନ କରିଛନ୍ତି। ଏହା ଟ୍ରଷ୍ଟକୁ ପ୍ରଥମ ଦାନ ବୋଲି ଜଣେ ଅଧିକାରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ଉପସଚିବ ଡି. ମୁର୍ମୁ ବୁଧବାର ଏହି ଅର୍ଥ ଦାନ କରିଛନ୍ତି। ଟ୍ରଷ୍ଟ ଯେକୌଣସି ବ୍ୟକ୍ତିଙ୍କଠାରୁ ଦାନ, ଅନୁଦାନ, ସହାୟତା ସ୍ୱରୂପ ନଗଦ ଅର୍ଥ ଓ ଅସ୍ଥାବର ସମ୍ପତ୍ତି ଆଦି ବିନା ସର୍ତ୍ତରେ ଗ୍ରହଣ କରିବ।

# ୭୦ ଆସନରେ ବଳ କଷାକଷି

## ଥମିଲା ଦିଲ୍ଲୀ ପ୍ରଚାର

**ନୂଆଦିଲ୍ଲୀ,୬।୨**

ଦିଲ୍ଲୀ ବିଧାନସଭାର ୭୦ ଆସନରେ ଶନିବାର ନିର୍ବାଚନ ହେବ। ଏଥିପାଇଁ ସମସ୍ତ ନିର୍ବାଚନମଣ୍ଡଳୀରେ ସବୁ ଦଳ ପକ୍ଷରୁ ଗୁରୁବାର ସନ୍ଧ୍ୟା ୬ଟାରେ ହାଇଭୋଲ୍ଟେଜ୍ ନିର୍ବାଚନ ପ୍ରଚାର ଶେଷ ହୋଇଛି। ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ତେବେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ ଏଏପି ଆଗରେ ଥିବା କୁହାଯାଉଛି। ୨୦୧୫ରେ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏଏପି ୬୭ ଆସନ ଦଖଲ କରି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ଭାଜପାକୁ ମାତ୍ର ୩ ଆସନରେ ସଫଳତା ମିଳିଥିବାବେଳେ କଂଗ୍ରେସ ଖାତା ଖୋଲିବାରେ ସକ୍ଷମ ହୋଇ ନ ଥିଲା। ଏହାର ୫ ବର୍ଷ ପରେ ଦିଲ୍ଲୀବାସୀ ପୁଣିଥରେ ସେମାନଙ୍କ ପ୍ରତିନିଧି ବାଛିବାକୁ ଯାଉଥିବାବେଳେ ଗୁରୁବାର ତିନି ପ୍ରମୁଖ ଦଳ ନିଜ ନିଜ ଶେଷଅସ୍ତ୍ର ଚଳାଇଛନ୍ତି। ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଦିଲ୍ଲୀ ସଭାପତି ମନୋଜ ତିୱାରୀ ଘନ ଘନ ପ୍ରଚାର ଚଳାଇଥିବାବେଳେ ଏଏପିର ପ୍ରଚାର ମଙ୍ଗ ଧରିଥିଲେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଦଳର ଅନ୍ୟ ବରିଷ୍ଠ ନେତାମାନେ ନିଜ ଦଳର ସ୍ଥିତି ବଞ୍ଚାଇବା ପାଇଁ ପାରୁପର୍ଯ୍ୟନ୍ତ ଉଦ୍ୟମ କରିଛନ୍ତି। କଂଗ୍ରେସ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଶୀଲା ଦୀକ୍ଷିତଙ୍କ ୧୫ ବର୍ଷ ଶାସନକୁ ଆୟୁଧ କରି 'କଂଗ୍ରେସୱାଲୀ ଦିଲ୍ଲୀ'ର ନାରା ଦେଇଛି। ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତ୍‌କାର ଦେଇ ଭାଜପାକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଆମ ଭୋଟ ବ୍ୟାଙ୍କ ଜାତି ଧର୍ମ ଆଧାରରେ ନୁହେଁ, ବରଂ ବିଗତ ୫ ବର୍ଷରେ ଆମ କାମକୁ ନେଇ ମତଦାତା ଭୋଟ ଦେବେ। ଯେଉଁ ଭୋଟର ଭଲ ଶିକ୍ଷା, ସ୍ୱାସ୍ଥ୍ୟସେବା, ଆଧୁନିକ ରାସ୍ତାଘାଟ ଓ ୨୪ ଘଣ୍ଟା ବିଦ୍ୟୁତ୍ ଚାହାନ୍ତି ସେମାନେ ଆମ ସପକ୍ଷରେ ମତଦାନ କରିବେ। ଏହି ନିର୍ବାଚନ ଦେଶରେ ଏକ ନୂଆ ଧରଣର ରାଜନୀତିକୁ ପ୍ରତିଷ୍ଠା କରିବ, ଯାହାକି କାର୍ଯ୍ୟ ଓ ପ୍ରଦର୍ଶନ ଉପରେ ପର୍ଯ୍ୟବସିତ। ଭାଜପା ଏବେ ସିଏଏ ବିରୋଧୀ ବିକ୍ଷୋଭ ଚାଲିଥିବା ଶାହିନବାଗ କଥା କହୁଛି। କିନ୍ତୁ ଦିଲ୍ଲୀର ଅନଧିକୃତ କଲୋନୀ ବିଷୟ ଭୁଲିଯାଇଛି। କଂଗ୍ରେସ କ୍ଷମତାରେ ଥିବାବେଳେ ବେଆଇନ କଲୋନୀଗୁଡ଼ିକୁ ନେଇ ଭାଜପା ଲୋକଙ୍କୁ ବୋକା ବନାଉଥିଲା। ଏବେ ଆଉ ତାହା ଚଳିବ ନାହିଁ। ପ୍ରକାଶ ଯେ, ଏଏପି ଏଥର ୧୫ ବିଧାୟକଙ୍କୁ ବାଦ୍ ଦେଇଛି। ଏହାସହ ୭୦ ପ୍ରାର୍ଥୀଙ୍କ ମଧ୍ୟରୁ ୨୪ ଜଣ ହେଉଛନ୍ତି ନୂଆମୁହଁ। ସେପଟେ ଶାହିନବାଗକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉଭୟ ଏଏପି ଏବଂ କଂଗ୍ରେସକୁ ସମାଲୋଚନା କରିଛନ୍ତି। ଶାହିନବାଗରେ ଚାଲିଥିବା ସିଏଏ ବିରୋଧୀ ବିକ୍ଷୋଭ ଏହି ଦୁଇଦଳର ଜଏଣ୍ଟ ଭେଞ୍ଚର। ନିର୍ବାଚନ ଫଳ ପ୍ରକାଶ ପାଇଲେ 'ଟୁକ୍‌ଡେ ଟୁକ୍‌ଡେ ଗ୍ୟାଙ୍ଗ୍'କୁ ଝଟକା ଲାଗିବ ବୋଲି ଶାହା ଏକ ରୋଡ୍ ଶୋ' ବେଳେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କଂଗ୍ରେସ ମୁଖପାତ୍ର ରଣଦୀପ ସିଂ ସୁର୍ଜେୱାଲା କହିଛନ୍ତି, ଗତବର୍ଷ ହରିୟାଣା ବିଧାନସଭା ନିର୍ବାଚନରେ ଆମ ପ୍ରଦର୍ଶନରେ ଉନ୍ନତି ଆସିଥିଲା। ଏଥର ଦିଲ୍ଲୀ ନିର୍ବାଚନରେ ମଧ୍ୟ ଆମେ ଭଲ କରିବୁ। କେନ୍ଦ୍ରର ଭାଜପା ଓ ଦିଲ୍ଲୀର ଏଏପି ସରକାର ମିଥ୍ୟାର ସରକାର। ଜାତୀୟ ରାଜଧାନୀରେ ଏଏପି ପୁଣିଥରେ 'ଦଙ୍ଗଲୱାଲୀ ସରକାର' ଆଣିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ଭାଜପା 'ଦଙ୍ଗା ସରକାର' ଚାହୁଁଛି। ଆମେ 'ଦିଲ୍ଲୀୱାଲୀ ସରକାର' ଆଣିବୁ ବୋଲି ସୁର୍ଜେୱାଲା କହିଛନ୍ତି। ଇତିମଧ୍ୟରେ ନିର୍ବାଚନ କମିଶନ (ଇସି) ୟୁପି ମୁଖ୍ୟମନ୍ତ୍ରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। କେଜ୍‌ରିୱାଲ ଶାହିନବାଗରେ ଆତଙ୍କବାଦୀଙ୍କୁ ବିରିୟାନି ଖୁଆଉଛନ୍ତି ବୋଲି ଯୋଗୀ ଏକ ସଭାରେ ମନ୍ତବ୍ୟ ଦେଇଥିଲେ। ସେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଦର୍ଶାଇ ଇସି ଶୁକ୍ରବାର ଅପରାହ୍ନ ୫ଟା ସୁଦ୍ଧା ଜବାବ ଦାଖଲ କରିବାକୁ ଯୋଗୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ସୀମାପୁରୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ରୋଡ୍ ଶୋ।

**୮ରେ ଭୋଟ, ୧୧ରେ ଗଣତି**

- ଶେଷ ଅସ୍ତ୍ର ଚଳାଇଲେ ତିନି ଦଳ
- ୫ ବର୍ଷର କାମକୁ ଦେଖି ନିଷ୍ପତ୍ତି ନେବେ ମତଦାତା: କେଜ୍‌ରିୱାଲ
- ଶାହିନବାଗ ଏଏପି-କଂଗ୍ରେସର ଜଏଣ୍ଟ ଭେଞ୍ଚର: ଶାହା
- କଂଗ୍ରେସ କହିଲା ହରିୟାଣା ଭଳି ଦିଲ୍ଲୀରେ ବି ଭଲ କରିବୁ
- 'ଆତଙ୍କବାଦୀଙ୍କୁ ବିରିୟାନି' ମନ୍ତବ୍ୟକୁ ନେଇ ଯୋଗୀଙ୍କୁ ଇସି ନୋଟିସ


ଖବରଦାତା ସମ୍ମିଳନୀରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ।

# ମହାଭିଯୋଗରୁ ଟ୍ରମ୍ପ୍ ମୁକ୍ତ




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମହାଭିଯୋଗରୁ ଦୋଷମୁକ୍ତ ହେବା ସମ୍ପର୍କିତ ଖବର 'ୱାଶିଂଟନ ପୋଷ୍ଟ'ରେ ପ୍ରକାଶ ପାଇବାପରେ ସେ ଉକ୍ତ ଖବରକାଗଜକୁ ଦେଖାଉଛନ୍ତି।

**ୱାଶିଂଟନ,୬।୨(ପି.ଟି.)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ସିନେଟ ମହାଭିଯୋଗରୁ ଦୋଷମୁକ୍ତ କରିଛି। ନିର୍ବାଚନ ବର୍ଷରେ ଟ୍ରମ୍ପ୍‌ଙ୍କର ଏହା ବଡ଼ ରାଜନୈତିକ ବିଜୟ ବୋଲି କୁହାଯାଉଛି। ରିପବ୍ଲିକାନ୍ ପାର୍ଟି ନିୟନ୍ତ୍ରଣରେ ଥିବା ସିନେଟରେ ଟ୍ରମ୍ପ୍‌ଙ୍କୁ କ୍ଷମତାର ଦୁରୁପଯୋଗ ଅଭିଯୋଗରୁ ମୁକ୍ତ କରିବା ସପକ୍ଷରେ ୫୨ ଓ ବିପକ୍ଷରେ ୪୮ ଭୋଟ ମିଳିଥିଲା। ସେହିପରି କଂଗ୍ରେସ କାର୍ଯ୍ୟରେ ବାଧା ସୃଷ୍ଟି ଅଭିଯୋଗରୁ ମୁକ୍ତି ସପକ୍ଷରେ ୫୩ ଓ ବିପକ୍ଷରେ ୪୭ ଭୋଟ ମିଳିଛି। ନଭେମ୍ବର ୩ରେ ରାଷ୍ଟ୍ରପତି ନିର୍ବାଚନ ଥିବାବେଳେ ଏହା ପୂର୍ବରୁ ଟ୍ରମ୍ପ୍‌ଙ୍କୁ ବରଖାସ୍ତ ପାଇଁ ଡେମୋକ୍ରାଟିକ୍ ପାର୍ଟିରେ ଉଦ୍ୟମ ବିଫଳ ହୋଇଛି। ଡେମୋକ୍ରାଟିକ୍ ପାର୍ଟି ନିୟନ୍ତ୍ରଣରେ ଥିବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ଡିସେମ୍ବର ୧୮ରେ ଆମେରିକା ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବକୁ ଅନୁମୋଦନ କରିଥିଲା। ପୂର୍ବତନ ଉପରାଷ୍ଟ୍ରପତି ତଥା ଆଗାମୀ ନିର୍ବାଚନରେ ନିଜର ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଥିବା ଜୋ ବିଡେନ୍‌ଙ୍କୁ ବଦନାମ କରିବା ପାଇଁ ଟ୍ରମ୍ପ୍ ୟୁକ୍ରେନ୍ ଉପରେ ଚାପ ପକାଇଥିଲେ। ଏଥିପାଇଁ ସେ ୟୁକ୍ରେନ୍‌କୁ ପାଖାପାଖି ୪୦୦ ନିୟୁତ ଡଲାରର ସାମରିକ ସହାୟତା ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଯଦିଓ ଟ୍ରମ୍ପ୍ ଦୋଷମୁକ୍ତ ହୋଇଛନ୍ତି, ତେବେ ପୁନଃନିର୍ବାଚନ ପାଇଁ ମଇଦାନକୁ ଓହ୍ଲାଇବାରେ ସେ ହେବେ ମହାଭିଯୋଗର ସମ୍ମୁଖୀନ ହୋଇଥିବା ପ୍ରଥମ ରାଷ୍ଟ୍ରପତି। ମହାଭିଯୋଗରେ ଆମେରିକା ରାଷ୍ଟ୍ରପତିଙ୍କୁ ବରଖାସ୍ତ କରିବା ଲାଗି ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ। ୧୦୦ ସଦସ୍ୟ ବିଶିଷ୍ଟ ସିନେଟରେ ରିପବ୍ଲିକାନ୍‌ର ୫୩ ପ୍ରତିନିଧି ଥିବାରୁ ଟ୍ରମ୍ପ୍‌ଙ୍କ ବିରୋଧରେ ମହାଭିଯୋଗ ଗୃହୀତ ହେବା ସମ୍ଭାବନା ନ ଥିଲା।

## ହଲିଉଡ୍ ଅଭିନେତା ଡଗ୍‌ଲାସ୍‌ଙ୍କ ପରଲୋକ



**ନ୍ୟୁୟର୍କ,୬।୨:** ଦୀର୍ଘ ୭ ଦଶନ୍ଧି ଧରି ହଲିଉଡ୍‌ରେ ଅଭିନୟ କରିଥିବା କିମ୍ବଦନ୍ତୀ ଅଭିନେତା କିର୍କ ଡଗ୍‌ଲାସ୍‌ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୩ ବର୍ଷ ହୋଇଥିଲା। ମଞ୍ଚ ତଥା ଚଳଚ୍ଚିତ୍ର ଜଗତରେ ସେ ବିଭିନ୍ନ ଚରିତ୍ରରେ ଅଭିନୟ କରି ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ୧୯୬୦ରେ ତାଙ୍କ ଅଭିନୀତ ସ୍ପାର୍ଟାକସ୍ ଚଳଚ୍ଚିତ୍ରକୁ ୪ଟି ଓସ୍କାର ପୁରସ୍କାର ମିଳିଥିଲା। ୧୯୧୬ରେ ନ୍ୟୁୟର୍କରେ ଜନ୍ମିତ ଡଗ୍‌ଲାସ୍‌ଙ୍କ ୧୯୪୯ର ଚଳଚ୍ଚିତ୍ର 'ଚାମ୍ପିୟନ' ପ୍ରଥମ ଥର ପାଇଁ ଓସ୍କାର ନିମନ୍ତେ ମନୋନିତ ହୋଇଥିଲା। ତାଙ୍କ ପୁଅ ମିଚେଲ ଡଗ୍‌ଲାସ୍ ମଧ ଜଣେ ଓସ୍କାର ବିଜୟୀ ଅଭିନେତା।

## କେରଳରେ ଲାଗୁ ହେବନି ଏନ୍‌ପିଆର୍

**ଥିରୁଭାନନ୍ତପୁରମ୍,୬।୨ (ପି.ଟି.)**

ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) କେରଳରେ ଲାଗୁ ହେବନାହିଁ, କିନ୍ତୁ ଜନଗଣନା ପ୍ରକ୍ରିୟା ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ରାଜ୍ୟ ବିଧାନସଭାରେ କହିଛନ୍ତି। ଏନ୍‌ପିଆର୍‌କୁ ନେଇ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଏବଂ ସରକାରୀ ଦଳ ମଧ୍ୟରେ ହଟ୍ଟଗୋଳ ହେବା ପରେ ମୁଖ୍ୟମନ୍ତ୍ରୀ ଗୃହକୁ ଉପରୋକ୍ତ ପ୍ରତିଶ୍ରୁତି ଦେଇଥିଲେ।କେନ୍ଦ୍ରର ବିଜ୍ଞପ୍ତିକୁ ଖାରଜ କରିବା କ୍ଷମତା ରାଜ୍ୟର ନ ଥିବାରୁ ଜନଗଣନା ପ୍ରକ୍ରିୟା ଆରମ୍ଭ ଲାଗି ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ସାରା ଦେଶରେ ଏନ୍‌ଆର୍‌ସି କାର୍ଯ୍ୟକାରୀ କରିବା ପାଇଁ ଏନ୍‌ପିଆର ସୁଯୋଗ ସୃଷ୍ଟି କରିବାକୁ ଯାଉଥିବାରୁ ଏହାକୁ ବନ୍ଦକରିବା ଲାଗି ଡିସେମ୍ବରରେ କେରଳ ସରକାର ନିଷ୍ପତ୍ତି ନେଇଥିଲେ।

## ହସ୍ପିଟାଲରେ ରିଷି କପୁର

**ମୁମ୍ବାଇ,୬।୨(ପି.ଟି.):** ବର୍ଷୀୟାନ ଅଭିନେତା ରିଷି କପୁର ପୁଣିଥରେ ମୁମ୍ବାଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ସଂକ୍ରମିତ ଜ୍ୱର (ଭାଇରାଲ ଫିଭର) ହୋଇଥିବା ପରିବାର ସୂତ୍ରରୁ ଜଣାପଡିଛି। ଗତ ସପ୍ତାହରେ ସେ ଦିଲ୍ଲୀ ହସ୍ପିଟାଲରୁ ବାହାରିଥିଲେ। ସୋମବାର ସେ ମୁମ୍ବାଇରେ ପହଞ୍ଚିବା ପରେ ସୁସ୍ଥ ଥିବା ଟୁଇଟ୍ କରିଥିଲେ। ଦୁଇଦିନ ତଳେ ତାଙ୍କୁ ଭାଇରାଲ ଫିଭର ହେବାରୁ ତାଙ୍କୁ ଦକ୍ଷିଣ ମୁମ୍ବାଇସ୍ଥିତ ସାର୍ ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେ ସୁସ୍ଥ ଥିବାରୁ ଚିନ୍ତା କରିବାର କିଛି ନାହିଁ ବୋଲି ପରିବାର ସୂତ୍ରରୁ କୁହାଯାଇଛି।

**[ଇତିହାସର ଆଇନାରେ] ଫେବୃୟାରୀ ୭ର ପ୍ରମୁଖ ଘଟଣା**

୧୯୯୯ ଫେବୃୟାରୀ ୭ରେ କ୍ରାଉନ ପ୍ରିନ୍ସ ଅବ୍‌ଦୁଲ୍ଲା ଜୋର୍ଡାନର ରାଜା ଭାବେ ଅଭିଷିକ୍ତ ହୋଇଥିଲେ। ପିତା କିଙ୍ଗ୍ ହୋସେନ୍‌ଙ୍କ ଦେହାନ୍ତ ପରେ ସେ ଏହି ପଦରେ ଅଧିଷ୍ଠିତ ହୋଇଥିଲେ। ୧୯୬୨ ଜାନୁୟାରୀ ୩୦ରେ ଜନ୍ମିତ ଅବ୍‌ଦୁଲ୍ଲା ୧୯୯୮ରେ ମେଜର ଜେନେରାଲ ହୋଇଥିଲେ। ସେନାରେ କମାଣ୍ଡ ସମ୍ଭାଳିବା ପରେ ସେ ରାଜଗାଦିରେ ବସିଥିଲେ।

୨୦୦୯ ଫେବୃୟାରୀ ୭ରେ ଅଷ୍ଟ୍ରେଲିଆର ଭିକ୍ଟୋରିଆସ୍ଥିତ ଜଙ୍ଗଲରେ ନିଆଁ ଲାଗି ୧୭୩ ଜଣଙ୍କ ପ୍ରାଣହାନି ଘଟିଥିଲା। ପ୍ରାୟ ୫୦୦ ଲୋକ ଆହତ ହୋଇଥିଲେ। ଏହା ସଙ୍ଗେ ସଙ୍ଗେ ଚାରିଆଡ଼କୁ ବ୍ୟାପି ଯାଇଥିଲା। ଅନେକ ଲୋକ ବାସହରା ହୋଇଯାଇଥିଲେ। ୨ ହଜାରରୁ ଊର୍ଦ୍ଧ୍ୱ ଘର ଜଳିଯାଇଥିଲା।

## ବିଷାକ୍ତ ଗ୍ୟାସ୍ ଲିକ୍: ୭ ମୃତ

**ଲକ୍ଷ୍ନୌ, ୬।୨:** ଉତ୍ତରପ୍ରଦେଶର ସୀତାପୁର ଜିଲାରେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ଗୁରୁବାର ୩ ଶିଶୁଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହୋଇଛି। ବିଶ୍ୱାଁସ୍ଥିତ ଏକ କେମିକାଲ୍ କାରଖାନାର ପାଇପ୍‌ରୁ ଏହି ଗ୍ୟାସ୍ ବାହାରିଥିବା ବେଳେ ନିକଟସ୍ଥ କାର୍ପେଟ୍ କାରଖାନାରେ ଶୋଇଥିବା ଲୋକମାନେ ଏହାର ଶିକାର ହୋଇଛନ୍ତି। ମୃତକଙ୍କ ମରଶରୀରକୁ ସେଠାରୁ ଉଦ୍ଧାର କରାଯାଇଥିବା ସୀତାପୁର ଏସ୍‌ପି ଏଲ୍. ଆର୍. କୁମାର ପ୍ରକାଶ କରିଛନ୍ତି। ବିଷାକ୍ତ ଗ୍ୟାସ୍‌ର ଭୟାବହତାକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳ ଖାଲିକରି ଦିଆଯାଇଥିବା ସର୍କଲ ଅଫିସର ସମର ବାହାଦୁର କହିଛନ୍ତି। ଗ୍ୟାସ୍ ଲିକ୍ ପ୍ରଭାବରେ ସ୍ଥାନୀୟ ଅଞ୍ଚଳର କେତେକ ଗୃହପାଳିତ ପଶୁ ପ୍ରାଣ ହରାଇଥିବା ଜଣାପଡ଼ିଛି। ଏବେ ସେଠାରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚି କାର୍ଯ୍ୟାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖପ୍ରକାଶ କରିଥିବାବେଳେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିବାକୁ ଜିଲା ପ୍ରଶାସନ ଓ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି।

# ଅରାଜକତା ସୃଷ୍ଟି କରିବ ବିକ୍ଷୋଭ

**ନୂଆଦିଲ୍ଲୀ,୬।୨(ପି.ଟି.)**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଆନ୍ଦୋଳନକୁ ବିପକ୍ଷ ଦଳଗୁଡ଼ିକ ଉସୁକାଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ତୀବ୍ର ସମାଲୋଚନା କରିଛନ୍ତି। ପାର୍ଲାମେଣ୍ଟ କିମ୍ବା ରାଜ୍ୟ ବିଧାନସଭା ନିଷ୍ପତ୍ତି ବିରୋଧରେ ବିକ୍ଷୋଭ ପୋଡ଼ାଜଳା ଦେଶକୁ ଅରାଜକତା ଆଡକୁ ନେଇଯିବ ବୋଲି ସେ ସତର୍କ କରାଇଦେଇଛନ୍ତି। ଏନେଇ ସମସ୍ତେ ଚିନ୍ତାକରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ଲୋକ ସଭାରେ କହିଛନ୍ତି। ଗୁରୁବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗନେଇ ମୋଦି ୧୦୦ ମିନିଟରୁ ଊର୍ଦ୍ଧ୍ୱ ସମୟ କହିଥିଲେ।

ସିଏଏ ଭାରତୀୟ ନାଗରିକଙ୍କୁ ପ୍ରଭାବିତ କରିବ ନାହିଁ ଏବଂ ସଂଖ୍ୟାଲଘୁଙ୍କ ପ୍ରତି କୌଣସି ବିପଦ ନାହିଁ ବୋଲି ପ୍ରଧାନମନ୍ତ୍ରୀ ପୁଣିଥରେ ଦୋହରାଇଛନ୍ତି। ନିର୍ବାଚନରେ ଯେଉଁମାନେ ଦେଶବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଛନ୍ତି, ସେମାନେ ଭୋଟବ୍ୟାଙ୍କ ରାଜନୀତି ପାଇଁ ସିଏଏ ବିରୋଧୀ ଆନ୍ଦୋଳନକୁ ଇନ୍ଧନ ଯୋଗାଉଛନ୍ତି ବୋଲି ମୋଦି କହିଥିଲେ। ସିଏଏ ବିରୋଧରେ କାଳ୍ପନିକ ଭୟ ସୃଷ୍ଟି ପାଇଁ ବିରୋଧୀ ପୂରା ଦମ୍‌ରେ ଲାଗିପଡିଛନ୍ତି। ଭାରତୀୟ ମୁସଲମାନଙ୍କୁ ବିଭ୍ରାନ୍ତ କରିବା ଓ ଉସୁକାଇବା ଲାଗି ଇସ୍‌ଲାମାବାଦ ବହୁଦଶନ୍ଧି ହେଲା ଉଦ୍ୟମ ଚଳାଇଆସିଛି। ବିରୋଧୀମାନେ ଏବେ ପାକିସ୍ତାନର ଭାଷା କହୁଛନ୍ତି। ଇସ୍‌ଲାମାବାଦ ଏଥିରେ ସଫଳ ହୋଇ ନ ଥିବାବେଳେ ଭୋଟରମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ନେତାମାନେ ଅନୁରୂପ ଉଦ୍ୟମ ଚଳାଇବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଲୋଚନା ପରେ ଧନ୍ୟବାଦ ପ୍ରସ୍ତାବ ଲୋକ ସଭାରେ ଗୃହୀତ ହୋଇଥିଲା।

ପ୍ରଧାନମନ୍ତ୍ରୀ କହିଥିଲେ, ତାଙ୍କ ସରକାର ସାମ୍ପ୍ରଦାୟିକତା ରାଜନୀତିକୁ ପ୍ରୋତ୍ସାହିତ କରିବା ସହ ହିନ୍ଦୁରାଷ୍ଟ୍ର ଗଠନ ଲାଗି ଉଦ୍ୟମ କରୁଛି ବୋଲି ବିରୋଧୀମାନେ ଅଭିଯୋଗ କରୁଛନ୍ତି। ପାକିସ୍ତାନର ସଂଖ୍ୟାଲଘୁମାନଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ଆଇନ ଆଣିବାକୁ ଜବାହରଲାଲ୍ ନେହେରୁ ମଧ୍ୟ ଚାହିଁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହିତ ମୋଦି କଶ୍ମୀର, ଅର୍ଥନୀତି, ବେରୋଜଗାରି, କୃଷକମାନଙ୍କ ସମସ୍ୟା ଆଦି ପ୍ରସଙ୍ଗରେ ବିରୋଧୀ ଦଳକୁ ସମାଲୋଚନା କରିଥିଲେ। ଏପରିକି ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟ୍ୟୁବ୍‌ଲାଇଟ ବୋଲି ଆକ୍ଷେପ କରିଥିଲେ। କଂଗ୍ରେସ ସରକାର ଦେଶରେ ଜରୁରୀ ପରିସ୍ଥିତି ଜାରି କରିବା ସହ ନ୍ୟାୟପାଳିକାର କ୍ଷମତା ଓ ଜନସାଧାରଣଙ୍କ ଅଧିକାରକୁ ସଂକୁଚିତ କରିଥିଲା। ଅନେକ ଥର ବିରୋଧୀ ଦଳ ଶାସନରେ ଥିବା ସରକାରକୁ ଭାଙ୍ଗିଦେଇଛି କଂଗ୍ରେସ ସରକାର। ଏବେ ଏହି ଦଳ ସମ୍ବିଧାନର କଥା କହୁଛି। ପାର୍ଲାମେଣ୍ଟ ଓ ବିଧାନସଭା ନିଷ୍ପତ୍ତି ବିରୋଧରେ ରାସ୍ତାକୁ ଓହ୍ଲାଇଲେ ସମ୍ବିଧାନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୋଦି ଚେତାବନୀ ଦେଇଥିଲେ।

କଶ୍ମୀର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କହିଥିଲେ, ଏହା ଭାରତର ମୁକୁଟର ରତ୍ନ ଭଳି। ସେଠାର ବିକାଶ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। କଶ୍ମୀରବାସୀଙ୍କ ଉପରେ ସରକାରଙ୍କର ପୂର୍ଣ୍ଣ ଆସ୍ଥା ରହିଥିବା ମୋଦି କହିଥିଲେ। ଉପତ୍ୟକାରୁ ୩୭୦ ଉଚ୍ଛେଦର ପରିଣତି ଭୟାବହ ହେବ ବୋଲି କଶ୍ମୀର ନେତା ଫାରୁକ୍ ଅବ୍‌ଦୁଲ୍ଲା, ମେହବୁବା ମୁଫ୍‌ତି ଓ ଓମାର ଅବ୍‌ଦୁଲ୍ଲା ଚେତାବନୀ ଦେଇଥିଲେ। ଭାରତ ସହ ଉପତ୍ୟକାର ସମ୍ପର୍କ ଛିନ୍ନ ହୋଇଯିବ ବୋଲି ସେମାନେ କହିଥିଲେ। ଭାରତୀୟ ସମ୍ବିଧାନରେ ବିଶ୍ୱାସ କରୁଥିବା ଲୋକେ ଏହାକୁ ବରଦାସ୍ତ କରିବେ କି ବୋଲି ମୋଦି ପ୍ରଶ୍ନ କରିଥିଲେ। ୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ ସାମିଲ ବ୍ୟକ୍ତି ଏବେ ମୁଖ୍ୟମନ୍ତ୍ରୀ ବୋଲି କଂଗ୍ରେସକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ। ଦେଶବାସୀ ଆମର ୫ ବର୍ଷର କାର୍ଯ୍ୟକୁ ଦେଖିଛନ୍ତି। ଏହି କାମକୁ ଆହୁରି ତ୍ୱରାନ୍ୱିତ କରିବା ଲାଗି ସେମାନେ ପୁଣିଥରେ ଆମକୁ ଆଶୀର୍ବାଦ କରିଛନ୍ତି। ଅସମାହିତ ରହିଥିବା ସମସ୍ୟାଗୁଡ଼ିକ ପାଇଁ ଭାରତ ଆଉ ଅପେକ୍ଷା କରିପାରିବ ନାହିଁ। ଦୀର୍ଘଦିନର ସମସ୍ୟା ସମାଧାନ ଲାଗି ଆମେ ପ୍ରତିବଦ୍ଧ। କଶ୍ମୀର, ରାମ ଜନ୍ମଭୂମିଠାରୁ ଆରମ୍ଭ କରି ଗୋଟିଏ ପରେ ଗୋଟିଏ ସମସ୍ୟାର ସମାଧାନ ହେଉଛି ବୋଲି ମୋଦି କହିଥିଲେ। ୬ ମାସ ମଧ୍ୟରେ ମୋ ଉପରେ ଲାଠିମାଡ଼ ହେବ ବୋଲି ରାହୁଲ ଗାନ୍ଧୀଙ୍କ ନାଁ ନ ନେଇ ଜଣେ ବିରୋଧୀ ଦଳ ଏମ୍‌ପି କହୁଥିବା ମୋଦି ଗୃହକୁ ଜଣାଇଥିଲେ। ସେଥିପାଇଁ ପିଠି ଟାଣ କରିବାକୁ ଅଧିକ ସୂର୍ଯ୍ୟ ନମସ୍କାର କରିବାକୁ ସେ ନିଷ୍ପତ୍ତି ନେଇଥିବା ପରିହାସ କରିଥିଲେ।



- ସିଏଏ ବିରୋଧୀଙ୍କୁ ମୋଦିଙ୍କ ସମାଲୋଚନା
- ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଲୋକ ସଭାରେ ଗୃହୀତ



## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ କପ୍ତିପଦା ଫରେଷ୍ଟର


ଗିରଫ ଫରେଷ୍ଟର ଶୋଭାକର ସିଂ।

**କପ୍ତିପଦା,୬।୨(ଡି.ଏନ୍.ଏ):** ଏକ ପୁରୁଣା ମାମଲାରେ ଦୋଷୀଙ୍କୁ ଗିରଫ ନ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ମୟୂରଭଞ୍ଜ ଜିଲା କପ୍ତିପଦା ଫରେଷ୍ଟର ଶୋଭାକର ସିଂ ଗୁରୁବାର ଅପରାହ୍ନରେ ବାଲେଶ୍ୱର ଡିଭିଜନ ଭିଜିଲାନ୍ସ ଟିମ ହାତରେ ଧରା ପଡ଼ିଛନ୍ତି। କାର୍ଯ୍ୟାଳୟରେ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ ହୋଇ ନ ଥିବା ବେଳେ ତାଙ୍କ ହାତ ଧୋଇବା ପରେ ରାସାୟନିକ ଲାଲି ପାଣି ବାହାରି ଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଲାଞ୍ଚ ଟଙ୍କା ଫରେଷ୍ଟର କାହା ହାତରେ ବାହାରକୁ ପଠାଇ ଦେଇଥିବା ଭିଜିଲାନ୍ସ ଅଧିକାରୀ କହିଛନ୍ତି। ସୂଚନା ଅନୁଯାୟୀ, ଫରେଷ୍ଟର ସିଂ ଏକ ପୁରୁଣା ମାମଲାରେ ଦୋଷୀଙ୍କୁ ଗିରଫ ନ କରିବା ପାଇଁ କପ୍ତିପଦା ଗଡସାହିର ହେମନ୍ତ କୁମାର ବେହେରାଙ୍କଠାରୁ ୧୦ ହଜାର ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀ ବେହେରା ଅପରାହ୍ନରେ ଫରେଷ୍ଟର ସିଂଙ୍କୁ ୫ ହଜାର ଟଙ୍କା ଅଗ୍ରୀମ ଦେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଭିଜିଲାନ୍ସ ଟିମ୍ ଚଢାଉ କରିଥିଲା। ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ସନ୍ତୋଷ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉରେ ବାରିପଦା ଡିଏସ୍‌ପି ଶରତ ଚନ୍ଦ୍ର ମହାପାତ୍ର, ଆଇଆଇସି ସିକନ୍ଦର ହେମ୍ବ୍ରମ୍, ସୁନୀଲ ଏକ୍କା ପ୍ରମୁଖ ସାମିଲ ଥିଲେ। ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ କେସ୍ ନଂ. ୭/୨୦୨୦, ୟୁ/ଏସ ୭ପି.ସି ରୁଜୁ କରାଯାଇ ଫରୋଷ୍ଟର ସିଂଙ୍କୁ ଗିରଫ କରାଯାଇଛି।

### ପୋଲିସର ଜୁଆଖେଳ ଭିଡିଓ ଭାଇରାଲ

**ଧରାକୋଟ, ୬।୨(ଡି.ଏନ.ଏ.):** ଗଞ୍ଜାମ ଜିଲା ଧରାକୋଟ ଥାନା ବାରାକ୍ ମଧ୍ୟରେ ଥାନା କର୍ମଚାରୀମାନେ ଜୁଆ ଖେଳିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୪ ରୁ ୫ ଜଣ କର୍ମଚାରୀ ଖାକି ଓ ସାଦା ପୋଷାକରେ ନଗଦ ଟଙ୍କା ଓ ମୋବାଇଲ ରଖି ଜୁଆ ଖେଳୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଆଇନ ଶୃଙ୍ଖଳା ରକ୍ଷା ସହ ଅପରାଧ ନିୟନ୍ତ୍ରଣ, ମାଦକ ଦ୍ରବ୍ୟର ଚୋରା କାରବାର, ଜୁଆ ଖେଳ ରୋକିବା ପାଇଁ ପୋଲିସ ବିଭାଗ ବେଶ୍ ତତ୍ପରତା ଦେଖାଇ ଆସୁଛି। ହେଲେ ବାଡ଼ ଯଦି ଫସଲ ଖାଏ ଲୋକେ ସେଠାରୁ କ'ଣ ଆଶା କରିବେ। ପୋଲିସର ଏପରି କାର୍ଯ୍ୟକଳାପ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପରିସ୍ଥିତି ଏପରି ହୋଇଛି ଯେ, ଏହି ଖବର ଗଞ୍ଜାମ ଜିଲା ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ କୁମାର ରୟଙ୍କ ନିକଟରେ ପହଞ୍ଚିବା ପରେ ସେ ଅତିରିକ୍ତ ଏସ୍‌ପିଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।




## ଓଡ଼ିଶା ସାଉଣ୍ଡ୍ ଡିଜାଇନର୍‌ଙ୍କୁ ଫିଲ୍ମଫେୟାର

**ଭୁବନେଶ୍ୱର,୬।୨(ବ୍ୟୁରୋ)**



ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ସାଉଣ୍ଡ୍ ଡିଜାଇନର୍ ନୀହାର ରଞ୍ଜନ ସାମଲ। ୬୫ତମ ଫିଲ୍ମଫେୟାର ଆୱାର୍ଡରେ ସାଉଣ୍ଡ୍ ଡିଜାଇନ୍ ବିଭାଗରେ ଶ୍ରେଷ୍ଠ ବିବେଚିତ ହୋଇ ଫିଲ୍ମଫେୟାର-୨୦୨୦ ଆୱାର୍ଡ ପାଇବାକୁ ମନୋନୀତ ହୋଇଛନ୍ତି ନୀହାର। ୨୦୧୯ରେ ରିଲିଜ୍ ହୋଇଥିବା ବହୁଚର୍ଚ୍ଚିତ ଫିଲ୍ମ 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍'ରେ ସର୍ବୋତ୍କୃଷ୍ଟ ସାଉଣ୍ଡ୍ ଡିଜାଇନ୍ ଲାଗି ସେ ଏହି ପୁରସ୍କାର ପାଇବେ। ଭିକି କୌଶଲଙ୍କ ଅଭିନୀତ ଏହି ମିଲିଟାରୀ ଆକ୍ସନ ଫିଲ୍ମ ପାଇଁ ନୀହାର ଏବଂ ତାଙ୍କ ସହ କାମ କରିଥିବା ବିଶ୍ୱଦୀପ ଦୀପକ ଚାଟାର୍ଜୀଙ୍କୁ ମିଳିତ ଭାବେ ଏହି ପୁରସ୍କାର ଦିଆଯିବ। ଫେବୃୟାରୀ ୧୫ରେ ଆସାମର ଗୁଆହାଟୀରେ ଆମାଜନ୍ ଫିଲ୍ମଫେୟାର ଆୱାର୍ଡସ-୨୦୨୦ ଅନୁଷ୍ଠିତ ହେବ। ଏହାପୂର୍ବରୁ କ୍ଷୁଦ୍ର ଚଳଚ୍ଚିତ୍ର ଏବଂ ବୈଷୟିକ ବା ଟେକ୍ନିକାଲ ବିଭାଗରେ ପୁରସ୍କାର ଘୋଷଣା କରାଯାଇଛି।

ନୀହାର ପୂର୍ବରୁ ସଞ୍ଜୟ ଲୀଲା ଭନ୍‌ସାଲୀଙ୍କ 'ପଦ୍ମାବତ୍'ରେ ସାଉଣ୍ଡ୍ ଡିଜାଇନର୍ ଭାବେ କାମ କରି ଚର୍ଚ୍ଚାକୁ ଆସିଥିଲେ। ଏହାସହ ସେ 'ବାଜିରାଓ ମସ୍ତାନୀ', 'ପିକେ', 'ପିଙ୍କ୍', 'ଥ୍ରୀ ଇଡିୟଟ୍‌ସ' ଏବଂ 'ତନୁ ୱେଡ୍‌ସ ମନୁ ରିଟର୍ନସ' ଭଳି ହିଟ୍ ଫିଲ୍ମଗୁଡ଼ିକରେ କାମ କରି ବଲିଉଡ୍‌ରେ ଜଣେ ଜଣାଶୁଣା ଚେହେରା ପାଲଟିଛନ୍ତି। କେବଳ ଏତିକି ନୁହେଁ, ୨୦୧୩ରେ 'ମାଡ୍ରାସ କାଫେ' ଫିଲ୍ମରେ ଅନ୍ ଲୋକେଶନ୍ ସାଉଣ୍ଡ୍ ରେକର୍ଡିଂ ପାଇଁ ସେ ଶ୍ରେଷ୍ଠ ଅଡିଓଗ୍ରାଫି କାଟାଗୋରିରେ ୬୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଜିତିଥିଲେ। ଯାଜପୁର ଜିଲାରେ ଜନ୍ମିତ ନୀହାର ଉତ୍କଳ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର କରିବା ପରେ ଏଫ୍‌ଟିଆଇଆଇ ପୁଣେରୁ ସାଉଣ୍ଡ୍ ଡିଜାଇନ୍‌ରେ ଡିଗ୍ରୀ ହାସଲ କରିଛନ୍ତି। ୧୯୯୯ରେ ଓଡ଼ିଆ ଫିଲ୍ମ 'କୃଷ୍ଣା କାବେରୀ'ରେ ସେ ସାଉଣ୍ଡ୍ ରେକର୍ଡର ଭାବେ କାମ କରିଥିଲେ।

## ବକେୟା ବାବଦରେ ସେସୁ ସଂଗ୍ରହ କଲା ୭୨ କୋଟି

**ଭୁବନେଶ୍ୱର,୬।୨(ବ୍ୟୁରୋ)**

- ବିଦ୍ୟୁତ୍ ବିଚ୍ଛିନ୍ନ ଅଭିଯାନ
- ବକେୟା ଉପଭୋକ୍ତାଙ୍କୁ ଆଉ ୧୦ ଦିନ ମହଲତ
- ବିଲ୍ ତ୍ରୁଟି ସୁଧାରିବାକୁ ସେସୁକୁ ଆବେଦନ କଲେ ୩୫ ହଜାର
- ଫେବୃୟାରୀ ୬ରୁ ୧୬ଯାଏ ଡିଭିଜନ ଓ ସବ୍‌ଡିଭିଜନ କାର୍ଯ୍ୟାଳୟରେ ହେବ ଶୁଣାଣି

ବକେୟା ବିଦ୍ୟୁତ୍ ବିଲ୍ ଦେଇ ନ ଥିବା ଉପଭୋକ୍ତାଙ୍କୁ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ଆଉ ୧୦ ଦିନ ମହଲତ ଦେଇଛି। ଫେବୃୟାରୀ ୬ରୁ ୧୬ ତାରିଖ ମଧ୍ୟରେ ବକେୟା ରାଶି ପଇଠ କରି ବିଦ୍ୟୁତ ବିଚ୍ଛିନ୍ନରୁ ନିଜକୁ ମୁକ୍ତ କରିବାକୁ ଉପଭୋକ୍ତାମାନଙ୍କୁ ପରାମର୍ଶ ଦିଆଯାଇଛି। ସେସୁ ଦ୍ୱାରା ଆରମ୍ଭ କରାଯାଇଥିବା ବିଦ୍ୟୁତ ବିଚ୍ଛିନ୍ନ ଅଭିଯାନରେ ପ୍ରଥମ ପର୍ଯ୍ୟାୟରେ ୨୧,୩୩୯ ଉପଭୋକ୍ତାଙ୍କର ବିଦ୍ୟୁତ ବିଚ୍ଛିନ୍ନ କରାଯାଇଛି। ୧୮ ଦିନ ଧରି ଚାଲିଥିବା ଏହି ପର୍ଯ୍ୟାୟରେ ୭୨.୬୬ କୋଟି ଟଙ୍କା ଆଦାୟ କରାଯାଇଛି। ସେଥିରୁ ୭.୩୬ କୋଟି ଟଙ୍କା ଅନ୍‌ଲାଇନ ଜରିଆରେ ଆଦାୟ କରାଯାଇଥିବା ବେଳେ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିବା ୯,୩୪୧ ଉପଭୋକ୍ତାଙ୍କର ପୁନଃ ସଂଯୋଗ କରାଯାଇଛି। ଗୁରୁବାର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ସେସୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅରୁଣ ବୋଥ୍ରା। ୪୮୦ ସ୍କ୍ୱାଡ୍‌କୁ ନେଇ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ସେସୁର ୨୪୭ଟି ସେକ୍ସନର ୧,୬୨,୮୦୧ଟି ବକେୟା ରଖିଥିବା ବ୍ୟବସାୟିକ ସଂସ୍ଥା, ଶିଳ୍ପ ସଂସ୍ଥା ଏବଂ ଘରୋଇ ଉପଭୋକ୍ତାଙ୍କ ନିକଟକୁ ଯାଇଛନ୍ତି। ସେସୁର ୨୦ ଡିଭିଜନରେ ଶାନ୍ତିପୂର୍ଣ୍ଣ ଭାବେ ଏହି ସ୍ୱତନ୍ତ୍ର ଡ୍ରାଇଭ କରାଯାଇଥିଲା ବୋଲି ବୋଥ୍ରା କହିଛନ୍ତି।

ଏହି ସମୟ ମଧ୍ୟରେ ବିଦ୍ୟୁତ୍ ବିଲ୍ ସଂଶୋଧନ କରିବା ପାଇଁ ୩୫,୨୭୭ ଜଣ ଉପଭୋକ୍ତା ସେସୁକୁ ଆବେଦନ କରିଛନ୍ତି। ୧,୦୦,୬୯୪ ଉପଭୋକ୍ତା ସେମାନଙ୍କ ବକେୟା କିସ୍ତି ଆକାରରେ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଯେଉଁମାନଙ୍କର ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲା ସେମାନେ ବିଭିନ୍ନ କାଉଣ୍ଟରରେ ବକେୟା ପଇଠ କରିଛନ୍ତି। ବକେୟା ବିଲ୍‌ରେ ହୋଇଥିବା ତ୍ରୁଟିକୁ ସୁଧାରିବାକୁ ବହୁ ସଂଖ୍ୟାରେ ଉପଭୋକ୍ତା ସେସୁ କାର୍ଯ୍ୟାଳୟକୁ ଆସି ଅନୁରୋଧ କରିଛନ୍ତି। ଏହି ସମସ୍ୟାର ସମାଧାନ କରିବା ନେଇ ଏକ ଟିମ୍ ଗଠନ କରାଯାଇଛି। ସେହି ଟିମ୍ ସବ୍‌ଡିଭିଜନ ଓ ଡିଭିଜନ ସ୍ତରରେ ବିଲ୍‌ରେ ଦେଖାଦେଇଥିବା ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫେବୃୟାରୀ ୬ରୁ ୧୬ତାରିଖ ଯାଏ ଉପଭୋକ୍ତାମାନଙ୍କର ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଏହି ସ୍ୱତନ୍ତ୍ର ଅଭିଯାନକୁ ବିଭିନ୍ନ ସ୍ତରରୁ ସମର୍ଥନ ମିଳିଛି। ଯେଉଁ ଉପଭୋକ୍ତାମାନଙ୍କର ବକେୟା ବିଲ୍ ରହିଛି ସେ ସବୁ ପଇଠ କରି ବିଦ୍ୟୁତ୍ ବିଚ୍ଛିନ୍ନରୁ ମୁକ୍ତ ହେବାକୁ ବୋଥ୍ରା ଅନୁରୋଧ କରିଛନ୍ତି।

## ଏସ୍‌ସିବି ମେଡିକାଲରେ ପ୍ରଥମ ସ୍ୱାଇନ୍ ଫ୍ଲୁ ରୋଗୀ

**କଟକ ଅଫିସ,୬।୨**

କଟକ ଏସ୍‌ସିବି ମେଡିକାଲରେ ଚଳିତବର୍ଷର ପ୍ରଥମ ସ୍ୱାଇନ୍ ଫ୍ଲୁ ରୋଗୀ ଭର୍ତ୍ତି ହୋଇଛନ୍ତି। ୩୦ ବର୍ଷୀୟ ଏହି ଯୁବକଙ୍କ ଘର ଢେଙ୍କାନାଳ ଜିଲାରେ ବୋଲି ଜଣାପଡ଼ିଛି। ପଲ୍ମୋନାରୀ ବିଭାଗ ଅଧୀନ ସ୍ୱତନ୍ତ୍ର ୱାର୍ଡରେ ସେ ଚିକିତ୍ସିତ ହେଉଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତିନିଦିନ ଚିକିତ୍ସିତ ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ଏସ୍‌ସିବି ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨ ତାରିଖରୁ ଯୁବକ ଜଣକ ଏଚ୍-୧ ଏନ୍-୧ ଭୂତାଣୁରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସେ ଏସ୍‌ସିବି ମେଡିକାଲକୁ ଆସିଥିଲେ। ତାଙ୍କ ରକ୍ତ ନମୁନା ପରୀକ୍ଷା କରାଯିବାରୁ ପଜିଟିଭ୍ ବାହାରିଥିଲା। ଗତ ୩ ତାରିଖରେ ପୁଣି ଥରେ ନମୁନା ପରୀକ୍ଷା ପାଇଁ ଆରଏମଆରସି ପରୀକ୍ଷାଗାରକୁ ପଠାଯାଇଥିଲା। ସେଠାରୁ ମଧ୍ୟ ରିପୋର୍ଟ ପଜିଟିଭ୍ ଆସିଥିଲା। ଗତ ୪ ତାରିଖରେ ତାଙ୍କ ରିପୋର୍ଟ ମିଳିବା ପରେ ଚିକିତ୍ସାକୁ ତ୍ୱରାନ୍ୱିତ କରାଯାଇଥିଲା। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାରୁ ଆଇସିୟୁର ଆବଶ୍ୟକତା ନାହିଁ ବୋଲି ଡା. ମହାରଣା କହିଛନ୍ତି। ୪ଦିନ ହେଲା ଚିକିତ୍ସା ଚାଲିଥିବାବେଳେ ଆଉ ୩ଦିନ ପରେ ଡିସ୍‌ଚାର୍ଜ କରାଯିବ। ସୂଚନାଯୋଗ୍ୟ, ଗତବର୍ଷ ୪୫ ଜଣ ସ୍ୱାଇନ୍ ଫ୍ଲୁରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ।

## ଜେଏସ୍‌ଡବ୍ଲ୍ୟୁକୁ ମିଳିଲା ଜଜାଙ୍ଗ ଖଣି

**ଭୁବନେଶ୍ୱର,୬।୨(ବ୍ୟୁରୋ)**

ସଜ୍ଜନ ଜିନ୍ଦଲ ପରିଚାଳିତ ଜେଏସଡବ୍ଲ୍ୟୁ ଷ୍ଟିଲ କେନ୍ଦୁଝର ଜିଲାରେ ଥିବା ଜଜାଙ୍ଗ ଲୁହାପଥର ଖଣି ହାତେଇବାରେ ସଫଳ ହୋଇଛି। ଏହି ଖଣି ପାଇଁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ରାଜ୍ୟ ସରକାରଙ୍କୁ ଲୁହାପଥର ବିକ୍ରି ମୂଲ୍ୟର ୧୧୦ ପ୍ରତିଶତ ଦେବାକୁ ଚୁକ୍ତି କରିଛି। ଏହାକୁ ମିଶାଇ ଚଳିତ ନିଲାମ ପ୍ରକ୍ରିୟାରେ ଜେଏସ୍‌ଡବ୍ଲ୍ୟୁ ୪ଟି ଖଣିକୁ ହାତେଇ ସାରିଲାଣି।

ମିଳିଥିବା ସୂଚନା ଅନୁଯାୟୀ ଜେଏସଡବ୍ଲ୍ୟୁ ସର୍ବାଧିକ ନିଲାମଧାରୀ ଭାବେ ଓଡିଶାରୁ ୩୯.୪୨ ନିୟୁତ ଟନ ଖଣିକୁ ନେବାରେ ସଫଳ ହୋଇଛି। ଚଳିତ ନିଲାମ ପ୍ରକ୍ରିୟାରେ ଉକ୍ତ କମ୍ପାନୀ ସିରାଜୁଦ୍ଦିନ ଆଣ୍ଡ କୋ, ଲାଲ ଟ୍ରେଡର୍ସ, ରୁଙ୍ଗ୍‌ଟା ମାଇନ୍ସ, ଇଷ୍ଟର୍ନ ମାଇନିଂ, ଜେଏସ୍‌ପିଏଲ ଏବଂ ଆଦାନୀ ଭଳି କମ୍ପାନୀକୁ ପଛରେ ପକାଇ ଦେଇଛି। ଜେଏସ୍‌ଡବ୍ଲ୍ୟୁ ନିଲାମ ନେଇଥିବା ଜଜାଙ୍ଗ ଲୁହାପଥର ଖଣି ଏବେ ରୁଙ୍ଗ୍‌ଟା ମାଇନ୍ସ ହାତରେ ରହିଛି। ଏହାର ଲିଜ୍ ଅବଧି ଆସନ୍ତା ମାର୍ଚ୍ଚ ୩୧ରେ ଶେଷ ହେବ।

ସୂଚନାଯୋଗ୍ୟ ଯେ ଜେଏସଡବ୍ଲ୍ୟୁ ସୁନ୍ଦରଗଡ ଜିଲାର ଗନୁଆ ଲୁହାପଥର ଖଣି ହାତେଇଛି। କମ୍ପାନୀ ଏହି ଖଣିରୁ ରାଜ୍ୟ ସରକାରଙ୍କୁ ଲୁହାପଥରର ବିକ୍ରି ମୂଲ୍ୟର ୧୩୨ ପ୍ରତିଶତ ଦେବାକୁ ଚୁକ୍ତି କରିଛି। ଏହି ଖଣିର ଲିଜ୍ ଅବଧି ମଧ୍ୟ ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବାକୁ ଯାଉଛି। ଏହି ଖଣିରେ ୧୧୮.୯୨ ନିୟୁତ ଟନ ଲୁହାପଥର ଗଚ୍ଛିତ ଥିବା ଆକଳନ କରାଯାଇଛି। ନିଲାମ ପ୍ରତିଯୋଗିତାରେ ଜେଜେଏସ୍ ଆଲୁୱାଲିଆ, ରୁଙ୍ଗଟା ମାଇନ୍ସ ଲିମିଟେଡ, ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଏବଂ ଆମଲାଗାମ୍ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡକୁ ହରାଇ ଜେଏସ୍‌ଡବ୍ଲ୍ୟୁ ଉକ୍ତ ଖଣି ଅକ୍ତିଆର କରିବାରେ ସଫଳ ହୋଇଛି। ଏହାଛଡା ପୂର୍ବରୁ ଆର୍ସେଲ ମିତ୍ତଲ, ବେଦାନ୍ତ, ଆଦାନୀ ଗ୍ରୁପକୁ ପଛରେ ପକାଇ କମ୍ପାନୀ ୭୯୦ ନିୟୁତ ଟନର ନୂଆଗାଁ ଏବଂ ୧୯୦ ନିୟୁତ ଟନର ନାରାୟଣପୋଷି ଖଣି ନେବାରେ ସଫଳ ହୋଇଛି। ଅନ୍ୟପକ୍ଷରେ ସିରାଜୁଦ୍ଦିନ ଆଣ୍ଡ କୋ ବଳଦା ଲୁହାପଥର ଖଣି ପାଇଥିବା ବେଳେ ଆର୍ସେଲର ମିତ୍ତଲ ଠାକୁରାଣୀ ଖଣି ପାଇବାରେ ସଫଳ ହୋଇଛି।

## ମଧ୍ୟାହ୍ନ ଭୋଜନରେ ଚମ୍ପେଇ ନେଉଳ: ୯୦ ଛାତ୍ରୀଛାତ୍ର ଅସୁସ୍ଥ

**ରାଜନଗର,୬।୨(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଘଡିଆମାଳସ୍ଥିତ ସିଦ୍ଧେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନ ଭୋଜନ ଖାଇ ୯୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଛନ୍ତି। ମଧ୍ୟାହ୍ନ ଭୋଜନା ପାଇଁ ରନ୍ଧା ଯାଇଥିବା ଡାଲ୍‌ମାରୁ ମଲା ଚମ୍ପେଇ ନେଉଳ ବାହାରି ଥିବା ଜଣାଯାଇଛି। ଏହା ଜଣାପଡିବା ପରେ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ପ୍ରକାଶ ଯେ, ଗୁରୁବାର ପ୍ରଥମରୁ ୭ମ ଶ୍ରେଣୀ ଯାଏ ପଢୁଥିବା ୧୬୭ ଜଣ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିଥିଲେ। ଏହି ଛାତ୍ରୀଛାତ୍ରଙ୍କ ପାଇଁ ଭାତ ଓ ଡାଲମା ରୋଷେଇ ହୋଇଥିଲା। ୯୦ଜଣ ଛାତ୍ରୀଛାତ୍ରଙ୍କୁ ଖାଇବାକୁ ଦିଆଯିବା ପରେ ଅନ୍ୟ ଏକ ବାଲ୍‌ଟିରେ ଡାଲ୍‌ମା ଆଣିବା ବେଳକୁ ସେଥିରେ ମଲା ଚମ୍ପେଇ ନେଉଳ ପଡିଥିବା ଦେଖିବାକୁ ମିଳିଥିଲା। ଫଳରେ ଅନ୍ୟ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ ଖାଇ ନ ଥିଲେ। ବିଦ୍ୟାଳୟ ଛୁଟି ହେବା ପରେ ପିଲାମାନେ ଘରକୁ ଯାଇଥିଲେ। ଘରେ ପହଞ୍ଚିବା ପରେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ପ୍ରିୟାରାଣୀ ପ୍ରଧାନ, ପ୍ରଥମ ଶ୍ରେଣୀ ଛାତ୍ରୀ ପ୍ରତ୍ୟାଶା ନାୟକ, ୬ଷ୍ଠ ଶ୍ରେଣୀ ଛାତ୍ରୀ ରିତାଳି ମଲ୍ଲିକ, ୪ର୍ଥ ଶ୍ରେଣୀ ଛାତ୍ର ମନୋରଞ୍ଜନ ବାରିକ ବାନ୍ତି କରିଥିଲେ। ମଧ୍ୟାହ୍ନ ଭୋଜନ ଖାଇଥିବା ଅନ୍ୟ ଛାତ୍ରୀଛାତ୍ର ମଧ୍ୟ ଅସୁସ୍ଥ ଅନୁଭବ କରିଥିଲେ। ଅପରାହ୍ନ ୫ଟା ପରେ ୯୦ ଛାତ୍ରୀଛାତ୍ରଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ ତଥା ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଔଷଧ ଦେଇଥିଲେ। ଖାଦ୍ୟ ଖାଇବାର ୮ ଘଣ୍ଟା ପର୍ଯ୍ୟନ୍ତ ଅବଜରଭେଶନରେ ରଖାଯିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଛଡାଯିବ ବୋଲି ଡା. ମହାନ୍ତି ସୂଚନା ଦେଇଛନ୍ତି। ଖବରପାଇ ରାଜନଗର ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନନ୍ଦ କିଶୋର ସ୍ୱାଇଁ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଚାଲୁ ରହିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସ୍ୱାଇଁ କହିଛନ୍ତି, ଏହି ଘଟଣାର ତଦନ୍ତ କରାଯାଇ ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଧ୍ୟାହ୍ନ ଭୋଜନ ପାଇଁ ବିପୁଳ ଅର୍ଥ ବ୍ୟୟ ହେଉଥିବା ବେଳେ ଦାୟିତ୍ୱରେ ଥିବା ଶିକ୍ଷକ, ପାଚିକା ଓ ସହାୟିକାଙ୍କ ଦାୟିତ୍ୱହୀନତା ଯୋଗୁ ଏପରି ଘଟଣା ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ଚିକିତ୍ସା ପାଇଁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଛାତ୍ରୀଛାତ୍ର।

ନିଃଶୁଳ୍କ ପ୍ରବେଶ
JDCA
JD Centre of Art
DSPL-264
ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ
୧୩ତମ ଆନ୍ତର୍ଜାତିକ
କଳା ଓ କଳାକାର ଚଳଚ୍ଚିତ୍ର ଉତ୍ସବ
ଚଳଚ୍ଚିତ୍ର : ଚର୍ଚ୍ଚା, ମାଷ୍ଟରକ୍ଲାସ୍, କାରିଗରୀ
ସ୍ଥାପନା, ପ୍ରଦର୍ଶନ, ଖାଦ୍ୟପେୟ
୮ ଓ ୯ ଫେବୃୟାରୀ ୨୦୨୦ ସକାଳ ୧୦.୩୦ରୁ ସନ୍ଧ୍ୟା ୭.୩୦
ଉତ୍କଳ ଅଡିଟୋରିୟମ, ୟୁନିଟ ୨, ଇନ୍ଦିରାଗାନ୍ଧୀ ପାର୍କ ପାଖ, ଭୁବନେଶ୍ୱର
ଜେଡି ସେଂଟର ଅଫ୍ ଆର୍ଟ, ଫୋନ: +୯୧ ୬୭୪ ୨୫୫୪୧୯୫, ୨୫୫୫୦୭୭, Email: filmforum@jdcentreofart.org
www.jdcentreofart.org
ସହଯୋଗ: Odisha State Beverages Corporation Limited, Handlooms, Textiles & Handicrafts Department
ପ୍ରମୁଖ ସହଯୋଗୀ: ODISHA INDIA'S BEST KEPT SECRET, Odia Language Literature & Culture Departement
ମିଡିଆ ସହଯୋଗ: ଧରିତ୍ରୀ OrissaPOST TEAM
OIPR-37001/13/0048/1920

**କିଛି ତଥ୍ୟ**

ବର୍ତ୍ତମାନ ରେଲୱେ ପ୍ରାୟ ୫୫% ବିଦ୍ୟୁତ୍ ସୁବିଧା ଥିବା ଟ୍ରାକରେ ପରିଚାଳିତ ହେଉଛି।
– ରେଳ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଲକ୍ଷ୍ମି
ପରିବାରବର୍ଗ


ପୂର୍ବୀ
ପରିବାରବର୍ଗ


ସାଇଲକ୍ଷ୍ମୀ
ପରିବାରବର୍ଗ


ଶ୍ରୀତେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ‘ପ୍ରଶ୍ନପତ୍ର ଭାଇରାଲକୁ ବରଦାସ୍ତ କରାଯିବନି’

- ପ୍ରଥମ ଥର ଲାଗି ହେଉଛି କୋଡିଂ ସିଷ୍ଟମ
- ପରୀକ୍ଷା ବେଳେ ଜିଲା ବୁଲିବେ ବରିଷ୍ଠ ଅଧିକାରୀ

**ଭୁବନେଶ୍ୱର,୬।୨(ବ୍ୟୁରୋ)**

ଗତ କିଛିବର୍ଷ ହେଲା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାର ପ୍ରଶ୍ନପତ୍ର ଭାଇରାଲ ହେଉଛି। ଏହାକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଛି। ଏଭଳି ବିଶୃଙ୍ଖଳାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ପ୍ରଶ୍ନପତ୍ର ଭାଇରାଲ ନ ହେବା ଲାଗି ଯଥା ସମ୍ଭବ ଉଦ୍ୟମ ଆରମ୍ଭ ହୋଇଛି।

ମନ୍ତ୍ରୀ ଦାଶ କହିଛନ୍ତି ଯେ, ପ୍ରଶ୍ନପତ୍ର ଭାଇରାଲ ନ ହେବା ଲାଗି ପ୍ରଥମ କରି କୋଡିଂ ବ୍ୟବସ୍ଥା କରାଯାଇଛି। ଆଶା କରୁଛୁ ଏଥର ପ୍ରଶ୍ନପତ୍ର ଲିକ୍ ହେବନାହିଁ। ଯଦି ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ ହୁଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ସେଣ୍ଟର ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡିଛି। ବୋର୍ଡ ପକ୍ଷରୁ ଗୁପ୍ତ ଭାବେ ପ୍ରତି ପ୍ରଶ୍ନପତ୍ରରେ ଭିନ୍ନଭିନ୍ନ କୋଡିଂ କରାଯାଉଛି। ଯଦି ଗୋଟିଏ ପ୍ରଶ୍ନପତ୍ର ଲିକ୍ ହୋଇଯାଏ ତେବେ ଏହାକୁ କିଏ ଭାଇରାଲ୍ କରିଛି ତାହା ଅତି ସହଜରେ ଜଣାପଡ଼ିଯିବ। ପରୀକ୍ଷାକୁ ସୁରୁଖୁରୁରେ କରିବା ପାଇଁ ପ୍ରତ୍ୟେକ ଜିଲା ପାଇଁ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ନିର୍ଦ୍ଦେଶାଳୟର ଅଧିକାରୀ ଏବଂ ସଚିବାଳୟର ବହୁ ଉଚ୍ଚପଦସ୍ଥ ଅଧିକାରୀ ନୋଡାଲ ଅଫିସର ଭାବେ ଦାୟିତ୍ୱ ତୁଲାଇବେ। ବିଗତ ବର୍ଷଗୁଡିକ ଭଳି ଭୁବନେଶ୍ୱରଠାରେ ବସି ସେମାନେ ଆଉ ପରୀକ୍ଷାର ପରିଚାଳନା କରିବେ ନାହିଁ। ବରଂ ତୃଣମୂଳସ୍ତରକୁ ଯାଇ ତ୍ରୁଟି ଖୋଜିବେ। ପରୀକ୍ଷା ପୂର୍ବରୁ ଗୋଟିଏ ପର୍ଯ୍ୟାୟରେ ସେମାନେ ବିଭିନ୍ନ ଜିଲା ଗସ୍ତକରି ପରୀକ୍ଷା କେନ୍ଦ୍ର ଏବଂ ଅନ୍ୟାନ୍ୟ ସମସ୍ତ ବିଷୟକୁ ତର୍ଜମା କରିବେ। ଏହାପରେ ପରୀକ୍ଷା ଦିନଗୁଡିକରେ ମଧ୍ୟ ଗସ୍ତ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସେମାନେ କେଉଁଠାରେ ତ୍ରୁଟି ଲକ୍ଷ୍ୟ କରିବେ ସଙ୍ଗେସଙ୍ଗେ ଦାୟୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ ଯେ, ଆସନ୍ତା ୧୯ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବ। ଏଥର ୫ଲକ୍ଷ ୬୦ହଜାର ୮୯୧ ଛାତ୍ରୀଛାତ୍ର ୨୮୮୮ କେନ୍ଦ୍ରରେ ପରୀକ୍ଷା ଦେବେ। ଏଥିଲାଗି ୩୦୭ଟି ନୋଡାଲ ସେଣ୍ଟର କରାଯାଇଛି। ୨୨ଟି ପୋଲିସ ଷ୍ଟେଶନକୁ ମଧ୍ୟ ନୋଡାଲ ସେଣ୍ଟର କରିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ବେଦନଶୀଳ ୧ହଜାର କେନ୍ଦ୍ରରେ ସିସି କ୍ୟାମେରା ଲଗାଯିବା କାର୍ଯ୍ୟ ଜାରି ରହିଥିବା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ନୋଡାଲ ସେଣ୍ଟରଗୁଡିକରେ ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ସହ ପରୀକ୍ଷା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇସାରିଛି। ଶୁକ୍ରବାର ୱେବ୍‌ସାଇଟରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ଆସନ୍ତା ୮ତାରିଖରେ ଓଏମ୍ଆର ଉପସ୍ଥାନ ସିଟ୍ ଓ ଆଡମିଟ୍ କାର୍ଡ ସ୍କୁଲକୁ ପଠାଯିବ।

**ପ୍ରଥମ ପୃଷ୍ଠାରୁ...**

## ସବୁଜ ସଙ୍କେତ ଦେଉନାହିଁ ...

ସସ୍ମିତ ପାତ୍ର ଏହି ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ହେଲେ ସ୍ୱରାଷ୍ଟ୍ର(ରାଷ୍ଟ୍ର) ମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଏକ ଉତ୍ତର ଏଭଳି ଜନଗଣନା ନେଇ କେନ୍ଦ୍ର ମନ ବଳାଇ ନ ଥିବା ସ୍ପଷ୍ଟ କରିଥିବା ଜଣାପଡିଛି।

ଗତ ୫ ତାରିଖ ଏମ୍‌ପି ଭି.ବିଜୟସାହି ରେଡ୍ଡୀଙ୍କ ଅଣତାରକା ପ୍ରଶ୍ନ ନଂ. ୩୭୮ର ଉତ୍ତର ଦେଇ ନିତ୍ୟାନନ୍ଦ ରାୟ ଉପରୋକ୍ତ ତଥ୍ୟ ପ୍ରଦାନ କରିଥିଲେ। ବିଜୟସାହି ପ୍ରଶ୍ନ କରିଥିଲେ ଯେ, ସରକାର ୨୦୨୧ ଜନଗଣନାରେ ଓବିସି/ଏସ୍ଇବିସିଙ୍କୁ ଅନ୍ତର୍ଭୁକ୍ତ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ହେଲେ ରେଜିଷ୍ଟ୍ରାର ଅଫ୍ ଇଣ୍ଡିଆ ଓବିସି ସମ୍ପର୍କିତ ତଥ୍ୟ ନେବା ପାଇଁ ନିଷ୍ପତ୍ତି ନେଇ ନାହାନ୍ତି କାହିଁକି। ସେହିଭଳି ସରକାର ଜନଗଣନା-୨୦୨୧ରେ ଓବିସିଙ୍କ ତଥ୍ୟ ସଂଗ୍ରହ ନେଇ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେବେ କି ବୋଲି ରେଡ୍ଡୀ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ନିତ୍ୟାନନ୍ଦ କହିଥିଲେ ଯେ, ଗତବର୍ଷ ମାର୍ଚ୍ଚ ୨୮ରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ଗେଜେଟ୍ ଅନୁଯାୟୀ, ଜନଗଣନା-୨୦୨୧ରେ ଅନୁସୂଚିତ ଜାତି(ଏସ୍‌ସି) ଏବଂ ଅନୁସୂଚିତ ଜନଜାତି(ଏସ୍‌ଟି) ଜନଗଣନା କରାଯିବାର ବ୍ୟବସ୍ଥା ଥିବା କେନ୍ଦ୍ରମନ୍ତ୍ରୀ ଲିଖିତ ଉତ୍ତର ଦେଇଥିଲେ। ହେଲେ ମନ୍ତ୍ରୀଙ୍କ ଉତ୍ତରରେ ଓବିସି/ଏସ୍ଇବିସିଙ୍କ ଜନଗଣନା ନେଇ କୌଣସି ସୂଚନା ନାହିଁ। ତେଣୁ ଓଡ଼ିଶାର ଦାବି ସଂକଳ୍ପ ପ୍ରସ୍ତାବରେ ରହିଯିବ ବୋଲି ଧାରଣା ସୃଷ୍ଟି ହୋଇଛି। ଅପରପକ୍ଷରେ କେନ୍ଦ୍ର ଚାହିଁଲେ କ୍ୟାବିନେଟ୍ ସଂକଳ୍ପ କିମ୍ବା ପୂର୍ବ ନିୟମରେ ସଂଶୋଧନ କରିପାରିବେ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି। ଆନୁଷ୍ଠାନିକ ଭାବେ ବିଜେଡି କିମ୍ବା ରାଜ୍ୟ ସରକାର ଏହା ଉପରେ କୌଣସି ମତ ରଖିନାହାନ୍ତି। ହେଲେ ବିରୋଧୀମାନେ ଜାତିଭିତ୍ତିକ ଜନଗଣନାକୁ ରାଜ୍ୟ ସରକାରଙ୍କ ପୌରନିର୍ବାଚନୀ ଚାଲ୍ ବୋଲି ଅଭିଯୋଗ କରିଛନ୍ତି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଓବିସିଙ୍କ ପାଇଁ ଜନଗଣନା ଦାବି କରୁଥିବା ସରକାର ଦୀର୍ଘଦିନ ଧରି ଏହି ବର୍ଗକୁ ରାଜ୍ୟରେ ଅବହେଳା କରିଆସିଛନ୍ତି। ସେହିଭଳି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ମଧ୍ୟ ରାଜ୍ୟ ସରକାରଙ୍କ ଦାବିକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିହିତ କରିଛନ୍ତି। ଅପରପକ୍ଷରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାର ମୂଳତଃ ପଛୁଆବର୍ଗ ବିରୋଧୀ। ନ ହେଲେ ଦୀର୍ଘ ୨ ଦଶନ୍ଧି ରହିବା ପରେ ରାଜ୍ୟ ସରକାର ହଠାତ୍ ଏ ସଂକଳ୍ପ ଆଣିଲେ କାହିଁକି। କେନ୍ଦ୍ର ଚାହିଁଲେ ଏହାକୁ କରିପାରିବେ, ହେଲେ ଆନ୍ତରିକତା ନ ଥିବାରୁ ଜାତିଭିତ୍ତିକ ଜନଗଣନା ପୁନର୍ବାର ଶୀତଳ ଭଣ୍ଡାରକୁ ଗଲା ବୋଲି ଶ୍ରୀକାନ୍ତ କହିଛନ୍ତି।

# ସଂଘର୍ଷ କରି ବଞ୍ଚାଇ ପାରିଲେନି

## ଉଦ୍ଧାରବେଳେ ଛୁଆହାତୀ ମୃତ

- ପଲରେ ଆସିବା ବେଳେ ଗାତରେ ଖସିପଡ଼ିଥିଲା
- ବାହାର କରିବାକୁ ଉଦ୍ୟମ କରି ବିଫଳ ହେଲେ ହାତୀପଲ
- ଛିଣ୍ଡିଗଲା ଶୁଣ୍ଢ, ଅଧାପୋତା ଅବସ୍ଥାରେ ମୃତଦେହ ଉଦ୍ଧାର


ମୃତ ହାତୀଛୁଆ।

**ଓଡ଼ାପଡ଼ା, ୬।୨(ଡି.ଏନ.ଏ.)**

ମଣିଷ ଭଳି ହାତୀ ହେଉଛି ଏକ ସାମାଜିକ ପ୍ରାଣୀ। ଦଳବଦ୍ଧ ଭାବେ ରହିବାକୁ ଭଲପାଏ ଏହି ବୃହତ୍‌କାୟ ଜୀବ। ଜଣେ ବିପଦରେ ପଡ଼ିଥିବାବେଳେ ଏକାଠି ହୋଇ ସହାୟତା କରିବାକୁ ଆଗେଇ ଆସନ୍ତି ପଲରେ ଥିବା ଅନ୍ୟ ହାତୀ। ହେଲେ ପାଟି ଫିଟୁ ନ ଥିବା ଏହି ଜୀବକୁ ସବୁବେଳେ ମିଳେନି ସଫଳତା। କେତେକ କ୍ଷେତ୍ରରେ ସଙ୍କଟରେ ପଡ଼ିଥିବା ହାତୀଟିକୁ ଉଦ୍ଧାର କରିବାକୁ ସେମାନେ ସମର୍ଥ ହୋଇଥାନ୍ତି ତ ଆଉ କେବେ ସେମାନଙ୍କ ଆଖି ଆଗରେ ଚାଲିଯାଏ ନିଜ ଦଳର ସଦସ୍ୟଙ୍କ ଜୀବନ। ଏପରି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକରେ। ଗାତରେ ଖସିପଡ଼ିଥିବା ଛୁଆହାତୀକୁ ଉଦ୍ଧାର କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିବା ହାତୀପଲକୁ ଶେଷରେ ନିରାଶ ହେବାକୁ ପଡ଼ିଛି। ଗାତରୁ ଉପରକୁ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଶାବକର ଶୁଣ୍ଢ ଛିଣ୍ଡିଯିବା ସହ ଦଳାଚକଟା ଭିତରେ ଚାଲିଯାଇଛି ଜୀବନ। ଯଦିଓ ଛୁଆକୁ ବଞ୍ଚାଇବା ହାତୀପଲ ପକ୍ଷେ ସମ୍ଭବ ହୋଇନାହିଁ, ହେଲେ ସେମାନଙ୍କ ଉଦ୍ୟମକୁ ନେଇ ଏବେ ଜୋର୍ ଧରିଛି ଚର୍ଚ୍ଚା।

ଢେଙ୍କାନାଳ ସଦର ରେଞ୍ଜ୍ ଓଡ଼ାପଡ଼ା ଗ୍ରାମ ବେଣ୍ଟୁହୁଡ଼ା ପୋଲ ନିକଟରୁ ଗୁରୁବାର ସକାଳେ ଉକ୍ତ ମାଈହାତୀ ଛୁଆର ମୃତଦେହ ଉଦ୍ଧାର କରାଯାଇଛି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ହାତୀଛୁଆଟିର ଆନୁମାନିକ ବୟସ ୨ରୁ ସାଢେ ୨ମାସ ମଧ୍ୟରେ ହେବ। ହାତୀଛୁଆଟି ପଲରେ ମା’ ପେଟ ତଳେ ଚାଲିଚାଲି ଆସୁଥିବା ବେଳେ ରେଳଧାରଣା ନିକଟରୁ ଅଳ୍ପଦୂରରେ ଥିବା ଏକ ଖାଲରେ ଖସିପଡ଼ିଥିବା ଅନୁମାନ କରାଯାଉଛି। ଏହାର ଶୁଣ୍ଢ ଶରୀରରୁ ଅଲଗା ହୋଇଯାଇଛି। ହାତୀପଲ ଉପରକୁ ଟାଣିବାକୁ ଉଦ୍ୟମ କରିବାବେଳେ ଶୁଣ୍ଢ ଛିଣ୍ଡିଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି। ହାତୀଛୁଆକୁ ଉଦ୍ଧାର କରିବାକୁ ହାତୀପଲ ପ୍ରାଣପଣେ ଉଦ୍ୟମ କରିଥିଲେ। ଏପରି କି ଅନ୍ୟସ୍ଥାନରୁ ମାଟି ଆଣି ପକାଇଥିବା ଦେଖିବାକୁ ମିଳିଛି। ଏସବୁ ଭିତରେ ଦଳିହୋଇ ଛୁଆ ମରିଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ଅଧା ପୋତା ଅବସ୍ଥାରେ ହାତୀଛୁଆର ମୃତଦେହ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପରେ ଏହାକୁ ପୋତି ଦିଆଯାଇଛି। ଅନ୍ୟପଟେ ଟ୍ରେନ୍ ଧକ୍କାରେ ହାତୀର ମୃତ୍ୟୁ ହୋଇଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜିର କର୍ମକ୍ଷେତ୍ରରେ କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସହାୟତା ଲାଭ କରିବାର ସୁଯୋଗ ପାଇବେ। ଆଜକୁ କେତେଦିନ ହେଲା ମନେ ମନେ ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ପ୍ରତିବନ୍ଧକ କାରଣରୁ ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ସାମାଜିକସ୍ତରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ** – ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଅବଶ୍ୟ ଯେଉଁ କାମରେ ହାତ ଦେଇଛନ୍ତି ତାହାକୁ ଯେ କୌଣସି ପ୍ରକାରେ କରିବାରେ ସମର୍ଥ ହେବେ। ବ୍ୟବସାୟ,ପରିବହନ, ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି।

**ମିଥୁନ** – ଆଜି ଦେହ ଓ ମନ ଭଲ ରହିବ ଏବଂ ବହୁତ ଦିନରୁ ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। କିନ୍ତୁ କାମ କରିବାର ସ୍ପୃହା ଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଓ ଓଲଟା ବୁଝାମଣା ଯୋଗୁ ବିତର୍କ ଲାଗିବାର ଆଶଙ୍କା ରହିଛି। ଆର୍ଥିକ ପରିସ୍ଥିତି ବଦଳାଇବା କିମ୍ବା କିଛି କରିବା ସକାଶେ କର୍ମମୁଖର ହୋଇପାରନ୍ତି।

**କର୍କଟ** – ଆଜିର ଦିନଟିରେ ହସଖୁସିରେ ସମୟ କଟାଇବେ। ଅତୀତ କଥାକୁ ଚିନ୍ତାକରି ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ସାମୟିକ ଚିନ୍ତିତ ରହିପାରନ୍ତି।

**ସିଂହ** – ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ, କିନ୍ତୁ ପରିଶେଷରେ କିଛି ପାଇବାର ଆଶା ରହିଛି। ପ୍ରଶାସନ, ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ମାତ୍ର ସାବଧାନ ରହିବା ଭଲ ହେବ। କାରଣ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**କନ୍ୟା** – କାର୍ଯ୍ୟ ହାସଲ ସକାଶେ ମାଗଣାରେ କୌଣସି କାମ କରିବା ସମ୍ଭବପର ହେବନାହିଁ, ବରଂ କିଛି ଦେଇ କାମ ହାସଲ କରିପାରିବେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ମାଲିମକଦ୍ଦମା, ତର୍କ ବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** – ଦିନଟି ପ୍ରତ୍ୟେକ କାମ ପାଇଁ ଅନୁକୂଳ ରହିବ ଏବଂ ଆଶା ଅନୁଯାୟୀ ଦ୍ରବ୍ୟ ମଧ୍ୟ ପାଇଯିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସୀ ହୋଇଯିବ। ଶିଳ୍ପ, ବାଣିଜ୍ୟ ,ରାଜନୀତି, କଳା,କ୍ରୀଡ଼ା, ଚଳଚ୍ଚିତ୍ର , ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** – ମନଇଚ୍ଛା କାମ କରିଚାଲନ୍ତୁ, ସାଧାରଣ ବ୍ୟତିକ୍ରମ ଦେଖାଗଲେ ମଧ୍ୟ କାମ ଅଟକିବ ନାହିଁ। ଯାହାକୁ ବେଶି ଭଲ ପାଉଛନ୍ତି ତାହାଠାରୁ ପ୍ରତିଦାନ ପାଇବା କଷ୍ଟକର ହୋଇପଡ଼ିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କଳା, ସାହିତ୍ୟ, ପ୍ରକାଶନ, ରାଜନୀତି ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** – କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ପାଖପଡ଼ୋଶୀ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଭିନ୍ନ ପ୍ରକାରର ମନ୍ତବ୍ୟ ଦେବେ। ପରିବାରରେ ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ସମସ୍ୟାକୁ ଈର୍ଷାପରାୟଣ ବ୍ୟକ୍ତି ବଢ଼ାଇ ଦେଇପାରନ୍ତି।

**ମକର** – ସକାଳୁ ସକାଳୁ ନିକଟ ସମ୍ପର୍କୀୟମାନଙ୍କ ଅନୁକମ୍ପା ଲାଭ କରି କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବ। ଧନିଷ୍ଠା ନକ୍ଷତ୍ର ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସଙ୍ଗକୁ ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** – ବହୁଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ଅତି ସୁବିଧାରେ ପାଇଯିବେ। ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭ ଏବଂ ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** – ଆଜି ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। କିନ୍ତୁ ବନ୍ଧୁମାନଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସିତ ହେବେ।

ଆଜି ମାଘ ଶୁକ୍ଳ ତ୍ରୟୋଦଶୀ ଶୁକ୍ରବାର, ଫେବୃୟାରୀ ୭ ତାରିଖ, ଯୋରନ୍ଦା ଗାଦିରେ ମେଳା, ଶ୍ରୀନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ, ରାଶି ନକ୍ଷତ୍ର, ପୁନର୍ବସୁ/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୮ ।୩୮ମି. ଗତେ ଘ.୧୦ ।୫୩ମି. ମଧ୍ୟେ, ଘ.୧ ।୦୮ମି. ଗତେ ଘ.୨ ।୩୮ମି. ମଧ୍ୟେ ଅମୃତ ବେଳା। ଦିବା ଘ.୭ ।୪୫ମି. ଗତେ ଘ.୯ ।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦ ।୩୬ମି. ଗତେ ଘ.୧୨ ।୦୦ମି. ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**

**real estate**

**SALE**

ଭୁବନେଶ୍ୱର କଟଣ ୧ ଗେଟ୍ ଠାରେ Sqft.200/-, ବାଳକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440. D-68472

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-16225

ଭୁବନେଶ୍ୱର Tamando ଥାନାଠାରୁ 1k.m ଦୂରତାରେ yellowzone plot ମିଳୁଅଛି। 8594954102. D-68485

Demarketed gharabari plot sale near Sundarpada 550 per sqft. close to 100’ road. Contact: 8018516246. D-68766

Ready to move flat 2BR/3BR/4BR at Canal Road Jharpada with all modern facilities & well maintained society. Contact: 8908300260, 9437556876, Email- decor.realty@yahoo.in, Office: A/110, Saheed Nagar. D-16228

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

Pipili Puri ନୂଆ NHକୁ ଲାଗି 30ft. road ଘରବାରି, ଇଲେକ୍ଟ୍ରିସିଟି ଓ ପାଚେରୀ ସହ 720/-ରେ plot କିଣନ୍ତୁ। 7978641199. D-68776

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

ଭୁବନେଶ୍ୱର AIIMS Medical ଠାରେ 30’ ରାସ୍ତାଥାଇ yellowzone, ଘରବାରି, boundary plot ମିଳୁଅଛି। 1st possession/registration- 9937819395. D-68481

Bhubaneswar gharabari plot near SBI Colony Kesura, Koradakanta near NH side electricity, boundary immediate construction: 9438650505. D-16556

**to-let**

Room with toilet at Main Road, Soubhagyanagar for Off/ Res. 9000001508. D-67746

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-16351

**healthcare**

Ayurvedic full body massage ladies/gents smart experts therapist:- 8480939300. D-68772

Newly open full body massage by ladies, gents therapist. 8018656899 D-60868

Ayurvedic full body massage by ladies, gents therapist. 7008773793 D-60869

Refresh your mind and soul with best therapy at Orchid Salon/Spa. 9937287222. D-68775

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68773

Full body herbal massage with refreshment expert therapist. 7381239385, 06742540855. D-68983

Experience full body massage with us (expert). Call: 7377048581, 06742597822. D-68984

Herbal full body massage by smart / expert therapist. Contact: 8338067247. D-68985

Monalisa Massage Club: All types body massage with hiprofile smart lady rooms service available- 9708545108. D-16557

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68986

Body massage @ 1099 at mystic Unisex Salon and Spa. 9556978408. D-68988

Rejuvenate and Ayurvedic full body massage by smart therapist. 9114402304. D-68987

Ayurvedic full body massage ladies and gents. Contact: 9861064981. D-68778

Sai herbal spa refresh your body with smart, expert therapist. 7608062524. D-68991

Kasturi massage club, fully relaxed by expert lady, home service: 9178845612. D-68779

**business**

୪୯୯୯/– ରେ ନିଜର Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-16575


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏସ୍‌ସିବି ମେଡିକାଲରେ କେନ୍ଦ୍ରୀୟ ଟିମ୍

■ ସ୍ୱତନ୍ତ୍ର ଓ୍ୱାର୍ଡ ବୁଲିଲେ
■ କରୋନା ମୁକାବିଲା ସମୀକ୍ଷା କଲେ

କଟକ ଅଫିସ,୬।୨

କରୋନା ଭୂତାଣୁକୁ ନେଇ ଏବେ ସବୁଆଡେ ଭୟ ସୃଷ୍ଟି ହୋଇଛି। ତେବେ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା କାହାଠାରେ ଏହି ଭୂତାଣୁ ଚିହ୍ନଟ ହୋଇନାହିଁ। ତଥାପି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଷେଧମୂଳକ ପଦକ୍ଷେପ ନିଆଯାଉଛି। ଏଥିପାଇଁ କଟକ ଏସ୍‌ସିବି ମେଡିକାଲରେ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ଅନ୍ୟପକ୍ଷରେ ଓଡ଼ିଶାରେ କରୋନା ମୁକାବିଲା ସ୍ଥିତି ସମୀକ୍ଷା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଏକ ଟିମ୍ ଗୁରୁବାର ଏସ୍‌ସିବି ମେଡିକାଲ ପରିଦର୍ଶନରେ ଆସିଥିଲେ। ସେମାନେ ସ୍ୱତନ୍ତ୍ର ୱାର୍ଡ ବୁଲି ଦେଖିବା ସହ ଅନ୍ୟାନ୍ୟ ବିଷୟରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହି ଟିମ୍‌ରେ ଡା. ଶିଖା ବର୍ଦ୍ଧନ, ଡା. କପୁର ଚୌଧୁରୀ ଏବଂ ଡା. ଅନୁରାଧା ସୁଲାନିଆ ରହିଥିଲେ। ଏହି ଟିମ୍ ପରିଦର୍ଶନ ସମୟରେ ମେଡିକାଲ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ(ଡିଏମ୍‌ଇଟି) ଡା. ସିବିକେ ମହାନ୍ତି, ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସରୋଜକାନ୍ତ ସାହୁ, କରୋନା ଭୂତାଣୁ ୱାର୍ଡର ମୁଖ୍ୟ ଡା. ମନୋରଞ୍ଜନ ପଟ୍ଟନାୟକଙ୍କ ସହ ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକ ସୁଶାନ୍ତ କୁମାର କର ଉପସ୍ଥିତ ଥିଲେ। ଏହି ଅଧିକାରୀମାନେ କେନ୍ଦ୍ରୀୟ ଟିମ୍‌କୁ ୱାର୍ଡ଼ ବୁଲାଇ ଦେଖାଇବା ସହ କ'ଣ ସବୁ ପଦକ୍ଷେପ ନିଆଯାଇଛି, ବର୍ତ୍ତମାନ ସୁଦ୍ଧା ଯେଉଁ ସନ୍ଦିଗ୍ଧମାନେ ଭର୍ତ୍ତି ହୋଇଥିଲେ ସେମାନଙ୍କ ସମ୍ପର୍କରେ ତଥ୍ୟ, ନମୁନା ରିପୋର୍ଟ ଆଦି ଦେଖାଇଥିଲେ। ଡିଏମ୍‌ଇଟି ଡା. ମହାନ୍ତିଙ୍କ କହିବାନୁଯାୟୀ, କେନ୍ଦ୍ରୀୟ ଟିମ୍ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ ବ୍ୟବସ୍ଥାକୁ ନେଇ ଖୁସି ପ୍ରକାଶ କରିଥିଲେ। ୩୦ ବେଡ୍ ବିଶିଷ୍ଟ ୱାର୍ଡ ଖୋଲିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ନିର୍ଦ୍ଦେଶ ରହିଥିଲା। ହେଲେ ଏସ୍‌ସିବି ମେଡିକାଲରେ ୭୪ ବେଡ୍ ଥିବା ୱାର୍ଡ଼ ଖୋଲାଯାଇଛି। ଜଣେ ନୋଡାଲ୍ ଅଫିସର୍‌ଙ୍କୁ ନିଯୁକ୍ତି ପାଇଁ ନିର୍ଦ୍ଦେଶ ମିଳିଥିବାବେଳେ ଏହା ମଧ୍ୟ ପୂରଣ ହୋଇଛି। ମନ୍ତ୍ରଣାଳୟ ତରଫରୁ ଯେଉଁ ସବୁ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶନାମା ଆସିଥିଲା, ସେସବୁ ପୂରଣ କରିବାରେ ରାଜ୍ୟ ସରକାର ଏବଂ ବିଶେଷକରି ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ସଫଳ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା କରୋନା ଭୂତାଣୁ ଆଶଙ୍କାରେ ମୋଟ୍ ୩ଜଣ ଏସ୍‌ସିବି ମେଡିକାଲର ସ୍ୱତନ୍ତ୍ର ୱାର୍ଡ଼ରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପୁଣେ ପଠାଯାଇଥିଲା। ସେଥିମଧ୍ୟରୁ ଜଣଙ୍କ ରିପୋର୍ଟ ମିଳିଥିବାବେଳେ ଏହା ନେଗେଟିଭ୍ ରହିଛି। ଏଣୁ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଆଉ ୨ଜଣ ବର୍ତ୍ତମାନ ଏସ୍‌ସିବି ମେଡିକାଲରେ ଅଛନ୍ତି। ସେମାନଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଡା. ମହାନ୍ତି ସୂଚନା ଦେଇଛନ୍ତି।


ଏସ୍‌ସିବି ମେଡିକାଲ ପରିଦର୍ଶନରେ ଆସିଥିବା କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ।

# ଛତିଶଗଡ଼ ଓଡ଼ିଆ ଶିକ୍ଷକଙ୍କ ପାରିଶ୍ରମିକ ବଢ଼ିବ

**ଭୁବନେଶ୍ୱର,୬।୨(ବ୍ୟୁରୋ):** ଓଡ଼ିଶାର ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀ ଲୋକଙ୍କ ସମସ୍ୟା ଅନୁଧ୍ୟାନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାସହ ଛତିଶଗଡ଼ରେ ବସବାସ କରୁଥିବା ଓଡ଼ିଆଙ୍କ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେବାକୁ ଯାଉଛନ୍ତି। ମୁଖ୍ୟତଃ ଛତିଶଗଡ଼ର ୧୮୬ଟି ବିଦ୍ୟାଳୟରେ ପାଠ ପଢୁଥିବା ଓଡ଼ିଆ ପିଲାଙ୍କ ଲାଗି ସରକାର ଗୁରୁତ୍ୱ ଦେଇଛନ୍ତି। ସେହି ସ୍କୁଲଗୁଡ଼ିକରେ ଓଡ଼ିଆ ପଢାଉଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ୩ ହଜାର ଟଙ୍କା ଲେଖାଏ ପାରିଶ୍ରମିକ ମିଳୁଥିଲା। ଏବେ ତାହା ୫ହଜାର କରିବା ପାଇଁ ଛତିଶଗଡ଼ ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟିର ସବ୍‌କମିଟି-୩ ବୈଠକରେ ନିଷ୍ପତ୍ତି ନିଆଯାଇଛି। କମିଟି ଅଧ୍ୟକ୍ଷ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିଷ୍ପତ୍ତି ହୋଇଛି ଯେ, ଉକ୍ତ ୧୮୬ ସ୍କୁଲର ଓଡ଼ିଆ ଶିକ୍ଷକମାନଙ୍କ ପାରିଶ୍ରମିକ ବୃଦ୍ଧି ବାବଦରେ ଦାବି କରାଯିବ। ଏହାସହ ସେହି ଶିକ୍ଷକମାନଙ୍କ ତଦାରଖ କରୁଥିବା ସୁପରଭାଇଜରଙ୍କ ଦରମା ୭ହଜାର ଟଙ୍କା କରିବା ପାଇଁ ମଧ୍ୟ ଜୋର ଦିଆଯିବ। ସରକାର ଛତିଶଗଡ଼ର ସେହି ସ୍କୁଲଗୁଡ଼ିକରେ ପାଠ ପଢୁଥିବା ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀ ପିଲାଙ୍କ ପାଇଁ ପାଠ୍ୟପୁସ୍ତକ ଯୋଗାଇ ଦେଉଛନ୍ତି। ଏହାସହ କମିଟି ତରଫରୁ ଛତିଶଗଡ଼ର ଅଧିକ ସ୍କୁଲରେ ଓଡ଼ିଆ ପଢ଼ାଇବା ଲାଗି ଛତିଶଗଡ଼ ସରକାରଙ୍କୁ କମିଟି ଦାବି କରିଛି। ସେହିପରି ଛତିଶଗଡ଼ ସରକାରଙ୍କୁ ସର୍ବଶିକ୍ଷା ଅଭିଯାନ ଦ୍ୱାରା ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଁ କମିଟି ଦାବି କରିଥିବାବେଳେ ଏହାକୁ ସେମାନେ ଲାଗୁ କରିବାକୁ ଯାଉଛନ୍ତି ବୋଲି ଶତପଥୀ ସୂଚନା ଦେଇଛନ୍ତି।

## କରୋନା ଭାଇରସ୍ ସଚେତନତା

Brought to you by: Apollo HOSPITALS BHUBANESWAR

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଅନୁସାରେ, ୭ ଜାନୁୟାରୀ, ୨୦୨୦ରେ ଚାଇନାରେ ଏକ ନୂତନ ଧରଣର କରୋନା ଭାଇରସ୍ (୨୦୧୯ ନୋଭେଲ୍ କରୋନାଭାଇରସ୍, nCoV) ଚିହ୍ନଟ ହୋଇଛି। ୩୧ ଡିସେମ୍ବର, ୨୦୧୯ରେ ନିମୋନିଆ-ଭଳି-ଲକ୍ଷଣ ଭୋଗୁଥିବା ରୋଗୀମାନଙ୍କଠାରେ ଏହାକୁ ଚିହ୍ନଟ କରାଯାଇଥିଲା ।

**nCoV କ'ଣ ?**
କରୋନା ଭାଇରସ୍ ହେଉଛି ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥିବା ଭୂତାଣୁଗୁଡ଼ିକର ଏକ ପରିବାର। କରୋନା ଭାଇରସ୍ ସାଧାରଣ ଥଣ୍ଡାରୁ ଆରମ୍ଭ କରି ମିଡଲ୍-ଇଷ୍ଟ ରେସ୍‌ପିରେଟୋରି ସିଣ୍ଡ୍ରୋମ୍ ଏବଂ ସିଭିୟର୍ ଆକ୍ୟୁଟ୍ ରେସ୍‌ପିରୋଟୋରି ସିଣ୍ଡ୍ରୋମ୍ (ସାର୍ସ) ର କାରଣ ସାଜିପାରେ । ଏହି ଭୂତାଣୁ ପୂର୍ବରୁ କେବେ ମଣିଷଙ୍କ କ୍ଷେତ୍ରରେ ଚିହ୍ନଟ ହୋଇ ନ ଥିଲା । ଦ୍ରୁତ ବ୍ୟାପ୍ତତା ଓ ନୂଆ ଗୁଣଧର୍ମ ହାସଲ କରିବାର ସାମର୍ଥ୍ୟ କାରଣରୁ ଏହା କୁଖ୍ୟାତି ଲାଭ କରିଛି।

**କରୋନା ଭାଇରସ୍ ବା nCoV ସଂକ୍ରମଣର ଲକ୍ଷଣଗୁଡ଼ିକ କ'ଣ ?**
ସୂଚନା ଅନୁଯାୟୀ, ଲକ୍ଷଣଗୁଡ଼ିକ ମଧ୍ୟରେ ଜ୍ୱର, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଅନ୍ତର୍ଭୁକ୍ତ । ଛାତି ଏକ୍ସ-ରେ'ରେ ଉଭୟ ଫୁସ୍‌ଫୁସ୍‌ରେ ଇନ୍‌ଭେସିଭ୍ ନ୍ୟୁମୋନିକ୍ ଅତିକ୍ରମଣ ସୁସ୍ପଷ୍ଟ ହୋଇଛି । ପ୍ରଭାବିତ ଭୌଗୋଳିକ ଅଞ୍ଚଳକୁ ଭ୍ରମଣ ଇତିହାସକୁ ଛାଡ଼ିଦେଲେ ଏହାକୁ ଅନ୍ୟାନ୍ୟ ଶ୍ୱାସକ୍ରିୟାଗତ ସଂକ୍ରମଣଠାରୁ ବାରି ହୁଏନାହିଁ ।

**ଅସୁସ୍ଥତାର ଅଗ୍ରଗତି କ'ଣ ?**
ଏବେ ସୁଦ୍ଧା, ପ୍ରାଥମିକ ଭାବେ ଚାଇନାର ଉହାନ୍ ସହରରେ ନୂତନ କରୋନା ଭାଇରସ୍‌ର ୪୧ରୁ ଉର୍ଦ୍ଧ୍ୱ ମାମଲା ଚିହ୍ନଟ ହୋଇଛି। ରିପୋର୍ଟ ହୋଇଥିବା ୪୧ ଗୋଟି ମାମଲା ମଧ୍ୟରୁ ଦୁଇଜଣଙ୍କ ମୃତ୍ୟୁ ଏବଂ ଅତିକମ୍‌ରେ ଜଣେ ରୋଗୀଙ୍କର ଅନ୍ୟାନ୍ୟ ନିହିତ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ମିଳିଛି । ସାତଜଣ ଗୁରୁତର ଭାବେ ଅସୁସ୍ଥ ଥିବା ବେଳେ, ଛଅଜଣ ରୋଗୀଙ୍କୁ ଚିକିତ୍ସାଳୟରୁ ଡିସ୍‌ଚାର୍ଜ କରାଯାଇଛି। ଜାନୁୟାରୀ ଶେଷ ସପ୍ତାହରେ ଚାଇନିଜ୍ ନୂଆବର୍ଷ ସମୟରେ ଲୋକଙ୍କ ବହୁଳ ଯାତାୟାତକୁ ଧ୍ୟାନରେ ରଖିଲେ, ଅନ୍ୟାନ୍ୟ ସ୍ଥାନରେ ଉକ୍ତ ଭାଇରସ୍ ମାମଲାର ରିପୋର୍ଟ ହେବାର ସମ୍ଭାବନା ବୃଦ୍ଧି ପାଇଛି ।




**ସଂକ୍ରମଣ କିପରି ବ୍ୟାପିଥାଏ ?**
କଥିତ ଭୂତାଣୁ ସଞ୍ଚାରର ସାମର୍ଥ୍ୟ ଏବଂ ସଞ୍ଚାରର ପଦ୍ଧତି ଏବେ ସୁଦ୍ଧା ମଧ୍ୟ ଅଜଣା । ହସ୍ତଗତ ପ୍ରମାଣ ଅନୁଯାୟୀ ଭୂତାଣୁର ପ୍ରକୋପର ଉତ୍ପତ୍ତି ମୁଖ୍ୟତଃ ଉହାନ୍ ସହରର ଏକ ସାମୁଦ୍ରିକ ଖାଦ୍ୟ ବଜାର ସହ ସମ୍ପୃକ୍ତ । ପ୍ରଭାବିତ ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ହୁଆନାନ୍ ସି'ଫୁଡ୍ ହୋଲ୍‌ସେଲ୍ ମାର୍କେଟ୍‌ର କର୍ମଚାରୀ ଓ ସେଠାକୁ ନିୟମିତ ଯା'ଆସ କରୁଥିବା ବ୍ୟକ୍ତିବିଶେଷ ବୋଲି ଜଣାପଡ଼ିଛି । ପ୍ରାଥମିକ ମହାମାରୀ ପରୀକ୍ଷାରୁ ଏହା ପ୍ରାଣୀଜାତ ରୋଗ ଭାବେ ମଧ୍ୟ ପ୍ରତୀତ ହେଉଛି। ତଥାପି, ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସଂକ୍ରମଣ ମଣିଷଙ୍କଠାରୁ ମଣିଷଙ୍କୁ ବ୍ୟାପିବାର ସମ୍ଭାବନା ଅତି ଉଚ୍ଚ ବୋଲି ବିବେଚନା କରାଯାଉଛି । ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଏବେ ସୁଦ୍ଧା ଏପରି କୌଣସି ମାମଲାର ସୂଚନା ହସ୍ତଗତ ହୋଇନାହିଁ ।
୨୦୧୯-nCoV ପାଇଁ ତଦନ୍ତ ଅଧୀନ ରୋଗୀ (ପିୟୁଆଇ)ଙ୍କ ମୂଲ୍ୟାୟନର ମାନଦଣ୍ଡ କ'ଣ (ସୌଜନ୍ୟ- ସିଡିସି ୨୦୨୦) ?
- ଜ୍ୱର ଏବଂ ସାମାନ୍ୟ ଶ୍ୱାସକ୍ରିୟା ଅସୁସ୍ଥତା (ଯଥା କାଶ, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଏବଂ ଲକ୍ଷଣଗୁଡ଼ିକ ଦେଖାଯିବାର ୧୪ ଦିନ ପୂର୍ବରୁ ଚାଇନାର ଉହାନ୍ ସହର ପରିଦର୍ଶନର ଇତିହାସ ।
- ଲକ୍ଷଣଗୁଡ଼ିକ ଦେଖାଯିବାର ୧୪ ଦିନ ପୂର୍ବରୁ, ଅସୁସ୍ଥ ତଥା ୨୦୧୯-nCoV ତଦନ୍ତ ଅଧୀନ ବ୍ୟକ୍ତିଙ୍କ ନିକଟ ସଂସ୍ପର୍ଶ।
- ଜ୍ୱର କିମ୍ବା ସାମାନ୍ୟ ଶ୍ୱାସକ୍ରିୟା ଅସୁସ୍ଥତା (ଯଥା କାଶ, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ) ଏବଂ ବିଗତ ୧୪ ଦିନ ମଧ୍ୟରେ ପରୀକ୍ଷାଗାର ଦ୍ୱାରା ସୁନିଶ୍ଚିତ ୨୦୧୯-nCoV ରୋଗୀଙ୍କ ସହ ନିକଟ ସଂସ୍ପର୍ଶ।

(କ୍ରମଶଃ...)

ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ୍ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬

# ଠିକାଦାର ଦିଲୀପ, ଇସ୍କନ ବିରୋଧରେ ପୃଥକ୍ ମାମଲା

ପୁରୀ ଅଫିସ,୬।୨

ଭୁବନେଶ୍ୱର ବିମାନବନ୍ଦରରେ ନିର୍ମାଣାଧୀନ କୋଠାର ଛାତ ଭୁଶୁଡ଼ିବା ଘଟଣାରେ ଗିରଫ ହୋଇ ଝାରପଡ଼ା ଜେଲରେ ଥିବା ଠିକାଦାର ଦିଲୀପ ଖଟେଇଙ୍କ ବିରୋଧରେ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଗୁରୁବାର ଏସ୍‌ଡିଜିଏମଙ୍କ କୋର୍ଟରେ ଅଭିଯୋଗ କରିଛନ୍ତି। ଏନେଇ ୱାନସିସି କେସ୍ ନଂ. ୬୯/୨୦୨୦ ରୁଜୁ ହୋଇଛି। ସେହିପରି ମୁମ୍ବାଇରେ ଅଦିନିଆ ରଥଯାତ୍ରା ଆୟୋଜନ କରିଥିବା ଇସ୍କନ ବିରୋଧରେ ମଧ୍ୟ ପଟ୍ଟନାୟକ କୋର୍ଟରେ ଅଭିଯୋଗ କରିଛନ୍ତି। ଏନେଇ ୱାନସିସି କେସ୍ ନଂ. ୬୯/୨୦୨୦ ରୁଜୁ ହୋଇଛି।

୨୦୧୫ ନବକଳେବର ସମୟରୁ ଗୁରୁବାର ପର୍ଯ୍ୟନ୍ତ ପୁରୀରେ କାର୍ଯ୍ୟ କରିଥିବା ଠିକାଦାର ଦିଲୀପଙ୍କ ସମସ୍ତ କାର୍ଯ୍ୟର ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚ ସ୍ତରୀୟ ତଦନ୍ତ ଲାଗି ପଟ୍ଟନାୟକ କୋର୍ଟରେ ପ୍ରାର୍ଥନା କରିଛନ୍ତି। ସେ ଦର୍ଶାଯାଇଛନ୍ତି ଯେ, ୨୦୧୫ ନବକଳେବର ସମୟରେ ୨ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ହରିଲୁଟ୍ କରାଯାଇଛି। ଶ୍ରୀମନ୍ଦିର ଜଗମୋହନ ମରାମତି ଲାଗି ୧୦କୋଟି, ନବକଳେବର ନୂତନ କାର୍ଯ୍ୟାଳୟ ଲାଗି ୫କୋଟି, ଭକ୍ତଙ୍କ ଲାଗି ଉଦ୍ଦିଷ୍ଟ ନୂତନ ଟେଷ୍ଟ, ଟାଉନ ଥାନା ଅଧୀନ ନୀଳାଚଳ ଭକ୍ତ ନିବାସ ପାଇଁ ୧୫କୋଟି, ଅନ୍ୟାନ୍ୟ ନିର୍ମାଣ ଲାଗି ୫୦କୋଟି, ହବିଷ୍ୟାଳି କୋଠା ନିର୍ମାଣ ପାଇଁ ୩୩କୋଟି, ପୁରୁଣା ଜେଲ ରୋଡ ଭକ୍ତ ନିବାସ ଲାଗି ୨୦କୋଟି, ବହୁତଳ ପାର୍କିଂ ଲାଗି ୧୧୩ କୋଟି, ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଲାଗି ୪୪କୋଟି ଟଙ୍କାର କାର୍ଯ୍ୟାଦେଶ ଠିକାଦାର ଦିଲୀପ ବିନା ଟେଣ୍ଡରରେ ପାଇଛନ୍ତି। ଦିଲୀପ ଓ କେତେଜଣ ସରକାରୀ କର୍ମଚାରୀ ମିଳିମିଶି ସରକାରୀ ଅର୍ଥ ତୋସରପାତ କରିଛନ୍ତି ବୋଲି ପଟ୍ଟନାୟକ କୋର୍ଟରେ ଦାଖଲ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଭୁବନେଶ୍ୱର ବିମାନବନ୍ଦରର ନିର୍ମାଣାଧୀନ ଛାତ ଭୁଶୁଡ଼ିବା ଘଟଣାରୁ ସନ୍ଦେହ ହେଉଛି ଯେ, ଦିଲୀପ ଅତୀତରେ ଶ୍ରୀକ୍ଷେତ୍ରରେ କରିଥିବା ଅନେକ ସରକାରୀ କାର୍ଯ୍ୟ ମଧ୍ୟ ନିମ୍ନମାନର ହୋଇଥାଇପାରେ। ଏବେ ପୁଣି ତାଙ୍କୁ ଶ୍ରୀକ୍ଷେତ୍ର ଐତିହ୍ୟ କରିଡର ଲାଗି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେବାକୁ ସରକାରୀ ସ୍ତରରେ ମସୁଧା ଚାଲିଛି। ଦିଲୀପ ବଡ଼ ନେତାଙ୍କ ଛତ୍ରଛାୟା ରହିଛନ୍ତି। ଫଳରେ ପୂର୍ବରୁ ତାଙ୍କ ବିରୋଧରେ ସିଂହଦ୍ୱାର, ଟାଉନଥାନା, କୁମ୍ଭାରପଡ଼ା ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ କୌଣସି ମାମଲା ରୁଜୁ ହୋଇନାହିଁ। ତେଣୁ ଦିଲୀପଙ୍କ ସମସ୍ତ କାର୍ଯ୍ୟର ଭିଜିଲାନ୍ସ ଅଥବା କ୍ରାଇମବ୍ରାଞ୍ଚ ସ୍ତରୀୟ ତଦନ୍ତ କରାଯାଉ ବୋଲି ପଟ୍ଟନାୟକ କୋର୍ଟକୁ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ଇସ୍କନ ବିରୋଧରେ ଆଇନଜୀବୀ ପଟ୍ଟନାୟକ ଦର୍ଶାଇଛନ୍ତି ଯେ, ଇସ୍କନ ପକ୍ଷରୁ ଗତ ଜାନୁୟାରୀ ୩୦ରେ ମୁମ୍ବାଇରେ ଅଦିନିଆ ରଥଯାତ୍ରା ଆୟୋଜନ ହୋଇଥିଲା। ଏହା କୋଟି କୋଟି ଭକ୍ତଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଛି। ତେଣୁ ଇସ୍କନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ କୋର୍ଟକୁ ନିବେଦନ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ରୀତିନୀତି, ଶାସ୍ତ୍ର, ପୁରାଣ ଅନୁଯାୟୀ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ହୋଇଥାଏ। କିନ୍ତୁ ଇସ୍କନ ପକ୍ଷରୁ ବିଭିନ୍ନ ସମୟରେ ରଥଯାତ୍ରା କରାଯାଉଛି। ଏହାଦ୍ୱାରା ଗୋଷ୍ଠୀ ଏବଂ ଧାର୍ମିକ ସଂଘର୍ଷ ଘଟିବା ଆଶଙ୍କା ରହିଛି। ପୂର୍ବରୁ ଏ ନେଇ ପୁରୀ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ତେବେ ଏହା ବାହାର ରାଜ୍ୟରେ ହୋଇଥିବାରୁ ପୋଲିସ କୌଣସି ପଦକ୍ଷେପ ନେବାକୁ କୁଣ୍ଠାବୋଧ କରୁଛି। ତେଣୁ ଇସ୍କନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ପଟ୍ଟନାୟକ କୋର୍ଟଙ୍କୁ ନିବେଦନ କରିଛନ୍ତି।

RED CHIEF SHOES
RETAILER BONUS SCHEME
(1st Dec 2019 - 31st Mar 2020)
FURO SPORTS SHOES
IMPORTANT NOTICE
Dear Retailers, This is to inform you that because of some internal reasons, Company has discontinued "Retailer Bonus Scheme" effective 1 February (earlier announced vide print publication dated 12 Jan 2020) i.e. not applicable for February & March 2020.
For further clarification - Please contact your respective distributor.

## ଜିଲା ଚିଠି
## ଅନୁଗୋଳ



### ମିଳୁନି ଟୋକନ

ପଞ୍ଜୀକୃତ ଚାଷୀଙ୍କୁ ଟୋକନ ପ୍ରଦାନରେ ଅବ୍ୟବସ୍ଥା ଯୋଗୁ ଅନୁଗୋଳ ଜିଲାରେ ଧିମେଇଛି ଧାନକିଣା। ମଣ୍ଡି ଖୋଲିବାର ଦେଢ଼ମାସ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଧାର୍ଯ୍ୟଲକ୍ଷ୍ୟର ଅଧା ବି ଧାନ କିଣା ହୋଇନି। କେତେଜଣ ଚାଷୀଙ୍କୁ ନିୟମିତ ବ୍ୟବଧାନରେ ତଥା ପର୍ଯ୍ୟାୟ କ୍ରମେ ଟୋକନ ମିଳୁଥିବା ବେଳେ ଆହୁରି ବହୁ ଚାଷୀ ଅଦ୍ୟାବଧି ଟୋକନକୁ ଅପେକ୍ଷା କରି ରହିଛନ୍ତି। ଫଳରେ ସେମାନେ ଧାନ ବିକ୍ରି କରିବାରେ ସମସ୍ୟାରେ ପଡୁଛନ୍ତି। ଏହାର ସମାଧାନ ଶୀଘ୍ର କରିବା ପରିବର୍ତ୍ତେ ଜିଲା ଯୋଗାଣ ବିଭାଗ ହାତ ଟେକିଦେଇଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଧାନ ବିକ୍ରିକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ସରକାର ପ୍ରଥମ ଥର ପାଇଁ ଟୋକନ୍ ବ୍ୟବସ୍ଥା କରିଛନ୍ତି। ମାତ୍ର ଏହି ବ୍ୟବସ୍ଥା ବ୍ୟବସ୍ଥିତ ଢଙ୍ଗରେ ହେଉ ନ ଥିବାରୁ ଚାଷୀ ଧାନ ବିକ୍ରି କରିବାରେ ହଇରାଣ ହେଉଛନ୍ତି। ବିଲରୁ ଧାନ ଅମଳ କରିବାର ପ୍ରାୟ ୨ ମାସ ବିତିଯାଇଥିବାବେଳେ ମଣ୍ଡିରେ ରଖିବା ପାଇଁ ଜାଗା ନାହିଁ। ଫଳରେ ଖୋଲା ଆକାଶତଳେ କାକର, ବର୍ଷାରେ ପଡ଼ିରହି ଧାନ ଅନେକ ସମୟରେ ଭିଜିଯାଉଥିବା ଦେଖାଯାଉଛି। ଏପରି ସ୍ଥିତିରେ ଶୀଘ୍ର ଧାନ ବିକ୍ରି କରିବାକୁ ଚାଷୀ ଚାହୁଁଥିଲେ ବି ଟୋକନ ନ ମିଳିବା ସମସ୍ୟାକୁ ବଢ଼ାଇ ଦେଉଛି। ଖାସ୍ ଏହି କାରଣରୁ ଡିସେମ୍ବର ୧୬ରେ ଖୋଲାଯାଇଥିବା ମଣ୍ଡିରେ ଧାନ ବିକ୍ରି କରିବାକୁ ୨୬ ହଜାର ୮୬୦ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବାବେଳେ ଏ ପର୍ଯ୍ୟନ୍ତ ମାତ୍ର ୧୨ ହଜାର ୯୦୯ ଜଣ ୪ ଲକ୍ଷ ୯୬ ହଜାର କୁଇଣ୍ଟାଲ ଧାନ ବିକ୍ରି କରିପାରିଛନ୍ତି। ମଣ୍ଡି ଆରମ୍ଭରୁ ବାରମ୍ବାର ଟୋକନ୍ ପାଇଁ ଆବେଦନ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତେବେ ଚାଷୀଙ୍କ ଆଧାରକାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ମେଳ ଖାଉ ନ ଥିବାରୁ ଟୋକନ ଆସିପାରୁ ନ ଥିବା କୁହାଯାଉଛି। ଜିଲା ଯୋଗାଣ ବିଭାଗ କହିଛି, ଯେତିକି ଟୋକନ ଆସୁଛି ସେହି ଆଧାରରେ ଧାନ କିଣାଯାଉଛି। ପ୍ରଥମ ପର୍ଯ୍ୟାୟରେ ୭ ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ୍ ଆସିଥିଲା। ଏବେ ଟାର୍ଗେଟର ୭୫ ପ୍ରତିଶତ କିଣା ସରିଛି। ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ ମଗାଯିବ। ଅବଶ୍ୟ ଗତବର୍ଷ ତୁଳନାରେ ଧାନକିଣା ଧିମେଇଛି ତଥାପି ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଟୋକନ ଅନୁସାରେ ଧାନ କିଣାଯାଉଛି। ପୂର୍ବରୁ ଚାଷୀମାନେ ପ୍ୟାକ୍ସ ସମ୍ପାଦକଙ୍କ ସହ କଥା ହୋଇ ଧାନ ବିକୁଥିଲେ। ହେଲେ ଏହାକୁ ଶୃଙ୍ଖଳିତ କରିବା ପାଇଁ ଟୋକନ ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ସମୟ ଲାଗୁଛି। ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ଧାନ କିଣାଯିବାକୁ ଥିବାରୁ ଏହାକୁ ନେଇ ବ୍ୟସ୍ତ ନ ହେବାକୁ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି।

– ଅମିତ କୁମାର ସାମଲ


# ବଧିର ବିଦ୍ୟାଳୟରେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୬।୨(ବ୍ୟୁରୋ)

ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ରାଜଧାନୀର ୟୁନିଟ୍-୩ ଅଞ୍ଚଳସ୍ଥିତ ବିପିନ ବିହାରୀ ଚୌଧୁରୀ ବଧିର ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସମସ୍ୟା, ସୁବିଧା ଓ ଅସୁବିଧା ସମ୍ପର୍କରେ ବୁଝିବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଦାଶ ବିଦ୍ୟାଳୟର ଶ୍ରେଣୀଗୃହଗୁଡ଼ିକ ବୁଲି ଦେଖିବା ସହିତ ସ୍କୁଲ ପରିସରରେ ଛାତ୍ରୀଛାତ୍ରମାନଙ୍କ ଗହଣରେ ମଧ୍ୟାହ୍ନ ଭୋଜନ କରିଛନ୍ତି। ଅନ୍ୟପଟେ ମନ୍ତ୍ରୀ ଦାଶ ଏହି ଅବସରରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପରଷିବା ସାଙ୍ଗକୁ ସେମାନଙ୍କ ସହ ଏକ ମିଳିତ ଫଟୋ ଉଠାଇଛନ୍ତି।


# ବେତନଟୀ ଥାନା ଏସ୍‌ଆଇ ନିଲମ୍ବିତ

ବେତନଟୀ, ୬।୨(ଡି.ଏନ୍.ଏ.)


ସଚ୍ଚିଦାନନ୍ଦ କିଷାନ

ମୟୂରଭଞ୍ଜ ଜିଲା ବେତନଟୀ ଥାନା ସବ୍ ଇନ୍ସପେକ୍ଟର (ଏସଆଇ) ସଚ୍ଚିଦାନନ୍ଦ କିଷାନଙ୍କୁ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ମଙ୍ଗଳବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ସମ୍ପର୍କିତ ଏସପିଙ୍କ ଅର୍ଡର (ନଂ.୨୪୪/ ୫।୨।୨୦୨୦) କପି ବେତନଟୀ ଥାନା ଆଇଆଇସି ଅଶୋକ ନାୟକ ଏବଂ ଏସଡିପିଓ ଲଳିତ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ମଙ୍ଗଳବାର ରାତିରେ ଏସ୍‌ଆଇ କିଷାନ ବେତନଟୀ ଥାନା ଛକରେ ନିଶାଶକ୍ତ ଅବସ୍ଥାରେ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବେତନଟୀ ଥାନାରେ ଛାଡ଼ିଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ସ୍ଥାନୀୟ ଲୋକେ ଏନେଇ ମୟୂରଭଞ୍ଜ ଏସ୍‌ପିଙ୍କୁ ଅବଗତ କରାଇଥିଲେ। ଏସ୍‌ପି ଘଟଣା ସମ୍ପର୍କରେ ଜାଣିବା ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ଏନେଇ ଥାନା ଆଇଆଇସି ଅଶୋକ ନାୟକଙ୍କୁ ପଚାରିବାରୁ ନିଲମ୍ବିତ ଏସଆଇଙ୍କୁ ସେ ବାରମ୍ବାର ତାଗିଦ କରିଥିଲେ ମଧ୍ୟ ସେ ସୁଧୁରି ନ ଥିଲେ ବୋଲି କହିଛନ୍ତି।

ଆଜି ଏମ୍ ଆର୍ ଏଫ୍ ଟାୟାର ଓଡଗାଁ ରେ ଏକ୍ସକ୍ଲୁସିଭ୍ ଶୋ'ରୁମ୍ ଖୋଲୁଅଛି ।




ଶ୍ରୀ ରଘୁନାଥ ଟାୟାର୍ସ
ଏମ୍ ଆର୍ ଏଫ୍ ଏକ୍ସକ୍ଲୁସିଭ୍ ଶୋ'ରୁମ୍
ବହଡପିଠ, ରଙ୍ଗନିପାଟଣା, ଓଡଗାଁ

ଆଜି ଗୋଟିଏ ବିଶିଷ୍ଟ ଶୋ'ରୁମ୍ ଖୋଲୁଛି, ଯେଉଁଠି ଓଡଗାଁ ଯାନ ଚାଳକମାନଙ୍କ ପାଇଁ, ଟାୟାର କିଣିବାର ଏକ ନୂଆ ଅନୁଭବ ମିଳିବ । ଏହି ଶୋ'ରୁମ୍‌ରେ ଆପଣଙ୍କ ପସନ୍ଦିଆ ଏମ୍ ଆର୍ ଏଫ୍ ଟାୟାର ଓ ଟ୍ୟୁବ୍‌ସ ବ୍ୟବହାରର ସମସ୍ତ ସୂଚନା ରଖା ଯାଇଛି, ଏବଂ ଉତ୍ତମ ସେବା ଯୋଗେଇବାର ବ୍ୟବସ୍ଥା ବି ରହିଛି, ଯେପରିକି ଆପଣଙ୍କ ଟାୟାର ଦୀର୍ଘ ଦିନ ପର୍ଯ୍ୟନ୍ତ ସଫଳତା ପୂର୍ବକ ଆପଣଙ୍କ ସେବା କରିପାରିବ ।
ତେଣୁ ବିଚାରରେ ସମୟ ନଷ୍ଟ କରନ୍ତୁ ନାହିଁ । ଟାୟାର ଆବଶ୍ୟକ ହେଲେ ଶ୍ରୀ ରଘୁନାଥ ଟାୟାର୍ସ ଆଡକୁ ଗାଡି ବୁଲାନ୍ତୁ ଆଉ ତତ୍ପର ଓ ଉତ୍ସାହପୂର୍ଣ୍ଣ ଗ୍ରାହକ ସେବାର ଲାଭ ନିଅନ୍ତୁ ।

ଉଦ୍‌ଘାଟନ ଆଜି: 11:30 AM

ଶ୍ରୀ ରଘୁନାଥ ଟାୟାର୍ସ
Plot ନଂ-289, ବହଡପିଠ,
ରଙ୍ଗନିପାଟଣା, ଓଡଗାଁ,
ନୟାଗଡ, ଓଡିଶା - 752 081.
Mobile: 97781 94440, 87636 44556

MRF TYRES Tyres with Muscle

ଡିଲରସିପ୍, ଅନୁସନ୍ଧାନ, ଦୟାକରି ଏମ୍ ଆର୍ ଏଫ୍ ଲିମିଟେଡ ଟୋଲ୍‌ଫ୍ରୀ ନଂ 1800 419 4888 ରେ ସମ୍ପର୍କ କରନ୍ତୁ ।
www.mrftyres.com

For further assistance, contact: write2us@mrfmail.com
Like us at: https://www.facebook.com/mrfcorporate Follow us at: twitter.com/MRFWorldwide

# ସ୍ପଷ୍ଟ କର

## ଆଜିର ଅର୍ଥନୀତି

କେନ୍ଦ୍ର ବଜେଟ ଉପସ୍ଥାପନ ବେଳେ ସାଧାରଣ ଲୋକମାନେ ବ୍ୟକ୍ତିଗତ ଆୟକରରେ କ'ଣ ପରିବର୍ତ୍ତନ ଘଟୁଛି, ତାହା ଜାଣିବା ପାଇଁ ସବୁବେଳେ ଉତ୍ସୁକତା ପ୍ରକାଶ କରିଥାନ୍ତି। ଏଥିପାଇଁ ସେମାନେ ଆଗ୍ରହର ସହ ଅର୍ଥମନ୍ତ୍ରୀଙ୍କ ବଜେଟ ଭାଷଣ ଶୁଣନ୍ତି। କିନ୍ତୁ ବଜେଟ ଉପସ୍ଥାପନ ପରେ ଇତିମଧ୍ୟରେ ପ୍ରାୟ ସପ୍ତାହେ ବିତିଯାଇଥିଲେ ମଧ୍ୟ ବ୍ୟକ୍ତିଗତ ଆୟକରରେ ସରକାର କ'ଣ ପରିବର୍ତ୍ତନ କରିଛନ୍ତି, କି ନୂଆ ବ୍ୟବସ୍ଥା ଖଞ୍ଜିଛନ୍ତି ସେ ନେଇ ସାଧାରଣ ଲୋକମାନେ ସ୍ପଷ୍ଟ ହୋଇପାରୁ ନାହାନ୍ତି। ଏ ବ୍ୟାପାରରେ ଏତେ ଅସ୍ପଷ୍ଟତା ଆଗରୁ କେବେ ଦେଖାଯାଇ ନ ଥିଲା। ସ୍ୱୟଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ତାଙ୍କ ବଜେଟ ଭାଷଣ ପରେ ଗଣମାଧ୍ୟମକୁ ବିବୃତି ଦେବା ଅବସରରେ ଏହା ସ୍ୱୀକାର କରିଛନ୍ତି। ସେ କହିଲେ ଯେ ଟିକସ ପ୍ରସ୍ତାବରେ ଯେଉଁ ପରିବର୍ତ୍ତନ କରାଯାଇଛି, ସେଥିରେ ଆଉ କିଛି ସ୍ପଷ୍ଟତା ଦରକାର ପଡୁଛି ଏବଂ ତାଙ୍କ ବିଭାଗ ସେ ଦିଗରେ ଖୁବ୍‌ଶୀଘ୍ର କାର୍ଯ୍ୟ କରିବେ। ତେଣୁ ନିଜ ବିଭାଗ ପକ୍ଷରୁ ବ୍ୟକ୍ତିଗତ ଆୟକରର ନିୟମାବଳୀକୁ ସ୍ପଷ୍ଟ ନ କରି ବଜେଟରେ ଘୋଷଣା କରିବା ବିଭ୍ରାନ୍ତିକର। ସୀତାରାମନ୍ ଏକ ବିକଳ୍ପ ଦେଲେ: ଚାହିଁଲେ ଆମେ ପୁରୁଣା ଟିକସ ବ୍ୟବସ୍ଥାକୁ ଆପଣେଇ ପୁରୁଣା ନିୟମରେ ଛାଡ଼ ଓ କାଟର ସୁବିଧା ପାଇବା କିମ୍ବା ନୂଆ ସରଳୀକୃତ ଟିକସ ବ୍ୟବସ୍ଥାରେ କର ପ୍ରଦାନ କରିପାରିବା, ଯେଉଁଥିରେ କିଛି ଛାଡ଼ ନାହିଁ କି କାଟ ନାହିଁ। ଅର୍ଥମନ୍ତ୍ରୀ ଦାବି କରିଛନ୍ତି ଯେ, ୧୦୦ ପ୍ରକାର ଛାଡ଼ ମଧ୍ୟରୁ ସେ ୭୦ଟା ଉଚ୍ଛେଦ କରିଦେଇଛନ୍ତି। ଅର୍ଥାତ୍ ଆହୁରି ୩୦ ପ୍ରକାର ଛାଡ଼ ନିୟମ ରହିଛି, ଯାହା ପ୍ରଚଳିତ ଟିକସ ବ୍ୟବସ୍ଥା ପାଇଁ ପ୍ରଯୁଜ୍ୟ। ତେଣୁ କେଉଁ ଛାଡ଼ ଓ କାଟଗୁଡ଼ିକ ରହିଲା ଏବଂ କେଉଁଗୁଡ଼ିକ ହଟିଲା ତାହାର ପୁଙ୍ଖାନୁପୁଙ୍ଖ ବିବରଣୀ ନ ଜାଣିବା ଯାଏ ଜଣେ ଟିକସଦାତା ଜାଣିପାରିବନି ତା'ପାଇଁ ନୂଆ ବ୍ୟବସ୍ଥାଟା ଭଲ ନା ପୁରୁଣା ବ୍ୟବସ୍ଥାଟା ଭଲ। ବର୍ତ୍ତମାନର ଟିକସଦାତାମାନେ ଟିକସ ବଞ୍ଚାଇବା ପାଇଁ ବିଭିନ୍ନ ଭାବରେ ସଞ୍ଚୟ କରିଥାନ୍ତି ଏବଂ ତାହା ଆୟକର ଆଇନର ୮୦ସି ଧାରା ଅନୁସାରେ ଛାଡ଼ କରାଯାଇଥାଏ। ଯେହେତୁ ନୂଆ ଟିକସ ବ୍ୟବସ୍ଥାରେ କୌଣସି ସଞ୍ଚୟର ଲାଭ ମିଳିବ ନାହିଁ, ଟିକସଦାତାମାନେ ଏହି ବ୍ୟବସ୍ଥାରେ ସଞ୍ଚୟ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ଗୃହଋଣ ସୁଧ ବାବଦକୁ ଯେଉଁ ଛାଡ଼ ମିଳୁଥିଲା ତାହା ଆଉ ମିଳିବ କି ନାହିଁ ସ୍ପଷ୍ଟ କରାଯାଇ ନାହିଁ। ବିଭିନ୍ନ ଭାବରେ ସଞ୍ଚୟ କରିବାକୁ ଆୟକର ବ୍ୟବସ୍ଥାରେ ଯେଉଁ ପ୍ରୋତ୍ସାହନ ମିଳୁଥିଲା ତାକୁ ଉଠାଇନେବା ଦ୍ୱାରା ମଧ୍ୟବିତ୍ତ ଓ ବେତନଭୋଗୀ କର୍ମଚାରୀମାନେ ବିଶେଷ ଭାବେ ପ୍ରଭାବିତ ହେବେ। ୨୦୧୨ରେ ମୋଟ ସଞ୍ଚୟ ହାର ପ୍ରାୟ ୩୬ ପ୍ରତିଶତ ଥିବା ବେଳେ ତାହା ହ୍ରାସ ପାଇ ଏବେ ୩୦ ପ୍ରତିଶତ ହୋଇଛି।

ଆୟକର ଆଇନର ୮୦ସି ଧାରା ଅନୁସାରେ ଛାଡ଼ ବ୍ୟବସ୍ଥାକୁ ଉଠାଇଦେବା ଏକ ଉତ୍ତମ ପଦକ୍ଷେପ ନୁହେଁ। ୮୦ସି ଧାରା ଅନୁସାରେ ଛାଡ଼ ବ୍ୟବସ୍ଥା ରହିବାରୁ ଲୋକମାନେ ତାଙ୍କ ବୃଦ୍ଧାବସ୍ଥା ପାଇଁ ସଞ୍ଚୟ କରିବାକୁ ଉତ୍ସାହିତ ହେଉଥିଲେ। ଏହା ଏକ ସାମାଜିକ ସୁରକ୍ଷା ନେଟ୍‌ୱାର୍କ ପରି କାମ କରୁଥିଲା। ଭାରତୀୟ ଗୃହସ୍ଥମାନେ ସାଧାରଣତଃ ଦୂରଦୃଷ୍ଟିସମ୍ପନ୍ନ ନୁହନ୍ତି ଏବଂ ବୃଦ୍ଧାବସ୍ଥା ପାଇଁ ଯଥେଷ୍ଟ ସଞ୍ଚୟ କରନ୍ତି ନାହିଁ। ବିଶେଷତଃ ବେତନଭୋଗୀ କର୍ମଚାରୀମାନେ ବୀମା, ଭବିଷ୍ୟନିଧି ବା ପେନ୍‌ସନ ପରି ଦୀର୍ଘମିଆଦୀ ଯୋଜନାରେ ସଞ୍ଚୟ କରିବାକୁ ବାଧ୍ୟ ହେଉଥିଲେ କାରଣ ଏହାଦ୍ୱାରା ସେମାନେ ଟିକସ ହ୍ରାସ ପରି ତତ୍କାଳ ଲାଭ ପାଉଥିଲେ। ନୂଆ ଟିକସ ବ୍ୟବସ୍ଥାରେ ଏହି ସୁବିଧାକୁ ଉଠାଇ ଦିଆଯାଇଛି। ପୁଣି ଭାରତ ପରି ଏକ ବିକାଶଶୀଳ ଦେଶରେ ଭିତ୍ତିଭୂମି କ୍ଷେତ୍ରରେ ନିବେଶ ପାଇଁ ଏହି ଦୀର୍ଘମିଆଦୀ ସଞ୍ଚୟର ଉପଯୋଗିତା ଓ ଆବଶ୍ୟକତା ରହିଛି। ଲୋକଙ୍କୁ ବୃଦ୍ଧାବସ୍ଥା ପାଇଁ ସଞ୍ଚୟ କରିବାକୁ ପ୍ରୋତ୍ସାହିତ ନ କରି ସରକାର ଭୁଲ କରୁଛନ୍ତି। ସରକାର ଭାବୁଛନ୍ତି ଲୋକମାନେ ସଞ୍ଚୟ ନ କରି ହାତରେ ଅଧିକ ଅର୍ଥ ରଖିଲେ ତାହା ସ୍ୱାଭାବିକ ଭାବେ ଖର୍ଚ୍ଚ ହୋଇଯିବ। ଅଧିକ ଖର୍ଚ୍ଚ ହେଲେ ଅର୍ଥନୀତି ଚଳଚଞ୍ଚଳ ହେବ। କିନ୍ତୁ ବାସ୍ତବ କଥା ହେଲା ଲୋକଙ୍କ ମାସିକ ଆୟ ନ ବଢ଼ିଲେ ସେମାନେ ଖର୍ଚ୍ଚ କରିବାକୁ ଜାକିହୁଅନ୍ତି। ବର୍ତ୍ତମାନ ପାର୍ଲାମେଣ୍ଟ ଚାଲୁଥିବାରୁ ଅର୍ଥମନ୍ତ୍ରୀ ଗୃହରେ କେଉଁ ଛାଡ଼ ଓ କାଟ ବ୍ୟବସ୍ଥାଗୁଡ଼ିକ ଉଚ୍ଛେଦ କରାଗଲା ଓ କେଉଁଗୁଡ଼ିକ ରହିଲା ସେ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ଆବଶ୍ୟକ। ବଜେଟରେ ବ୍ୟକ୍ତିଗତ ଟିକସ ଢାଞ୍ଚାରେ ଏହିସବୁ ପରିବର୍ତ୍ତନ କରାଯାଇଥିବାରୁ ଟିକସଦାତାଙ୍କ ଉପରେ ତା'ର ବିଶେଷ ପ୍ରଭାବ ପଡ଼ିବ ନାହିଁ। ଟିକସ ଢାଞ୍ଚାକୁ ବୈକଳ୍ପିକ କରାଯାଇଥିବାରୁ ଲୋକମାନେ ଯେ ଅଧିକ ଖର୍ଚ୍ଚ କରିବେ ଓ କମ୍ ସଞ୍ଚୟ କରିବେ ତାହା ସତ୍ୟ ନ ହୋଇପାରେ। ଯେଉଁ ୩୦ଟି ଛାଡ଼ ବ୍ୟବସ୍ଥା ତଥାପି ବଳବତ୍ତର ରହିଛି, ସୀତାରାମନ୍ ସେ ବିଷୟରେ ତୁରନ୍ତ ସ୍ପଷ୍ଟୀକରଣ ଦେଇ ଲୋକଙ୍କ ସଂଶୟ ମୋଚନ କରନ୍ତୁ।

### ଚିରନ୍ତନୀ

ତୁମେ କହ ତାକୁ ମିଛ କଳପନା କେବଳ ଭ୍ରମ
ଜୀବନେ ଯାହା ମୋ ଏକଇ ସତ୍ୟ ନିକଟତମ
ତୁମ ଯାନ ମାନ ଅଟ୍ଟାଳିଠାରୁ ଅଧିକ ସତ
ସେହି ସେ ମାନସୀ ଚିର ଆରାଧନା ରାଧିକା ମମ।
(ମାନସୀ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 8 | 6 | 2 | | | | | 4 | | 0 | | 9 | |
| | 3 | | | | B | 7 | | | | 2 | D | | | |
| | | 1 | | 9 | D | | | 2 | | | | A | C | |
| 5 | | 9 | | 3 | | 1 | | | | 8 | | 4 | 7 | |
| | | | 4 | | | | | | | | A | 1 | | 5 |
| | | | | | 7 | | | | | 5 | 8 | | | |
| | D | | C | | 4 | | 6 | | | 3 | B | 5 | | |
| | 2 | | | | 9 | | | D | | | | | B | 0 |
| | 4 | | 1 | B | | | | 0 | | | | | | |
| 7 | | | | A | 6 | | 9 | | E | 1 | | | | |
| | 6 | | | | C | | B | | A | | | | | |
| | | | | | | | 2 | | | | 5 | B | 3 | |
| | | E | | 7 | | 9 | | 6 | | | | | | |
| | 8 | 3 | | | 0 | | E | C | | 4 | | 9 | 6 | |
| A | | | | 5 | 2 | 0 | | | B | C | | | E | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | 6 | D | 5 | 8 | A | 2 | E | C | 1 | 9 | 3 | 4 | B |
| 3 | C | A | 2 | 9 | 4 | 8 | 7 | B | E | 6 | D | 0 | 5 | 1 |
| E | 2 | 1 | B | A | 6 | C | 3 | D | 4 | 0 | 5 | 9 | 8 | 7 |
| B | 5 | 8 | 1 | 0 | E | 4 | 9 | 6 | 3 | 7 | A | D | 2 | C |
| 4 | 9 | D | C | 7 | 3 | 1 | 0 | 5 | B | 2 | 8 | E | 6 | A |
| D | 0 | E | 5 | 6 | C | 9 | A | 4 | 8 | B | 2 | 7 | 1 | 3 |
| 9 | 3 | C | 7 | E | B | 5 | 6 | 8 | D | 4 | 1 | 2 | A | 0 |
| 6 | 1 | 7 | 4 | 8 | A | 2 | D | 3 | 9 | C | 0 | 5 | B | E |
| A | 8 | 5 | 9 | 2 | 0 | E | B | 1 | 6 | 3 | 7 | 4 | C | D |
| 2 | B | 4 | 3 | 1 | D | 7 | C | 0 | 5 | A | E | 6 | 9 | 8 |
| 5 | 4 | 2 | 0 | D | 9 | B | E | 7 | A | 8 | C | 1 | 3 | 6 |
| 7 | D | B | E | 4 | 1 | 3 | 8 | C | 2 | 5 | 6 | A | 0 | 9 |
| C | A | 3 | 6 | B | 2 | 0 | 1 | 9 | 7 | E | 4 | 8 | D | 5 |
| 1 | E | 9 | 8 | 3 | 5 | 6 | 4 | A | 0 | D | B | C | 7 | 2 |
| 8 | 6 | 0 | A | C | 7 | D | 5 | 2 | 1 | 9 | 3 | B | E | 4 |

ଗତକାଲିର ଉତ୍ତର

# କେନ୍ଦ୍ର ବଜେଟ ଓ ଗାଁ ଲୋକଙ୍କ ଆୟ ବୃଦ୍ଧି



ନଟବର ଖୁଣ୍ଟିଆ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୦–୨୧ ବଜେଟରେ ଗ୍ରାମାଞ୍ଚଳ ବିକାଶ ପ୍ରତି ଗୁରୁତ୍ୱ ଦେଇଛନ୍ତି। ୨୦୧୯ ଶେଷ ଭାଗରେ ରିପୋର୍ଟ ପ୍ରକାଶ ପାଇଲା ଯେ, ଗ୍ରାମାଞ୍ଚଳବାସୀଙ୍କ ଆୟ ଯଥେଷ୍ଟ ବୃଦ୍ଧି ହେଉ ନ ଥିବାରୁ ସେମାନଙ୍କର କ୍ରୟଶକ୍ତି ହ୍ରାସ ପାଉଛି। ଅନେକ ସାମଗ୍ରୀ ବିକ୍ରି ହୋଇ ନ ପାରି ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଏଣେ ଗତ ୪୫ ବର୍ଷ ମଧ୍ୟରେ ବେକାରିଙ୍କର ପ୍ରତିଶତ ହାର ସର୍ବାଧିକ। ତା' ସାଙ୍ଗକୁ ଜିଡିପିର ଅଭିବୃଦ୍ଧି ହାର ଗତ ଦଶନ୍ଧିର ସର୍ବନିମ୍ନ। ବର୍ଷ ଶେଷରେ ଜିଡିପି ହାର ହେବ ୪.୫ ପ୍ରତିଶତ। ଏଣେ ନାଗରିକ ସଂଶୋଧନ ଆଇନ ଓ ରାଷ୍ଟ୍ରୀୟ ନାଗରିକ ପଞ୍ଜିକା ଆଇନ ଗୃହୀତ ହେବା ପରେ ବିରୋଧୀ ଦଳମାନେ ଏକତ୍ରିତ ହୋଇ ଏହା ବିରୋଧରେ ଦେଶର ବିଭିନ୍ନ ସହରରେ ଆନ୍ଦୋଳନ ଛିଡ଼ା କରାଇଲେ। ଜେଏନ୍‌ୟୁ ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଏହା ବିରୋଧରେ ଘୋର ବିରୋଧ ହୋଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲା। ଏହିପରି ଅଶାନ୍ତ ଓ ଅସ୍ଥିର ବାତାବରଣ ମଧ୍ୟରେ ବଜେଟ ଉପସ୍ଥାପନ ହୋଇଛି।

ଅର୍ଥମନ୍ତ୍ରୀ ରୁଷ୍ଟ ନାଗରିକଙ୍କ ମନ କିଣିବା ପାଇଁ କୌଣସି ପ୍ରକାର ନୂତନ ଅଯଥା ଲୋକପ୍ରିୟ ଶସ୍ତା ଯୋଜନା ଘୋଷଣା କରିନାହାନ୍ତି। ସୀମିତ ଆୟକୁ ବିଚାରକୁ ନେଇ ସତର୍କତାର ସହ ଉତ୍ପାଦନମୁଖୀ ଓ ନିଯୁକ୍ତି ସୃଷ୍ଟିକାରୀ ଯୋଜନାମାନ ଘୋଷଣା କରିଛନ୍ତି। ଗ୍ରାମାଞ୍ଚଳବାସୀଙ୍କ ଆୟ କିପରି ବୃଦ୍ଧି ପାଇବ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଦୁଇବର୍ଷ ହେଲା ପ୍ରଧାନମନ୍ତ୍ରୀ କହି ଆସୁଛନ୍ତି ଯେ, ୨୦୨୨ ସୁଦ୍ଧା ଚାଷୀମାନଙ୍କର ଆୟକୁ ଦୁଇଗୁଣ କରାଯିବ– ଏହି ଲକ୍ଷ୍ୟକୁ ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ ଦୋହରାଇଥିବା ବେଳେ ଗ୍ରାମାଞ୍ଚଳ ଲୋକଙ୍କ ଆୟ କିପରି ବୃଦ୍ଧି ପାଇବ ସେଥିପାଇଁ ବ୍ଲୁପ୍ରିଣ୍ଟ ଘୋଷଣା କରିଛନ୍ତି। ବିଶିଷ୍ଟ ଅର୍ଥଶାସ୍ତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ମୂଳରୁ କହିଆସୁଛନ୍ତି, ଚାଷୀଙ୍କ ଆୟକୁ ଦୁଇଗୁଣା କରିବାକୁ ହେଲେ ଯେତିକି ପୁଞ୍ଜି କୃଷିକ୍ଷେତ୍ରରେ ବିନିଯୋଗ ହେବା କଥା ସେତିକି ବିନିଯୋଗ କରିବାର କ୍ଷମତା ସରକାରଙ୍କର ନ ଥିବାରୁ ଏହି ଲକ୍ଷ୍ୟ ହାସଲ ଅସମ୍ଭବ। କିନ୍ତୁ ଆମ୍ଭର ମତ– ହୁଏ ତ ସେହି ଲକ୍ଷ୍ୟ ହାସଲ ହେବା ସମ୍ଭବ ନୁହେଁ। କିନ୍ତୁ ସେହି ଲକ୍ଷ୍ୟ ହାସଲ ପାଇଁ ଯଦି ନିଷ୍ପାପର ଉଦ୍ୟମ ପ୍ରତିବଦ୍ଧତାର ସହ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ମିଳିତ ଉଦ୍ୟମରେ କରନ୍ତି, ତେବେ ଆମେ ଲକ୍ଷ୍ୟ ହାସଲ କରି ନ ପାରିଲେ ବି ଲକ୍ଷ୍ୟର ପାଖାପାଖି ହୋଇଯିବା ଅସମ୍ଭବ ହେବନାହିଁ।

ଅର୍ଥମନ୍ତ୍ରୀ ପ୍ରଥମରୁ କହିଛନ୍ତି, ଯେଉଁ ରାଜ୍ୟ କେନ୍ଦ୍ର ପ୍ରସ୍ତୁତ କରିଥିବା କୃଷି ସମ୍ବନ୍ଧୀୟ ତିନିଗୋଟି ଆଦର୍ଶ ଆଇନ ପାରିତ କରିବ, ସେହି ରାଜ୍ୟକୁ କେନ୍ଦ୍ର ସରକାର ଅଗ୍ରାଧିକାର ଭିତ୍ତିରେ ସାହାଯ୍ୟ ଯୋଗାଇଦେବେ। ସେ ତିନୋଟି ଆଇନ ହେଲା ମଡେଲ ଲ୍ୟାଣ୍ଡ ଲିଜିଂ ଆକ୍ଟ– ଭାଗଚାଷ ଆଇନ, ମଡେଲ କଣ୍ଟ୍ରାକ୍ଟ ଫାର୍ମିଂ ଆକ୍ଟ, ଠିକା ଚାଷ ଏବଂ ମଡେଲ କୃଷି ଉତ୍ପାଦ ଓ ପ୍ରାଣୀଧନ ଉତ୍ପାଦ ବିପଣନ ଆକ୍ଟ। ଏହି ଲେଖକ ଜାଣିବାରେ ଭାଗଚାଷ ଆଇନ ଦୁଇତିନି ବର୍ଷ ଧରି ଓଡ଼ିଶା ସରକାର ପାରିତ କରିବେ କରିବେ ବୋଲି କହି ଏ ପର୍ଯ୍ୟନ୍ତ କରିନାହାନ୍ତି।

କୃଷକମାନଙ୍କ ଆୟ ବୃଦ୍ଧି ନ ପାଇବାର ଏକ ମୁଖ୍ୟ କାରଣ ହେଲା– ଜଳସେଚନ ବ୍ୟବସ୍ଥାର ଅଭାବ। ଆଜି ବି ଓଡ଼ିଶାର ଚାଷୀ ମୌସୁମୀବାୟୁର ପଶା ଖେଳ ମଧ୍ୟରେ ଚାଷ କରୁଛି। ସଦ୍ୟ ପ୍ରକାଶିତ କୃଷି ଗଣନା ରିପୋର୍ଟରୁ ଜଣାଯାଏ ଯେ, ଓଡ଼ିଶାରେ ଚାଷ ହେଉଥିବା ଫସଲର ମାତ୍ର ୨୭ ଭାଗ ଫସଲକୁ ଜଳ ଯୋଗାଇ ଦିଆଯାଇପାରିଛି। ଓଡ଼ିଶାରେ ଜଳାଭାବ ଥିବା ଅନେକ ଜିଲା ଅଛି। ସେହି ଜିଲାଗୁଡ଼ିକରେ ମୁଖ୍ୟତଃ ବର୍ଷାଜଳ ଉପରେ ନିର୍ଭର କରି ଚାଷ କରାଯାଏ। କେନ୍ଦ୍ର ବଜେଟରେ ଘୋଷଣା କରାଯାଇଛି ଯେ, ଦେଶର ଅନ୍ତତଃ ୧୦୦ଟି ଜଳାଭାବ ଜିଲାକୁ ଚିହ୍ନଟ କରି ସେହି ଜିଲାରେ କିପରି ସ୍ୱଳ୍ପ ଜଳ ଆବଶ୍ୟକ କରୁଥିବା ଫସଲ ଅମଳ ହେବ ସେଥିପାଇଁ ପଦକ୍ଷେପ ନିଆଯିବ ଓ ଆର୍ଥିକ ସାହାଯ୍ୟ ମଧ୍ୟ ଦିଆଯିବ। ଏହି ସ୍ଥିତିରେ ରାଜ୍ୟ ସରକାର ଓଡ଼ିଶାର ୩୦ ଗୋଟି ଜିଲା ମଧ୍ୟରୁ ଅନ୍ୟୁନ ୫ଟି ଜିଲାକୁ ଚିହ୍ନଟ କରି ମୂଳରୁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଦେବା ଉଚିତ।

ଆମ ରାଜ୍ୟର ଗ୍ରାମାଞ୍ଚଳରେ ବିଦ୍ୟୁତୀକରଣ ବିସ୍ତୃତ ଭାବରେ ହୋଇନାହିଁ। ତେଣୁ ନଳକୂପ ବା କୂପରୁ ଜଳ ଉଠାଇ ଜଳସେଚନ କରିବା ପାଇଁ ଡିଜେଲ ପମ୍ପସେଟ ଉପରେ ନିର୍ଭର କରିବାକୁ ପଡୁଛି। ଏହା ଅଧିକ ବ୍ୟୟବହୁଳ ଏବଂ ବିଦ୍ୟୁତ ସଂଯୋଗ ଥିଲେ ବି ଅନେକ ସମୟରେ ଗ୍ରାମାଞ୍ଚଳରେ କରେଣ୍ଟ ନ ଥିବାରୁ ବିଦ୍ୟୁତ୍ ପମ୍ପ କାମ ଦେଉନାହିଁ। ଏବେ ରାଜ୍ୟ ସରକାର ଆଡିବନ୍ଧ ନିର୍ମାଣ କରୁଛନ୍ତି– ଆଡିବନ୍ଧରୁ ଜଳ ଉଠାଇବା ପାଇଁ ପମ୍ପ ଅଭାବରୁ ଜଳର ଉପଯୋଗ ହୋଇପାରୁନାହିଁ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବଜେଟରେ ୨୦ ଲକ୍ଷ ସୌରଶକ୍ତିଚାଳିତ ପମ୍ପ ଯୋଗାଇବାର ବ୍ୟବସ୍ଥା ହୋଇଛି। ଟେକ୍ନୋଲୋଜିର ବିକାଶ ହେତୁ ସୌରଶକ୍ତିଚାଳିତ ପମ୍ପର ପୁଞ୍ଜି ବିନିଯୋଗ ହ୍ରାସ ପାଉଛି ଆଉ ପରିଚାଳନା ଖର୍ଚ୍ଚ ତ ପ୍ରାୟ ନାହିଁ। ତେଣୁ କେନ୍ଦ୍ର ସରକାର ଯେଉଁ ୨୦ ଲକ୍ଷ ସୌରଚାଳିତ ପମ୍ପସେଟ ରିହାତି ମୂଲ୍ୟରେ ଦେବେ ଓଡ଼ିଶା ସରକାର ୭୫ ହଜାରରୁ ୧ଲକ୍ଷ ଚାଷୀଙ୍କୁ ଚିହ୍ନଟ କରି କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରନ୍ତୁ ସେମାନଙ୍କୁ ସାହାଯ୍ୟ କରିବା ପାଇଁ। ସେହିପରି କେନ୍ଦ୍ର ବଜେଟରେ ଶୂନ୍ୟ ବଜେଟ କୃଷି ପ୍ରତି ଗୁରୁତ୍ୱ ଦିଆଯାଇଛି। ଅର୍ଥାତ୍ ଜୈବିକ କୃଷିକୁ ପ୍ରୋତ୍ସାହନ ଦିଆଯାଇଛି। ଆମର ପ୍ରସ୍ତାବ ରାଜ୍ୟ ସରକାର କନ୍ଧମାଳ ଜିଲାକୁ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ଏକ ଜୈବିକ ଚାଷ ଜିଲାରେ ପରିଣତ କରିବା ପାଇଁ ଚିନ୍ତାକରି କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରନ୍ତୁ।


ବ୍ଲକ ସ୍ତରରେ ଖାଦ୍ୟଶସ୍ୟ ଗୋଦାମ ସ୍ଥାପନ କରି ସେହିସବୁ ଗୋଦାମକୁ ପଣ୍ୟାଗାର ମାନ୍ୟତା ଦେବା କଥା ବଜେଟରେ କୁହାଯାଇଛି। ଏହାଦ୍ୱାରା ଚାଷୀମାନେ କେବଳ ସେମାନଙ୍କ ଖାଦ୍ୟଶସ୍ୟ ସାଇତି ରଖିବେ ନାହିଁ, ସେହି ରସିଦ ମାଧ୍ୟମରେ ବ୍ୟାଙ୍କରୁ ମଧ୍ୟ ଋଣ ଆଣିପାରିବେ। ଫଳରେ ଏହା ଅଭାବୀ ବିକ୍ରିକୁ ରୋକିପାରିବ। ସୁତରାଂ ଏହି ସୁଯୋଗ ହାସଲ ପାଇଁ ରାଜ୍ୟ ସରକାର ଚେଷ୍ଟା କରନ୍ତୁ। ଗ୍ରାମରେ ମଧ୍ୟ ଖାଦ୍ୟଶସ୍ୟ ସାଇତି ରଖିବା ପାଇଁ ମହିଳା ଏସ୍‌ଏଚ୍‌ଜି ମାଧ୍ୟମରେ ଗୋଦାମଘର ନିର୍ମାଣର ପ୍ରସ୍ତାବ ବଜେଟରେ ଅଛି। ସରକାର କହୁଛନ୍ତି, ଆମ ରାଜ୍ୟରେ ଲକ୍ଷ ସଂଖ୍ୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିଷ୍ଠିତ ହୋଇ ବିଭିନ୍ନ କାମ କରୁଛନ୍ତି। ଯେଉଁ ଅଞ୍ଚଳରେ ଆବଶ୍ୟକ ଅଛି ସେହି ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉପଯୁକ୍ତ ତାଲିମ ଦେଇ ଗ୍ରାମ୍ୟ ସ୍ତରରେ ଗୋଦାମଘର ନିର୍ମାଣ ହେଉ। ଏହି ଗୋଦାମ ଘର ଧାନମଣ୍ଡିର କାମ ଦେବ ଧାନ ସଂଗ୍ରହ ବେଳେ।

ଆମ ରାଜ୍ୟର ଆଦିବାସୀବହୁଳ ଅଞ୍ଚଳର ଚାଷୀମାନେ ଯେଉଁସବୁ ପନିପରିବା, ଫଳ ଉତ୍ପାଦନ କରନ୍ତି ରାଜ୍ୟ ମଧ୍ୟରେ ଖାଉଟିଙ୍କ ଚାହିଦା ନ ଥିବାରୁ ଦର ଅଦରରେ ବିକ୍ରି କରନ୍ତି ଏବଂ ଅନେକ ସମୟରେ ପଚିଶଢ଼ି ନଷ୍ଟ ହୁଏ। କେନ୍ଦ୍ର ବଜେଟରେ ରେଳ ଓ ବିମାନ ମାଧ୍ୟମରେ ଯେଉଁ ପନିପରିବା, ଫଳ ଆଦିର ପରିବହନ ବ୍ୟବସ୍ଥା– କିଷାନ ରେଳ ଓ କୃଷି ଉଡାନ୍ ନାମରେ ହେବ ବୋଲି ପ୍ରସ୍ତାବ ଦିଆଯାଇଛି ତାହା ଓଡ଼ିଶା ଚାଷୀମାନେ କିପରି ବ୍ୟବହାର କରିବେ ସେଥିପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ରାଜ୍ୟ ସରକାର ଲାଭ ଉଠାଇବାକୁ ଚେଷ୍ଟା କରନ୍ତୁ। ବିଶେଷକରି କୃଷକ ଉତ୍ପାଦକ ସଂଘକୁ ତାଲିମ ଦେଇ ଏହି କାମରେ ସହଯୋଗ କରିବା ପାଇଁ ବ୍ୟବସ୍ଥା ହେଉ। ବଡ଼ କଥା ହେଲା ଆମ ରାଜ୍ୟର ଆଦିବାସୀବହୁଳ ଅଞ୍ଚଳରେ ଫଳଚାଷ ପାଇଁ ଅପୂର୍ବ ସୁଯୋଗ ଅଛି। ବଜେଟରେ ଯେଉଁ ବ୍ୟବସ୍ଥା ଅଛି ଯଦି ଗୋଟିଏ ପ୍ରକାର ଫଳ ଗୋଟିଏ ଜିଲାରେ ସଘନ ଚାଷ ହେବ, ଯାହାଫଳରେ ସେସବୁର ପ୍ରକ୍ରିୟାକରଣ ଓ ବିପଣନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇପାରିବ, ତା'ର ସୁଯୋଗ ଓଡ଼ିଶା ସରକାର ନିଅନ୍ତୁ। ଆମର ୪୮୦ କିଲୋମିଟର ବ୍ୟାପି ସମୁଦ୍ର ବେଳାଭୂମି ଅଛି। ସମୁଦ୍ରରୁ ମାଛ ଧରିବା ଓ ସେସବୁକୁ ପ୍ରକ୍ରିୟାକରଣ କରି ବାହାର ରାଜ୍ୟକୁ ଏବଂ ବିଦେଶକୁ ରପ୍ତାନି କରିବା ପାଇଁ ଯେଉଁ ସାଗର ମିତ୍ର ଓ ମାଛ କ୍ରୟ ବିକ୍ରୟ କରିବା ପାଇଁ ସ୍ୱତନ୍ତ୍ର ମତ୍ସ୍ୟଚାଷୀ ଉତ୍ପାଦକ ସଂଘ ଗଠନର ବ୍ୟବସ୍ଥା କରାଯାଇଛି ତା'ର ଉପଯୋଗ କିପରି ହେବ ସରକାର ଚିନ୍ତା କରନ୍ତୁ।

କେନ୍ଦ୍ର ସରକାର କୃଷି କ୍ଷେତ୍ରର ବିକାଶ ପାଇଁ ୧.୬୦ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ବେଳେ ପଞ୍ଚାୟତିରାଜ ମାଧ୍ୟମରେ ବିକାଶ ପାଇଁ ୧.୨୩ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଆମ ରାଜ୍ୟ ସରକାର ତାଙ୍କର ଆଗାମୀ ବଜେଟ ପ୍ରସ୍ତୁତ କରିବା ବେଳେ ଏହିସବୁ କେନ୍ଦ୍ର ବଜେଟର ପ୍ରସ୍ତାବିତ ବ୍ୟୟବରାଦକୁ ବିଚାରକୁ ନେଇ ବଜେଟ କରିବେ ବୋଲି ଆଶା କରାଯାଏ।

ଏ–୫୦୨, ମୋତି ବ୍ଲକ, ତୋଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର,
ଭୁବନେଶ୍ୱର, ମୋ–୯୯୩୭୯୫୧୨୬୨

# ଓଡ଼ିଶାର ମହିମାଧର୍ମ



ଡ. ଉଦ୍ଧବ ଚରଣ ନାୟକ

ଊନବିଂଶ ଶତକର ପ୍ରଥମ ଭାଗ। ଏହି ସମୟରେ ଭାରତୀୟ ହିନ୍ଦୁ ସମାଜ ଜାତିଭେଦ, ମୂର୍ତ୍ତିପୂଜା, ଅନ୍ଧବିଶ୍ୱାସ, କୁସଂସ୍କାର ଆଦି ବ୍ରାହ୍ମଣ୍ୟ ଧର୍ମର ପ୍ରଭାବରେ ଉବୁଟୁବୁ ହେଉଥିଲା। ସମାଜର ନୀଚ ଶ୍ରେଣୀର ଲୋକେ ଲାଞ୍ଛିତ, ଅପମାନିତ, ନିଷ୍ପେଷିତ ଭାବରେ କାଳାତିପାତ କରୁଥିଲେ। ଏହି ସମୟରେ ଉତ୍କଳରେ ମହିମା ଗୋସେଇଁଙ୍କର ଆବିର୍ଭାବ ଘଟିଲା। ସେ ଏହି ଲାଞ୍ଛିତମାନଙ୍କୁ ଉଦ୍ଧାର କରିବା ନିମନ୍ତେ ନୂତନ ବାର୍ତ୍ତା ପ୍ରଦାନ କଲେ। ସେ ଦୃଢ଼କଣ୍ଠରେ ଘୋଷଣା କଲେ, 'ପ୍ରତ୍ୟେକ ମଣିଷ ସମାନ। ପରଂବ୍ରହ୍ମ ସମାନଭାବରେ ସକଳ ଘଟରେ ବିଦ୍ୟମାନ। ସମସ୍ତଙ୍କର ବିଶ୍ୱସ୍ରଷ୍ଟା ପରଂବ୍ରହ୍ମଙ୍କୁ ଉପାସନା କରିବାର ସମାନ ଅଧିକାର ଅଛି। ପରଂବ୍ରହ୍ମ ମଠମନ୍ଦିର, ଦେଉଳ–ଅଟ୍ଟାଳିକା ଆଦିରେ ବ୍ରାହ୍ମଣମାନଙ୍କ ନିୟନ୍ତ୍ରଣରେ ନାହାନ୍ତି।

ମହିମା ଗୋସେଇଁ ସର୍ବପ୍ରଥମେ ୧୮୨୬ ମସିହାରେ ପୁରୀର ବଡ଼ଦାଣ୍ଡରେ 'ଧୂଳିଆ ଗୋସେଇଁ' ଭାବରେ ଆବିର୍ଭୂତ ହୋଇଥିଲେ। ଏହାପରେ ସେ ଖଣ୍ଡଗିରି ଚାଲିଆସି ସେଠାରେ ୧୮୩୮ ମସିହା ଯାଏ ବାରବର୍ଷ କାଳ ଜଳ ଆହାର କରି ଯୋଗ ସାଧନାରେ ବିତାଇଥିଲେ। ଏହି ସମୟରେ ତାଙ୍କୁ 'ନିରାହାରୀ ଗୋସେଇଁ' ବୋଲି କୁହାଯାଉଥିଲା। ଖଣ୍ଡଗିରିଠାରୁ ସେ ଢେଙ୍କାନାଳର କପିଳାସ ଗିରିକୁ ଚାଲିଯାଇ ଚବିଶ ବର୍ଷ ଆତ୍ମଯୋଗ ସମାଧିରେ ଅବସ୍ଥାନ କରିଥିଲେ। ଏଠାରେ ପ୍ରଥମ ବାରବର୍ଷ ଫଳ ଆହାର କରି, 'ଫଳାହାରୀ ଗୋସେଇଁ' ଓ ଦ୍ୱିତୀୟ ବାରବର୍ଷ କ୍ଷୀର ଆହାର କରି 'କ୍ଷୀରାହାରୀ ଗୋସେଇଁ' ଭାବରେ ପରିଚିତ ଥିଲେ। କପିଳାସ ତ୍ୟାଗକରି ୧୮୬୨ ମସିହାରେ ପ୍ରଥମେ ସେ ଖୋର୍ଦ୍ଧା ଜିଲାର ଦାରୁଠେଙ୍ଗଠାରେ ଆଶ୍ରମ ସ୍ଥାପନ କରି ସ୍ୱଧର୍ମ ପ୍ରଚାରରେ ବ୍ରତୀ ହେଲେ। ଏହାପରେ ପଟିଆ, ଡମଣା ଓ ଅନ୍ଧାରୁଆଠାରେ ଆଶ୍ରମ ପ୍ରତିଷ୍ଠା କଲେ। ଏହି ଆଶ୍ରମ ବା ଟୁଙ୍ଗିଗୁଡ଼ିକ ଥିଲା ଗୋଟିଏ ଗୋଟିଏ ଶିକ୍ଷାକେନ୍ଦ୍ର। ଧର୍ମପ୍ରଚାର ନିମନ୍ତେ ଦାରୁଠେଙ୍ଗଠାରେ ସେ ସନ୍ନ୍ୟାସୀ ଶ୍ରେଣୀ ସୃଷ୍ଟି କଲେ। ତାଙ୍କ ଆଜ୍ଞାରେ ତାଙ୍କର ପ୍ରଥମ ଶିଷ୍ୟ ଗୋବିନ୍ଦ ଦାସ ବାବା ସର୍ବପ୍ରଥମେ ଦାରୁଠେଙ୍ଗଠାରେ ୭ ଜଣଙ୍କୁ ବଲ୍କଲ ଦେଇ ସନ୍ନ୍ୟାସୀ ଧର୍ମର ଦୀକ୍ଷା ପ୍ରଦାନ କଲେ। ସେମାନେ ହେଲେ ବୌଦ୍ଧର ନରସିଂହ ଦାସ, କଟକ ଜିଲା ସାଇଲୋ ଗ୍ରାମର ଭଗବାନ ଦାସ, ଅନ୍ଧାରୁଆର କୃଷ୍ଣ ଦାସ ଓ ଭାଇଗ ଦାସ ଏବଂ ଦାରୁଠେଙ୍ଗର ମାଧବ ଦାସ, କୃପାସିନ୍ଧୁ ଦାସ ଓ ଅଚ୍ୟୁତାନନ୍ଦ ଦାସ। ମହିମା ଗୋସେଇଁ ତାଙ୍କର ପ୍ରକୃତ ନାମ ନ ଥିଲା କି ତାଙ୍କ ପ୍ରଚାରିତ ଧର୍ମ ସେତେବେଳେ ଯାଏ ମହିମା ଧର୍ମ ନ ଥିଲା। ଏହି ସାତଜଣ ସନ୍ନ୍ୟାସୀଙ୍କ ସମେତ ଗୋବିନ୍ଦ ବାବାଙ୍କ ବିଚାରକ୍ରମେ ଧର୍ମର ନାମ ରଖାଗଲା 'ମହିମା ଧର୍ମ'। କାରଣ ନୂତନ ମତବାଦ ଅନୁଯାୟୀ ପରଂବ୍ରହ୍ମ ବିଶ୍ୱନିୟନ୍ତା ହେଉଛନ୍ତି ଶୂନ୍ୟ ବା ଅଲେଖ ପୁରୁଷ। ସେ ସର୍ବବ୍ୟାପୀ, ତାଙ୍କ ମହିମାରେ ସଚରାଚର ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି। ସେହି ବିଶ୍ୱସ୍ରଷ୍ଟାଙ୍କ 'ମହିମା'ରେ ସମସ୍ତ କାର୍ଯ୍ୟ ସମ୍ପାଦନ ହେଉଥିବାରୁ ଧର୍ମର ନାମ ରଖାଗଲା ମହିମା ଧର୍ମ।

## ବିଶ୍ୱପ୍ରସିଦ୍ଧ ମହିମା ମେଳା ଉପଲକ୍ଷେ

ମହିମା ଧର୍ମ ପ୍ରଚାର କାର୍ଯ୍ୟ ସେମାନଙ୍କ ଗୁରୁଙ୍କ ଦ୍ୱାରା ଆରମ୍ଭ ହୋଇଥିବାରୁ ଧର୍ମର ପ୍ରତିଷ୍ଠାତା ବା ଗୁରୁଙ୍କୁ ସେମାନେ ମହିମା ଗୋସେଇଁ ଭାବରେ ଆଖ୍ୟାୟିତ କଲେ। ମହିମା ଗୋସେଇଁ ଏହି ୮ଜଣ ଶିଷ୍ୟଙ୍କୁ ଧରି ଧର୍ମପ୍ରଚାରରେ ଲାଗିଲେ।

୧୮୬୪ ମସିହା କଥା। ମଧୁବାବୁ (ଉତ୍କଳ ଗୌରବ) ସେହିବର୍ଷ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇଥାନ୍ତି। ତରୁଣ ବୟସ। ବୟସ ୧୬–୧୭ ବର୍ଷ ସରିକି। ବାପା ରଘୁନାଥ ଦାସ ସେକାଳର ଜଣେ ଖ୍ୟାତନାମା ଓକିଲ। ପଟିଆ ରାଜା ରଘୁନାଥ ଦେବଙ୍କର ସେ ଥାଆନ୍ତି ଆଇନ ପରାମର୍ଶଦାତା। ପଟିଆରେ ଅନୁଷ୍ଠିତ ଦୋଳ ମେଳଣ ଦେଖିବା ପାଇଁ ରାଜା ଓକିଲ ସାହେବଙ୍କୁ ନିମନ୍ତ୍ରଣ କଲେ। ଓକିଲଙ୍କ ସହିତ ଆସିଲେ ତାଙ୍କ ପୁତ୍ର ମଧୁସୂଦନ। ଦୋଳପୂର୍ଣ୍ଣମୀ ସନ୍ଧ୍ୟାରେ ମହିମା ଗୋସେଇଁଙ୍କୁ ଭେଟିଲେ ମଧୁବାବୁ ପଟିଆର ଏକ ଧର୍ମ ସଭାରେ। ଶହ ଶହ ଲୋକଙ୍କ ଗହଣରେ ମହିମା ଗୋସେଇଁ ଆସି ଏହି ଧର୍ମ ସଭାରେ ସ୍ୱପ୍ରବର୍ତ୍ତିତ ଏକେଶ୍ୱର ବାଦ ମହିମା ଧର୍ମ ସମ୍ପର୍କରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କଲେ। ତରୁଣ ମଧୁବାବୁ ମନୋଯୋଗ ସହକାରେ ତାଙ୍କ ଭାଷଣ ଶୁଣିଲେ। ତାଙ୍କ ଧର୍ମ ସଂସ୍କାରର ବାଣୀ, ଧାର୍ମିକ ଚିନ୍ତା–ଚେତନା, ଆଦର୍ଶ ଇତ୍ୟାଦି ଉପଲବ୍ଧି କରି ମୁଗ୍ଧ ହୋଇଗଲେ। ଏହା ତାଙ୍କ କିଶୋର ଜୀବନରେ ବେଶ୍ ପ୍ରଭାବ ପକାଇଲା। ପରବର୍ତ୍ତୀ କାଳରେ ଭାରତବର୍ଷର ବିଭିନ୍ନ ସ୍ଥାନରେ ବିଭିନ୍ନ ସଭାସମିତିରେ ସେ କହୁଥିଲେ– ''ମହିମା ଗୋସେଇଁ ଓଡ଼ିଶାରେ ଜନ୍ମ ନ ହୋଇ ପଞ୍ଜାବ, ଗୁଜରାଟ, ମହାରାଷ୍ଟ୍ର କି ବଙ୍ଗଳାରେ ଜନ୍ମ ହୋଇଥିଲେ ଆର୍ଯ୍ୟ ସମାଜର ଦୟାନନ୍ଦ ସରସ୍ୱତୀ, ବ୍ରାହ୍ମ ସମାଜର ରାଜା ରାମମୋହନ ରାୟଙ୍କ ପରି ବିଶେଷ ଖ୍ୟାତି ଓ ସମ୍ମାନ ଲାଭ କରିଥାଆନ୍ତେ।'' କଲିକତା ଓ ପାଟନା ଆଦି ସ୍ଥାନରେ ବିଜ୍ଞମଣ୍ଡଳୀ ସମାବେଶରେ ମଧୁବାବୁ ଦୃଢ଼ କଣ୍ଠରେ କହୁଥିଲେ, ''ମହିମା ଧର୍ମ ଓଡ଼ିଶାର ଗର୍ବ ଓ ଗୌରବ। ଉଦାର ଜଗନ୍ନାଥ ଧର୍ମ ଓ ମହିମା ଧର୍ମ ଉତ୍କଳ ମାଟିରୁ ଜନ୍ମଲାଭ କରିଛି। ଏହି ଦୁଇଟି ଧର୍ମ ବିଶ୍ୱକୁ ଓଡ଼ିଶାର ଶ୍ରେଷ୍ଠ ଓ ମହତ୍ ଦାନ।''

ମହିମା ଗୋସେଇଁ ୧୮୬୬ ମସିହାରେ ପଟିଆ ତ୍ୟାଗକରି ବାଙ୍କୀର ମାଳବିହାରପୁରଠାରେ ଧୁନିଘର ପ୍ରତିଷ୍ଠା କରି ଶିଷ୍ୟ ନରସିଂହ ଦାସଙ୍କ ଦ୍ୱାରା ୮୩ ଜଣଙ୍କୁ ବଲ୍କଳ ଦେଇ ସନ୍ନ୍ୟାସୀ କଲେ। ୧୮୭୪ ମସିହାରେ ଢେଙ୍କାନାଳର ଜଙ୍କାଠାରେ ବାଞ୍ଛାନିଧି ଦାସଙ୍କ ଦ୍ୱାରା ୬୪ ଜଣଙ୍କୁ କୌପୀନ ଦେଇ ସନ୍ନ୍ୟାସୀ କଲେ। ମହିମା ଗୋସେଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଟୁଙ୍ଗି ଓ ଧୁନିଘର ସ୍ଥାପନ କରି ସ୍ୱପ୍ରତିଷ୍ଠିତ ମହିମା ଧର୍ମ ପ୍ରଚାର କରିବାରେ ଲାଗିଲେ। ଯୋରନ୍ଦା ମହିମାଶ୍ରମ ବା ଟୁଙ୍ଗି ଥିଲା ଅନ୍ୟତମ। ଏଠାରେ ୧୮୭୬ ମସିହା ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ତାଙ୍କର ମହାପ୍ରୟାଣ ଘଟିଲା। ତାଙ୍କ ନଶ୍ୱର ଶରୀରକୁ ଏଠାରେ ଭୂସମାଧି କରାଯାଇଛି, ଯାହାକି ମହିମା ଗାଦି ମନ୍ଦିର ଭାବରେ ଖ୍ୟାତ। ଏହିଠାରେ ପ୍ରତ୍ୟେକ ବର୍ଷ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମହିମା ଗୋସେଇଁଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ବିରାଟ ମେଳା ଅନୁଷ୍ଠିତ ହୁଏ।

## ଏଇ ଭାରତରେ

ବିଜ୍ଞାନ ଓ ଜ୍ଞାନକୌଶଳର ବିକାଶକୁ ମଣିଷ ସ୍ୱୀକାର କରୁଛି ସତ, କିନ୍ତୁ ସେମାନଙ୍କ ମଧ୍ୟରେ ବସା ବାନ୍ଧିଥିବା ଅଜବ ବିଶ୍ୱାସ ଦୂର ହୋଇନାହିଁ। ଏମିତି ଏକ ବିଶ୍ୱାସରେ ବାନ୍ଧି ହୋଇଛନ୍ତି ହିମାଚଳପ୍ରଦେଶ କୁଲୁ ଜିଲାର ମନୁଋଷିଙ୍କ ଗାଁ ମନାଲିର ଅଧିବାସୀ। ଏଠାରେ ପ୍ରତିବର୍ଷ ୧୧ ଦିନ ଧରି ଚାଲେ ଫାଗଲି ଉତ୍ସବ। ବିଧିବିଧାନରେ ଏହା ପାଳନ କରାଯାଏ। ଲୋକମାନେ ଉତ୍ସବର ଶେଷଦିନରେ ମନାଲିରୁ ତୁଣ୍ଡିଆ ନାମକ ରାକ୍ଷସକୁ ତଡ଼ିଦିଅନ୍ତି। ଏହି ଅବସରରେ ପୁରୁଣା ମନାଲି ପ୍ରାଙ୍ଗଣରେ ବିରାଜିତ ମନୁ ମହାରାଜାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଉତ୍ସବ ଆରମ୍ଭ ହୋଇଥାଏ, ଯାହା ଏଥର ବି କରାଯାଇଛି। ଆରାଧଦେବ ମନୁ ମହାରାଜା ମନାଲିର ପାଖାପାଖି ୪ଶହ ଘର ପରିକ୍ରମା କରି ଲୋକଙ୍କୁ ଆଶୀର୍ବାଦ ଦେଇଥିଲେ। ରାକ୍ଷସ ଆତଙ୍କରୁ ଘାଟିକୁ ରକ୍ଷା କରିବା ଲାଗି ଆରାଧଦେବ ମନୁଋଷି ମଣିଷ କେଶର ଗନ୍ଧ ଶୁଘଂାଇବା ଲାଗି ତାହା ସହ ବୁଝାମଣା କରିଥିବାର ମାନ୍ୟତା ରହିଛି। ପ୍ରତିବର୍ଷ ଭଳି ଏଥର ବି ଲୋକେ ପରସ୍ପରଙ୍କ ଚୁଟି ଜଳାଇ ଏଭଳି ଅଦ୍ଭୁତ ପରମ୍ପରା ପାଳନ କରିଛନ୍ତି। ଏହି ଉତ୍ସବ ପାଳନ କରିବା ପାଇଁ ମନାଲିବାସୀ ଗ୍ରାମଦେବଙ୍କ ଆଜ୍ଞା ନେଇ ୧୧ ଦିନ ଶାକାହାର ଗ୍ରହଣ କରିଥାନ୍ତି। କେବଳ ଏତିକି ନୁହେଁ , ଗାଁରୁ ତୁଣ୍ଡିଆ ରାକ୍ଷସକୁ ବାହାର କରିଦେବା ପରେ ଗ୍ରାମବାସୀ ତା'ର ପ୍ରଶଂସା ମଧ୍ୟ କରିଥାନ୍ତି। ଏହାଦ୍ୱାରା ବର୍ଷସାରା ଭୂତପ୍ରେତ କବଳରୁ ଗାଁ ସୁରକ୍ଷିତ ରହିବ ଓ ସୁଖ ସମୃଦ୍ଧି ବଢିବ ବୋଲି ଲୋକେ ବିଶ୍ୱାସ କରନ୍ତି। ଏବେ ମନାଲି ବ୍ୟତୀତ କୁଲୁ ଜିଲାର ଅଧିକାଂଶ ଗାଁରେ ଏହି ଉତ୍ସବ ପାଳନ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଫେବୃୟାରୀ ୧୯୯୫

- ଆମେରିକା ଶକ୍ତି ବିଭାଗ ବିଦେଶର ପରମାଣୁ କାର୍ଯ୍ୟକ୍ରମ ବଜେଟରେ ଶତକଡା ୮.୫ ଭାଗ ବ୍ୟୟବରାଦ ବୃଦ୍ଧି କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ଭାରତରେ କଶ୍ମୀର ବିଚ୍ଛିନ୍ନତାବାଦୀଙ୍କ ସମର୍ଥନରେ ପାକିସ୍ତାନ ସରକାର ଦେଶବ୍ୟାପୀ ଦିନିକିଆ ଧର୍ମଘଟର ଡାକରା ଦେଇଥିବା ବେଳେ କରାଚୀରେ ବ୍ୟାପକ ହିଂସାକାଣ୍ଡ ଘଟି ୩୭ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ସୁଶାସନ ସୂଚକାଙ୍କ: ୧୪ଶ ସ୍ଥାନରେ ଓଡ଼ିଶା

ମହାଶୟ,

କେନ୍ଦ୍ର ସରକାର ପ୍ରଥମଥର ପାଇଁ ସୁଶାସନ ସୂଚକାଙ୍କ ଜାରି କରିଛନ୍ତି। ଏହି ସୂଚକାଙ୍କ ଆଧାରରେ ତାମିଲନାଡୁ ପ୍ରଥମ ସ୍ଥାନ ଅର୍ଜନ କରିଛି। ଏଥିରେ ସ୍ୱଚ୍ଛତା, ପରିମଳ, ସାମାଜିକ କଲ୍ୟାଣ ଓ ସବୁ ବିଭାଗର କାର୍ଯ୍ୟଦକ୍ଷତା, ଉପାଦେୟତାକୁ ସମୀକ୍ଷାପୂର୍ବକ ମାନ୍ୟତା ପ୍ରଦାନ କରାଯାଇଥିଲା। ଆମ ରାଜ୍ୟ ଓଡ଼ିଶା ୧୪ଶ ସ୍ଥାନ ଦଖଲ କରିଛି ଏବଂ ତଳଆଡୁ ୫ମ ସ୍ଥାନରେ ରହିଛି। ଆଶା ମୁଖ୍ୟମନ୍ତ୍ରୀ ଏହି ଦକ୍ଷତା ଆକଳନକୁ ଗୁରୁତ୍ୱର ସହ ଧ୍ୟାନ ଦେବେ। ଅତୀତରେ କେନ୍ଦ୍ରର ସାମାଜିକ ବିକାଶ କର୍ମଶାଳାରେ ଓଡ଼ିଶା ଥିଲା ୨୫ଶ ସ୍ଥାନରେ। କେରଳ ରହିଥିଲା ସର୍ବାଗ୍ରେ। ସୁତରାଂ ଏହି ସୂଚକାଙ୍କ ହିଁ ସରକାର ଓ ପ୍ରଶାସନର ଦକ୍ଷତାକୁ ସୂଚାଇଦେଉଛି। ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି। ଆଶା ଆମ ରାଜ୍ୟକୁ ଏପରି ସୂଚକାଙ୍କ ସୁଶିକ୍ଷା ପ୍ରଦାନ କରିବ ଏବଂ ରାଜ୍ୟକୁ ବିକାଶ ଦିଗରେ ଆଗୁସାର କରିବ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଦଣ୍ଡମୁକ୍ତ ଘୋଷଣା ଶିକ୍ଷାକୁ ଧୋଇନେଲା

ଓଡ଼ିଆରେ ଢଗଟିଏ ଅଛି–'ଯାହା ନ ଦେଖିଛ ଦେଖ ନା କଇଁଛ କାଢ଼ିଛି ବେକ'। ଏବେ ଶିକ୍ଷାନୀତି ସେଇଭଳି ହୋଇଛି। ବିଦ୍ୟାଳୟ କାନ୍ଥରେ ଲେଖିଦିଆଗଲା ଦଣ୍ଡମୁକ୍ତ ଅଞ୍ଚଳ। ଶିକ୍ଷକମାନେ ପିଲାଙ୍କୁ ଦଣ୍ଡ ଦେଇପାରିବେ ନାହିଁ। କାନ୍ଥରେ ବି ଲେଖାଗଲା ଅଭିଯୋଗ ବାଢ଼ିବା ପାଇଁ ଦେୟମୁକ୍ତ ଫୋନ୍ ନମ୍ବର। କଥାରେ ଅଛି 'ପଙ୍କକୁ ଗଲେ ସିନା ଗୋଡ଼ ଧୋଇବାକୁ ପଡ଼ିବ।' ଦରମା ତ କଟୁନି। କିଛି ନ କହି ବସି ବସି ସମୟ କଟାଇଦେଲେ ଗଲା। ସରକାର ଖାଦ୍ୟ, ପୋଷାକ ଓ ସାଇକେଲ ଯୋଗାଇ ଓ ଦଣ୍ଡମୁକ୍ତ କରି ପାଠକୁ ପୋଛିଦେଲେ।

ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଅନାସ୍ଥା ଭୋଟରେ ହାରି ପଦବୀ ହରାଇଲେ ବେଣୀପୁର ସରପଞ୍ଚ

**ଡେରାବିଶ,୬।୨(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ପଞ୍ଚାୟତ ସରପଞ୍ଚ କନକଲତା ସାହୁ ଗୁରୁବାର ଅନାସ୍ଥା ଭୋଟରେ ପରାଜିତ ହୋଇ ତାଙ୍କ ପଦବୀ ହରାଇଥିବା ଜଣାଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ କେନ୍ଦ୍ରାପଡା ବ୍ଲକ ସଭାଗୃହରେ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିବା ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଏବଂ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଡେରାବିଶର ଅତିରିକ୍ତ ତହସିଲଦାର ଭୋଳାନାଥ ସେଠୀଙ୍କ ଉପସ୍ଥିତିରେ ଅନାସ୍ଥା ପାଇଁ ଭୋଟ ଗ୍ରହଣ ହୋଇଥିଲା। ୧୩ ୱାର୍ଡ ବିଶିଷ୍ଟ ବେଣପୁର ପଞ୍ଚାୟତର ୧୧ଜଣ ସଭ୍ୟାସଭ୍ୟ ମତଦାନ କରିଥିବା ବେଳେ ୨ଜଣ ୱାର୍ଡ ସଦସ୍ୟ ଅନୁପସ୍ଥିତ ରହିଥିଲେ। ମଧ୍ୟାହ୍ନ ୧୨ଟାରେ ଭୋଟ ଗଣତି କରାଯାଇ ଅନାସ୍ଥା ସପକ୍ଷରେ ୧୧ଗୋଟି ଭୋଟ ଏବଂ ବିପକ୍ଷରେ କୌଣସି ଭୋଟ ପଡି ନ ଥିବା ଜଣାଯାଇଥିଲା। ନିର୍ବାଚନ ସମୟରେ ସରପଞ୍ଚ କନକଲତା ଅନୁପସ୍ଥିତ ରହିଥିବା ଦେଖାଯାଇଥିଲା। ଭୋଟ ଗଣତି ପରେ କନକଲତା ତାଙ୍କ ସରପଞ୍ଚ ପଦବୀ ହରାଇଥିବା ଜଣାଯାଇଛି। ପଞ୍ଚାୟତର ଉପ ନିର୍ବାଚନ ଫଳାଫଳ ପର୍ଯ୍ୟନ୍ତ ନାଏବ ସରପଞ୍ଚ ସରପଞ୍ଚଙ୍କ ଦାୟିତ୍ୱ ତୁଲାଇବେ ବୋଲି ପ୍ରଶାସନିକ ସୂତ୍ରରୁ ଜଣାଯାଇଛି।

# ରଞ୍ଜନ ମୃତ୍ୟୁ ଘଟଣା:ତଦନ୍ତ ଦାବି



ଖବରଦାତା ସମ୍ମିଳନୀରେ ଓସାର କର୍ମକର୍ତ୍ତାମାନେ।

**କେନ୍ଦ୍ରାପଡା ଅଫିସ,୬।୨**

ଓଡିଶା ଜନ ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ମାର୍ଶାଘାଇ ଥାନା ମାଣିକପାଟଣା ଗ୍ରାମର ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗୁରୁବାର ଦାବି ହୋଇଛି । ସହରର ପ୍ରେସରୁମ ଠାରେ ଓସାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଏହି ଘଟଣାରେ ଜିଲା ପୋଲିସର ତଦନ୍ତରେ ନିଷ୍କ୍ରିୟତାକୁ ସମାଲୋଚନା କରାଯାଇଛି । ଓସାର କର୍ମକର୍ତ୍ତା ଶ୍ରୀ ଅଖଣ୍ଡ, ପ୍ରତାପ ଚନ୍ଦ୍ର ମହାନ୍ତି, କାଳନ୍ଦୀ ମଲ୍ଲିକ, ନଗେନ୍ଦ୍ର ଜେନା, ଜିଆଉଦ୍ଦିନ ଅହମ୍ମଦ, ବିକାଶ ମହାନ୍ତି, ରଞ୍ଜୁଲତା ମହାପାତ୍ର ଓ ସଂଯୁକ୍ତା ପାଣିଗ୍ରାହୀ ଯୋଗଦେଇ ରଞ୍ଜନଙ୍କ ମୃତ୍ୟୁ ଘଟଣାରେ ରାଜନେତା, ପ୍ରଶାସକ ଓ ଅସାମାଜିକ ଗୋଷ୍ଠୀର ହାତ ଥିବା ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ଏଠାରେ ସେମାନେ ପ୍ରକାଶ କରିଥିଲେ ଯେ, ରଞ୍ଜନ ସୂଚନା ଅଧିକାର ଆଇନ ଅଭିଯାନର ଜିଲା ଆବାହକ ଥିଲେ । ଗତ ୩ ବର୍ଷ ଧରି ଆରଟିଆଇରେ ତଥ୍ୟ ମାଗି ବହୁ ଦୁର୍ନୀତିକୁ ଲୋକଲୋଚନକୁ ଆଣିଛନ୍ତି । ଏଥିପାଇଁ ଦୁର୍ନୀତିଗ୍ରସ୍ତ ରାଜନେତା, ପ୍ରଶାସକ ଓ ଅସାମାଜିକ ଗୋଷ୍ଠୀର କୋପ ଦୃଷ୍ଟିରେ ଥିଲେ। ଏପରି କି ତାଙ୍କୁ ବହୁବାର ଜୀବନରୁ ମାରି ଦେବା ପାଇଁ ଧମକ ମିଳିଛି।

ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଜିଲା ପୋଲିସ ତାଙ୍କ ସୁରକ୍ଷା ନେଇ କେବେ ଚିନ୍ତା ପ୍ରକଟ କରି ନ ଥିଲା। ନିକଟରେ ମହାକାଳପଡା ବ୍ଲକ ଜଗତଜୋରରେ ଚିଙ୍ଗୁଡି ଘେରି ପାଇଁ ଲିଜ ନେଇଥିବା ଫାଲକନ କମ୍ପାନୀ ଓ ଏକ ଖେଳପଡିଆ ନିର୍ମାଣ ଦର୍ନୀତିର ପର୍ଦ୍ଦାଫାଶ ପାଇଁ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ । ଏହାସହିତ ୩୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ସନ୍ଦେହରେ ଆରଟିଆଇରେ ତଥ୍ୟ ମାଗିଥିଲେ । ଏଥିସହିତ ସେମାନେ ଦର୍ଶାଇଥିଲେ ଯେ, ରଞ୍ଜନଙ୍କ ମୃତ୍ୟୁ ହେବାର ଇତିମଧ୍ୟରେ ୬ ଦିନ ବିତିଛି । ଜିଲା ପୋଲିସ ଏନେଇ କରିଥିବା ତଦନ୍ତର କୌଣସି ତଥ୍ୟ ପରିବାର ସଦସ୍ୟ ଅଥବା ଗଣମାଧ୍ୟମକୁ ଦେଇନାହିଁ । ଫୋନ ଟ୍ରାକିଂ ଅବା ହତ୍ୟାକାରୀଙ୍କ ସମ୍ପର୍କରେ ସୂଚନା ପାଇଁ କୌଣସି ତଦନ୍ତ କରିନାହାନ୍ତି । ଏଥିପାଇଁ ଡିଜି ସ୍ତରରେ ଏକ ସ୍ୱତନ୍ତ୍ର ଟିମ୍ ମୃତ୍ୟୁର ରହସ୍ୟ ଉନ୍ମୋଚନ ପାଇଁ ତଦନ୍ତ କରାଯାଉ ବୋଲି ଓସା ପକ୍ଷରୁ ଦାବି ହୋଇଛି । ସୂଚନାଯୋଗ୍ୟ ଯେ, ଗତ ୧ତାରିଖରେ ମାର୍ଶାଘାଇ ଥାନା ଅନ୍ତର୍ଗତ ଭଗବାନପୁର ବେରୁହାଁ ରାସ୍ତାର ଏକ ମୋଡ ନିକଟ ଖାଲରୁ ରଞ୍ଜନ (୩୮)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ତାଙ୍କ ମୁହଁ ଉପରେ ମୋଟର ସାଇକେଲ ପଡିଥିଲା ବେଳେ ଶରୀରର ବିଭିନ୍ନ ଅଂଶରେ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ତଦନ୍ତ ସମ୍ପର୍କରେ ଏସଡିପିଓ ରାଜୀବ ଲୋଚନ ପଣ୍ଡା କୁହନ୍ତି ଯେ, ରଞ୍ଜନଙ୍କ ଫୋନ କଲକୁ ନେଇ ତଦନ୍ତ ହେଉଛି। ଏଥିସହ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ।

## ପଚ୍ଚାମୁଣ୍ଡାଇ ଏମ୍ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ୪.୫ ଲକ୍ଷ ଟଙ୍କା ପ୍ରଦାନ

**ପଚ୍ଚାମୁଣ୍ଡାଇ,୬।୨ (ସ୍ୱ.ପ୍ର.)**

ପଚ୍ଚାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଏମ୍ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ହାଇସ୍କୁଲର ଉନ୍ନତି ପାଇଁ ୪.୫ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ହରପାର୍ବତୀ ମନ୍ଦିର ପରିସରରେ ଇତିମଧ୍ୟରେ ଅନୁଷ୍ଠିତ ସଭାରେ ଛାତ୍ର ସଂସଦ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ସଭାପତିତ୍ୱ କରିଥିଲେ। ଏହି ସଭାରେ ପ୍ରାକ୍ତନ ସମ୍ପାଦକ ଡ. ବୈଷ୍ଣବ ଚରଣ ସିଂହ, କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ, ପୁରାତନ ଛାତ୍ର ସଂସଦର ସଦସ୍ୟ ପ୍ରାକ୍ତନ ଅଧ୍ୟକ୍ଷ ଭରତ ଚନ୍ଦ୍ର ପାତ୍ର, ପ୍ରାକ୍ତନ ଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ପାତ୍ର, ସତ୍ୟବାଦୀ ପ୍ରଧାନ , ତ୍ରିଲୋଚନ ଜେନା , ରାଜେନ୍ଦ୍ର ପ୍ରସାଦ ସିଂହ, ବିଜୟ କୁମାର ସାହୁ, ରମେଶ ଦେ, ପ୍ରମୋଦ ସାହୁ, ଶିଶିର ମଲ୍ଲିକ, ସର୍ବେଶ୍ୱର ସିଂହ, ରମାକାନ୍ତ ଦାଶ, ସଞ୍ଜୟ ବର୍ମା, ଅକ୍ଷୟ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପୁରାତନ ଶିକ୍ଷାନୁଷ୍ଠାନ ଏମ୍ଏନ୍ ହାଇସ୍କୁଲର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ୨୦୧୮ ଜାନୁୟାରୀରେ ଅନୁଷ୍ଠିତ ୭୫ତମ ବାର୍ଷିକ ଉତ୍ସବ ତଥା ପ୍ଲାଟିନମ୍ ଜୁବିଲିରେ ଆଦାୟ ହୋଇଥିବା ଅର୍ଥ ମଧ୍ୟରୁ ୪.୫ ଲକ୍ଷ ଟଙ୍କା ହାଇସ୍କୁଲକୁ ପ୍ରଦାନ କରାଯାଇଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ହାଇସ୍କୁଲର ଉନ୍ନତି ପାଇଁ ସମସ୍ତ ସହଯୋଗ କରିବାକୁ ସଭାରେ ସ୍ଥିର ହୋଇଥିଲା। ହାଇସ୍କୁଲର ଉନ୍ନତି ପାଇଁ ସରକାର ସହାୟତା ରାଶି ପ୍ରଦାନ କରିବାକୁ ଦୃଷ୍ଟି ଦେବାକୁ ଦାବି ହୋଇଥିଲା।

# ରିଟେଲର ବଦଳାଇବା ପାଇଁ ବିଡିଓଙ୍କୁ ଭେଟିଲେ ୧୪୩ ରାଶନ କାର୍ଡଧାରୀ


ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିବାକୁ ଆସିଥିବା ରାଶନକାର୍ଡଧାରୀମାନେ।

**ରାଜନଗର, ୬।୨(ଡି.ଏନ.ଏ.)**

ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ରିଘାଗଡ ଗାଁର ରିଟେଲର କ୍ଷୀରୋଦ କୁମାର ମହାରଣାଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ଗୁରୁବାର ୧୪୩ ଜଣ ରାଶନକାର୍ଡଧାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ମନ୍ଦରଧର ମହାଲିକ ଓ ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ସମିତିସଭ୍ୟ ଗୌରାଙ୍ଗ ବାରିକଙ୍କ ନେତୃତ୍ୱରେ ରାଶନକାର୍ଡଧାରୀମାନେ ଯାଇ ସେମାନେ ମହାରଣାଙ୍କ ଠାରୁ ଆଉ ରାଶନ ସାମଗ୍ରୀ ନେବେ ନାହିଁ ବୋଲି ଜଣାଇଥିଲେ । ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉ ବୋଲି ସେମାନେ ଦାବି କରିଥିଲେ। ଏ ସଂପର୍କରେ ଯୋଗାଣ ଅଧିକାରୀ ଦାସଙ୍କୁ ପଚାରିବାରୁ ରିଘାଗଡ ରିଟେଲର କ୍ଷୀରୋଦଙ୍କ ନିକଟରୁ ୧୯୦ଜଣ ରାଶନ ସାମଗ୍ରୀ ନେଉଥିଲେ। ସେମାନଙ୍କ ମଧ୍ୟରୁ ୧୪୩ଜଣ ରାଶନକାର୍ଡଧାରୀ ତାଙ୍କ ଠାରୁ ସାମଗ୍ରୀ ନେବେ ନାହିଁ ବୋଲି ଜଣାଇଛନ୍ତି । ଫେବୃୟାରୀ ଓ ମାର୍ଚ୍ଚ ମାସ ପାଇଁ ସଂପୃକ୍ତ ରିଟେଲର ସାମଗ୍ରୀ ଉଠାଇ ସାରିଛନ୍ତି । ସେଥିପାଇଁ ଏହି ଦୁଇ ମାସର ରାଶନ ସାମଗ୍ରୀ ସଂପୃକ୍ତ ରିଟେଲରଙ୍କ ଠାରୁ ନେବାକୁ କୁହାଯାଇଛି। ଏପ୍ରିଲ ମାସଠାରୁ ଏହି ରାଶନକାର୍ଡଧାରୀଙ୍କ ପାଇଁ ଅନ୍ୟ ଜଣେ ରିଟେଲରଙ୍କୁ ଦାୟିତ୍ୱ ଦିଆଯିବ।

# ଶ୍ରୀ ଶ୍ରୀ ଲକ୍ଷ୍ମୀବରାହଜୀଉଙ୍କ ଜନ୍ମୋତ୍ସବ : ଆଳି ଉତ୍ସବ ମୁଖର


ଶ୍ରୀ ଲକ୍ଷ୍ମୀବରାହ ଜୀଉ।


ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ।

**ଆଳି,୬।୨(ଡି.ଏନ.ଏ)**

ଆଳି ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହଜୀଉଙ୍କର ଜନ୍ମ ମହୋତ୍ସବ ଗୁରୁବାର ଲକ୍ଷ୍ମୀବରାହ ଜୀଉ ମନ୍ଦିର ପରିସରରେ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି । ଜନ୍ମୋତ୍ସବ (ବରାହଦ୍ୱାଦଶୀ)ରେ ଠାକୁରଙ୍କୁ ଦର୍ଶନ କରିବା ନିମନ୍ତେ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ଯୋଗୁ ସମଗ୍ର ଆଳି ଅଞ୍ଚଳ ଉତ୍ସବମୁଖର ହୋଇପଡିଛି। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ଲାଗି ଲକ୍ଷ୍ମୀବରାହଜୀଉଙ୍କ ମନ୍ଦିର ନିକଟରୁ ଆଳି ନୂଆବଜାର ପର୍ଯ୍ୟନ୍ତ ସୁସଜ୍ଜିତ ତୋରଣମାନ କରାଯିବା ସହ ସେଗୁଡିକୁ ଆଲୋକ ମାଳାରେ ସଜା ଯାଇଥିବା ଦେଖିବାକୁ ମିଳିଛି । ଶ୍ରୀଲକ୍ଷ୍ମୀବରାହ ସେବକ ସଂଘ, ଦେମାଳ ଲକ୍ଷ୍ମୀବରାହ ୟୁଥକ୍ଲବ ଓ ଟ୍ରଷ୍ଟବୋର୍ଡର ମିଳିତ ଉଦ୍ୟମରେ ଏହି ଉତ୍ସବ ଦୀର୍ଘବର୍ଷ ହେବ ପାଳିତ ହୋଇଆସୁଛି। ଠାକୁରଙ୍କ ଜନ୍ମୋତ୍ସବରେ ବିଭିନ୍ନ ନୀତିକାନ୍ତି କରାଯିବା ସହ ବିଭିନ୍ନ ପ୍ରକାର ବେଶ କରା ଯାଇଥାଏ । ବରାହ ଦ୍ୱାଦଶୀ ଅବସରରେ ଭୋର ୪ଟାରେ ପହୁଡ ଖୋଲିବା ପରେ ମଙ୍ଗଳ ଆଳତି କରାଯାଇ ଠାକୁରଙ୍କୁ ରାଜାବେଶ କରାଯାଇଥିଲା । ପୂର୍ବାହ୍ନ ୧୧ ଟାରେ ବାଳ ଧୂପ କରା ଯାଇଥିଲା । ବରାହଦ୍ୱାଦଶୀ ଦିନ ଯେଉଁ ବାଳ ଧୂପ କରାଯାଏ ତାହା ହେଉଛି ଜନ୍ମ ଧୂପ , ଯାହାକି ବର୍ଷକରେ ଥରେ ମାତ୍ର କରାଯାଏ ବୋଲି ପୂଜକମାନଙ୍କ ଠାରୁ ଜଣାପଡିଛି । ମଧ୍ୟାହ୍ନ ସମୟରେ ଠାକୁରଙ୍କ ନିକଟରେ ପ୍ରସାଦ ଭୋଗ ଲାଗି କରାଯିବା ପରେ ପହଡ ପଡିଥିଲା । ଅପରାହ୍ନରେ ପହଡ ଖୋଲିଥିଲା । ସନ୍ଧ୍ୟାରେ ସନ୍ଧ୍ୟା ଧୂପ ଓ ରାତିରେ ପ୍ରସାଦ ଧୂପ ହୋଇଥିଲା । ଏହି ଅବସରରେ ଠାକୁରଙ୍କ ପ୍ରିୟ ଭୋଗ କାକରା ସହିତ ଖିରି, ଲୁଚି, କାକରା,ମାଳପୁଆ ପ୍ରଭୃତି ଅନେକ ପ୍ରକାର ଭୋଗ କରା ଯାଇଥାଏ । ଏହି ଦିବସରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ଆଳି ତଥା ରାଜକନିକା, ରାଜନଗର, ପଚ୍ଚାମୁଣ୍ଡାଇ, କେନ୍ଦ୍ରାପଡା ଓ ଯାଜପୁର ଅଞ୍ଚଳର ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସିଥିବାର ଦେଖିବାକୁ ମିଳିଥିଲା । ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ଉପରୋକ୍ତ ଅନୁଷ୍ଠାନଗୁଡିକ ସହଯୋଗରେ ଯଜ୍ଞ, ନାମ ସଂକୀର୍ତ୍ତନ କରାଯିବା ସହିତ ୧୦୮ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ହରିହାଟ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଜାଭିୟର ଇଣ୍ଟର ନ୍ୟାଶନାଲ ସ୍କୁଲ ଓ ଶ୍ରୀ କ୍ରିଷ୍ଣା ଏନଏକ୍ସ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପାନୀୟ ଜଳର ବ୍ୟବସ୍ଥା କରା ଯାଇଥିବା ବେଳେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଖୋଲା ଯାଇଥିଲା । ଆଳି ଅଞ୍ଚଳରେ ଥିବା ବିଭିନ୍ନ ଯୁବକ ସଂଘର ସଦସ୍ୟମାନେ ମନ୍ଦିର ପରିସରରେ ଦିନ ତମାମ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ବିଧାୟକଙ୍କ ଦ୍ୱାରା ୩ ସେତୁର ଶିଳାନ୍ୟାସ

**ପାଟକୁରା,୬।୨(ଡି.ଏନ୍.ଏ.)**


ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଗୁରୁବାର ଗରଦପୁର ବ୍ଲକ ଅଞ୍ଚଳରେ ତିନି ଗୋଟି ସେତୁର ଶିଳାନ୍ୟାସ କରିଛନ୍ତି । ଗମନାଗମନର ସୁବିଧା ପାଇଁ ବିଜୁସେତୁ ଯୋଜନାରେ ଏସବୁ ସେତୁ ନିର୍ମାଣ ହେବ । ନାଗଣପୁର-ମହମଦପୁର ରାସ୍ତାରେ ପାଟନାଳୀ ଉପରେ ୨ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟରେ ଏକ ସେତୁ ନିର୍ମାଣ ହେବ । ଏଥିରେ ନାଗଣପୁର, ମଧୁ, ଚାଞ୍ଚୋଳ, ନଗରିପଡ଼ା ଓ ଅର୍ଜ୍ଜୁନପୁର ଗ୍ରାମର ଜନସାଧାରଣ ଉପକୃତ ହେବେ । ସେହିପରି କୁସୁନପୁର-ଭାରିଗୋଳ ରାସ୍ତାର ପାଟନାଳୀ ଉପରେ ୨ କୋଟି ୭୯ ଲକ୍ଷ ଟଙ୍କା ବ୍ୟୟରେ ସେତୁ ନିର୍ମାଣ ହେବ । ଏଥିରେ ଭାରିଗୋଳ, କୁସୁନପୁର, ପଟିକିରା, ମିର୍ଜାପୁର ଗ୍ରାମବାସୀ ଉପକୃତ ହେବେ । ସେହିପରି ସାନକୋରୁଆ ହୁରାସାହି ରାସ୍ତାର କରାଣ୍ଡିଆ ନଦୀ ଉପରେ ୧୪ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ସେତୁ ନିର୍ମାଣ ହେବ । ବାଲିସାହି, ନାନ୍‌କାର, ଛକନା, ହରିଅଙ୍କ, ସଠିଲୋ ଅଞ୍ଚଳର ଲୋକେ ଉପକୃତ ହେବେ । ବିଧାୟିକାଙ୍କ ସହିତ ସଞ୍ଜୟ ଅଗ୍ରୱାଲ , ନାରାୟଣ ସ୍ୱାଇଁ, ବ୍ଲକ ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ, ପୂର୍ବତନ ସରପଞ୍ଚ ଶଶାଙ୍କ ପରିଡ଼ାଙ୍କ ସମେତ ଦଳର ଛାମୁଆ କର୍ମୀମାନେ ସାମିଲ ହୋଇଥିଲେ ।

# ନାରୀଗାଁ ଜଗନ୍ନାଥ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ଯାଜପୁର ଅଫିସ, ୬।୨:** ଦଶରଥପୁର ବ୍ଲକ ଜାଫରପୁର ପଞ୍ଚାୟତ ଅନ୍ତର୍ଗତ ନାରୀଗାଁରେ ଥିବା ଜଗନ୍ନାଥ ମନ୍ଦିରର ୧୦ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସତ୍ୟାନନ୍ଦ ଦାସ ଯୋଗଦେଇ ପ୍ରବଚନ ଜରିଆରେ ଜଗନ୍ନାଥ ସଂସ୍କୃତି ଓ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ନିକଟସ୍ଥ ଆଉଁରି ପଞ୍ଚାୟତ ବାହାରକୁଳ ଅଞ୍ଚଳର ମୁଖ୍ୟ ପୂଜକ ତ୍ରିଲୋଚନ ଦାସ ଓ ତାଙ୍କ ସହଯୋଗୀମାନେ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ କାର୍ଯ୍ୟ ନିର୍ବାହ କରିଥିଲେ। କର୍ତ୍ତାଭାବେ ମନ୍ଦିରର ପ୍ରତିଷ୍ଠାତା ବୈଜ୍ଞାନିକ ଡ.ଶଶଧର ମେଦିନ ସିଂ ମହାପାତ୍ର ଓ ତାଙ୍କ ସହଧର୍ମିଣୀ ଡ. ମୀରା ମହାପାତ୍ର ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ଦିର ସେବା ସଂସ୍ଥା ପକ୍ଷରୁ ବୈଜ୍ଞାନିକ ମେଦିନ ସିଂ ମହାପାତ୍ର, ବାସୁଦେବ ମଲ୍ଲିକଙ୍କ ସମେତ ଆଖପାଖ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ନାରୀଗାଁ ସମେତ ବିରିପଟା, ବନ୍ଧସାହି, ସାନକୁଆଁଲ, ବଡ କୁଆଁଲ, ଶାସନ କମାରସାହି, ଚମ୍ପାପାଳ, କୁସୁନିପୁର, ପାଲଟପୁର, ଜାଫରପୁର ପଞ୍ଚାୟତର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୭ ଫେବୃୟାରୀ, ୨୦୨୦



ଟିକିଏ ଟିକିଏ ଭଦ୍ରାମୀ ଜୀବନକୁ ମଧୁମୟ କରିଦିଏ।
- ସେକ୍ସପିୟର



## ସଂକ୍ଷେପରେ

### ଗଙ୍ଗାଧରପୁର କ୍ରିକେଟ୍ ୧୮୧ ରନ୍‌ରେ ଜିତିଲା ନଠୁଆବର

**ଧର୍ମଶାଳା, ୬।୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ପତିତପାବନ ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହେଉଥିବା ଗଙ୍ଗାଧରପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ମ୍ୟାଚରେ ନଠୁଆବର ଟିମ୍ ଥାନୁଆଳ ଟିମ୍‌କୁ ୧୮୧ରନରେ ପରାସ୍ତ କରି ବିଜୟୀ ହୋଇଛି। ନଠୁଆବର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୩୬୫ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଶ୍ରୀବାସ ନାୟକ ୧୮୯ ରନ୍ ଓ ଜଗନ୍ନାଥ ୪୩ ରନ୍ କରିଥିଲେ। ବିପକ୍ଷ ଥାନୁଆଳ ଦଳର ବୋଲର୍ ବିଶାଳ ବିଶୋଇ ୪ଟି ଓ ଅରୁପାନନ୍ଦ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଥାନୁଆଳ ଦଳ ୧୪.୧ ଓଭରରେ ସମସ୍ତ ୱିକେଟ ହରାଇ ୧୮୪ରନ୍ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ମନୋଜ ବାରିକ ୫୪ ଓ ଜନ୍‌ସନ ପହୀ ୩୪ ରନ୍ କରିଥିଲେ । ବିପକ୍ଷ ନଠୁଆବର ପକ୍ଷରୁ ପ୍ରହ୍ଲାଦ ପାତ୍ର ୫ଟି ୱିକେଟ ଅକ୍ତିଆର କରିଥିଲେ। ଖେଳକୁ ସୁନିଲ ସ୍ୱାଇଁ ଓ ସନ୍ତୋଷ ସର ପରିଚାଳନା କରିଥିଲେ। ଖେଳ ଶେଷରେ ମହେଶ୍ୱର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳର ଶ୍ରୀନିବାସ ନାୟକଙ୍କୁ ମ୍ୟାନଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଶୁକ୍ରବାର ଚୋରମୁହାଁ ସହିତ ତରଞ୍ଜିଆ ମଧରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ସୂଚନା ମିଳିଛି।

### ମା' ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା

ଧର୍ମଶାଳା ,୬।୨(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ ମୁରାରୀପୁର ଠାରେ ମା' ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଗୁରୁବାର ଅନୁଷ୍ଠିତ ହୋଇଛି। ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ମା' ମହାଲକ୍ଷ୍ମୀଙ୍କ ମଣ୍ଡପ ପ୍ରତିଷ୍ଠା କରାଯାଇଛି। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ମୁଖ୍ୟ ରବୀନ୍ଦ୍ର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁରାରୀପୁର ଗ୍ରାମବାସୀଙ୍କ ପକ୍ଷରୁ ବିମଳା ତ୍ରିପାଠୀ ଲକ୍ଷ୍ମୀ ମନ୍ଦିରର ସଂକଳ୍ପ କରିଥିଲେ। ଦିବସବ୍ୟାପି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଯୋଗଦେଇ ମହାଲକ୍ଷ୍ମୀଙ୍କ କୃପାଲାଭ କରିଥିଲେ। ଏହି ଉପଲକ୍ଷେ ଯଜ୍ଞ ୪ଦିନ ଧରି ଅନୁଷ୍ଠିତ ହେବ । ମା' ଲକ୍ଷ୍ମୀଙ୍କ ମନ୍ଦିର ନିର୍ମାଣ ପାଇଁ ରାମ୍‌କୋ ସିମେଣ୍ଟ କମ୍ପାନୀ ୧୨ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ବୋଲି ଜଗନ୍ନାଥ କମିଟିର ମୁଖ୍ୟ ରବୀନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଦରମା ନ ପାଇ ଦୁର୍ଦ୍ଦିନରେ ବିସ୍ଥାପିତ କର୍ମଚାରୀ

**ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ୍.ଏ.), ୬।୨**



ଅତିରିକ୍ତ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ବିସ୍ଥାପିତ କର୍ମଚାରୀ।

**କଳିଙ୍ଗନଗର ମେସ୍କୋ ଷ୍ଟିଲ**

- ଆସନ୍ତା ସୋମବାର ତ୍ରିପାକ୍ଷିକ ବୈଠକ
- ସମାଧାନ ନହେଲେ ବ୍ୟାପକ ଆନ୍ଦୋଳନ

କଳିଙ୍ଗନଗର ମେସ୍କୋ ଷ୍ଟିଲ ଲିଃ କାରଖାନାରେ କାର୍ଯ୍ୟରତ ବିସ୍ଥାପିତ ଶ୍ରମିକଙ୍କ ଜୀବନଜୀବିକା ସଙ୍କଟରେ ଗତି କରୁଛି। ଏହି କାରଖାନାରୁ ଉତ୍ପାଦନ ବନ୍ଦ ହୋଇଥିବାରୁ ୧୪୪ ବିସ୍ଥାପିତ କର୍ମଚାରୀ ଗତ ୪ ମାସ ହେଲା ଦରମା ନପାଇ ହନ୍ତସନ୍ତ ହେଉଛନ୍ତି। ଏହାସହ ଦରମା ଆଉ ମିଳିବ ନାହିଁ ବୋଲି କମ୍ପାନୀ କର୍ତ୍ତୃପକ୍ଷ ମନା କରି ଦେବାରୁ ଜମି, ଘରବାଡ଼ି ହରାଇଥିବା ବାସହ୍ୟୁତ ପରିବାରଙ୍କ ଭରଣପୋଷଣ ସମ୍ଭବ ହୋଇ ପାରୁନାହିଁ। ଏହିମର୍ମରେ ଗୁରୁବାର ବିସ୍ଥାପିତ କର୍ମଚାରୀମାନେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏହି ସମସ୍ୟାର ସମାଧାନ କରିବାକୁ ନିବେଦନ କରିଛନ୍ତି।

କଳିଙ୍ଗନଗରରେ ୧୯୯୬ରୁ କାରଖାନା ନାମରେ ହାତେଇଥିବା ଯୋଡ଼ା-ରଇଡା ଖଣି ଖାଦାନରୁ ମେସ୍କୋ କୋଟି କୋଟି ଟଙ୍କା ଲାଭ ଉଠାଇଛି। ଏହି ମାମଲାରେ ମେସ୍କୋ ଷ୍ଟିଲ ଲିଃକୁ ୯୩୬କୋଟି ଟଙ୍କାର ଜରିମାନା ପଡ଼ିଛି। ସମ୍ପ୍ରତି ଖଣି ଲିଜ୍ ପ୍ରକ୍ରିୟା ଚାଲିଥିବାବେଳେ ମେସ୍କୋ ଷ୍ଟିଲକୁ ଅନାଦେୟ ଜରିମାନା ପାଇଁ ପୁଣି ଖଣି ଲିଜ୍ ମିଳିବ ନେଇ ସନ୍ଦୀହାନ ଦେଖା ଦେଇଛି। ଅନ୍ୟପକ୍ଷେ ମେସ୍କୋ ଷ୍ଟିଲ୍ ମାଲିକାନାରେ ଥିବା ମୈଥାନ ଷ୍ଟିଲ୍ ମଧ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ପଡ଼ିଛି। ଏହିକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ଦରମା ମିଳୁ ନାହିଁ। ଏହି କାରଣରୁ ଗତ ଡିସେମ୍ବର ମାସରେ ମୈଥାନ ଷ୍ଟିଲ୍ କର୍ମଚାରୀମାନେ ମେସ୍କୋ ଗେଷ୍ଟହାଉସରେ ମସ୍କୋ ଗ୍ରୁପର ଅଧକ୍ଷା ରୀତା ସିଂଙ୍କୁ ୩୮ଘଣ୍ଟା ପର୍ଯ୍ୟନ୍ତ ନଜରବନ୍ଦୀ କରି ରଖିଥିଲେ। ଏନେଇ ପ୍ରଶାସନ ସହ ତ୍ରିପାକ୍ଷିକ ବୈଠକରେ ସମସ୍ୟାର ସମାଧାନ କରାଯିବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ଏଯାଏ ସମସ୍ୟାର ସମାଧାନ ହୋଇପାରି ନାହିଁ। ଏହି ପରିସ୍ଥିତିରେ ମେସ୍କୋ କାରଖାନାରେ ପୁଣି ଦରମା ପ୍ରଦାନ ନେଇ ଅନିଶ୍ଚିତତା କର୍ମଚାରୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ମେସ୍କୋ ଷ୍ଟିଲ କଳିଙ୍ଗନଗରବାସୀଙ୍କୁ ଦୀର୍ଘଦିନ ହେଲା ଠକି ଚାଲିଛି। ମେସ୍କୋ ଗ୍ରୁପ ଦ୍ୱାରା ଯାଜପୁର ଜିଲା କଳିଙ୍ଗନଗରରେ ଦୁଇଟି କାରଖାନା ମେସ୍କୋ କଳିଙ୍ଗ ଓ ମେସ୍କୋ ଷ୍ଟିଲ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତି ଦେଇ ଇଡ୍‌କୋ ଠାରୁ ୨ହଜାରରୁ ଉର୍ଦ୍ଧ୍ୱ ଏକର ଜମି ନେଇଛି। ୧୯୯୬ ଅଗଷ୍ଟ ମାସରେ କେବଳ ମେସ୍କୋ ଷ୍ଟିଲ ଉତ୍ପାଦନକ୍ଷମ ହେଲା ବୋଲି ଘୋଷଣା କରି ଯୋଡ଼ା ଖଣି ମଣ୍ଡଳରେ ଦୁଧିଆଳି ଖଣି ହାତେଇ ନେଇଥିଲା। ଇତିମଧ୍ୟରେ ଖଣି ଉତ୍ତୋଳନରେ ବ୍ୟାପକ ଅନିୟମିତତା ମାମଲାରେ ପଡ଼ି ମେସ୍କୋ ଉପରେ ଜରିମାନା ପଡ଼ିଛି। ଏହି ମାମଲାରୁ ମୁକୁଳିବାକୁ ମେସ୍କୋ ଷ୍ଟିଲର ମାଲିକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ କିଛି ସୁଫଳ ମିଳି ନ ଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ମେସ୍କୋରେ କାର୍ଯ୍ୟରତ ବିସ୍ଥାପିତ କର୍ମଚାରୀମାନେ ଦରମା ନ ପାଇ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ତେବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର କର୍ମଚାରୀଙ୍କୁ ଆସନ୍ତା ସୋମବାର ଶ୍ରମ ଅଧିକାରୀ, କାରଖାନା କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ନେଇ ଏକ ବୈଠକର ଆୟୋଜନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ବୈଠକରେ ସମସ୍ୟାର ସମାଧାନ ଦିଗରେ ଉଦ୍ୟମ ହେବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଏହି ଗୁରୁତର ସମସ୍ୟାର ସମାଧାନ ଯଦି ନ ହୁଏ ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ବିସ୍ଥାପିତ କର୍ମଚାରୀ ଶେଖ ନୌସାଦ, ଶେଖ ଆବିଦ, ଏସ୍.କେ. ମତଲୁବ, ଶେଖ ମହମ୍ମଦ ସମିମ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ମା' କାଳିଆଶୁଣୀ କ୍ଲବ କ୍ରିକେଟ ଉଦ୍‌ଘାଟିତ: ମହିଶରା ବିଜୟୀ

**ଧର୍ମଶାଳା,୬।୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଗଡ଼ମଧୁପୁର ପଞ୍ଚାୟତ ମହାବୀର କ୍ଲବ ଆନୁକୂଲ୍ୟରେ ଭୁବନପୁର ସ୍କୁଲ ପଡିଆଠାରେ ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଜେନାପୁର ଟିମ୍‌କୁ ୪ୱିକେଟରେ ପରାସ୍ତ କରି ମା' ହିଙ୍ଗୁଳା କ୍ରିକେଟ୍ ଟିମ୍ ମହିଶରା ବିଜୟୀ ହୋଇଛି। ପ୍ରଥମେ ଜେନାପୁର ଟିମ୍ ବ୍ୟାଟିଂ କରି ୧୭.୨ ଓଭରରେ ସମସ୍ତ ୱିକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚନ୍ଦନ ୧୫ ଓ ଉତ୍କଳ ୧୦ ରନ କରିଥିଲେ। ବିପକ୍ଷ ମହିଶରା ପକ୍ଷରୁ ତପନ ମଲିକ ୪ଟି ଓ ହିମାଂଶୁ ବେହେରା ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ମହିଶର ଟିମ ବ୍ୟାଟିଂ କରି ୧୫ ଓଭରରେ ୬ ୱିକେଟ ହରାଇ ୧୦୯ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଦ୍ୟାଧର ବେହେରା ୨୬ ଓ ତପନ ମଲ୍ଲିକ ୧୭ ରନ କରିଥିଲେ। ବିପକ୍ଷ ଜେନାପୁର ପକ୍ଷରୁ ଉତ୍କଳ ୩ଟି ଓ ମାନସ ୨ଟି ୱିକେଟ ନେଇଥିଲେ। ମ୍ୟାଚକୁ ସୂର୍ଯ୍ୟକାନ୍ତ ମଲିକ ଓ ତପନ କୁମାର ମଲିକ ପରିଚାଳନା କରିଥିଲେ। ଏହି ଉଦ୍‌ଘାଟନୀ ମ୍ୟାଚରେ ଅତିଥିଭାବେ ସାମାଜିକ କର୍ମୀ ପ୍ରଦୀପ ବିଶ୍ୱାଳ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ।

## ଏସ୍‌ସିଏ ବାରଗାଡ଼ିଆ ବିଜୟୀ

**ଆନ୍ତଃକ୍ଲବ କ୍ରିକେଟ ଉଦ୍‌ଯାପିତ**

**ଧର୍ମଶାଳା,୬।୨(ଡି.ଏନ୍.ଏ.)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଜିଲା କ୍ରିକେଟ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଗୁଲଜାର ନଗର ପାଟଣାକୁ ୨ ୱିକେଟରେ ପରାସ୍ତ କରି ଏସିଏ ବାରଗାଡ଼ିଆ ଟିମ ଚାମ୍ପିୟନ ହୋଇଛି। ପ୍ରଥମେ ଗୁଲଜାର ନଗର ପାଟଣା ଟିମ୍ ବ୍ୟାଟିଂ କରି ୩୪.୪ ଓଭରରେ ସମସ୍ତ ୱିକେଟ ହରାଇ ୧୬୨ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସାୱନ ପହରିଆ ୪୩ ଓ ଦେବାନନ୍ଦ ପାତ୍ର ୨୬ ରନ କରିଥିଲେ। ବିପକ୍ଷ ବାରଗାଡିଆ ପକ୍ଷରୁ ସୁବ୍ରତ ମଲିକ ୪ଟି ଓ ଶିବାନନ୍ଦ ନାୟକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ବାରଗାଡିଆ ଟିମ୍ ବ୍ୟାଟିଂ କରି ୩୭.୩ ଓଭରରେ ୮ ୱିକେଟ ହରାଇ ୧୬୬ରନ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ଶୁଭକାନ୍ତ ମଲିକ ୫୧ ଓ ଅବିନାଶ ପ୍ରଧାନ ୩୪ ରନ କରିଥିଲେ। ବିପକ୍ଷ ଗୁଲଜାର ନଗର ପାଟଣା ପକ୍ଷରୁ ସାୱନ ପହରିଆ ୩ଟି ଓ ଚନ୍ଦ୍ରଶେଖର ୨ଟି ୱିକେଟ ନେଇଥିଲେ। ଏହି ଖେଳକୁ ରଞ୍ଜନ ପାଲ ଓ ଉତ୍ତମ ସାମଲ ପରିଚାଳନା କରିଥିଲେ।

## ଥାନା ସମ୍ମୁଖରେ ମହିଳାଙ୍କୁ ମାଡ଼

**ବିଞ୍ଝାରପୁର,୬।୨(ଡି.ଏନ୍.ଏ)**

ବିଞ୍ଝାରପୁର ଥାନା ସମ୍ମୁଖରେ ଗୁରୁବାର ରାତିରେ ଜଣେ ମହିଳାଙ୍କୁ ମାଡ଼ ମାରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଖବର ମୁତାବକ କୌଣସି ଏକ ଅଭିଯୋଗକୁ ନେଇ କେନ୍ଦ୍ରପଡ଼ା ଜିଲା ରାଜକନିକା ଅଞ୍ଚଳର ଜନୈକା ମହିଳା ବିଞ୍ଝାରପୁର ଥାନାକୁ ଅଭିଯୋଗ କରିବାକୁ ଆସିଥିଲେ। ସେ ଥାନାରୁ ବାହାରିବା ମାତ୍ରେ ରାଜକନିକା ଅଞ୍ଚଳର କେତେକ ଲୋକ ମହିଳାଙ୍କୁ ଥାନା ସମ୍ମୁଖରେ ନିସ୍ଥୁକ ମାଡ଼ ମାରିବା ସହ ଅପହରଣ କରିବାକୁ ଚେଷ୍ଟା କରିଥିଲେ। ମହିଳା ଜଣକ ଜୀବନ ବିକଳରେ ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ଘଟଣାରେ ହସ୍ତକ୍ଷେପ କରିବା ସହ ମହିଳାଙ୍କୁ ଉଦ୍ଧାର କରିଥିଲେ। ଏଥିସହିତ ମହିଳାଙ୍କୁ ମାଡ଼ ମାରିଥିବା ଲୋକଙ୍କୁ ଥାନାର ଜିମା ଦେଇଥିଲେ। ପୋଲିସ ମହିଳାଙ୍କୁ ମାଡ଼ ମାରିଥିବା ଲୋକଙ୍କୁ ପଚରାଉଚରା ଆରମ୍ଭ କରିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ।

## ଡିଏମ୍‌ଏଫ୍ ପାଣ୍ଠିରେ ନିର୍ମାଣ ପ୍ରକଳ୍ପର ସମୀକ୍ଷା

**ଯାଜପୁର ଅଫିସ,୬।୨**



**ଢେଙ୍କାନାଳ ଜିଲା ଖଣି ପ୍ରଭାବିତ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ସ୍ଥିତି ପରଖିଲେ ଯାଜପୁର ଜିଲାପାଳ**

ଯାଜପୁର ଜିଲାର ପେଡ଼ୋଶୀ ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଅନ୍ତର୍ଗତ ଭୁବନ ବ୍ଲକର ଖଣି ପ୍ରଭାବିତ ଅଞ୍ଚଳରେ ଯାଜପୁର ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ) ପାଣ୍ଠି ଜରିଆରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଗୁରୁବାର ହୋଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଭୁବନ ଅଞ୍ଚଳ ଗସ୍ତ କରି ସ୍ଥାନୀୟ ଲୋକଙ୍କ ମତାମତ ନେବା ସହ ସ୍ଥାୟୀଭାବେ ନିର୍ମାଣ ହୋଇଥିବା ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବାକୁ ସମସ୍ତେ ଉଦ୍ୟମ କରିବାକୁ ଅନୁରୋଧ କରିଥିଲେ। ଭୁବନଠାରେ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ସେ ସ୍ଥାନୀୟ ଗ୍ରାମବାସୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏଥିସହ ଏଥିପାଇଁ ବିଦ୍ୟୁତ ଦେୟ ସହ ପ୍ରକଳ୍ପର ପରିଚାଳନା ଦାୟିତ୍ୱ ନିଜେ ବହନ କରିବେ ବୋଲି ଜିଲାପାଳ ଦାସ କହିଥିଲେ। ସେହିପରି ଡୁବୁରୀରୋଡ ଠାରୁ କାମାକ୍ଷାନଗର ରେଙ୍ଗାଲୀ ଡ୍ୟାମ ବାମ କେନାଲ ବନ୍ଧରେ ରାସ୍ତା ନିର୍ମାଣ ପାଇଁ ପାଣିକୋଇଲି ପୂର୍ତ୍ତବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବିଭିନ୍ନ ପର୍ଯ୍ୟାୟରେ ଏଥିପାଇଁ ୩୯.୩୮କୋଟି, ୪୯.୫୧କୋଟି ଓ ୩୮.୭୦କୋଟି ଆବଣ୍ଟନ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। ଏହାସହ ଭୁବନ ବ୍ଲକର ଓଡ଼ିଶୋ ପଞ୍ଚାୟତ ବଡ଼କାଠିଆ ଗ୍ରାମରେ ୪୯.୭୫ଲକ୍ଷ, ବରୁହାଁ ପଞ୍ଚାୟତର ଡେଙ୍ଗବାହାଳି ଗ୍ରାମରେ ୬୫.୧୨ଲକ୍ଷ ଏବଂ ଭୁବନ ବ୍ଲକ ଗବଗୋଦର ଗ୍ରାମରେ ୩୨.୪୬ଲକ୍ଷ ଟଙ୍କା ବ୍ୟୟରେ ଢେଙ୍କାନାଳ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପର ବ୍ୟବସ୍ଥା କରାଯାଇଛି। ସମୀକ୍ଷା ସମୟରେ ଜିଲାପାଳ ଦାସଙ୍କ ସହିତ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଅମୀୟ କୁମାର ପରିଜା, ଜିଲା ସମ୍ପର୍କ ଓ ଲୋକ ସୂଚନା ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଖଣିଜ ପାଣ୍ଠିର ସଂଯୋଜକ ସୁଭାଶିଷ କୁମାର ପ୍ରମୁଖ ସାମିଲ ହୋଇଥିଲେ। ଉପରୋକ୍ତ ଗ୍ରାମଗୁଡ଼ିକର ଉତ୍କଟ ଜଳସମ୍ୟାକୁ ଯାଜପୁର ଜିଲାର ଡିଏମ୍‌ଏଫ୍ ପାଣ୍ଠି ଦ୍ୱାରା ସମାଧାନ କରାଯାଇଥିବାରୁ ଗ୍ରାମବାସୀ ଖୁସିବ୍ୟକ୍ତ କରିଥିଲେ।

## ଆଳି ଆଥଲେଟ ଆସୋସିଏଶନ ବିଜୟୀ

**ଧର୍ମଶାଳା,୬।୨(ଡି.ଏନ୍.ଏ.)**



ରାଜ୍ୟସ୍ତରୀୟ 'ଡିଫା' କପ୍ ଉଦଘାଟନ ଉତ୍ସବରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ରାଜ୍ୟସ୍ତରୀୟ 'ଡିଫା'' କପ୍ ଫୁଟବଲ ଉଦ୍‌ଘାଟିତ**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଧର୍ମଶାଳା ବାଣୀପୀଠ ପଡ଼ିଆରେ ୨୨ତମ ରାଜ୍ୟସ୍ତରୀୟ 'ଡିଫା' କପ୍ ଓ ଦ୍ୱିତୀୟ ବାର୍ଷିକ ରଣଜିତ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ଖେଳକୁ କ୍ରୀଡ଼ାବିତ ହିମାଂଶୁ ଶେଖର ସାହୁ ଓ ଖେଳ ଶିକ୍ଷକ ସୁଶାନ୍ତ କୁମାର ରାୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ସୋତଲ ଫୁଟବଲ କପ କଟକ ଓ ଆଳି ଆଥିଲେଟିକ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ଉନ୍ନତ ଖେଳ ପ୍ରଦର୍ଶନ କରିବା ଫଳରେ କେହି କାହାକୁ ଗୋଲ କରିପାରି ନ ଥିଲେ। ଶେଷରେ ଟାଇବ୍ରେକରେ ୩/୨ ଗୋଲରେ ଆଳି ବିଜୟୀ ହୋଇଥିଲା। ଏହି ଖେଳକୁ ଚିତ୍ତରଞ୍ଜନ ଓଝା ପରିଚାଳନା କରିଥିବାବେଳେ ଲାଇନରେ ଶୈଳେଶ ପାଣି ଓ ସେକ ସଲିମ ଅହମ୍ମଦ ସହାୟତା କରିଥିଲେ। ବିଜୟୀ ଦଳର ଗୋଲକିପର ଇମାଇ କିସ୍କୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଶୁକ୍ରବାର କଳିଙ୍ଗ ସ୍ପୋଟିଂ କ୍ଲବ ଭୁବନେଶ୍ୱର ସହିତ ୟୁନାଇଟେଡ କ୍ଲବ ଭଦ୍ରକ ମଧରେ ଅନୁଷ୍ଠିତ ହେବ ବୋଲି ଡିଫା ସଭାପତି ପ୍ରମୋଦ କୁମାର ଦାସ ଓ ସାଧାରଣ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୁଚନା ଦେଇଛନ୍ତି।

## ତହସିଲ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ

**ଧର୍ମଶାଳା,୬।୨(ଡି.ଏନ୍.ଏ.):** ଧର୍ମଶାଳା ତହସିଲ ସମ୍ମୁଖରୁ ଜବରଦଖଲକାରୀଙ୍କୁ ଗୁରୁବାର ଉଚ୍ଛେଦ କରାଯାଇଛି। ଦୀର୍ଘବର୍ଷ ହେବ ତହସିଲ ସମ୍ମୁଖରେ ଜବର ଦଖଲକାରୀମାନେ କ୍ୟାବିନ ଓ ଘର ତିଆରି କରି ବ୍ୟବସାୟ ଚଳାଇ ଆସୁଥିଲେ। ତହସିଲ ପ୍ରଶାସନ ପକ୍ଷରୁ ଏମାନଙ୍କୁ ସ୍ଥାନ ଛାଡ଼ିବାକୁ ନୋଟିସ ଦିଆଯାଇଥିଲା। ତେବେ ଜବରଦଖଲକାରୀମାନେ ସ୍ଥାନ ନ ଛାଡ଼ିବାରୁ ଗୁରୁବାର ତହସିଲ ଓ ପୋଲିସ ପ୍ରଶାସନ ମିଳିତ ଭାବରେ ଜେସିବି ମେଶିନ ସାହାଯ୍ୟରେ ୧୧ଟି ନିର୍ମିତ ଘରଗୁଡ଼ିକୁ ଭାଙ୍ଗି ଦେଇଥିଲେ। ଏହି ଉଚ୍ଛେଦ ପକ୍ରିୟାରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତିଙ୍କ ସମେତ ଧର୍ମଶାଳା ପୋଲିସ କର୍ମଚାରୀ ସାମିଲ ଥିଲେ।



## ଦୋକାନ, ବାସଗୃହ ଖାଲି କରିବାକୁ ନୋଟିସ୍

**ସୁକିନ୍ଦା,୬।୨(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ପିମ୍ପୁଡିଆଠାରେ ମାର୍କେଟ କମ୍ପ୍ଲେକ୍ସ ଓ ଯାତ୍ରାପଡ଼ିଆ ନିର୍ମାଣକୁ ନେଇ ବିବାଦ ଉଗ୍ରରୁପ ଧାରଣ କରିବାକୁ ଯାଉଛି। ସରପଞ୍ଚ ସ୍ୱାମୀଙ୍କ ଚେତାବନୀ ପରେ ଖୋଦ୍ ସରପଞ୍ଚ ମନୋରମା ନାୟକ ଦୋକାନଗୁଡ଼ିକୁ ଖାଲି କରିବା ସହ ବାସଗୃହ ଖାଲି କରିବାକୁ ଗୁରୁବାର ପତ୍ର ସଂଖ୍ୟା ନଂ. ୩୧/୨୦୨୦ରେ ନୋଟିସ ଜାରି କରିଛନ୍ତି। ଏହା ଜଣାପଡ଼ିବା ପରେ ବିବାଦ ଉଗ୍ରରୁପ ଧାରଣ କରିବାକୁ ଯାଉଛି। ସୂଚନାଯୋଗ୍ୟ ସୁକିନ୍ଦା ବ୍ଲକ ପିମ୍ପୁଡ଼ିଆଠାରେ ଜିଲା ଖଣିଜ ପାଣ୍ଠିରେ ମାର୍କେଟ କମ୍ପ୍ଲେକ୍ସ ସହ ଯାତ୍ରା ପଡ଼ିଆ ପାଇଁ ଜମିର ଆବଶ୍ୟକ ରହିଛି। ପଞ୍ଚାୟତର ବିଭିନ୍ନ ସ୍ଥାନରେ ସରକାରୀ ଜମି ପଡ଼ି ରହିଥିବାବେଳେ ରେଙ୍ଗାଲି କେନାଲ୍ ସନ୍ନିକଟରେ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପିମ୍ପୁଡିଆ ସରପଞ୍ଚଙ୍କ ସ୍ୱାମୀ ଦୋକାନୀଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଏହାକୁ ବିରୋଧ କରି ପ୍ରଭାବିତ ଦୋକାନୀ ଏବଂ ଅଞ୍ଚଳବାସୀ ବୁଧବାର ଏକ ବୈଠକ ଡକାଇ ଏହି ଘଟଣାରେ ଜିଲାପାଳ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ଲୋକମାନଙ୍କ ଏଭଳି ବିରୋଧାଭାଷ ଦେଖି ପିମ୍ପୁଡ଼ିଆ ସରପଞ୍ଚ ଗୁରୁବାର ତରବରିଆ ଭାବେ ଲୋକମାନଙ୍କ ମତାମତ ନ ନେଇ ବଳପୂର୍ବକ ଏହି ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ନୋଟିସ ଜାରି କରିଛନ୍ତି। ଜିଲା ଖଣିଜ ପାଣ୍ଠିର ନିୟମ ଅନୁସାରେ ଖଣି ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଜୀବନଜିବିକାକୁ ସୁନିଶ୍ଚିତ କରିବା ନିମନ୍ତେ ଖସଡା ପ୍ରସ୍ତୁତ କରିବାର ପ୍ରାବଧାନ ରହିଛି। ହେଲେ ଏଠାରେ ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ରାଜନୈତିକ କ୍ଷମତାର ଅପବ୍ୟବହାର କରି ଜିଲା ଖଣିଜ ପାଣ୍ଠିକୁ ବ୍ୟବହାର କରାଯାଉଛି ବୋଲି ବ୍ୟବସାୟୀ ବିଶ୍ୱ ମହାକୁଡ଼, ରମେଶ ପାତ୍ର, କଳାକର ପାତ୍ର, ଦୋଳଗୋବିନ୍ଦ ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ଶୁକ୍ରବାର ସୁକିନ୍ଦା ବିଡିଓଙ୍କ ସହ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି କହିଛନ୍ତି। ଏଥିସହିତ ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କ ଦମନମୂଳକ ନୀତିକୁ ନିନ୍ଦା କରିବା ସହ ଯଦି ନୋଟିସକୁ ପ୍ରତ୍ୟାହାର ନ କରାଯାଏ ତେବେ ଆନ୍ଦଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ ସରପଞ୍ଚଙ୍କ କୌଣସି ମତାମତ ମିଳିପାରି ନାହିଁ।

# ରାଜଧର୍ମ ପାଳନରେ ବ୍ରତୀଥିଲେ ରାଜକିଶୋର

**ରସୁଲପୁର,୬।୨(ଡି.ଏନ୍.ଏ.)**



ବିଧାୟିକା ସୁନନ୍ଦା ଦାସଙ୍କ ଗହଣରେ ରାଜକିଶୋର ମହାରଣା ସ୍ମୃତି କମିଟି ଦ୍ୱାରା ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷ।

**ରାଜକିଶୋର ମହାରଣାଙ୍କ ସ୍ମୃତି ସମ୍ମାନ ଉତ୍ସବ**

ସ୍ୱର୍ଗତ ରାଜ କିଶୋର ମହାରଣା ଲଗାତର ୪ଥର ସରପଞ୍ଚ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ରାଜଧର୍ମ ପାଳନରେ ସେ ସର୍ବଦା ବ୍ରତୀଥିଲେ। ସାରାଜୀବନ ସାମାଜିକ କାର୍ଯ୍ୟପାଇଁ ନିଜକୁ ଉତ୍ସର୍ଗ କରି ଦେଇଥିଲେ। ସମାଜକୁ ଏକତାର ଡୋରିରେ ବାନ୍ଧି ରଖିବାରେ ସିଦ୍ଧହସ୍ତ ବି ଥିଲେ। ତାଙ୍କର କେହି ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ସେ ମିତ୍ରଭଳି ବ୍ୟବହାର କରୁଥିଲେ ବୋଲି ଗୁରୁବାର ସନ୍ଧ୍ୟାରେ ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ରାଜକିଶୋର ମହାରଣାଙ୍କ ସ୍ମୃତି ସମ୍ମାନ ଉତ୍ସବ-୨୦୨୦ରେ ମତ ପ୍ରକାଶ ପାଇଛି। ସ୍ୱର୍ଗତ ମହାରଣାଙ୍କ ଦ୍ୱିତୀୟ ବାର୍ଷିକୀ ସ୍ମୃତି ସମ୍ମାନ ଉତ୍ସବ କମିଟିର ସଭାପତି ଶ୍ରୀଧର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ ବରୀ ବିଧାୟିକା ସୁନନ୍ଦା ଦାସ, ମୁଖ୍ୟବକ୍ତା ଭାବରେ ପ୍ରସ୍ତର ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା, ସମ୍ମାନିତ ଅତିଥିଭାବରେ ଯାଜପୁର ଜିଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ବରିଷ୍ଠ ଭାଜପା ନେତା କାହ୍ନୁ ଚରଣ ଦାଶ, ଜିଲାପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ , ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଦାସ, ପରିବେଶବିତ୍ ଗୋପିନାଥ ପତି, ସମାଜସେବୀ ପ୍ରହ୍ଲାଦ ପଣ୍ଡା, ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ମହାଲିକ, ପୂର୍ବତନ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରୁଦ୍ରନାରାୟଣ ପୃଷ୍ଟି, ଶିକ୍ଷକ ବୈଦେନ୍ଦ୍ରନାଥ ସାହୁ, ସୁଶାନ୍ତ ମହାରଣା, ବିଜୟାନନ୍ଦ କର, ପ୍ରକାଶ ମହାରଣା, ପ୍ରାକ୍ତନ ଶିକ୍ଷକ ଯୋଗେନ୍ଦ୍ର ପଣ୍ଡା, ସାମନ୍ତରାପୁର ସମବାୟ ସମିତି ସଭାପତି ବିଦ୍ୟାଧର କରଣ, ପୂର୍ବତନ ସରପଞ୍ଚ ଅର୍ଜୁନ ନାୟକ, ସମ୍ପାଦକ କାଳନ୍ଦୀ କଣ୍ଣ ପ୍ରମୁଖ ଯୋଗଦେଇଥିଲେ ସ୍ୱର୍ଗତ ମହାରଣାଙ୍କ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ସମବାୟବିତ୍ ଭାବରେ ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡା, ଗ୍ରାମାଞ୍ଚଳ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ପ୍ରମୁଖ ଅବଦାନ ପାଇଁ ବର୍ଷୀୟାନ ଶିକ୍ଷାବିତ୍ ବେଣୁଧର ଶରଣ, ବରିଷ୍ଠ ଶ୍ରମିକ ନେତା ପ୍ରଦୀପ ଦାସ, ସମ୍ବାଦିକତା କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ଖବରଦାତା ରଞ୍ଜିତ ରାଉତ, ବରିଷ୍ଠ କଂସାପିତ୍ତଳ କାରିଗର ମଧୁସୂଦନ ସାହୁ, ବରିଷ୍ଠ ନାଗରିକ(ଶତାୟୁ ପୁରୁଷ) ଗଣନାଥ ସାହୁଙ୍କ ପାଇଁ ତାଙ୍କ ପୁତ୍ର କୈଳାସ ସାହୁ ପ୍ରମୁଖଙ୍କୁ ରାଜକିଶୋର ମହାରଣା ସ୍ମୃତି ସମ୍ମାନ-୨୦୨୦ରେ ସମ୍ମାନିତ କରାଯାଇଛି। ଏହି ଅବସରରେ କମିଟି ପକ୍ଷରୁ ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। କମିଟି ସମ୍ପାଦକ କାଳନ୍ଦି କଣ୍ଣ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୂର୍ବତନ ସମିତି ସଭ୍ୟ ବଟକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ସଦସ୍ୟ ବିରଞ୍ଚି ମହାରଣାଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ସଂଯୋଗ ନ ଥାଇ ମିଳିଛି ୪ ମାସର ବିଲ୍

■ଏବେ ସଂଯୋଗ ଛିନ୍ନ ପାଇଁ ନୋଟିସ

■ସେସୁ ଅଫିସରେ ଉପଭୋକ୍ତାଙ୍କ ଅଭିଯୋଗ

ପାରାଦୀପ, ୬।୨ (ସ୍ୱ.ପ୍ର.)

କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ସମସ୍ତଙ୍କୁ ମାଗଣା ବିଦ୍ୟୁତ୍ ସଂଯୋଗ ପାଇଁ ନିୟମ କରାଯାଇଛି। ତା’ପରେ ମାସିକ ବିଦ୍ୟୁତ୍ ଦେୟ ଉପଭୋକ୍ତାମାନେ ସେସୁ (ସେଣ୍ଟ୍ରାଲ ଇଲେକ୍‌ଟ୍ରିସିଟି ସପ୍ଲାଇ ୟୁଟିଲିଟି) ପାଖରେ ଜମା କରିବା କଥା। କିନ୍ତୁ ଏଭଳି ଯୋଜନାର ଭିନ୍ନ ଚିତ୍ର ଦେଖିବାକୁ ମିଳିଛି ପାରାଦୀପ ଉପକଣ୍ଠ ଏସାର ଷ୍ଟିଲ କାରଖାନା ପ୍ରଭାବିତ ହାଣ୍ଡିଆରେ ଗ୍ରାମରେ। ଉକ୍ତ ଗ୍ରାମରେ ୧୭ଜଣ ଉପଭୋକ୍ତାଙ୍କୁ ଏବେ ସେସୁ ପକ୍ଷରୁ ୪ ମାସର ବିଦ୍ୟୁତ୍ ବକେୟା ବିଲ୍ ଓ ସଂଯୋଗ ଛିନ୍ନ ପାଇଁ ନୋଟିସ୍ ଜାରି କରାଯାଇଛି। ଆଶ୍ଚର୍ଯ୍ୟକର କଥା, ସେମାନଙ୍କ ଘରକୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏହାସତ୍ତ୍ୱେ ଏପରି ନୋଟିସ୍ ପାଇବା ଯୋଗୁ କେତେଜଣ ଉପଭୋକ୍ତା ପାରାଦୀପ ଗଡ଼ ସେସୁ ଅଫିସ୍‌ରେ ପହଞ୍ଚି ଅଭିଯୋଗ କରିଛନ୍ତି। ସବୁଠୁ କୌତୂହଳର ବିଷୟ ହେଲା ଉକ୍ତ ଗ୍ରାମକୁ ୨୦୦୬ ସେପ୍ଟେମ୍ବର ୧୩ରୁ ସମସ୍ତ ପ୍ରକାର ସରକାରୀ ଯୋଜନା ବନ୍ଦ ରହିଛି। କାରଣ ଉକ୍ତ ଗ୍ରାମକୁ ଏସାର ଷ୍ଟିଲ ଇଣ୍ଡିଆ କମ୍ପାନୀ ଅଧିଗ୍ରହଣ କରିବ ବୋଲି ୨୦୦୬ରେ ୪ (୧) ଲାଗୁ କରାଯାଇଛି ଏବଂ ଗ୍ରାମର ସମସ୍ତ ବିସ୍ଥାପିତଙ୍କ ପାଇଁ ସେତେବେଳର ମୂଲ୍ୟ ଅନୁସାରେ କମ୍ପାନୀ ସରକାରଙ୍କୁ ଦେଇସାରିଛି। ଉକ୍ତ ଗ୍ରାମବାସୀଙ୍କ ମଧ୍ୟରୁ ପ୍ରାୟ ୮୦ ଭାଗ ଲୋକ ବିସ୍ଥାପିତ ଅର୍ଥ ନେଇସାରିଛନ୍ତି। କମ୍ପାନୀର ଆଭ୍ୟନ୍ତରୀଣ କାରଣ ପାଇଁ ଏ ପର୍ଯ୍ୟନ୍ତ ହାଣ୍ଡିଆ ଗ୍ରାମକୁ ବିସ୍ଥାପିତ କରିନାହିଁ। ପୂର୍ବବତ୍ ଗ୍ରାମବାସୀ ନିଜ ଘରେ ରହୁଛନ୍ତି। ସରକାରୀ ନିୟମ ମୁତାବକ ୪ (୧) ଲାଗୁ ହେବା ପରେ ସେହିଦିନଠାରୁ ସେମାନେ ବିସ୍ଥାପିତ ମାନ୍ୟତା ପାଇଛନ୍ତି ଏବଂ ସେଠାରେ ଆଉ ନୂଆଘର, କିଣାବିକା ଘର ସମ୍ପ୍ରସାରଣ ଓ ସରକାରୀ ଯୋଜନା କାମ ହୋଇପାରିବ ନାହିଁ।

ସେହି ହାଣ୍ଡିଆ ଗ୍ରାମରେ ସୌଭାଗ୍ୟ ଯୋଜନା ପାଇଁ ୨୦୧୯ରେ ସର୍ଭେ କରାଯାଇଥିଲା ଏବଂ ୧୭ଜଣଙ୍କ ଘରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ସେସୁ ନିଷ୍ପତ୍ତି ନେଇଥିଲା। ୨୦୧୯ ଅଗଷ୍ଟରୁ ୧୭ଜଣଙ୍କୁ ପ୍ରତିମାସରେ ବିଦ୍ୟୁତ୍ ବିଲ୍ ଦିଆଯାଇଛି। ୨୦୧୯ ଡିସେମ୍ବରରେ ବିଦ୍ୟୁତ୍ ଛିନ୍ନ ପାଇଁ ନୋଟିସ୍ (ଚିଠି ନଂ.-୨୫୯) ଦିଆଯାଇଛି ବୋଲି ଗ୍ରାମର ସୂର୍ଯ୍ୟକାନ୍ତ ସେନାପତି କହିଛନ୍ତି। ଗ୍ରାମର ଦିଲୀପ ରାୟ, ବିପିନ୍ ବାରିକ, ଅଶୋକ ରାଉତ, ନିରଞ୍ଜନ ସ୍ୱାଇଁ, ବ୍ରଜମୋହନ ମହାନ୍ତି, ଅଜୟ ରାଉତ, କମଳା ତରାଇ, ବିଭୂତି ମହାନ୍ତି, ସୁଶାନ୍ତ ମଣ୍ଡଳ, ଭାରତ ସ୍ୱାଇଁ, ଅମର ମହାନ୍ତି, କ୍ଷୀରୋଦ ସ୍ୱାଇଁ, ନିର୍ମଳା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି ଓ ଅକ୍ଷୟ ସାହୁ ମଧ ସମାନ ଅଭିଯୋଗ କରିଛନ୍ତି। ଏହି ଘଟଣା ସମ୍ପର୍କରେ ସେସୁ ଏସ୍‌ଡିଓ ଅଜୟ ସାହୁଙ୍କୁ ପଚାରିବାରେ, ବିଦ୍ୟୁତ୍ ସର୍ଭେ ପରଠାରୁ ଉପଭୋକ୍ତାଙ୍କର ନାମ କମ୍ପ୍ୟୁଟରରେ ପଞ୍ଜିକୃତ ହୋଇଥିବାରୁ ଏପରି ବିଲ୍ ଆସିଛି। ଚଳିତ ମାସରେ ସେଠାରେ ବିଦ୍ୟୁତ୍ ସଂଯୋଗ କରାଯିବା ସହ ବିଲ୍ ପ୍ରସଙ୍ଗକୁ ସମାଧାନ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁ ମୃତ, ଜଣେ ଗୁରୁତର

ଜଗତ୍‌ସିଂହପୁର ଅଫିସ୍, ୬।୨: ସ୍ଥାନୀୟ କଣ୍ଟାପଡ଼ା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ଦାଣ୍ଡରେ ୨ ଜଣ ଶିଶୁ ଖେଳୁଥିବା ବେଳେ ନିକଟରେ ଥିବା ଏକ ପୋଖରୀରେ ପଡ଼ିଯିବାରୁ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତ ଶିଶୁ କନ୍ୟା ହେଲେ ଗ୍ରାମର ରାଜକିଶୋର ବେହେରାଙ୍କ ଝିଅ ମୋନାଲିସା ପ୍ରିୟଦର୍ଶିନୀ (୩)। ଗୁରୁତର ଶିଶୁ ହେଲେ ସଞ୍ଜୟ ବେହେରାଙ୍କ ପୁଅ ଶାଶ୍ୱତ ବେହେରା। ଶାଶ୍ୱତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଜଗତ୍‌ସିଂହପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

କୁଜଙ୍ଗ, ୬।୨ (ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ଅଧୀନ ବାଗୋଇ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ମାୟାଧର ସ୍ୱାଇଁଙ୍କର ୯୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର ହରେକୃଷ୍ଣ ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠ ପୁତ୍ର ନିତ୍ୟାନନ୍ଦ, ନାତି କାର୍ତ୍ତିକ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ଶରତ ବଳିୟାରସିଂହ, ରାଜୀବ ବେହେରା, ଚନ୍ଦ୍ରମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରାଧ୍ୟାପକଙ୍କୁ ସମ୍ବର୍ଦ୍ଧନା

ତିର୍ତ୍ତୋଲ, ୬।୨ (ଡି.ଏନ୍.ଏ.): ଶିକ୍ଷକତା ଜୀବନରେ କେବେବି ଅବସର ନ ଥାଏ। ଜଣେ ଶିକ୍ଷକ ସାରା ଜୀବନ ଶିକ୍ଷାଦାନରେ ନିଜକୁ ସମର୍ପି ଦେଇଥାଏ ବୋଲି ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ରବୀନ୍ଦ୍ରନାଥ ବିଶ୍ୱାଳଙ୍କ ବିଦାୟ ସମ୍ବର୍ଦ୍ଧନାରେ ବକ୍ତାମାନେ କହିଛନ୍ତି। ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅଧକ୍ଷ ଜ୍ଞାନଜ କୁମାର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଷ୍ଟାଫ୍ କ୍ଲବ ସଭାପତି ପ୍ରଫେସର ବିରଞ୍ଚି ନାରାୟଣ ମହାପାତ୍ର ବିଦାୟୀ ପ୍ରାଧ୍ୟାପକ ବିଶ୍ୱାଳଙ୍କୁ କର୍ତ୍ତବ୍ୟ ପରାୟଣ, ଛାତ୍ରବତ୍ସଳ ବୋଲି ବର୍ଣ୍ଣନା କରିଥିଲେ। ସେ ଜଣେ ସୁଦକ୍ଷ ଅଧ୍ୟାପକ ଓ ଆଦର୍ଶ ବ୍ୟକ୍ତିତ୍ୱର ଅଧିକାରୀ ବୋଲି ବିଭାଗୀୟ ସହକର୍ମୀ ହିମାଂଶୁ ଶେଖର ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। ପ୍ରାଧ୍ୟାପକ ମୁଜାକିର ହୁସେନ ଖାଁ, ପ୍ରାଧ୍ୟାପକ ନଳିନୀକାନ୍ତ ପଟ୍ଟନାୟକ, ପ୍ରାଧ୍ୟାପକ ରଞ୍ଜନ ଦାସ, ଅଧ୍ୟାପକ ଅରୁଣ କୁମାର ପଣ୍ଡା, ଅଧ୍ୟାପକ କମଳାକାନ୍ତ ପଣ୍ଡା, ଡ. ସୁରଞ୍ଜନ ଲେଙ୍କା, ପ୍ରାଧ୍ୟାପିକା ରତ୍ନାବତୀ ମିଶ୍ର, ଡ. ଦୀପ୍ତିରେଣୁ ମହାନ୍ତି, ପ୍ରାଧ୍ୟାପିକା ଝରଣା ନାୟକ, ପ୍ରାଧ୍ୟାପିକା ଜୟନ୍ତୀ ମେକାପ, ଚୌ. ମିହିର କୁମାର ଦାସ, ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ଜ୍ୟୋତିର୍ମୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଷ୍ଟାଫ କ୍ଲବ ସମ୍ପାଦକ ଅଧ୍ୟାପକ ଦୀପକ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦଙ୍କ ସ୍ମୃତିସ୍ତମ୍ଭ ପାଇଁ ଜବରଦଖଲ ଉଚ୍ଛେଦ

ନାଉଗାଁ, ୬।୨ (ସ୍ୱ.ପ୍ର)



ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଉଛି।

୧୪ ଫେବୃୟାରୀ ୨୦୧୯ରେ ପୁଲ୍‌ଓ୍ୱାମା ଆକ୍ରମଣରେ ନାଉଗାଁ ବ୍ଲକ ଅଧୀନ ଶିଖର ପଞ୍ଚାୟତ ପାରିଶିଖର ଗ୍ରାମର ପ୍ରସନ୍ନ ସାହୁ ଶହୀଦ ହୋଇଥିଲେ। ତାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରିବା ପାଇଁ ଦେବୀ ନଦୀ ପଠାରୁ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶାନୁସାରେ ବାଲିକୁଦା ତହସିଲର ଆଡିସ୍‌ନାଲ ମାଜିଷ୍ଟ୍ରେଟ ଦେବୀ ପ୍ରସାଦ ରାଉତ, ନାଉଗାଁ ଥାନାଧିକାରୀ ଗୋବର୍ଦ୍ଧନ ସାହୁ, ଶିଖର ରାଜସ୍ୱ ନିରୀକ୍ଷକ ପ୍ରକାଶ କୁମାର ସ୍ୱାଇଁ, ସୁପରଭାଇଜର ବସନ୍ତ ଦାସଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିବା ନାଉଗାଁ ତହସିଲଦାର ଜେ. କଳ୍ପନା ସୂଚନା ଦେଇଛନ୍ତି।

ସୂଚନାଥାଉ କି, ସ୍ମୃତି ସ୍ତମ୍ଭ ନିର୍ମାଣ ପାଇଁ ଦାବି ହେଉଥିବା ବେଳେ ଜାଗା ଚିହ୍ନଟ କରିବାକୁ ରାଜ୍ୟ ସରକାର ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ଜଳ ସମ୍ପଦ ବିଭାଗ ଅଧୀନ ଦେବୀ ନଦୀପଠାରେ ଥିବା ୪୫ ଡିସିମିଲ ସ୍ଥାନରେ ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିଲା। ହେଲେ ଉକ୍ତ ସ୍ଥାନର ୪ ଡିସିମିଲ ଜାଗାରେ ଗ୍ରାମର ପ୍ରକାଶ ସ୍ୱାଇଁ, ଧ୍ରୁବଚରଣ ସ୍ୱାଇଁ, ଅନାମ ଚରଣ ସ୍ୱାଇଁ ଗୁହାଳ ନିର୍ମାଣ କରିଥିବା ବେଳେ ଗୋବିନ୍ଦ ଚରଣ ସ୍ୱାଇଁ ଏକ ଦୋକାନ ଘର କରିଥିଲେ। ବାରମ୍ବାର ଉକ୍ତ ସ୍ଥାନ ଖାଲି କରିବା ପାଇଁ ତହସିଲ ପକ୍ଷରୁ ନୋଟିସ ପ୍ରଦାନ କରାଯାଇଥିଲା। କିନ୍ତୁ ଜବରଦଖଲକାରୀମାନେ ଜାଗା ଖାଲି ନ କରିବା ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି।

# ଜାତୀୟସ୍ତରରେ ବର୍ଷ୍ଟିଙ୍କ କୃତିତ୍ୱ

ଜଗତ୍‌ସିଂହପୁର ଅଫିସ୍, ୬।୨



■ହୌସ୍‌ଲା ପ୍ରତିଯୋଗିତାରେ ରୌପ୍ୟ ପଦକ ଆଣିଲେ ଜଗତ୍‌ସିଂହପୁର ଶିଶୁ ଆଶ୍ରମ ଅନ୍ତେବାସୀ

■୫ ବର୍ଷ ପୂର୍ବରୁ ଆଶ୍ରମରେ ଛାଡିଥିଲେ ମା’

ନିଷ୍ଠା, ଆତ୍ମବିଶ୍ୱାସ ଓ କଠୋର ପରିଶ୍ରମ ଆଗରେ ଦାରିଦ୍ର୍ୟତା ହାର ମାନେ, ଯାହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ସ୍ଥାନୀୟ ଶିଶୁ ଆଶ୍ରମରେ। ଆଶ୍ରମର ଅନ୍ତେବାସୀ ତଥା ଜଗତ୍‌ସିଂହପୁର ଥାନା ପାଇକରାବାଟୀ ଅଧୀନ ଗଡ଼ମାର ନୟନା ମଲ୍ଲିକଙ୍କ ପୁଅ ବର୍ଷ୍ଟି (୧୬) କଠୋର ପରିଶ୍ରମ ବଳରେ ଜାତୀୟସ୍ତରରେ କୃତିତ୍ୱ ହାସଲ କରିଛନ୍ତି। ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକ ଦ୍ୱାରା ହେଉଥିବା ଜାତୀୟସ୍ତରୀୟ ହୌସଲା ପ୍ରତିଯୋଗିତାରେ ବର୍ଷ୍ଟି ରୌପ୍ୟ ପଦକ ଜିତି ଜଗତ୍‌ସିଂହପୁର ଜିଲା ପାଇଁ ଗୌରବ ଆଣିଛନ୍ତି। ଗତ ଡିସେମ୍ବର ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ହୋଇଥିବା ଏହି ପ୍ରତିଯୋଗିତାରେ ଭାଗନେଇ ସେ ଉଚ୍ଚ ଡିଆଁ (ହାଇ ଜମ୍ପ)ରେ ୨ୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଜିତିଛନ୍ତି।

ଶିଶୁ ଆଶ୍ରମ ସୁପରିଣ୍ଟେଣ୍ଡେଣ୍ଟ ଅଞ୍ଜନେୟ ଆଚାର୍ଯ୍ୟ କହିଛନ୍ତି, ବର୍ଷ୍ଟି ଓ ତାଙ୍କ ସାନ ଭଉଣୀ ରାନୁ ଉଭୟ ୫ ବର୍ଷ ହେଲା ଆଶ୍ରମରେ ରହୁଛନ୍ତି। ବର୍ଷ୍ଟି ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀରେ ଶିକ୍ଷାଲାଭ କରୁଛନ୍ତି। ବର୍ଷ୍ଟି ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ଗୋଟିଏ ବିଷୟରେ କମ୍ ନଂ. କାରଣରୁ ଫେଲ୍ ହୋଇଯାଇଛନ୍ତି। ସେମାନଙ୍କୁ ତାଙ୍କ ବାପା ପଚାରୁ ନଥିବାରୁ ଚାଳ ଘରଟିଏ ଥିଲେ ସୁଦ୍ଧା ସେମାନେ ମା’ଙ୍କ ସହ ବାରଣ୍ଡାରେ ରାତ୍ରିଯାପନ କରୁଥିଲେ। ଦିନରେ ତାଙ୍କ ମା’ ପାଖାପାଖି ୧୦ କି.ମି. ଚାଲି ଆସି ସ୍ଥାନୀୟ କଲେଜ ଛକରେ ଥିବା ଏକ ଶପିଂ ମଲ୍‌ରେ ପହଞ୍ଚୁଥିଲେ। ମଲ୍‌ରେ ଘର ଓଳାଓଳି ପାଇଁ ତାଙ୍କୁ ମାସିକ ୯୫୦ଟଙ୍କା ପାରିଶ୍ରମିକ ମିଳୁଥିଲା। ଏହି ଟଙ୍କାରେ ପରିବାର ଚଳାଇବା କଷ୍ଟକର ହେବାରୁ ସେ ପିଲା ଦୁହିଁଙ୍କୁ ଶିଶୁ ଆଶ୍ରମରେ ରଖିବାକୁ ଚାହିଁଥିଲେ। ଏ ନେଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ)ରେ ଦରଖାସ୍ତ କରିଥିଲେ। ଏହାପରେ ବର୍ଷ୍ଟି ଓ ରାନୁଙ୍କୁ ଆଶ୍ରମରେ ରଖାଯାଇଥିଲା। ସେବେଠାରୁ ବର୍ଷ୍ଟି ଓ ରାନୁଙ୍କ ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି। ବର୍ଷ୍ଟି ଖେଳିବାକୁ ଭଲ ପାଆନ୍ତି। ତାଙ୍କର କ୍ରୀଡ଼ା ପ୍ରେମ, ଦୃଢ଼ ମନୋବଳ ଓ ନିଷ୍ଠା ଯୋଗୁ ସେ ଏହି ସଫଳତା ପାଇଛନ୍ତି। ସେ କହିଛନ୍ତି, ଗତବର୍ଷ ଜିଲାସ୍ତରୀୟ ହୌସ୍‌ଲା ପ୍ରତିଯୋଗିତାରେ ବର୍ଷ୍ଟି ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଏବର୍ଷ ସେ ବିଭିନ୍ନ କ୍ରୀଡ଼ାରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତେଣୁ ତାଙ୍କୁ ନୂଆଦିଲ୍ଲୀସ୍ଥିତ ଜାତୀୟ ହୌସ୍‌ଲା ପ୍ରତିଯୋଗିତାରେ ଭାଗ ନେବା ପାଇଁ ପଠାଯାଇଥିଲା। ସେଠାରେ ସେ ଉଚ୍ଚଡିଆଁରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଜିଲା ଶିଶୁ ମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଶିଶୁ ଆଶ୍ରମ ପରିଚାଳନା କମିଟି ପକ୍ଷରୁ ବର୍ଷ୍ଟିଙ୍କୁ ସମ୍ମାନିତ କରାଯାଇଛି। କେବଳ ବର୍ଷ୍ଟି ନୁହେଁ, ରାନୁ ମଧ ରାଜ୍ୟସ୍ତରୀୟ ହୌସ୍‌ଲା ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ସେ ଜଣେ ଭଲ ନୃତ୍ୟଶିଳ୍ପୀ। ବର୍ଷ୍ଟିଙ୍କ ଏହି ସଫଳତା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ କୁହାଯାଇଛି।

# ଗ୍ରାମ୍ୟ ନ୍ୟାୟାଳୟ ଖୋଲିବାରେ ବିଳମ୍ବ, ଜନ ଅସନ୍ତୋଷ

ରଘୁନାଥପୁର, ୬।୨ (ଡି.ଏନ.ଏ.): ରାଜ୍ୟରବିଭିନ୍ନ କୋର୍ଟରେ ଦୀର୍ଘଦିନ ଧରି ମାମଲା ଗୁଡିକ ପଡି ରହିଥିବାରୁ ସରକାରଙ୍କ ପକ୍ଷରୁ ପ୍ରତି ବ୍ଲକରେ ଗ୍ରାମ୍ୟ ନ୍ୟାୟାଳୟ ସ୍ଥାପନ ପାଇଁ ସ୍ଥିର ହୋଇଥିଲା। ଏହି ପରିପ୍ରେକ୍ଷିରେ ରଘୁନାଥପୁର ବ୍ଲକରେ ନ୍ୟାୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଗତ ୬ ମାସ ତଳୁ ଶେଷ ହୋଇଛି। ଆବଶ୍ୟକ ମାଲଖାନା ପାଇଁ ପୂର୍ବରୁ ଥିବା ବ୍ଲକ କୃଷି କାର୍ଯ୍ୟାଳୟକୁ ଚିହ୍ନଟ କରାଯାଇଥିଲା। ତେବେ ଅଦ୍ୟାବଧି ପୁରାତନ କୃଷି କାର୍ଯ୍ୟାଳୟର ସଫେଇ ତଥା ମରାମତି କାର୍ଯ୍ୟ ହୋଇ ନ ପାରିବାରୁ ନ୍ୟାୟାଳୟ ଖୋଲିବାରେ ବିଳମ୍ବ ହେଉଛି। ଫଳରେ ଅଯଥାରେ ଲୋକେ ଜିଲା ସଦର ମହକୁମାକୁ ବାରମ୍ବାର ଦୌଡି ଖର୍ଚ୍ଚାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ, ମହିଳା ତଥା ଗରିବ ଶ୍ରେଣୀର ବ୍ୟକ୍ତିମାନେ ହାତ ପାଆନ୍ତାରେ ଥିବା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ମାଲଖାନାକୁ ପ୍ରସ୍ତୁତ କରି ଗ୍ରାମ୍ୟ ନ୍ୟାୟାଳୟର ଉଦ୍‌ଘାଟନ ପୂର୍ବକ ଜନସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଜିଲାପାଳଙ୍କଠାରେ ଦାବି କରାଯାଇଛି।

PARADIP PORT TRUST
E-TENDER CALL NOTICE
Name of the work : **Upkeeping of Railway Yard inside Harbour area (From ATBK-II Level Crossing to Cargo Berth Area) for the year 2020-21**. Estimated cost : **Rs. 81,43,561/-**. Last date & time of submission : **Dt. 22.02.2020 up to 17:00 Hrs**. Refer our website for details:**https://eprocure.gov.in/eprocure/app.**
Executive Engineer
PPT/PR/651/19-20 Date : 06.02.2020

PARADIP PORT TRUST
E-TENDER CALL NOTICE
Name of the work : **“Providing Assistance in various works under Engineering Department on job work basis-Roads & Building Division”**. Estimated Cost : **Rs. 88,38,960/-**. Last Date & time of submission of Bid: **20.02.2020 at 17:00 Hrs**. For details please refer our website : **https://eprocure.gov.in/eprocure/app.**
Executive Engineer, Roads & Building Division
PPT/PR/665/19-20, Dt.06.02.2020

ପୂର୍ବ ତଟ ରେଳପଥ
‘ଇ’ କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ.ECoRCONTP192003, ତା. 03.02.2020
ନିମ୍ନଲିଖିତ ଟେଣ୍ଡର ଗୁଡ଼ିକ ୱେବ୍‌ସାଇଟ www.ireps.gov.in ରେ ଅପଲୋଡ୍ କରିଦିଆଯାଇଛି।
ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ମେଟାଲ ଲାଇନର T-8616 ଏବଂ T-8617, [ମେଟାଲ ଲାଇନର ଏକ ସେଟ୍‌ରେ T-8616-1 ଗୋଟି ଏବଂ T-8617-1 ଗୋଟି]
ପରିମାଣ : 1384849 ସେଟ୍।
ବନ୍ଦ ହେବା ତାରିଖ ଓ ସମୟ : ତା.28.02.2020ରିଖ 1200 ଘଟିକାରେ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-120/CC/19-20

# ବେଦ, ବେଦାନ୍ତ ଶିକ୍ଷା ପିଲାଙ୍କୁ ମାର୍ଜିତ କରେ



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ବିରିଡ଼ି, ୬।୨ (ଡି.ଏନ୍.ଏ.)

ବେଦ, ବେଦାନ୍ତ ଓ ଉପନିଷଦ ଶିକ୍ଷା ଛାତ୍ରୀଛାତ୍ରମାନଙ୍କୁ ମାର୍ଜିତ, ଶୃଙ୍ଖଳିତ କରି ଗଢ଼ି ତୋଳିଥାଏ। ଶିଶୁମନ୍ଦିରରେ ପିଲାମାନଙ୍କୁ ଏସବୁ ଶିକ୍ଷା ଦିଆଯାଉ ଥିବାରୁ ଛାତ୍ରୀଛାତ୍ରମାନେ ପ୍ରତିକ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିପାରିଥାନ୍ତି ବୋଲି ବୁଧବାର ବିରିଡ଼ି ବ୍ଲକ ବତୀମିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବରେ ଯୋଗଦେଇ ମୁଖ୍ୟଅତିଥି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ସୁଧାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଆର୍‌ଏସ୍‌ଏସର ଜଗତ୍‌ସିଂହପୁର ଜିଲା କାର୍ଯ୍ୟବାହ ବିଜୟ କୁମାର ନାୟକ ମୁଖ୍ୟବକ୍ତା ଓ ବିରିଡି ବ୍ଲକ ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଲେ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷାଦାନ ବ୍ୟବସ୍ଥା ନିଆରା ଏଠାରେ ଛାତ୍ରୀଛାତ୍ରମାନଙ୍କ ଶାରୀରିକ, ବୌଦ୍ଧିକ ବିକାଶ ସହ ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ହୋଇଥାଏ। ଶିଶୁ ବିଦ୍ୟାମନ୍ଦିରର ଉପସଭାପତି କେଦାରେଶ୍ୱର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା ସୁବାସିନୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ସାମାଜିକ କର୍ମୀ ସୁନୀଲ ସ୍ୱାଇଁ, ପରିଚାଳନା କମିଟି ଉପସଭାପତି କେଦାରେଶ୍ୱର ରାଉତ, ଯୁଗ୍ମ ସମ୍ପାଦକ ବିକ୍ରମ ଦାଶ, କୋଷାଧ୍ୟକ୍ଷ ମନୋରମା ବାରିକ, ସଦସ୍ୟ ବଳରାମ ମଲ୍ଲିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାମନ୍ଦିରର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମନୋରମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟାଭିନୟ କରାଯାଇଥିଲା।

# ଆଜିଠୁ ମହିମା ମେଳା: ଶାଳିଜଙ୍ଗା ଆଶ୍ରମ ଚଳଚଞ୍ଚଳ

ନାଉଗାଁ, ୬।୨ (ସ୍ୱ.ପ୍ର.)



ନାଉଗାଁ ବ୍ଲକ ଶାଳିଜଙ୍ଗାସ୍ଥିତ ମହିମା ଆଶ୍ରମକୁ ଦ୍ୱିତୀୟ ଯୋରନ୍ଦା ଭାବେ ଅଭିହିତ କରାଯାଏ। ବର୍ଷତମାମ ଏଠାରେ ବିଭିନ୍ନ ପର୍ବପର୍ବାଣି ପାଳିତ ହେଉଥିବା ବେଳେ ଏଠାକାର ମହିମା ମେଳା ସ୍ୱତନ୍ତ୍ର। ଶୁକ୍ରବାରଠାରୁ ମହିଳା ମେଳା ଆରମ୍ଭ ହେଉଥିବା ବେଳେ ଏ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏଥିପାଇଁ ଆଶ୍ରମକୁ ସାଜସଜ୍ଜା କରାଯାଇଥିବା ବେଳେ ଚତୁଃପାର୍ଶ୍ୱରେ ବିଭିନ୍ନ ଦୋକାନ, ବଜାର ଖୋଲାଯାଉଛି। ଏଠାକାର ସ୍ୱତନ୍ତ୍ର ପୂଜାବିଧି ଓ ସ୍ୱତନ୍ତ୍ର ମେଳା ପାଇଁ ବିଭିନ୍ନ ସ୍ଥାନରୁ ଶତାଧିକ ଶ୍ରଦ୍ଧାଳୁ ଆସି ଆଶ୍ରମରେ ପହଞ୍ଚୁଥିବା ଦେଖାଯାଉଛି।

କିମ୍ବଦନ୍ତୀ କୁହେ, ଢେଙ୍କାନାଳ ଯୋରନ୍ଦା ଆଶ୍ରମର ବାବା ରାମଦାସ ଯୋରନ୍ଦା ମେଳା ପାଇଁ ବିଭିନ୍ନ ଗ୍ରାମରେ ବୁଲି ବୁଲି ଭିକ୍ଷା ସଂଗ୍ରହ କରୁଥିଲେ। ସେହି ସମୟରେ ସେ ଶାଳିଜଙ୍ଗାଠାରେ ଧୁନି ଲଗାଇ କିଛି ସମୟ ରହୁଥିଲେ। ଯେତେବେଳେ ସେ ଯୋରନ୍ଦା ପ୍ରତ୍ୟାବର୍ତ୍ତନ କରୁଥିଲେ ଧୁନିକୁ ଲିଭାଇ ଦେଇ ଚାଲି ଯାଉଥିଲେ। ଏକଦା ରାମ ବାବା ଭିକ୍ଷା ପାଇଁ ଆଖପାଖ ଗାଁକୁ ଆସି ଶାଳିଜଙ୍ଗାଠାରେ ଧୁନି ଲଗାଇଥିଲେ। ହେଲେ ଯୋରନ୍ଦା ଫେରିବା ସମୟରେ ଗ୍ରାମର କୁଳମଣୀ ନାମକ ଜଣେ ବ୍ୟକ୍ତିଙ୍କୁ ସେହି ଧୁନିକୁ ଲିଭାଇଦେବା ପାଇଁ କହିଥିଲେ। କିନ୍ତୁ କୁଳମଣି ଧୁନିକୁ ନ ଲିଭାଇ ଜଳାଇ ରଖିଥିଲେ। ୬ ମାସ ପରେ ବାବା ପୁନର୍ବାର ସେଠାରେ ପହଞ୍ଚିବା ପରେ ଧୁନୀ ଜଳୁଥିବା ଦେଖିଥିଲେ ଏବଂ ଶତଚେଷ୍ଟା ପରେ ବି କେହି ତାକୁ ଲିଭାଇ ପାରି ନ ଥିଲେ। ଧୁନି ନ ଲିଭିବାରୁ ୧୯୫୫ ମସିହାରେ ସେଠାରେ ଏକ ଶୂନ୍ୟ ମନ୍ଦିର ନିର୍ମାଣ କରାଯାଇ ଅଖଣ୍ଡ ଦୀପ ଜଳାଯାଇଥିଲା। ସେଠାରେ ପ୍ରତିଷ୍ଠା ହୋଇଥିବା ଟୁଙ୍ଗି (ଶୂନ୍ୟ ମନ୍ଦିର) ଦାୟିତ୍ୱରେ କୁଳମଣି ଓ ତାଙ୍କ ପତ୍ନୀ ରାଧାମଣି ରହିଥିଲେ। ୧୯୯୬ରେ ବାବା କୁଳମଣି ଦାସ ଦେହତ୍ୟାଗ କରିବା ପରେ ତାଙ୍କ ନିର୍ଦ୍ଦେଶରେ ବାବା ଗଦାଧର ଦାସ ଆଶ୍ରମ ଚଳାଉଛନ୍ତି। ସେହି ଦିନର ଅଖଣ୍ଡ ଦୀପ ଏବେ ବି ଜଳୁଛି। ଆଶ୍ରମରେ ପାଳିତ ହେଉଥିବା ପର୍ବ ପର୍ବାଣି ମଧ୍ୟରେ ମହିମା ମେଳା ସବୁଠାରୁ ବଡ଼ପର୍ବ। ପୀଠରେ ବଡ଼ ବିଶେଷତ୍ୱ ହେଉଛି ଏହି ଦିନ ଭକ୍ତମାନେ ଯେଉଁ ପନିପରିବା ଆଣନ୍ତି, ତାହା କଟା ନ ହୋଇ ଗୋଟା ରୋଷେଇ ହୋଇଥାଏ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8447703551 9971793786

GOVERNMENT OF INDIA
DEPARTMENT OF ATOMIC ENERGY
HEAVY WATER PLANT, TALCHER

e-TENDER NOTICE NO:HWP/TAL/MAINT(E)/2020/01 & 2020/02

Online tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul (Odisha) on behalf of the President of India in two bids from eligible Contractors for the work whose details are given below:

(1) NIT No. : HWP/TAL/MAINT(E)/2020/01, Name of the Work : "Annual Electrical Maintenance Works at HWP Talcher". Estimated Cost : Rs.19,31,114/- (inclusive GST). Earnest Money : Rs.38,622/-. Period of Completion : 12 (Twelve) Months. Last date and time of submission of Bid : 21.02.2020 (14:30 hrs.).

(2) NIT No. : HWP/TAL/MAINT(E)/2020/02, Name of the Work : "Installation of 15 KL underground tank at 132 KV switchyard of HWP Talcer". Estimated Cost : Rs.2,19,333/- (inclusive GST). Earnest Money : Rs.4,387/-. Period of Completion : 02 (Two) Months. Last date and time of submission of Bid : 21.02.2020 (14:30 hrs.) The bid forms and other details can be obtained from the website www.tenderwizard.com/DAE and can be viewed in the website of www.hwb.gov.in/tenders.

ନେସ୍କୋ ୟୁଟିଲିଟି
NESCO UTILITY
JANUGANJ, BALASORE
NESCO UTILITY

ସର୍ବସାଧାରଣଙ୍କ ନିମନ୍ତେ ନୋଟିସ

ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ତାଙ୍କର ବକେୟା ବିଦ୍ୟୁତ୍ ଦେୟ ତୁରନ୍ତ ପଇଠ କରନ୍ତୁ। ବକେୟା ଦେୟ ନେସ୍କୋ (NESCO)ର ଯେକୌଣସି ଅଫିସ୍ କିମ୍ବା ଆପଣଙ୍କ ଅଞ୍ଚଳକୁ ଯାଉଥିବା ସ୍ୱତନ୍ତ୍ର ଭ୍ରାମ୍ୟମାଣ ବିଲ୍ ଆଦାୟକାରୀ କିମ୍ବା ବିଦ୍ୟୁତ ଶୁଳ୍କ ଆଦାୟପାଇଁ ନିଯୁକ୍ତ ବିଭିନ୍ନ ବିଲିଂ ଏବଂ କଲେକସନ୍ ଏଜେନ୍ସି (RCS / MPOS ମେସିନ୍ ଦ୍ୱାରା) କିମ୍ବା ଅନଲାଇନ୍ (www.nescoodisha.com) ଜରିଆରେ ଏବଂ Paytm / Airtel Money / Phonepay / Googlepay ଆଦି ଜରିଆରେ ପଇଠ କରିପାରିବେ। ଯେଉଁମାନେ ବିଦ୍ୟୁତ୍ ବକେୟା ପଇଠ ନକରିବେ, ସେମାନଙ୍କ ବିଦ୍ୟୁତ ସଂଯୋଗ କାଟିବାକୁ ଆମେ ବାଧହେବୁ।

ଉପରୋକ୍ତ ସୂଚନାକୁ ଇଣ୍ଡିଆନ୍ ଇଲେକ୍ଟ୍ରିସିଟି ଆକ୍ଟର ଧାରା ୫୬ ଅନୁଯାୟୀ ନୋଟିସ୍ ବୋଲି ବିବେଚନା କରାଯିବ।

“ବକେୟା ବିଦ୍ୟୁତ୍ ବିଲ୍ ପଇଠ କରନ୍ତୁ, ବିଜୁଳି କାଟରୁ ରକ୍ଷା ପାଆନ୍ତୁ।”

ଧରିତ୍ରୀ
DHARITRI
ଶୁକ୍ରବାର, ୭ ଫେବୃୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ସାଧାରଣ ବିଜ୍ଞାନ (GENERAL SCIENCE)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

## PART – I (OBJECTIVE)

### Physical Science

**1. ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ଲେଖ। [1×5=5**

(i) $SO_4^{2-}$ ଓ $Ba^{2+}$ ମଧ୍ୟରେ ପ୍ରତିକ୍ରିୟା ଘଟି କେଉଁ ଯୌଗିକ ସୃଷ୍ଟି ହୁଏ ?

(ii) ବ୍ରାଇନ୍‌କୁ ବିଦ୍ୟୁତ୍ ବିଶ୍ଳେଷଣକଲେ କେଉଁ ଗ୍ୟାସ୍ ନିର୍ଗତ ହୁଏ ?

(iii) $Cl^-$ ର ଇଲେକ୍ଟ୍ରନ୍ ସଂରଚନା କ'ଣ ?

(iv) କେଉଁ ଦର୍ପଣରେ ପ୍ରତିବିମ୍ବର ପାର୍ଶ୍ୱ ପରିବର୍ତ୍ତନ ଘଟିଥାଏ ?

(v) ସମାନ୍ତର ସଂଯୋଗରେ ଦୁଇଟି ପ୍ରତିରୋଧୀ $3\Omega$ ଓ $4\Omega$ ର ସମୂହ ପ୍ରତିରୋଧ କେତେ ?

**2. ଶୂନ୍ୟସ୍ଥାନ ପୂରଣ କର। [1×5=5**

(i) 1200 ଲିଟର ଅମ୍ଳରାଜରେ ______ ଲିଟର ହାଇଡ୍ରୋକ୍ଲୋରିକ୍ ଅମ୍ଳ ଥାଏ।

(ii) ଧାତୁ ନମନୀୟତା ଓ ______ ଗୁଣ ଯୋଗୁଁ ଆମେ ଆବଶ୍ୟକତା ଅନୁସାରେ ସେଗୁଡ଼ିକର ଆକାର ବଦଳାଇପାରୁ।

(iii) $CH_3-CH_2-CH_2-OH$ ଯୌଗିକର ନାମ ______।

(iv) ଅବତଳ ଦର୍ପଣରେ ବସ୍ତୁ ______ ଠାରେ ରହିଲେ ପ୍ରତିବିମ୍ବ ଅନନ୍ତ ଦୂରତାରେ ଗଠିତ ହୁଏ।

(v) ______ ସଂଯୋଗରେ ପ୍ରତିରୋଧ ଅଧିକ ହୋଇଥାଏ।

**3. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବାକ୍ସରେ ଲେଖ। [1×5=5**

(i) ମ୍ୟାଗ୍ନେସିୟମ୍ ଗରମ ଜଳ ସହ ପ୍ରତିକ୍ରିୟା କରେ।

(ii) ଜଳ ଅଣୁର ଇଲେକ୍ଟ୍ରନ୍ ଡଟ୍ ସଂରଚନା $H\cdot\ddot{\underset{\cdot\cdot}{C}}:$।

(iii) ପର୍ଯ୍ୟାୟ ସାରଣୀର ଗ୍ରୁପ୍ – 17 ରେ କ୍ଷୁଦ୍ରତମ ମୌଳିକ ହେଉଛି ଫ୍ଲୋରିନ୍।

(iv) ପରିବର୍ଦ୍ଧନର ମୂଲ୍ୟ ସହିତ ବିଯୁକ୍ତ ଚିହ୍ନ ଥିଲେ ପ୍ରତିବିମ୍ବ ବାସ୍ତବ ହୋଇଥାଏ।

(v) ବିଦ୍ୟୁତ୍ ଚୁମ୍ବକ ପ୍ରସ୍ତୁତି ପାଇଁ ଷ୍ଟିଲ୍ ଆବଶ୍ୟକ।

**4. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ମେଳ କର। [1×5=5**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) $CuSO_4$ | (a) ନୀଳ ଆଲୋକ |
| (ii) Hg | (b) ତରଳ ଅଧାତୁ |
| (iii) ଅତ୍ୟଧିକ କ୍ଷୁଦ୍ର କଣିକା | (c) ନୀଳ |
| (iv) ବାମହସ୍ତ ନିୟମ | (d) ତରଳ ଧାତୁ |
| (v) Br | (e) ମୋଟର |

**5. ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ଦର୍ଶାଅ। [1×5=5**

(i) $Zn + AgNO_3 \longrightarrow ZnNO_3 + Ag$
ଏହି ସମୀକରଣକୁ ସମତୁଲ କର।

(ii) ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ର ଜଳସହ ପ୍ରତିକ୍ରିୟାକୁ ସମୀକରଣରେ ପ୍ରକାଶ କର।

(iii) ଆକ୍ଟିନାଇଡ୍ ଶ୍ରେଣୀର ମୌଳିକ କ'ଣ ?

(iv) ଅଳ୍ପ ଆଲୋକରେ କନୀନିକା କି ପ୍ରକାର କାର୍ଯ୍ୟ କରେ ?

(v) 1V କ'ଣ ?

### Life Science

**6. ଶୂନ୍ୟସ୍ଥାନ ପୂରଣ କର : [1×5=5**

(i) ଏଚ.ଆଇ.ଭି.ର ଆନୁବଂଶିକ ପଦାର୍ଥ ______ ଅଟେ।

(ii) ଜୀବ ଶରୀର ଓ ପରିବେଶ ମଧ୍ୟରେ ପୋଷକର ଚକ୍ରାକାର ଗତିକୁ ______ କୁହାଯାଏ।

(iii) ପୃଥିବୀପୃଷ୍ଠରେ ଏକ ବର୍ଗମିଟର ଅଞ୍ଚଳରେ ଲମ୍ବ ଭାବରେ ______ ସୌରଶକ୍ତି ପଡ଼ିଥାଏ।

(iv) ______ ଦ୍ୱାରା ବିପନ୍ନ ଜାତିର ଜୀବଙ୍କୁ ବିଲୁପ୍ତ ଜାତି, ଲୁପ୍ତ-ପ୍ରାୟ ଜାତି, ଅସୁରକ୍ଷିତ ଜାତି, ଦୁର୍ଲଭ ଜାତି ଓ କମ୍ ଜଣାଶୁଣା ଜାତିଭାବେ ଶ୍ରେଣୀଭୁକ୍ତ କରାଯାଇଛି।

(v) ମସ୍ତିଷ୍କର ଅଗୋଚରରେ ଶରୀରରେ ଘଟୁଥିବା ଅତି ଜରୁରୀ କାର୍ଯ୍ୟକୁ ______ କୁହାଯାଏ।

**7. ଗୋଟିଏ ବା ଦୁଇଟି ଶବ୍ଦରେ ଉତ୍ତର ଦିଅ। [1×5=5**

(i) ଗୋଟିଏ ସ୍ନାୟୁ କୋଷର ଡେନ୍‌ଡ୍ରାଇଟ୍ ଓ ଅନ୍ୟ ସ୍ନାୟୁ କୋଷର ଆକ୍ସନ୍ ମିଳିତ ହୋଇ କ'ଣ ସୃଷ୍ଟି କରନ୍ତି।

(ii) କ୍ରମବର୍ଦ୍ଧିଷ୍ଣୁ ଉଦ୍ଭିଦଟି ଆଲୋକ ପାଇବାରୁ ଏହାର ଅଗ୍ରଭାଗରେ କ'ଣ ପ୍ରସ୍ତୁତ ହୁଏ ?

(iii) ପକ୍ଷୀ, ସରୀସୃପ, ପତଙ୍ଗ ଏମୋନିଆକୁ କେଉଁଥିରେ ପରିଣତ କରି ମଳସହ ତ୍ୟାଗକରିଥା'ନ୍ତି ?

(iv) କେଉଁ ପ୍ରାଣୀର ହୃତ୍‌ପିଣ୍ଡ 3 କୋଠରି ବିଶିଷ୍ଟ ?

(v) ଶରୀରର ଶକ୍ତି ମୁଦ୍ରାଟି କ'ଣ ?

**8. ଗୋଟିଏ ବାକ୍ୟରେ ଉତ୍ତର ଦିଅ : [1×5=5**

(i) ସର୍ବାହାରୀ ପ୍ରାଣୀ କହିଲେ କ'ଣ ବୁଝ ? ଗୋଟିଏ ଉଦାହରଣ ଦିଅ।

(ii) ମଧ୍ୟଚ୍ଛଦାର ବୈଶିଷ୍ଟ୍ୟ କ'ଣ ?

(iii) ଭ୍ରୂଣବନ୍ଧର କାର୍ଯ୍ୟ କ'ଣ ?

(iv) ତାପଗତି ବିଜ୍ଞାନର ଦ୍ୱିତୀୟ ନିୟମଟି ଲେଖ।

(v) ଆନ୍ଥ୍ରାସାଇଟ୍ ଓ ପିଟ୍ କୋଇଲା ମଧ୍ୟରେ ପ୍ରଭେଦ କ'ଣ ?

**9. 'କ' ସ୍ତମ୍ଭରେ ପ୍ରଥମ ଯୋଡ଼ାର ସମ୍ପର୍କକୁ ଲକ୍ଷ୍ୟ କରି 'ଖ' ସ୍ତମ୍ଭରେ ଦ୍ୱିତୀୟଟିରେ ଶୂନ୍ୟସ୍ଥାନ ପୂରଣ କର। [1×5=5**

'କ' ସ୍ତମ୍ଭ 'ଖ' ସ୍ତମ୍ଭ

(i) ଇଷ୍ଟ : ସୁରାସାର କିଣ୍ୱନ :: ପେଶୀ : ______।

(ii) ରକ୍ତବର୍ଗ : ଲାଣ୍ଡଷ୍ଟେଇନର :: ରକ୍ତ ସଞ୍ଚାଳନ :______।

(iii) ବାମନତା : ଗ୍ରୋଥ୍ ହରମୋନ୍ :: ରୂପାନ୍ତରଣ: ______।

(iv) N ପ୍ରକାର ସିଲିକନ : ଆର୍ସେନିକ :: P ପ୍ରକାର ସିଲିକନ୍ :______।

(v) ମାମଥ୍ : ବିଲୁପ୍ତ ଜାତି :: ଏକ ଶିଙ୍ଗ ଗଣ୍ଡା : ______।

**10. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବାକ୍ସରେ ସୂଚାଅ। [1×5=5**

(i) ପଶ୍ଚିମ ବଙ୍ଗର ସୁନ୍ଦରବନ ମହାବଳ ବାଘ ସଂରକ୍ଷଣ ପାଇଁ ସୁରକ୍ଷିତ ହୋଇଛି।

(ii) କେରଳ ଶାସ୍ତ୍ର ସାହିତ୍ୟ ପରିଷଦ ବନ୍ୟଜୀବ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଉପରେ କାର୍ଯ୍ୟ କରୁଛି ?

(iii) ପ୍ରାକୃତିକ ଗ୍ୟାସ୍‌ର ମୁଖ୍ୟ ଉପାଦାନ ମିଥେନ୍।

(iv) ସମାୟନ ନ ହୋଇ ଡିମ୍ବାଣୁର ବୃଦ୍ଧି ଘଟି ଫଳ ସୃଷ୍ଟି ହେଲେ ତାହାକୁ ଅସମାୟିତ ଜନନ କୁହାଯାଏ।

(v) ହରମୋନ୍ ବହିଃସ୍ରାବୀ ଗ୍ରନ୍ଥିରୁ କ୍ଷରିତ ହୁଏ।

## PART – I (OBJECTIVE)

**11. (i)** ତାପଶୋଷୀ ଓ ତାପ ଉତ୍ପାଦୀ ପ୍ରତିକ୍ରିୟା କାହାକୁ କୁହାଯାଏ ? ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଦାହରଣ ଦିଅ। [4

**କିମ୍ବା,** କାଲସିନେସନ୍ ଓ ରୋଷ୍ଟିଂ କ'ଣ ? କାର୍ବୋନେଟ୍ ଓ ସଲଫାଇଡ୍ ଧାତୁପିଣ୍ଡରୁ ଧାତୁ କିପରି ନିଷ୍କାସନ କରାଯାଏ ବର୍ଣ୍ଣନା କର।

(ii) ଇନ୍ଦ୍ରଧନୁ କିପରି ସୃଷ୍ଟି ହୁଏ ଚିତ୍ର ସହ ବୁଝାଅ। ଏଥିରେ ଥିବା ସାତଟି ରଙ୍ଗର ନାମ ଲେଖ।

**କିମ୍ବା,** ସଲେନଏଡ୍ କ'ଣ ? ଚୁମ୍ବକୀୟ କ୍ଷେତ୍ର ପ୍ରଭାବରେ ଏହା ବିଦ୍ୟୁତ୍ ଚୁମ୍ବକରେ କିପରି ପରିଣତ ହୁଏ, ଚିତ୍ର ସହ ବୁଝାଅ।

**12. (i)** କ୍ଷାରୀୟ ଧାତୁ ଓ ହାଲୋଜେନ୍ ମୌଳିକ ସହ ହାଇଡ୍ରୋଜେନ୍‌ର କିପରି ସାମଞ୍ଜସ୍ୟ ଅଛି ବୁଝାଅ। [3

**କିମ୍ବା,** ଏନୋଡାଇଜିଙ୍ଗ୍ କ'ଣ ? ଏହା କିପରି କରାଯାଏ ?

(ii) ମିଥେନ୍ ଅଣୁର ଗଠନ ବୁଝାଅ। [3

**କିମ୍ବା,** ସୋଡ଼ିୟମ୍, ମ୍ୟାଗ୍ନେସିୟମ୍ ଓ କ୍ୟାଲସିୟମ୍ ଧାତୁ ସହ ଅମ୍ଳର ପ୍ରତିକ୍ରିୟାକୁ ରାସାୟନିକ ସମୀକରଣ ମାଧ୍ୟମରେ ଦର୍ଶାଅ।

(iii) ଏକ ଦୂରଦୃଷ୍ଟି ଥିବା ଚକ୍ଷୁର ନିକଟ ବିନ୍ଦୁ ହେଉଛି 1 ମି। ଏହି ଦୃଷ୍ଟି ଦୋଷକୁ ଦୂର କରିବା ପାଇଁ ଆବଶ୍ୟକ ହେଉଥିବା ଲେନ୍ସର ପ୍ରକୃତି ଓ ପାୱାର୍ ନିରୂପଣ କର। [3

**କିମ୍ବା,** ପଙ୍‌କ୍ତି ସଂଯୋଗ ଓ ସମାନ୍ତର ସଂଯୋଗ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

**13. (i)** ପ୍ରତିଜାରକ ଓ ପ୍ରତିଅମ୍ଳ କ'ଣ ? ଉଦାହରଣ ଦିଅ। [2

**କିମ୍ବା,** ଅଧାତୁ ସହ ଅକ୍ସିଜେନ୍‌ର ସଂଯୋଗ ହେଲେ କେଉଁ ପ୍ରକାରର ଅକ୍ସାଇଡ୍ ଉତ୍ପନ୍ନ ହୁଏ ? ଉଦାହରଣ ଦିଅ।

(ii) ଦୁଇଟି ଜୈବ ଯୌଗିକର ଆଣବିକ ସଂକେତ ଯଥାକ୍ରମେ $C_4H_8O_2$ ଓ $C_4H_{10}O$। ଏଗୁଡ଼ିକ ମଧ୍ୟରୁ ଆଲକହଲ ଓ କାର୍ବୋକ୍ସି ଗ୍ରୁପ୍ ଧାରଣ କରିଥିବା ଯୌଗିକର ନାମ ଓ ସଂରଚନାତ୍ମକ ସଂକେତ ଲେଖ। [2

**କିମ୍ବା,** ପର୍ଯ୍ୟାୟରେ ବାମରୁ ଡାହାଣକୁ ପରମାଣୁର ବ୍ୟାସାର୍ଦ୍ଧ କାହିଁକି ହ୍ରାସ ପାଏ ? ଉଦାହରଣ ଦିଅ।

(iii) ପରମ ପ୍ରତିସରଣାଙ୍କ କହିଲେ କ'ଣ ବୁଝ ? [2

**କିମ୍ବା,** ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟ କାହିଁକି ଗାଢ଼ ଲାଲ୍ ଦେଖାଯାଏ ?

(iv) ବୈଦ୍ୟୁତିକ ପାୱାର, $P = VI$ ହେଲେ P ପାଇଁ ଆଉ ଦୁଇଟି ସୂତ୍ର ନିଗମନ କର। [2

**କିମ୍ବା,** ଗୋଟିଏ ତାରକୁଣ୍ଡଳୀରେ ପ୍ରେରିତ ବିଦ୍ୟୁତ୍ ପ୍ରବାହ କେଉଁ ଉପାୟରେ ସୃଷ୍ଟି କରାଯାଇପାରିବ ?

### Life Science

**14. (i)** ଶ୍ୱାସକ୍ରିୟାର ବିଭିନ୍ନ ପର୍ଯ୍ୟାୟ ସମ୍ବନ୍ଧରେ ସଂକ୍ଷେପରେ ଆଲୋଚନା କର। [4

**କିମ୍ବା,** ମେଣ୍ଡେଲଙ୍କ କୃତ୍ରିମ ସଂକରଣ ପ୍ରଣାଳୀ ବୁଝାଅ।

(ii) ପରିବେଶୀୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କର। [4

**କିମ୍ବା,** ଯୁଗ୍ମ ଜଙ୍ଗଲ ପରିଚାଳନା କିପରି କରାଯାଇଥାଏ, ବୁଝାଅ।

**15. (i)** ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟା ବୁଝାଅ। [3

**କିମ୍ବା,** ଗ୍ଲୋମେରୁଲସର ଗଠନ ବର୍ଣ୍ଣନା କର।

(ii) ସୌର ସେଲ୍‌ର ନାମାଙ୍କିତ ଚିତ୍ର ଅଙ୍କନ କର। (page -158) [3

**କିମ୍ବା,** ସ୍ପଂଜ୍ ଜେମ୍ୟୁଲ୍‌ର ନାମାଙ୍କିତ ଚିତ୍ର ଅଙ୍କନ କର।

(iii) ସହରାଞ୍ଚଳର ବର୍ଜ୍ୟବସ୍ତୁ ଓ ଏହାର ସମସ୍ୟା ସମ୍ବନ୍ଧରେ ଆଲୋଚନା କର। [3

**କିମ୍ବା,** ବୃଷ୍ଟିଜଳ ସଂରକ୍ଷଣର ବିଭିନ୍ନ ଉପାୟଗୁଡ଼ିକ ସମ୍ବନ୍ଧରେ ଲେଖ।

**16. (i)** ପାକସ୍ଥଳୀରେ ଖାଦ୍ୟର କି ପ୍ରକାର ପରିବର୍ତ୍ତନ ହୋଇଥାଏ ? [2

**କିମ୍ବା,** ଏମିବ୍ୟୁଲା କହିଲେ କ'ଣ ବୁଝ ?

(ii) ମେଣ୍ଡେଲଙ୍କ ପୃଥକୀକରଣ ନିୟମ ବୁଝାଅ। [2

**କିମ୍ବା,** ଆବଦ୍ଧ ସଞ୍ଚାଳନ କ'ଣ ?

(iii) ଭୂତାପୀୟ ଶକ୍ତିରୁ କି ଲାଭ ମିଳିଥାଏ ? [2

**କିମ୍ବା,** ଜୈବିକ ବସ୍ତୁତ୍ୱ ପିରାମିଡ୍ ଓ ଶକ୍ତି ପିରାମିଡ୍ ଗଠିତ ହେବାର କାରଣ କ'ଣ ?

(iv) ରେଡ୍ ଡାଟା ବୁକ୍ କ'ଣ ? [2

**କିମ୍ବା,** ଶକ୍ତିର ପ୍ରବାହ ଏକତରଫା କାହିଁକି ?

## ANSWER: PART – I (OBJECTIVE)

**1.** **(i)** $BaSO_4$ **(ii)** କ୍ଲୋରିନ୍ **(iii)** 2, 8, 8 **(iv)** ସମତଳ **(v)** 12/7 ଓମ୍

**2.** **(i)** 900 **(ii)** ତନ୍ୟତା **(iii)** ପ୍ରୋପାନଲ୍ **(iv)** ଫୋକସ୍ **(v)** ପଙ୍‌କ୍ତି

**3.** **(i)** ☑ **(ii)** ☒ **(iii)** ☑ **(iv)** ☑ **(v)** ☒

**4.**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) $CuSO_4$ | (a) ନୀଳ |
| (ii) Hg | (b) ତରଳ ଧାତୁ |
| (iii) ଅତ୍ୟଧିକ କ୍ଷୁଦ୍ର କଣିକା | (c) ନୀଳ ଆଲୋକ |
| (iv) ବାମହସ୍ତ ନିୟମ | (d) ମୋଟର |
| (v) Br | (e) ତରଳ ଅଧାତୁ |

**5.(i)** $Zn + 2AgNO_3 \longrightarrow Zn(NO_3)_2 + 2Ag$

**(ii)** $CaSO_4.\frac{1}{2}H_2O + 1\frac{1}{2}H_2O \longrightarrow CaSO_4.2H_2O$

**(iii)** ଆକ୍ଟିନାଇଡ୍ ପରବର୍ତ୍ତୀ 14ଟି ମୌଳିକକୁ ନେଇ ଆକ୍ଟିନାଇଡ୍ ଶ୍ରେଣୀ ଗଠିତ।

**(iv)** ଅଳ୍ପ ଆଲୋକରେ କନୀନିକା ଚକ୍ଷୁପିତୁଳାକୁ ପ୍ରସାରିତ କରି ଅଧିକ ଆଲୋକ ପ୍ରବେଶ କରାଏ।

**(v)** 1C ଚାର୍ଜ ପ୍ରବାହିତ ହୋଇ 1J କାର୍ଯ୍ୟ ହେଲେ ବିଭବାନ୍ତର 1V ହୁଏ।

**6.** **(i)** ଆର.ଏନ୍. ଏ. **(ii)** ପୋଷକ ଚକ୍ର **(iii)** 1.2 କିଲୋୱାଟ୍ **(iv)** IUCN **(v)** ପ୍ରତିକ୍ଷେପକ୍ରିୟା

**7.** **(i)** ସିନାପ୍‌ସ୍ **(ii)** ଅକ୍ସିନ୍ **(iii)** ୟୁରିକ୍ ଅମ୍ଳ **(iv)** ବେଙ୍ଗ **(v)** ATP

**8. (i)** ଖାଦ୍ୟରେ ବାଛବିଚାର ନ କରି ଯାହା ଖ୍ୟାଦ୍ୟୋପଯୋଗୀ ତାହା ଭକ୍ଷଣ କରୁଥିବା ପ୍ରାଣୀ ହେଉଛି ସର୍ବହାରୀ। **ଉଦାହରଣ–** ମଣିଷ।

**(ii)** ମଧ୍ୟଚ୍ଛଦା ଉଦର ଗହ୍ୱରକୁ ବକ୍ଷ ଗହ୍ୱରକୁ ପୃଥକ୍ କରେ।

**(iii)** ଭ୍ରୂଣବନ୍ଧ ମାଆ ଓ ଗର୍ଭାଶୟସ୍ଥ ଶିଶୁ ମଧ୍ୟରେ ଜୈବ ସଂଯୋଗ ସ୍ଥାପନ କରେ।

**(iv)** କୌଣସି କ୍ଷେତ୍ରରେ ଶକ୍ତିର ରୂପାନ୍ତରଣ ସଂପୂର୍ଣ୍ଣ ଭାବେ ହୋଇପାରେନି।

**(v)** ଆନ୍ଥ୍ରାସାଇଟ୍ କୋଇଲାରେ କାର୍ବନର ପରିମାଣ ସର୍ବାଧିକ ଏବଂ ପିଟ୍ କୋଇଲାରେ କାର୍ବନର ପରିମାଣ ସର୍ବନିମ୍ନ।

**9.** **(i)** ଲାକ୍ଟିକ୍ ଅମ୍ଳ କିଣ୍ୱନ
**(ii)** ଉଇଲିୟମ୍ ହାର୍ଭେ
**(iii)** ଥାଇରକ୍ସିନ୍
**(iv)** ବୋରନ୍
**(v)** ଲୁପ୍ତପ୍ରାୟ ଜାତି

**10.** **(i)** ☑ **(ii)** ☒ **(iii)** ☑ **(iv)** ☑ **(v)** ☒

## ANSWER: PART – II (SUBJECTIVE)

**11.(i)** (a) ଯେଉଁ ରାସାୟନିକ ପ୍ରତିକ୍ରିୟାରେ ତାପଶକ୍ତି ଶୋଷିତ ହୁଏ, ଅର୍ଥାତ ପ୍ରତିକ୍ରିୟା ସଂଗଠିତ ହେବା ପାଇଁ ତାପଶକ୍ତି ଆବଶ୍ୟକ ହୁଏ, ତାହାକୁ ତାପଶୋଷୀ ପ୍ରତିକ୍ରିୟା କୁହାଯାଏ।

**ଉଦାହରଣ :** ସିଲଭର କ୍ଲୋରାଇଡ୍ ସୂର୍ଯ୍ୟାଲୋକରେ ବିଘଟିତ ହୋଇ ସିଲଭର୍ ଓ କ୍ଲୋରିନ୍ ଗ୍ୟାସ୍ ଉତ୍ପନ୍ନ କରେ।

$$2AgCl \xrightarrow{\text{ସୂର୍ଯ୍ୟାଲୋକ}} 2Ag + Cl_2$$

(b) ଲେଡ୍ ନାଇଟ୍ରେଟ୍‌କୁ ଉତ୍ତପ୍ତ କଲେ ତାହା ବିଘଟିତ ହୋଇ ଲେଡ୍ ଅକ୍ସାଇଡ୍ ଓ ଅକ୍ସିଜେନ୍ ଗ୍ୟାସ୍ ସହ ବାଦାମୀ ରଙ୍ଗର ଧୂମ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଉତ୍ପନ୍ନ ହୁଏ।

$$2Pb(NO_3)_2 \xrightarrow{\text{ତାପ}} 2PbO + 4NO_2 + O_2$$

(c) ଯେଉଁ ରାସାୟନିକ ପ୍ରତିକ୍ରିୟାରେ ତାପଶକ୍ତି ନିର୍ଗତ ହୁଏ, ଅର୍ଥାତ୍ ପ୍ରତିକ୍ରିୟା ସଂଗଠିତ ହେବା ପାଇଁ ତାପଶକ୍ତି ଆବଶ୍ୟକ, ତାହାକୁ ତାପଉତ୍ପାଦୀ ପ୍ରତିକ୍ରିୟା କୁହାଯାଏ।

**ଉଦାହରଣ:** ପ୍ରାକୃତିକ ଗ୍ୟାସ୍‌ର ଦହନ ଫଳରେ ଅଙ୍ଗାରକାମ୍ଳ ଓ ଜଳୀୟବାଷ୍ପ ସୃଷ୍ଟି ହେବା ସହିତ ପ୍ରଚୁର ତାପଶକ୍ତି ନିର୍ଗତ ହୋଇଥାଏ।

$$CH_4 + 2O_2 \rightarrow CO_2 + 2H_2O$$

(d) ଶ୍ୱସନ ପ୍ରକ୍ରିୟା ଏକ ତାପ ଉତ୍ପାଦୀ ପ୍ରତିକ୍ରିୟା।

$$C_6H_{12}O_6 + 6O_2 \rightarrow 6CO_2 + 6H_2O$$

**କିମ୍ବା,** (a) ସୀମିତ ପରିମାଣ ବାୟୁରେ କାର୍ବୋନେଟ୍ ଧାତୁପିଣ୍ଡକୁ ଉତ୍ତପ୍ତ କରି ଧାତବ ଅକ୍ସାଇଡ୍‌ରେ ପରିଣତ କରିବାକୁ କାଲସିନେସନ୍ କୁହାଯାଏ।

$$ZnCO_3(s) \xrightarrow{\text{ତାପ}} ZnO(s)\,CO_2(g)$$

(b) ଧାତବ ଅକ୍ସାଇଡ୍‌କୁ କାର୍ବନ ବିଜାରକ ସହ ଉତ୍ତପ୍ତ କଲେ ଧାତୁ ମିଳିଥାଏ।

$$ZnO(s) + C(s) \rightarrow Zn(s) + CO(g)$$


(c) ପ୍ରଚୁର ବାୟୁର ଉପସ୍ଥିତିରେ ସଲଫାଇଡ୍ ଧାତୁପିଣ୍ଡକୁ ଉତ୍ତପ୍ତ କରି ଧାତବ ଅକ୍ସାଇଡ୍‌ରେ ପରିଣତ କରିବାକୁ ରୋଷ୍ଟିଂ କୁହାଯାଏ।

$$ZnS(s) + 3O_2(g) \rightarrow 2ZnO + 2SO_2$$

(d) ଧାତବ ଅକ୍ସାଇଡ୍‌କୁ କାର୍ବନ ସହ ଉତ୍ତପ୍ତ କଲେ ଧାତୁ ମିଳେ।

$$ZnO(s) + C(s) \rightarrow Zn + CO(g)$$

(ii)




ଇନ୍ଦ୍ରଧନୁର ସୃଷ୍ଟି

(a) ସାଧାରଣତଃ ବର୍ଷାଦିନେ ଆକାଶରେ ସୂର୍ଯ୍ୟ ଯେଉଁ ଦିଗରେ ଥାଏ, ତାହାର ବିପରୀତ ଦିଗରେ ଇନ୍ଦ୍ରଧନୁ ସୃଷ୍ଟି ହୁଏ।


(b) ମେଘରେ ଥିବା ଅସଂଖ୍ୟ କ୍ଷୁଦ୍ର ଜଳକଣା ଛୋଟ ଛୋଟ ପ୍ରିଜିମ୍ ପରି କାର୍ଯ୍ୟ କରନ୍ତି।

(c) ଏହି ଭାସମାନ ଜଳକଣାଗୁଡ଼ିକରେ ସୂର୍ଯ୍ୟାଲୋକ ପଡ଼ିଲେ ପ୍ରଥମେ ପ୍ରତିସୃତ ଓ ପ୍ରକୀର୍ଣ୍ଣିତ ହୁଏ। ପରେ ଜଳକଣାଗୁଡ଼ିକ ମଧ୍ୟରେ ଆଲୋକର ଆଭ୍ୟନ୍ତରୀଣ ପ୍ରତିଫଳନ ଓ ପୁନର୍ବାର ପ୍ରତିସରଣ ଘଟେ।

(d) ଏହାପରେ ସୂର୍ଯ୍ୟାଲୋକ ଜଳକଣାରୁ ବାହାରି ଆସେ, ଯାହାକି ଇନ୍ଦ୍ରଧନୁର ଧାରଣା ଦିଏ। ଏଥିରେ ସାତଟି ବର୍ଣ୍ଣ ରହିଥାଏ।

(e) ଏଥିରେ ଥିବା ସାତଟି ରଙ୍ଗ ହେଲା – ବାଇଗଣି,ଘନନୀଳ, ନୀଳ, ସବୁଜ, ହଳଦିଆ, ନାରଙ୍ଗୀ ଓ ଲାଲ୍।

**କିମ୍ବା,**



(a) ସଲେନଏଡ୍ ହେଉଛି ବିଦ୍ୟୁତ୍‌ରୋଧୀ ଆବରଣଯୁକ୍ତ ତମ୍ବା ତାରରୁ ତିଆରି ବହୁ ବୃତ୍ତାକାର ଘେର ବିଶିଷ୍ଟ ଗୋଟିଏ ସିଲିଣ୍ଡରାକୃତି କୁଣ୍ଡଳୀ।

(b) ଗୋଟିଏ ପେନ୍‌ସିଲର ଉପରେ ବିଦ୍ୟୁତ୍‌ରୋଧୀ ଆବରଣଯୁକ୍ତ ତମ୍ବାତାରଟିଏ ଗୁଡ଼ାଇ ସଲେନଏଡ୍ ତିଆରି କରାଯାଇପାରେ। ବିଦ୍ୟୁତ୍ ସ୍ରୋତ ବହନ କରୁଥିବା ଏକ ସଲେନଏଡ୍ ଜନିତ ଚୁମ୍ବକୀୟ କ୍ଷେତ୍ର ରେଖାର ଢାଞ୍ଚା ଏକାପରି।

(c) ବାସ୍ତବରେ ବିଦ୍ୟୁତ୍ ପ୍ରବାହୀ ସଲେନଏଡ୍‌ର ଗୋଟିଏ ପ୍ରାନ୍ତ ଚୁମ୍ବକୀୟ ଉତ୍ତର ମେରୁ ଓ ଅନ୍ୟ ପ୍ରାନ୍ତଟି ଦକ୍ଷିଣ ମେରୁ ଭଳି ଆଚରଣ କରେ। ସଲେନଏଡ୍‌ର ଭିତରପଟରେ କ୍ଷେତ୍ରରେଖାଗୁଡ଼ିକ ସରଳରୈଖିକ ଓ ପରସ୍ପର ସହ ସମାନ୍ତର।

(d) ଏହା ସୂଚିତ କରେ ଯେ ସଲେନଏଡ୍‌ର ଭିତର ପଟରେ ସବୁଠାରେ ଚୁମ୍ବକୀୟ କ୍ଷେତ୍ରର ପରିମାଣ ଓ ଦିଗ ସମାନ ଅର୍ଥାତ୍ ଏହା ଏକ ସମଚୁମ୍ବକୀୟ କ୍ଷେତ୍ର।

(e) ନରମ ଲୁହା ଭଳି ଚୁମ୍ବକୀୟ ବସ୍ତୁଟିଏ ସଲେନଏଡ୍ ଭିତରେ ରଖିଲେ ସଲେନଏଡ୍‌ର ଚୁମ୍ବକୀୟ କ୍ଷେତ୍ରର ପ୍ରଭାବରେ ତାହା ଚୁମ୍ବକରେ ପରିଣତ ହୁଏ ଯାହାକୁ ବିଦ୍ୟୁତ୍ ଚୁମ୍ବକ କୁହାଯାଏ।

**12.(i)**(a) ହାଇଡ୍ରୋଜେନ୍ କ୍ଷାରୀୟ ଧାତୁ Na, Li ଓ K ଇତ୍ୟାଦି ପରି ହାଲୋଜେନ, ଅକ୍ସିଜେନ୍ ଓ ସଲଫର ସହ ସଂଯୁକ୍ତ ହୋଇ ଏକାଭଳି ସଂକେତର ଯୌଗିକ ସୃଷ୍ଟି କରେ।

**ଉଦାହରଣ:** H ର ଯୌଗିକ – $HCl, H_2O, H_2S$
Na ର ଯୌଗିକ – $NaCl, Na_2O, Na_2S$

(b) ହାଇଡ୍ରୋଜେନ୍ ହାଲୋଜେନ୍ ଭଳି ଦୁଇ ପରମାଣୁ ବିଶିଷ୍ଟ ଅଣୁ ଗଠନ କରିବା ସହ ଅନ୍ୟ ଅଧାତୁ ସହ ପ୍ରତିକ୍ରିୟା କରି ସହସଂଯୋଜ୍ୟ ବନ୍ଧ ଗଠନ କରେ।

**କିମ୍ବା,**

(a) ଏନୋଡାଇଜିଙ୍ଗ୍ ହେଉଛି ଏଲୁମିନିୟମ୍ ଉପରେ ଏକ ମୋଟା ଆସ୍ତରଣ ଦେବାର ପ୍ରଣାଳୀ।

(b) ଏହି ପ୍ରଣାଳୀରେ ଏକ ବିଶୁଦ୍ଧ ଏଲୁମିନିୟମ୍‌କୁ ଏନୋଡ୍‌ରେ ସଂଯୁକ୍ତ କରି ସଲଫ୍ୟୁରିକ୍ ଅମ୍ଳରେ ବିଦ୍ୟୁତ୍ ବିଶ୍ଳେଷଣ କରାଯାଏ।

(c) ଏହା ଦ୍ୱାରା ଏଲୁମିନିୟମ୍ ନିକଟରେ ଅକ୍ସିଜେନ୍ ଉତ୍ପନ୍ନ ହୁଏ ଏବଂ ଏଲୁମିନିୟମ୍ ସହ ପ୍ରତିକ୍ରିୟା କରି ଏହା ଉପରେ ଏକ ମୋଟା ଅକ୍ସାଇଡ୍‌ର ସ୍ତର ସୃଷ୍ଟି ହୁଏ, ଯାହାକି ଏଲୁମିନିୟମ୍‌କୁ ସଂକ୍ଷାରଣରୁ ରକ୍ଷା କରେ।

**(ii)** (a) କାର୍ବନ ପରମାଣୁର ବାହ୍ୟତମ କକ୍ଷରେ 4 ଟି ଇଲେକ୍ଟ୍ରନ୍ ଥିବାରୁ ଅଷ୍ଟକ ପୂରଣ ପାଇଁ ଆଉ 4 ଟି ଇଲେକ୍ଟ୍ରନ୍ ଆବଶ୍ୟକ କରେ। ସେହିପରି ହାଇଡ୍ରୋଜେନ୍ ପରମାଣୁ ନିକଟତମ ନିଷ୍କ୍ରିୟ ମୌଳିକର ସଂରଚନା ଲାଭକରିବା ପାଇଁ ଆଉ 1 ଟି ଇଲେକ୍ଟ୍ରନ୍ ଆବଶ୍ୟକ କରେ। ତେଣୁ କାର୍ବନ ପରମାଣୁ ଏହାର 4 ଟି ଇଲେକ୍ଟ୍ରନ୍‌କୁ 4 ଟି ହାଇଡ୍ରୋଜେନ୍ ପରମାଣୁ ସହ ସହଭାଜନ କରି 4 ଟି ସହସଂଯୋଜ୍ୟ ବନ୍ଧ ଗଠନ କରେ। ଫଳରେ କାର୍ବନ ନିୟନ୍‌ର ସଂରଚନା ଓ ହାଇଡ୍ରୋଜେନ ହିଲିୟମ୍‌ର ସଂରଚନା ଲାଭ କରେ।

$$\cdot\dot{\underset{\cdot}{C}}\cdot + 4\overset{x}{H} \rightarrow H \overset{x}{\cdot} \underset{\underset{H}{\overset{\cdot}{x}}}{\overset{\overset{H}{x}}{\dot{C}}} \cdot\overset{x}{} H \rightarrow H - \underset{\underset{H}{|}}{\overset{\overset{H}{|}}{C}} - H \rightarrow CH_4$$

**କିମ୍ବା,** (a) ସୋଡ଼ିୟମ୍ ଧାତୁ ଲଘୁ ଅମ୍ଳ ସହ ପ୍ରତିକ୍ରିୟା କରି ସୋଡ଼ିୟମ୍ କ୍ଲୋରାଇଡ୍ ଲବଣ ଓ ହାଇଡ୍ରୋଜେନ୍ ଗ୍ୟାସ୍ ସୃଷ୍ଟି କରେ।

$$2Na + 2HCl \rightarrow 2NaCl + H_2$$

(b) ମ୍ୟାଗ୍ନେସିୟମ୍ ଧାତୁ ଲଘୁ ଅମ୍ଳ ସହ ପ୍ରତିକ୍ରିୟା କରି ମ୍ୟାଗ୍ନେସିୟମ୍ କ୍ଲୋରାଇଡ୍ ଲବଣ ଓ ହାଇଡ୍ରୋଜେନ ଗ୍ୟାସ୍ ସୃଷ୍ଟି କରେ।

$$Mg + 2HCl \rightarrow MgCl_2 + H_2$$

(c) କ୍ୟାଲସିୟମ୍ ଧାତୁ ଲଘୁ ଅମ୍ଳ ସହ ପ୍ରତିକ୍ରିୟା କରି କ୍ୟାଲସିୟମ କ୍ଲୋରାଇଡ୍ ଲବଣ ଓ ହାଇଡ୍ରୋଜେନ ଗ୍ୟାସ୍ ସୃଷ୍ଟି କରେ।

$$Ca + 2HCl \rightarrow CaCl_2 + H_2$$

**(iii)** (a) ଏହି ଦୃଷ୍ଟି ଦୋଷର ସଂଶୋଧନ ପାଇଁ ଉତ୍ତଳ ଲେନ୍ସର ଚଷମା ଆବଶ୍ୟକ। ଯଦି କୌଣସି ପ୍ରତିବିମ୍ବ 1 ମି ଦୂରତାରେ ଗଠିତ ହୁଏ, ତେବେ ଏହି ଦୃଷ୍ଟିଦୋଷ ଥିବା ଚକ୍ଷୁ 25 ସେ.ମି. ଦୂରତାରେ ଥିବା ନିକଟ ବସ୍ତୁକୁ ସ୍ପଷ୍ଟ ଭାବେ ଦେଖିପାରିବ।

(b) $u = -25$ cm (ସାଧାରଣ ନିକଟବିନ୍ଦୁ)
$v = -1m = -100$ cm (ଦୋଷଯୁକ୍ତ ଚକ୍ଷୁର ନିକଟ ବିନ୍ଦୁ)

$$\frac{1}{v} - \frac{1}{u} = \frac{1}{f} \quad \Rightarrow \frac{1}{-100} - \frac{1}{-25} = \frac{1}{f}$$

$$\Rightarrow -\frac{1}{100} + \frac{1}{25} = \frac{1}{f} \quad \Rightarrow \frac{-1+4}{100} = \frac{1}{f}$$

$$\Rightarrow \frac{3}{100} = \frac{1}{f} \Rightarrow f = \frac{100}{3} = 33.3\ cm = 0.33\ cm$$

(c) ପାୱାର୍, $P = \frac{1}{f(m)} = \frac{1}{0.33} = \frac{100}{33} = 3.03\ D$

**କିମ୍ବା,** **ପଙ୍‌କ୍ତି ସଂଯୋଗ**

**(a)** ପ୍ରତି ପ୍ରତିରୋଧରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତର ପରିମାଣ ସମାନ।

**(b)** ପରିପଥର ସମୂହ ପ୍ରତିରୋଧ ସଂପୃକ୍ତ ପ୍ରତିରୋଧଗୁଡ଼ିକର ସମଷ୍ଟି ସମାନ।

$R = R_1 + R_2 + R_3 + ............................$

**(c)** ଗୋଟିଏ ଉପକରଣ ଅଚଳ ହେଲେ ସମୁଦାୟ ପରିପଥ ହୁଏ।

**ସମାନ୍ତର ସଂଯୋଗ**

**(a)** ପ୍ରତି ପ୍ରତିରୋଧରେ ବିଦ୍ୟୁତ୍ ସ୍ରୋତ ସମାନ ହୁଏ ନାହିଁ।

**(b)** ପରିପଥର ସମୂହ ପ୍ରତିରୋଧ ସଂପୃକ୍ତ ପ୍ରତ୍ୟେକ ପ୍ରତିରୋଧ ଠାରୁ କମ୍।

$$\frac{1}{R} = \frac{1}{R_1} + \frac{1}{R_2} + \frac{1}{R_3} +$$

**(c)** ଗୋଟିଏ ଉପକରଣ ଅଚଳ ହେଲେ ମଧ୍ୟ ଅନ୍ୟ ବିଚ୍ଛିନ୍ନ ଉପକରଣଗୁଡ଼ିକ କାର୍ଯ୍ୟ କରେ।

**13. (i)** (a) ଯାହା ଜାରଣ କ୍ରିୟାକୁ ପ୍ରତିହତ କରେ, ତାହାକୁ ପ୍ରତିଜାରକ କୁହାଯାଏ। ଉଦାହରଣ : ନାଇଟ୍ରୋଜେନ୍

(b) ଯାହା ଅମ୍ଳର ପ୍ରଭାବକୁ ହ୍ରାସ କରେ, ତାହାକୁ ପ୍ରତି ଅମ୍ଳ କୁହାଯାଏ। ଉଦାହରଣ : ମିଲ୍କ ଅଫ୍ ମାଗ୍ନେସିଆ ($Mg(OH)_2$)

**କିମ୍ବା,** (a) ଅକ୍ସିଜେନ୍ ସହ ଅଧାତୁର ସଂଯୋଗ ହେଲେ ଅକ୍ସାଇଡ୍ ଉତ୍ପନ୍ନ ହୁଏ ଯାହା ଅମ୍ଳୀୟ କିମ୍ବା ନିରପେକ୍ଷ ହୋଇଥାଏ।

(b) ଉଦାହରଣ : ଅମ୍ଳୀୟ ଅକ୍ସାଇଡ୍ $CO_2, SO_2$
ନିରପେକ୍ଷ ଅକ୍ସାଇଡ୍ $H_2O, N_2O$

**(ii)** (a) $C_4H_{10}O$ ହେଉଛି ବ୍ୟୁଟାନଲ୍ ($C_4H_9OH$)

ସଂରଚନା : $H-\underset{\underset{H}{|}}{\overset{\overset{H}{|}}{C}}-\underset{\underset{H}{|}}{\overset{\overset{H}{|}}{C}}-\underset{\underset{H}{|}}{\overset{\overset{H}{|}}{C}}-\underset{\underset{H}{|}}{\overset{\overset{H}{|}}{C}}-OH$

(b) $C_4H_8O_2$ ହେଉଛି ବ୍ୟୁଟାନୋଇକ୍ ଏସିଡ୍ ($C_3H_7COOH$)

ସଂରଚନା: $H-\underset{\underset{H}{|}}{\overset{\overset{H}{|}}{C}}-\underset{\underset{H}{|}}{\overset{\overset{H}{|}}{C}}-\underset{\underset{H}{|}}{\overset{\overset{H}{|}}{C}}-\overset{\overset{O}{\|}}{C}-OH$

**କିମ୍ବା,** (a) ବାମରୁ ଡାହାଣକୁ ନ୍ୟୁକ୍ଲିୟସ୍ ଓ କକ୍ଷସ୍ଥିତ ଇଲେକ୍ଟ୍ରନ୍ ମଧ୍ୟରେ ଆକର୍ଷଣ ବୃଦ୍ଧି ଘଟିବା ଫଳରେ କକ୍ଷଗୁଡ଼ିକ ନ୍ୟୁକ୍ଲିୟସ୍‌ର ନିକଟବର୍ତ୍ତୀ ହେବାଯୋଗୁଁ ବ୍ୟାସାର୍ଦ୍ଧ ହ୍ରାସ ପାଏ।

(b) **ଉଦାହରଣ :** ନାଇଟ୍ରୋଜେନ୍‌ର ପରମାଣୁର ବ୍ୟାସାର୍ଦ୍ଧ 74 pm ଓ ତା'ର ଡାହାଣକୁ ଅବସ୍ଥିତ ଅକ୍ସିଜେନ୍‌ର ବ୍ୟାସାର୍ଦ୍ଧ 66 pm।

**(iii)** (a) ପ୍ରଥମ ମାଧ୍ୟମ ଶୂନ୍ୟ ହେଲେ ଶୂନ୍ୟ ମାଧ୍ୟମ ତୁଳନାରେ ଦ୍ୱିତୀୟ ମାଧ୍ୟମର ପ୍ରତିସରଣାଙ୍କ ସେହି ମାଧ୍ୟମର ପରମ ପ୍ରତିସରଣାଙ୍କ କୁହାଯାଏ। ଏହାକୁ $\eta_{20}$ ବା $\eta_2$ ସଂକେତ ଦ୍ୱାରା ପ୍ରକାଶ କରାଯାଏ।

(b) ଯଦି ଆଲୋକର ବେଗ ଶୂନ୍ୟ ମାଧ୍ୟମରେ ବା ବାୟୁ ମାଧ୍ୟମରେ c ହୁଏ ଏବଂ ଅନ୍ୟ ଏକ ମାଧ୍ୟମରେ v ହୁଏ, ତେବେ ଶୂନ୍ୟ ବା ବାୟୁ ମାଧ୍ୟମ ତୁଳନାରେ ସେହି ମାଧ୍ୟମର ପରମ ପ୍ରତିସରଣାଙ୍କ $\eta = \frac{c}{v}$ ହେବ।

**କିମ୍ବା,** (a) ସୂର୍ଯ୍ୟୋଦୟ ସମୟରେ ଦିଗ୍‌ବଳୟ ନିକଟରେ ସୂର୍ଯ୍ୟ ଥିବାରୁ ଅଧିକାଂଶ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଆଲୋକ ଅର୍ଥାତ୍ ନୀଳ ଆଲୋକ କ୍ଷୁଦ୍ର କଣିକାଗୁଡ଼ିକ ଦ୍ୱାରା ବିଛୁରିତ ହୁଏ।

(b) ଆଲୋକ କ୍ଷୁଦ୍ର କଣିକାଗୁଡ଼ିକ ଦ୍ୱାରା ବିଛୁରିତ ହେଉଥିବାରୁ ଆମ ଚକ୍ଷୁ ନିକଟରେ ଅଧିକ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଲାଲ୍ ଆଲୋକ ପହଞ୍ଚେ। ତେଣୁ ସୂର୍ଯ୍ୟ ଲାଲ୍ ଦେଖାଯାଏ।

**(iv)** (a) $P = VI = IR \times I \left(Q\ R = \frac{V}{I} \Rightarrow V = IR\right) = I^2R$

(b) $P = VI$

$$= V \times \frac{V}{R}\left(Q\ R = \frac{V}{I} \Rightarrow I = \frac{V}{R}\right) = \frac{V^2}{R}$$

**କିମ୍ବା,** (a) କୁଣ୍ଡଳୀ ଓ ଚୁମ୍ବକ ମଧ୍ୟରେ ଆପେକ୍ଷିକ ଗତି।

(b) କୁଣ୍ଡଳୀ ଓ ବିଦ୍ୟୁତ୍ ପ୍ରବାହୀ ପରିବାହୀ ମଧ୍ୟରେ ଆପେକ୍ଷିକ ଗତି

**14. (i)** (a) **ପ୍ରଶ୍ୱାସ:** ଶ୍ୱାସକ୍ରିୟାବେଳେ ଅନ୍ତଃପଂଜରା ମାଂସପେଶୀ, ମଧ୍ୟଚ୍ଛଦା ଓ ଉଦରୀୟ ମାଂସପେଶୀ ସକ୍ରିୟ ଅଂଶଗ୍ରହଣ କରନ୍ତି।

(b) ଏହି ପ୍ରକ୍ରିୟା ସମୟରେ ବକ୍ଷ ଗହ୍ୱରର ଆୟତନ ପ୍ରାୟ 20% ବୃଦ୍ଧିପାଏ ଏବଂ ବକ୍ଷ ଗହ୍ୱର ଓ ଫୁସ୍‌ଫୁସ୍ ମଧ୍ୟସ୍ଥ ବାୟୁଚାପ ବାୟୁମଣ୍ଡଳୀୟ ଚାପ ଠାରୁ କମ୍ ହୁଏ। ତେଣୁ ଉଚ୍ଚ ଚାପ ଥିବା ବାୟୁମଣ୍ଡଳରୁ ନିମ୍ନ ବାୟୁଚାପ ଥିବା ଫୁସ୍‌ଫୁସ୍ ମଧ୍ୟକୁ ବାୟୁ ପ୍ରବେଶ କରେ।

(c) **ନିଃଶ୍ୱାସ:** ନିଃଶ୍ୱାସ ବେଳେ ମଧ୍ୟଚ୍ଛଦା ଓ ଅନ୍ତଃପଞ୍ଜରା ମାଂସପେଶୀର ଶିଥିଳନ ଓ ଉଦରୀୟ ମାଂସପେଶୀର ସଂକୋଚନ ଘଟିବାରୁ ପଞ୍ଜରାହାଡ଼ ପୂର୍ବ ସ୍ଥାନକୁ ଫେରିଆସେ।

(d) ମଧ୍ୟଚ୍ଛଦା ପୁଣି ଗମ୍ବୁଜାକୃତି ହୁଏ, ବକ୍ଷଗହ୍ୱରର ଆକାର ହ୍ରାସପାଏ ଓ

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

## ସଂକ୍ଷେପରେ

### ସିଏଏକୁ ସମର୍ଥନ କରି ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବ ଭାଜପା

#### ୩୭୦୦୦ ବୁଥ୍‌ରୁ ପୋଷ୍ଟକାର୍ଡ ଜରିଆରେ ପଠାଯିବ ବାର୍ତ୍ତା

**ଭୁବନେଶ୍ୱର,୬।୨(ବ୍ୟୁରୋ):** ନାଗରିକତ୍ୱ ପ୍ରଦାନ କରିବା ପାଇଁ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) କରାଯାଇଛି। ସିଏଏ ଦ୍ୱାରା କୌଣସି ଭାରତୀୟଙ୍କ ଅଧିକାର କ୍ଷୁଣ୍ଣ ହେବନି ବୋଲି ଓଡ଼ିଶାବାସୀ ବୁଝି ସାରିଛନ୍ତି। ସାରା ରାଜ୍ୟବାସୀ ଏବେ ଏହି ଆଇନକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। କେନ୍ଦ୍ର ସରକାରଙ୍କ ଏହା ଏକ ଐତିହାସିକ ନିଷ୍ପତ୍ତି। ଦେଶର ଏକ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଏଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ପୋଷ୍ଟକାର୍ଡ ମାଧମରେ ଭାଜପା କାର୍ଯ୍ୟକର୍ତ୍ତାମାନେ ଧନ୍ୟବାଦ ଜଣାଇବେ । ରାଜ୍ୟର ୧୦୦୪ ମଣ୍ଡଳର ୩୭,୦୦୦ ବୁଥ୍‌ରୁ ସର୍ବନିମ୍ନ ୫୦ଜଣ କାର୍ଯ୍ୟକର୍ତ୍ତା ସିଏଏକୁ ସମର୍ଥନ କରି ପୋଷ୍ଟକାର୍ଡ ମାଧମରେ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବେ ବୋଲି ସମୀର ସୂଚନା ଦେଇଛନ୍ତି । ଭାଜପା ରାଜ୍ୟ ସଭାପତି ଗୁରୁବାର ପ୍ରଥମେ ପୋଷ୍ଟକାର୍ଡ ମାଧମରେ ଧନ୍ୟବାଦ ବାର୍ତ୍ତା ଜଣାଇଛନ୍ତି। ସମୀର କହିଛନ୍ତି ଯେ, ପ୍ରତ୍ୟେକ ଜିଲାରେ ସିଏଏ ସମ୍ପର୍କରେ ସଚେତନତା ରାଲି ଏବଂ ବିଶାଳ ଜନସମାବେଶ କରାଯାଉଛି । ଏହି ଆଇନକୁ ସମର୍ଥନ କରି ପ୍ରତ୍ୟେକ ସ୍ଥାନରେ ଜନଜାଗରଣ କାର୍ଯ୍ୟକ୍ରମ, ଜନସଭା, ସଚେତନତା ସମାବେଶ ଆଦି କରାଯାଉଛି। ଏହାସହ ଭାଜପା କାର୍ଯ୍ୟକର୍ତ୍ତାମାନେ ପ୍ରତ୍ୟେକ ସାଙ୍ଗଠନିକ ଜିଲାରେ ବୁଦ୍ଧିଜୀବୀ ସମ୍ମିଳନୀ, ପଦଯାତ୍ରା ସହ ଘରକୁ ଘର ଯାଇ ସିଏଏ ସମ୍ପର୍କିତ ତଥ୍ୟ ପ୍ରଦାନ କରି ସାଧାରଣ ଲୋକଙ୍କୁ ସଚେତନ କରୁଛନ୍ତି । କିନ୍ତୁ ବିରୋଧୀ କଂଗ୍ରେସ ସମେତ କିଛି ଆଞ୍ଚଳିକ ଦଳ ଦେଶର ଜନତାଙ୍କୁ ବିଭ୍ରାନ୍ତ କରି ହିଂସା ସୃଷ୍ଟି କରୁଛନ୍ତି ବୋଲି ସମୀର କହିଛନ୍ତି।

# ପରିତ୍ୟକ୍ତ ଚୂନପଥର ଖଣିରେ ଦୁର୍ଘଟଣା

**ନୂଆଗାଁ,୬।୨(ଡି.ଏନ୍.ଏ.)**

- ଅତଡା ଖସି ନାବାଳକ ମୃତ, ଜଣେ ଗୁରୁତର
- ଡାକ୍ତର ଅନୁପସ୍ଥିତ ଥିବାରୁ ଉତ୍ତେଜନା
- ତୁରନ୍ତ ଗ୍ରହଣ ହେଲା କାର୍ଯ୍ୟାନୁଷ୍ଠାନ



ଲୋକେ ହାତୀବାରି ସ୍ୱାସ୍ଥ୍ୟକେନ୍ଦ୍ରରେ ହୋହଲ୍ଲା କରୁଛନ୍ତି।

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ପୁରୁଣାପାଣି ନିକଟରେ ଦୀର୍ଘବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ଥିବା ଟିସ୍କୋର ଚୂନପଥର ଖଣିରେ ଗୁରୁବାର ଦୁର୍ଘଟଣା ଘଟିଛି। ଖଣିରେ ଗଚ୍ଛିତ ଥିବା ଚିପ୍ସ ଗୁଣ୍ଡର ଅତଡାଖସି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଯୁବକ ଆହତ ହୋଇଛନ୍ତି। ମୃତକ ହେଲେ ହାତୀବାରି ବୈଦନାଥପୁର ମୁଣ୍ଡାଟୋଲି ବସ୍ତିର ସଦାନନ୍ଦ ସୁରିନ (୧୭)। ଆହତ ଯୁବକ ହେଲେ ସେହି ବସ୍ତିର ଅରବିନ୍ଦ ଲୁଗୁନ (୨୨)। ପୂର୍ବାହ୍ଣ ପ୍ରାୟ ୧୧ଟାରେ ଏହି ଦୁର୍ଘଟଣା ଘଟିଥିଲା । ଖବର ପାଇଁ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ କୌଣସି ଡାକ୍ତର ଉପସ୍ଥିତ ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାର କିଛି ସମୟ ପରେ ସଦାନନ୍ଦଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋହଲ୍ଲା କରିଥିଲେ। ଏହାର ୨ ଘଣ୍ଟା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟଡାକ୍ତର ବସନ୍ତ ଆନସେଲାନ ଟପ୍ପୋ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଘେରି ଯାଇ ଡାକ୍ତରଖାନାର ଅବ୍ୟବସ୍ଥା ସଂକ୍ରାନ୍ତରେ ପ୍ରଶ୍ନ କରିଥିଲେ । ଖବର ପାଇଁ ହାତୀବାରି ଥାନା ପୋଲିସ ଶ୍ୟାମଲାଲ ଓରାମ, ବୀରମିତ୍ରପୁର ଏସ୍‌ଡିପିଓ ନିବେଦିତା ସୋରେନ ଫୋର୍ସ ସହ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ । ଡାକ୍ତରଙ୍କ ଅବହେଳା ଯୋଗୁ ସଦାନନ୍ଦଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଏହା ସହ ସଂପୃକ୍ତ ଡାକ୍ତରଙ୍କୁ ତୁରନ୍ତ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବଦଳି କରିବାକୁ ଲୋକେ ଅଡି ବସିଥିଲେ। ଶେଷରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ତାଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିବାକୁ ବାଧ୍ୟ ହୋଇଥିଲେ ।

ସୂଚନାଯୋଗ୍ୟ, ଟିସ୍କୋର ଚୂନପଥର ଖଣି କାର୍ଯ୍ୟକ୍ଷମ ଥିବା ସମୟରେ ବହୁ ପରିମାଣରେ ଚିପ୍ସଗୁଣ୍ଡ ଗଚ୍ଛିତ ରହିଥିଲା। ଖଣି ବନ୍ଦ ହୋଇଯାଇଥିଲେ ମଧ୍ୟ ଖଣି ଆଖପାଖ ଅଞ୍ଚଳରୁ ଲୋକେ ସେଠାରୁ ଚିପ୍ସଗୁଣ୍ଡ ସଂଗ୍ରହ କରିଥାନ୍ତି । ଗୁରୁବାର ଅରବିନ୍ଦ ଓ ସଦାନନ୍ଦ ଟ୍ରାକ୍ଟର ନେଇ ଚିପ୍ସଗୁଣ୍ଡ ଲୋଡିଂ କରୁଥିବାବେଳେ ଏକ ଅତଡା ଖସି ପଡିଥିଲା। ସେଥିରେ ଉଭୟ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଜଣେ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ଥିଲେ। ହେଲେ ମୁଖ୍ୟଡାକ୍ତର ଟପ୍ପୋ ସ୍ୱାସ୍ଥ୍ୟକେନ୍ଦ୍ରରେ ନ ଥିଲେ। ଫଳରେ ଦୀର୍ଘ ୨ଘଣ୍ଟା ପର୍ଯ୍ୟନ୍ତ ଉଭୟଙ୍କ ଚିକିତ୍ସା ହୋଇପାରି ନ ଥିଲା। ୨ ଘଣ୍ଟା ପରେ ମୁଖ୍ୟ ଡାକ୍ତର ଆସି ସଦାନନ୍ଦଙ୍କୁ ମୃତ୍ୟୁ ଘୋଷଣା କରିଥିବାବେଳେ ଅରବିନ୍ଦଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏହି ଘଟଣା ପରେ ନୂଆଗାଁ ବିଡିଓ ମାଧବ ଚନ୍ଦ୍ର ପାଣିଗ୍ରାହୀ ଘଟଣାସ୍ଥଳକୁ ଯାଇ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୦ହଜାର ଓ ହାତୀବାରି ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ୨ହଜାର ଟଙ୍କା ପ୍ରଦାନ କରାଯାଇଛି।

### ମିଛ କହି ବାହାବା ନେଉଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ: ଭାଜପା

**ଭୁବନେଶ୍ୱର,୬।୨(ବ୍ୟୁରୋ)**

ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ମିଛ କହି କେବଳ ବାହାବା ନେଉଛନ୍ତି। ଓଡ଼ିଶା ସାରା ବୁଲି ବିଭିନ୍ନ ମେଡିକାଲ ଦେଖିଲେ ମାତ୍ର ନିଜ ନିର୍ବାଚନ ମଣ୍ଡଳୀରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଭୁଲିଗଲେ ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ଗତ ମେ ୨, ୨୦୧୯ରେ ଝାରସୁଗୁଡା ଜିଲାର ମଙ୍ଗଳବଜାରସ୍ଥିତ ମୁଖ୍ୟ ଡାକ୍ତରଖାନାକୁ ସହରରୁ ୧୫କିମି ଦୂରକୁ ସ୍ଥାନାନ୍ତରଣ କରାଯାଇଥିଲା । ସେହି ସମୟରେ ଦଳ ମତ ନିର୍ବିଶେଷରେ ପୁରୁଣା ହସ୍ପିଟାଲକୁ କାର୍ଯ୍ୟକ୍ଷମ କରିବା ପାଇଁ ଆନ୍ଦୋଳନ ହୋଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ ଝାରସୁଗୁଡାବାସୀଙ୍କୁ ଉକ୍ତ ମେଡିକାଲକୁ ଉନ୍ନତୀକରଣ କରି ଚଲାଇ ରଖାଯିବ ବୋଲି ପ୍ରତିଶ୍ରୁତି ଦେଲେ । କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କରାଗଲା ନାହିଁ । ନିଜ ପ୍ରତିଶ୍ରୁତି କଥା ଭୁଲି ଝାରସୁଗୁଡାବାସୀଙ୍କ ପ୍ରତି ସେ ପ୍ରତାରଣା କରିଛନ୍ତି ବୋଲି ତ୍ରିପାଠୀ ଅଭିଯୋଗ କରିଛନ୍ତି । ଯଦି ଆସନ୍ତା ୭ଦିନ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଦାବି ଗ୍ରହଣ ନ କରିବେ ଆଗାମୀ ଦିନରେ ଝାରସୁଗୁଡ଼ା ଜିଲାରେ ବ୍ୟାପକ ଜନ ଆନ୍ଦୋଳନ ହେବ ବୋଲି ଟଙ୍କଧର ଚେତାବନୀ ଦେଇଛନ୍ତି ।

# ରେଳ ବଜେଟ କମିବା ଚିନ୍ତାର କାରଣ: ବିଜେଡି

### ତେଜସ୍ ଏକ୍ସପ୍ରେସ ଚଳାଇବାକୁ ଦାବି

**ଭୁବନେଶ୍ୱର,୬।୨(ବ୍ୟୁରୋ)**

ଭାରତୀୟ ରେଲଓ୍ୱେକୁ ସର୍ବାଧିକ ରାଜସ୍ୱ ଦେଉଥିବା ଓଡ଼ିଶାକୁ ଚଳିତ ରେଳବଜେଟରେ ଅନୁଦାନ ପରିମାଣ ଗତ ବର୍ଷ ଅପେକ୍ଷା ହ୍ରାସ ପାଇଛି। ଏହା ରାଜ୍ୟରେ ରେଳ ବିକାଶ ଅଗ୍ରଗତି ପାଇଁ ଚିନ୍ତାର କାରଣ ବୋଲି ବିଜେଡି ମୁଖପାତ୍ର ଡ. ସସ୍ମିତ ପାତ୍ର କହିଛନ୍ତି ।

ଅର୍ଥନୈତିକ କ୍ଷେତ୍ରରେ ଲାଭଜନକ ହେବାକୁ ଥିବା ଗୋପାଳପୁର-ସମ୍ବଲପୁର ପ୍ରସ୍ତାବିତ ରେଳଲାଇନ୍‌କୁ ଓଡ଼ିଶା ପକ୍ଷରୁ ସ୍ୱାଗତ କରାଯାଉଛି। ତେବେ ଧାର୍ଯ୍ୟ ସମୟ ମଧ୍ୟରେ ଏହି ପ୍ରକଳ୍ପ ସରିବା ଆବଶ୍ୟକ। ଓଡ଼ିଶା ସରକାର ଅଂଶଧନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ କୌଣସି ସ୍ଥାନରେ ନୂତନ ପ୍ରକଳ୍ପ ଘୋଷଣା ହୋଇନାହିଁ । ପୁରୀ-କୋଣାର୍କ, ବରଗଡ଼-ନୂଆପଡ଼ା, ଯାଜପୁର-ଆରଡି-ଧାମରା, ଚକୁଳିଆ-ବୁରାମରା, ଗୁଣୁପୁର-ଥେରୁବାଲି (ନୂଆ ଲାଇନ୍) ଆଦି ପାଇଁ ରାଜ୍ୟ ସରକାର ସହାୟତା ଲାଗି ପ୍ରତିଶ୍ରୁତି ଦେଇଥିଲେ । ସେହିଭଳି ଦେଶର ବିଭିନ୍ନ ସ୍ଥାନରେ ତେଜସ୍ ଏକ୍ସପ୍ରେସ ଚଳାଇବା ପାଇଁ ନିଷ୍ପତ୍ତି ହୋଇଛି। ଏହାକୁ ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି, ରାଜ୍ୟରେ ଏଭଳି ଏକ୍ସପ୍ରେସ ଚଳାଚଳ ପାଇଁ କେନ୍ଦ୍ର ବିଚାର କରୁ ବୋଲି ମଧ ଦଳ ପକ୍ଷରୁ କୁହାଯାଇଛି। ବିଭିନ୍ନ ପ୍ରକଳ୍ପ ବାବଦକୁ ବରାଦ ଅର୍ଥ ଯେଭଳି ଠିକଣା ସମୟରେ ଖର୍ଚ୍ଚ ହେବ ଏବଂ ବିଳମ୍ବିତ ହେଉଥିବା ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ ଭିତ୍ତିରେ ସରିବ ସେ ଦିଗରେ ପଦକ୍ଷେପ ନେବା ପାଇଁ ସସ୍ମିତ କହିଛନ୍ତି।

ଅନୁରୂପଭାବେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମଧ ରେଳ ବଜେଟରେ ରାଜ୍ୟକୁ ଅନୁଦାନ ହ୍ରାସ ନେଇ ଚିନ୍ତାପ୍ରକଟ କରିଛନ୍ତି।

# ଝିଣ୍ଟିକା ମାରି ବଣି ପୋଷୁଛନ୍ତି ସରକାର: ଭାଜପା

**ଭୁବନେଶ୍ୱର,୬।୨(ବ୍ୟୁରୋ)**

### ବିଜୁଳି ଦର ବଢ଼ିବା ପ୍ରସଙ୍ଗ

ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ଶୁଳ୍କ ବଢ଼ିବା ନେଇ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ରେ ଚାଲୁଥିବା ଶୁଣାଣି ତଥା ଲୋକଙ୍କ ବିଦ୍ୟୁତ୍ ସଂଯୋଗ କାଟିବା ଘଟଣାରେ ଭାଜପା ଦୃଢ ପ୍ରତିବାଦ କରିଛି। ରାଜ୍ୟ ସରକାର ବିଜୁଳି ବିଲ୍ ଆଦାୟ ମାମଲାରେ ଝିଣ୍ଟିକା ମାରି ବଣି ପୋଷିବା ନୀତି ଅବଲମ୍ବନ କରୁଥିବା ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି ଯେ, ବର୍ତ୍ତମାନ ଲୋକଙ୍କୁ ପର୍ଯ୍ୟାପ୍ତ ସମୟ ଦିଆଯିବା କଥା। ମାତ୍ର ଏହା ନ କରି ବିଲ୍ ବକେୟା ରଖିଥିବା ଗରିବ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ କାଟି ଦେବା ନିନ୍ଦନୀୟ। ରାଜ୍ୟରେ ୟୁନିଟ୍ ପିଛା ବିଜୁଳି ଦର ପାଖାପାଖି ୫୦ପଇସା ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ବିଭିନ୍ନ ବିତରଣକାରୀ ଓ ଉତ୍ପାଦନକାରୀ କମ୍ପାନୀଗୁଡିକ ଓଇଆରସି ନିକଟରେ ଦାବି କରିଛନ୍ତି। ଫଳରେ ସାଧାରଣ ଓ ଗରିବ ଖାଉଟିମାନେ ଚିନ୍ତାରେ ଅଛନ୍ତି । ରାଜ୍ୟର ବଡ଼ ଶିଳ୍ପାନୁଷ୍ଠାନ, ବିଜୁଳି ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ଜନସାଧାରଣଙ୍କ ଝାଳବୁହା ଟିକସ ଟଙ୍କାରୁ ରିହାତି ଦିଆଯାଉଛି ବୋଲି ସେ କହିଛନ୍ତି।

ଗୋଲକ ଆହୁରି କହିଛନ୍ତି ଯେ, ରାଜ୍ୟର ୨୬ଟି ବଡ଼ ଶିଳ୍ପସଂସ୍ଥା ଉପରେ ୧୮୭୪ କୋଟି ଟଙ୍କାର ବିଦ୍ୟୁତ୍ ବକେୟା ପଡ଼ିରହିଛି । ସରକାର ବିଧାନସଭାରେ ଦେଇଥିବା ତଥ୍ୟାନୁସାରେ, ବାହାର ରାଜ୍ୟକୁ ଓଡ଼ିଶା ସରକାର ୟୁନିଟ୍ ପିଛା ୩.୨୧ଟଙ୍କାରେ ବିଦ୍ୟୁତ୍ ବିକୁଛନ୍ତି। ଅନ୍ୟପକ୍ଷରେ ବାହାର ରାଜ୍ୟରୁ ୟୁନିଟ୍ ପିଛା ହାରାହାରି ୩.୮୧ଟଙ୍କାରେ ବିଜୁଳି କିଣୁଛନ୍ତି। କିଣାବିକାରେ ଏଭଳି ତାରତମ୍ୟ ଯୋଗୁ ରାଜ୍ୟ ରାଜକୋଷ ଦୁର୍ବଳ ହେଉଛି। ଏଥିରୁ କେଉଁମାନେ ଲାଭ ଉଠାଉଛନ୍ତି ବୋଲି ଗୋଲକ ପ୍ରଶ୍ନ କରିଛନ୍ତି। ସୂଚନା ଅଧିକାର ଆଇନ ଅନୁଯାୟୀ ମିଳିଥିବା ଉତ୍ତର ଆଧାରରେ ଜଣାପଡିଛି, ରାଜ୍ୟରେ ୩୩୨ଟି କମ୍ପାନୀ ଉପରେ ଜଳକର ବାବଦରେ ୫୧୫କୋଟିରୁଅଧିକଟଙ୍କା ଦୀର୍ଘଦିନରୁପଡିରହିଛି । ରାଜ୍ୟ ସରକାର କୋହଳ ଭାବ ଅବଲମ୍ବନ କରି ଏହି କମ୍ପାନୀମାନଙ୍କଠାରୁ ବକେୟା ଆଦାୟ କରୁନାହାନ୍ତି । ସେହିପରି ବିଭିନ୍ନ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଉପରେ ମୋଟ ୩୧୩୭.୪୮ କୋଟି ଟଙ୍କା ବକେୟା ରହିଛି । ଏହି କମ୍ପାନୀଗୁଡ଼ିକ ପାଇଁ ବିଶ୍ୱ ବ୍ୟାଙ୍କ ଓ ସରକାର ୨୯୦୮.୫୫ କୋଟି ଟଙ୍କା ଋଣ ଯୋଗାଇ ଦେଇଛନ୍ତି । ଆନ୍ଧ୍ର ପ୍ରଦେଶ ଓ ଗୁଜରାଟ ଭଳି ରାଜ୍ୟରେ ଅଣୁ, କ୍ଷୁଦ୍ର ଶିଳ୍ପ ପାଇଁ ବିଶେଷ ରିହାତି ସହ ୟୁନିଟ୍ ପିଛା ୨.୬୦ଟଙ୍କା ରଖାଯାଇଛି। ଓଡ଼ିଶାର ଶିଳ୍ପ ବିକାଶ ପାଇଁ ଏହି ଶିଳ୍ପ ଅଗ୍ରଣୀ ରାଜ୍ୟଗୁଡ଼ିକର ପଦାଙ୍କ ଅନୁସରଣ ପାଇଁ ଗୋଲକ ଦାବି କରିଛନ୍ତି ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାଧାରଣ ବିଜ୍ଞାନ (GENERAL SCIENCE)

ଏହା ଫୁସ୍‌ଫୁସ୍ ଉପରେ ଚାପ ପକାଏ। ତେଣୁ ଫୁସ୍‌ଫୁସ୍ ମଧ୍ୟରୁ ବାୟୁ ବାହାରକୁ ଚାଲିଆସେ। ନିଃଶ୍ୱାସ ଏକ ଶିଥିଳନ ପ୍ରକ୍ରିୟା।

(e) **ଗ୍ୟାସ୍ ପରିବହନ:** ରକ୍ତର ଲୋହିତ ରକ୍ତକଣିକାରେ ଥିବା ହିମୋଗ୍ଲୋବିନ୍ ଅମ୍ଳଜାନ ଗ୍ରହଣ କରି ଅକ୍ସି-ହିମୋଗ୍ଲୋବିନ୍‌ରେ ପରିଣତ ହୁଏ।

(f) ଅକ୍ସି ହିମୋଗ୍ଲୋବିନ୍ ରକ୍ତ ମାଧ୍ୟମରେ ଶରୀରର ପ୍ରତ୍ୟେକ କୋଷ ନିକଟରେ ପହଞ୍ଚିଲାପରେ ଅକ୍ସିହିମୋଗ୍ଲୋବିନ୍ ଭାଙ୍ଗି ଅମ୍ଳଜାନ ଓ ହିମୋଗ୍ଲୋବିନ୍‌ରେ ପରିଣତ ହୁଏ।

(g) ଅମ୍ଳଜାନ କୋଷ ମଧ୍ୟକୁ ପ୍ରବେଶ କରେ ଏବଂ କୋଷରୁ ନିର୍ଗତ ଅଙ୍ଗାରକାମ୍ଳ ରକ୍ତକୁ ଚାଲିଆସେ।

(h) ଅଙ୍ଗାରକାମ୍ଳ ରକ୍ତ ମାଧ୍ୟମରେ ଫୁସ୍‌ଫୁସ୍‌ରେ ପହଞ୍ଚେ ଓ ବିସରଣ ପ୍ରକ୍ରିୟା ଦ୍ୱାରା ରକ୍ତରୁ କୋଟରିକା ବାଟ ଦେଇ ବାୟୁମଣ୍ଡଳକୁ ନିର୍ଗତ ହୁଏ।

**କିମ୍ବା,** (a) ମେଣ୍ଡେଲ ବିକଳ୍ପ ଗୁଣ ଥିବା ଦୁଇଟି ପୈତୃକ ଗଛ ନେଇ କୃତ୍ରିମ ଉପାୟରେ ସଙ୍କରଣ କରାଇଥିବାରୁ ଏହାକୁ କୃତ୍ରିମ ସଂକରଣ ପ୍ରଣାଳୀ କୁହାଯାଏ। ଗୋଟିଏ ଗଛର କେଶର ଚକ୍ରକୁ ପାକଳ ହେବା ପୂର୍ବରୁ ଛିଣ୍ଡାଇ ନିଆଯିବାରୁ ଏହି ଗଛଟି ମାଇଗଛ ରୂପେ ବିବେଚିତ ହେଉଥିଲା।

(b) ଅଣ୍ଡିରାଗଛରୁ ପରାଗରେଣୁ ସଂଗ୍ରହ କରି ମାଇଗଛର ଫଳିକାଶୀର୍ଷ ଉପରେ ପକାଇ କୃତ୍ରିମ ପରାଗଣ କରାଯାଉଥିଲା। ଅଜଣା ପରାଗରେଣୁ ନ ପଡ଼ିବା ପାଇଁ ପରାଗଣ ପୂର୍ବରୁ ଓ ପରେ କାଗଜ ଠୁଙ୍ଗା ଦ୍ୱାରା ଘୋଡ଼ାଇ ରଖାଯାଉଥିଲା।

(c) ମଂଜି ପାକଳ ହେଲାପରେ ସେଗୁଡ଼ିକୁ ସଂଗ୍ରହ କରାଯାଉଥିଲା। ଉତ୍ପନ୍ନ ଗଛଗୁଡ଼ିକୁ କ୍ରମାନ୍ୱୟରେ ପୈତୃକ ପିଢ଼ି, ପ୍ରଥମ ଅପତ୍ୟ ପିଢ଼ି ($F_1$) ଓ ଦ୍ୱିତୀୟ ଅପତ୍ୟ ପିଢ଼ି ($F_2$) ଭାବରେ ନାମକରଣ କରାଯାଇ ବିଭିନ୍ନ ପିଢ଼ିରେ ଗୁଣର ପରିବର୍ତ୍ତନକୁ ଅନୁଧ୍ୟାନ କରାଯାଉଥିଲା।

(d) ଏକ ଯୋଡ଼ା ବିକଳ୍ପୀ ଗୁଣକୁ ନେଇ କରାଯାଉଥିବା ପରୀକ୍ଷାକୁ ଏକ ସଂକରଣ ପରୀକ୍ଷଣ ଓ ଦୁଇଯୋଡ଼ା ବିକଳ୍ପୀ ଗୁଣକୁ ନେଇ କରାଯାଉଥିବା ପରୀକ୍ଷାକୁ ଦ୍ୱିସଂକରଣ ପରୀକ୍ଷଣ ଭାବେ ମେଣ୍ଡେଲ ବର୍ଣ୍ଣନା କରିଥିଲେ।

**(ii)** (a) ଖଣି ଖନନ, କଳକାରଖାନା ପ୍ରତିଷ୍ଠା ଓ ନଦୀବନ୍ଧ ଯୋଜନା ଦ୍ୱାରା ଜଙ୍ଗଲ ସଂପଦ ହ୍ରାସ ଓ ଜୈବବିବିଧତା ନଷ୍ଟ ହୋଇଯାଏ।

(b) ଶୀତଳୀକରଣ ଯନ୍ତ୍ର ଇତ୍ୟାଦିରୁ ନିର୍ଗତ CFC ଗ୍ୟାସ୍ ଓଜୋନ୍ ସ୍ତରରେ ଛିଦ୍ର ସୃଷ୍ଟି କରିବା ଫଳରେ ଚର୍ମ କର୍କଟ ଓ ଆଖିର ପରଳ ରୋଗ ଇତ୍ୟାଦି ହୋଇଥାଏ।

(c) ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି ଯୋଗୁଁ ସବୁଜକୋଠରି ପ୍ରଭାବ ପରିଲକ୍ଷିତ ହେବା ଫଳରେ ବିଶ୍ୱତାପନ ସୃଷ୍ଟି ହୁଏ।

(d) କଳକାରଖାନା ଓ ମୋଟରଯାନରୁ ନିର୍ଗତ ସଲଫର ଡାଇଅକ୍ସାଇଡ୍ ଓ ନାଇଟ୍ରୋଜେନ୍ ଅକ୍ସାଇଡ୍ ଜଳୀୟବାଷ୍ପ ସହିତ ମିଶି ସଲ୍‌ଫ୍ୟୁରିକ୍ ଅମ୍ଳ ଓ ନାଇଟ୍ରିକ୍ ଅମ୍ଳ ସୃଷ୍ଟି କରିବା ଦ୍ୱାରା ଅମ୍ଳବର୍ଷା ହୋଇଥାଏ।

**କିମ୍ବା,** (a) ଏହି ଯୋଜନାରେ ସମସ୍ତ ଅଂଶୀଦାରମାନଙ୍କୁ ସାମିଲ କରାଯାଇ ସ୍ଥାନୀୟ ଲୋକ ଓ ପ୍ରତ୍ୟକ୍ଷ ଅଂଶୀଦାରମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଏ।

(b) ସଂରକ୍ଷିତ ଜଙ୍ଗଲ ଥିବା ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ଏକ ଗ୍ରାମସଭା ଗଠନ କରାଯାଇ ସେଥିରେ ଗ୍ରାମବାସୀମାନଙ୍କ ଦ୍ୱାରା ମନୋନୀତ ପାଞ୍ଚରୁ ଦଶ ଜଣ ଲୋକଙ୍କୁ ସଭ୍ୟଭାବେ ନିଆଯାଇଥାଏ।

(c) ଏହି ସଦସ୍ୟମାନେ ସେମାନଙ୍କର ଗାଁ ପାଇଁ ଚିହ୍ନଟ କରାଯାଇଥିବା ଜଙ୍ଗଲ ଅଞ୍ଚଳରେ ହେଉଥିବା ସମସ୍ତ କାର୍ଯ୍ୟକ୍ରମ, ଯଥା: ବୃକ୍ଷରୋପଣ, ଜଙ୍ଗଲ ସଂପଦ ସଂଗ୍ରହ ଓ ଶୁଳ୍କ ଆଦାୟ ଇତ୍ୟାଦି କ୍ଷେତ୍ରରେ ଜଡ଼ିତ ରହିଥାନ୍ତି।

(d) ଗ୍ରାମବାସୀମାନଙ୍କୁ ସେମାନଙ୍କ ଅଞ୍ଚଳରେ ଜଙ୍ଗଲମଧ୍ୟକୁ ପ୍ରବେଶ କରିବା ଓ ଜଙ୍ଗଲଜାତ ପଦାର୍ଥ ସଂଗ୍ରହ କରିବାପାଇଁ ନିୟମିତ ପ୍ରବେଶାନୁମତି ଦିଆଯାଇଥାଏ। ଗ୍ରାମବାସୀମାନଙ୍କର ସାମୂହିକ ଉନ୍ନତି ପାଇଁ ସେଠାକାର ଜଙ୍ଗଲରୁ ଲବ୍ଧ ଶୁଳ୍କର କିଛି ଅଂଶ ଖର୍ଚ୍ଚ କରାଯାଇଥାଏ।

**15. (i)** (a) ଖଣ୍ଡିଆ ହୋଇ ରକ୍ତ ବାହାରିଲେ କ୍ଷତ ଟିସୁ ଓ ଭଗ୍ନ ଅଣୁଚକ୍ରିକା ବାୟୁ ସଂସ୍ପର୍ଶରେ ଆସିବା ଫଳରେ କ୍ଷତ ସ୍ଥାନରେ ଥ୍ରମ୍ବୋପ୍ଲାଷ୍ଟିନ୍ ନାମକ ଏକ ଲିପୋପ୍ରୋଟିନ ସୃଷ୍ଟି ହୁଏ।

(b) ଥ୍ରମ୍ବୋପ୍ଲାଷ୍ଟିନ୍ ରକ୍ତରେ ଥିବା କ୍ୟାଲସିୟମ ଆୟନ୍ ($Ca^{++}$) ତଥା ଏନ୍‌ଜାଇମ୍ ଉପସ୍ଥିତିରେ ପ୍ଲାଜ୍‌ମାରେ ଥିବା ପ୍ରୋଟିନ୍ ପ୍ରୋଥ୍ରମ୍ବିନକୁ ଥ୍ରମ୍ବିନ ନାମକ ଏକ ସକ୍ରିୟ ଏନ୍‌ଜାଇମ୍‌ରେ ପରିଣତ କରାଏ। ଥ୍ରମ୍ବିନ ପ୍ରଭାବରେ ଫାଇବ୍ରିନୋଜେନ୍ ନାମକ ଅନ୍ୟ ଏକ ପ୍ଲାଜ୍‌ମା ପ୍ରୋଟିନ୍ ଫାଇବ୍ରିନ୍‌ରେ ପରିଣତ ହୁଏ।


(c) ଫାଇବ୍ରିନ୍ କ୍ଷତ ସ୍ଥାନରେ ଠୁଳ ହୋଇ ସେଠାରେ ଏକ ସୂକ୍ଷ୍ମ ଜାଲ ତିଆରି କରେ। ଏହି ଜାଲରେ ରକ୍ତକଣିକା ଓ ଅଣୁଚକ୍ରିକ ଛନ୍ଦିହେବାଦ୍ୱାରା ଖଣ୍ଡିଆ ସ୍ଥାନ ଉପରେ ଏକ ପତଳା ଆସ୍ତରଣ ତିଆରି ହେବା ଫଳରେ ରକ୍ତସ୍ରାବ ବନ୍ଦ ହୋଇଯାଏ।

**କିମ୍ବା,** (a) ଅନ୍ତର୍ବାହୀ ଉପଧମନୀ ଓ ବହିର୍ବାହୀ ଉପଧମନୀ ସହ ସଂଶ୍ଳିଷ୍ଟ କୈଶିକନଳୀର ଗୁଚ୍ଛକୁ ଗ୍ଲୋମେରୁଲସ୍ କୁହାଯାଏ। ଏହା ବାଓମ୍ୟାନ୍ କ୍ୟାପ୍‌ସୁଲର କପ୍ ଭଳି ଖାଲୁଆ ଅଂଶରେ ରହିଥାଏ।

(b) ରକ୍ତ ଅନ୍ତର୍ବାହୀ ଉପଧମନୀ ଦେଇ ଗ୍ଲୋମେରୁଲସ୍‌ରେ ପ୍ରବେଶ କରେ ଏବଂ ବହିର୍ବାହୀ ଉପଧମନୀ ଦେଇ ବାହାରକୁ ଯାଇଥାଏ। ରକ୍ତଛଣା କାର୍ଯ୍ୟପାଇଁ ଏହି ବ୍ୟବସ୍ଥା ବେଶ୍ ଉପଯୋଗୀ।


(c) ଗ୍ଲୋମେରୁଲସ୍ ଓ ବାଓମ୍ୟାନ କ୍ୟାପ୍‌ସୁଲ୍ ମିଶି କର୍ପସ୍‌ଲ୍ ବା ମାଲ୍‌ପିଝିଆନ୍ ପିଣ୍ଡ ଗଠନ କରନ୍ତି।

**(ii)**




(ସୌର ସେଲ୍)

**କିମ୍ବା,**




(ସ୍ପଞ୍ଜ ଜେମ୍ମ୍ୟୁଲ୍)

**(iii)** (a) ସହରାଞ୍ଚଳରେ ଗଦାଗଦା କଠିନ ବର୍ଜ୍ୟ କର୍ତ୍ତୃପକ୍ଷଙ୍କ ପାଇଁ ସମସ୍ୟା ସୃଷ୍ଟି କଲାଣି। ପନିପରିବା, ଫଳମୂଳ, ପତ୍ର, କାଠ, କାଗଜ ଇତ୍ୟାଦି ଜୈବପଦାର୍ଥ ଜୈବ ଅବନମିତକ୍ଷମ। ଏହି ସବୁ ଜୈବପଦାର୍ଥ ପରିବେଶରେ ଅପଘଟିତ ହୋଇ ମାଟିରେ ମିଶେ।

(b) ବର୍ଜ୍ୟର ସୁପରିଚାଳନା ନ ହେବା ଦ୍ୱାରା ଏହା ବହୁଳ ପରିମାଣରେ ପରିବେଶରେ ଜମାହୋଇ ରହୁଛି। ବର୍ଷାଦିନେ ଏହା ପଚି ବାୟୁ ଓ ଭୂପୃଷ୍ଠ ଜଳ ପ୍ରଦୂଷଣ ସହିତ ଭୂତଳ ଜଳ ମଧ ପ୍ରଦୂଷଣ କରିଥାଏ।

(c) ବଡ଼ ବଡ଼ ସହରମାନଙ୍କରୁ ବାହାରୁଥିବା ପ୍ଲାଷ୍ଟିକ୍ ନିର୍ମିତ ପଦାର୍ଥ, ପାରଦ ଓ ଅନ୍ୟ ରାସାୟନିକ ପଦାର୍ଥ, ଧାତବ ପଦାର୍ଥ ଆଦି ଜୈବ ଅବନମିତ ଅକ୍ଷମ ପରିବେଶରେ ଜମା ହୋଇ ରହେ। ଖାଦ୍ୟ ଶୃଙ୍ଖଳ ମାଧ୍ୟମରେ ଶରୀରରେ ପ୍ରବେଶ କରି ଜୈବ ପରିବର୍ଦ୍ଧନ କରିବା ଫଳରେ ମନୁଷ୍ୟ ଓ ଗୃହପାଳିତ ପଶୁ ରୋଗାକ୍ରାନ୍ତ ହୁଅନ୍ତି।

**କିମ୍ବା,** (a) ମାଟି କିମ୍ବା କଂକ୍ରିଟ୍ ସାହାଯ୍ୟରେ ଛୋଟ ଛୋଟ ଅଟକବନ୍ଧ ବା ଆଡ଼ିବନ୍ଧ କରାଯାଇ ବର୍ଷାଜଳକୁ ରଖାଯିବା ଦ୍ୱାରା ଏହି ଜଳ ତଳକୁ ଯାଇ ଭୂତଳ ଜଳ ସ୍ତରରେ ବୃଦ୍ଧି ଘଟାଇଥାଏ।

(b) ସହରାଞ୍ଚଳରେ କଂକ୍ରିଟ୍ ଜଙ୍ଗଲ ସୃଷ୍ଟି ହେଉଥିବାରୁ ଛାତ ଉପରେ ପଡୁଥିବା ବୃଷ୍ଟି ଜଳକୁ ଏକ ବାଲିଶଯ୍ୟା ଥିବା କମ୍ ଗଭୀର ଗର୍ତ୍ତକୁ ଛାଡ଼ିଦେଲେ ଏହି ଜଳ ବାଲିଶଯ୍ୟା ଦ୍ୱାରା ଶୋଷିହୋଇ ମାଟିତଳକୁ ଗତିକରି ଭୂତଳ ଜଳ ସହ ମିଶିଥାଏ।

(c) ବର୍ଷାଜଳକୁ ସିଧାସଳଖ ଟାଙ୍କି ସାହାଯ୍ୟରେ ସଂଗ୍ରହ କରାଯାଇ ବ୍ୟବହାର କରାଯାଇଥାଏ।

**16. (i)** (a) ପାକସ୍ଥଳୀରେ ପୁଷ୍ଟିସାର ସରଳ ପ୍ରୋଟିଓଜ୍ ଓ ପେପ୍‌ଟୋନ୍‌ରେ ପରିଣତ ହୁଏ।

(b) ଖାଦ୍ୟ ମଣ୍ଡ ଲବଣାମ୍ଳ ଦ୍ୱାରା ବ୍ୟାକ୍ଟେରିଆ ମୁକ୍ତ ହୋଇଥାଏ।

**କିମ୍ବା,** (a) ବହୁ ବିଭାଜନ ପ୍ରକ୍ରିୟାରେ ଏମିବା ଶରୀରରେ 500- 600 କ୍ଷୁଦ୍ର ନ୍ୟଷ୍ଟି ତିଆରି ହୁଏ।

(b) ପ୍ରତ୍ୟେକ ନ୍ୟଷ୍ଟି କିଛି ପରିମାଣର କୋଷଜୀବକ ଦ୍ୱାରା ଆବୃତ ହୋଇ ରହେ। ଏହିପରିଭାବରେ ସୃଷ୍ଟି ଅପତ୍ୟଗୁଡ଼ିକୁ “କୁନି ଏମିବା” ବା “ଏମିବ୍ୟୁଲା” କୁହାଯାଏ।

**(ii)** (a) $F_1$ ପିଢ଼ିର ଏକ ସଂକର ଗଛର (Tt) ଦୁଇ ପ୍ରକାର କାରକ ଥାଏ। ଗୋଟିଏ କାରକ ପ୍ରଭାବୀ ଓ ଅନ୍ୟଟି ଅପ୍ରଭାବୀ କାରକ ଅଟେ।

(b) ଯୁଗ୍ମକ ସୃଷ୍ଟି ସମୟରେ ସଂକର ଡେଙ୍ଗା ଗଛ (Tt) ରୁ T ଓ t ଦୁଇ ପ୍ରକାର ଯୁଗ୍ମକ ସୃଷ୍ଟି ହୋଇଥାଏ। ଏହି ପୃଥକୀକରଣ ଯୋଗୁଁ ମେଣ୍ଡେଲ ପ୍ରମାଣ କରିଥିଲେ ଯେ ଜୀବମାନଙ୍କର ଗୁଣଗୁଡ଼ିକ ପିଢ଼ି ପରେ ପିଢ଼ି ପ୍ରକଟିତ ହୋଇଥାଏ।

**କିମ୍ବା,** (a) ମଣିଷ ଶରୀରରେ ହୃତ୍‌ପିଣ୍ଡରୁ ରକ୍ତ ଧମନୀ ଜରିଆରେ ଗୋଟିଏ ବାଟ ଦେଇଯାଏ ଓ ଅନ୍ୟ ବାଟ ଦେଇ ଶିରା ଜରିଆରେ ହୃତ୍‌ପିଣ୍ଡକୁ ଫେରିଆସେ।

(b) ରକ୍ତନଳୀ ମଧ୍ୟରେ ରକ୍ତର ଏହି ଗତିକୁ ଆବଦ୍ଧ ସଞ୍ଚାଳନ କୁହାଯାଏ।

**(iii)** (a) ଏହି ଶକ୍ତି ବର୍ଷର ସବୁସମୟରେ ସଂଗ୍ରହ କରାଯାଇପାରେ। ଏହା ପରିବେଶ ପ୍ରଦୂଷଣ କରେ ନାହିଁ।

(b) ଅନ୍ୟ ଉପାୟରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତି ତୁଳନାରେ ଏହି ଉପାୟରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିର ପରିମାଣ କମ୍ ।

**କିମ୍ବା,** (a) ଜୀବମାନଙ୍କର ଜୈବିକ ବସ୍ତୁତ୍ୱ ଉତ୍ପାଦକ ସ୍ତରଠାରୁ କ୍ରମାଗତ ଭାବେ କମିବା ଫଳରେ ଜୈବିକ ବସ୍ତୁତ୍ୱ ପିରାମିଡ୍ ଗଠିତ ହୋଇଥାଏ।

(b) ସେହିପରି ଶକ୍ତିର ପ୍ରବାହରେ ପ୍ରତ୍ୟେକ ସ୍ତରରେ ଶକ୍ତି ପୂର୍ବବର୍ତ୍ତୀ ସ୍ତର ତୁଳନାରେ କମ୍ ପରିମାଣରେ ଉପଲବ୍ଧ ହେବାଯୋଗୁଁ ଶକ୍ତି ପିରାମିଡ୍ ଗଠିତ ହୋଇଥାଏ।

**(iv)** (a) 1966 ମସିହାରେ IUCN ତରଫରୁ ରେଡ୍‌ଡାଟା ବୁକ୍ ପ୍ରସ୍ତୁତ କରାଯାଇ ପୃଥିବୀର ସବୁଦେଶକୁ ଦିଆଯାଇଛି।

(b) ଏହାର ଉଦ୍ଦେଶ୍ୟ ଜୀବମାନଙ୍କୁ ସୁରକ୍ଷା ଦେବା। ଏଥିପାଇଁ ଆଇନ କାନୁନ ପ୍ରଣୟନ କରାଯାଇଛି।

**କିମ୍ବା,** (a) ପରିସଂସ୍ଥାରେ ଶକ୍ତିର ପ୍ରବାହ ସୂର୍ଯ୍ୟଙ୍କ ଠାରୁ ଆରମ୍ଭ ହୋଇ ଉତ୍ପାଦକ, ତୃଣଭୋଜୀ, ମାଂସାଶୀକ୍ରମ 1 ଓ 2 ତଥା ଶୀର୍ଷ ଭକ୍ଷକଠାରେ ଖାଦ୍ୟ ଜରିଆରେ ପହଞ୍ଚେ।

(b) ଯେକୌଣସି ପରିସଂସ୍ଥାରେ ଶକ୍ତିର ପ୍ରବାହ ସୂର୍ଯ୍ୟଙ୍କ ଠାରୁ ସବୁଜ ଉଦ୍ଭିଦ ଏବଂ ତା’ପରେ ସମସ୍ତ ଭକ୍ଷକ ଓ ଅପଘଟକମାନଙ୍କ ଭିତରେ ସିଧାସଳଖ ଏକ ଦିଗରେ ହୋଇଥାଏ। ତେଣୁ ଶକ୍ତିର ପ୍ରବାହ ଏକତରଫା।

❑❑❑

# ଏପିଓ ଦାୟିତ୍ୱ ସମ୍ଭାଳୁଛନ୍ତି ଜିଆର୍‌ଏସ୍

**ନାଉଗାଁ ବ୍ଲକ**
- ୩ ମାସ ହେଲା ଏପିଓ ପଦବୀ ଖାଲି
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ହୋଇପାରୁନି
- ଏପିଓଙ୍କ କାର୍ଯ୍ୟ ଜିଆର୍‌ଏସ୍ କରିପାରିବେ- ପ୍ରକଳ୍ପ ନିର୍ଦ୍ଦେଶକ

**ନାଉଗାଁ, ୬।୨ (ସ୍ୱ.ପ୍ର.)**

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ କରାଯାଉଥିବା ବିଭିନ୍ନ କାର୍ଯ୍ୟର ସୂଚନା ଓ ତଦାରଖ ବ୍ଲକ ଏପିଓ (ଆଡିସନାଲ୍ ପ୍ରୋଗ୍ରାମ୍ ଅଫିସର୍) କରିଥାନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏପିଓ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ହୋଇଥିବା ବେଳେ ନାଉଗାଁ ବ୍ଲକରେ ଜଣେ ଜିଆର୍‌ଏସ୍ ଏପିଓ ଦାୟିତ୍ୱ ତୁଲାଉଛନ୍ତି। ୩ ମାସ ହେବ ନାଉଗାଁ ବ୍ଲକ ପୂର୍ବତନ ଏପିଓ ଜ୍ୟୋତିପ୍ରକାଶ ନାୟକଙ୍କୁ ଜଗତ୍‌ସିଂହପୁର ବ୍ଲକକୁ ବଦଳି କରିଦିଆଯାଇଥିବା ବେଳେ ଜିଆର୍‌ଏସ୍‌ଙ୍କୁ ଏପିଓ ଦାୟିତ୍ୱ ଦିଆଯାଇଛି। ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଜିଆର୍‌ଏସ୍‌ମାନେ ବି ଏପିଓଙ୍କ କାର୍ଯ୍ୟ କରିପାରିବେ ବୋଲି ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି କହିଛନ୍ତି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପିଓଙ୍କ ଶିକ୍ଷାଗତ ଯୋଗ୍ୟତା ସର୍ବନିମ୍ନ ଗ୍ରାଜୁଏଶନ ସହ ମ୍ୟାନେଜମେଣ୍ଟ କୋର୍ସ କିମ୍ବା ଏମ୍‌ଏସ୍‌ଡବ୍ଲ୍ୟୁ ରହିଥିବା ବେଳେ ଜିଆର୍‌ଏସ୍‌ଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ସହ କମ୍ପ୍ୟୁଟର ଜ୍ଞାନ ରହିଛି। ତେବେ ଜିଆର୍‌ଏସ୍‌ମାନେ କିଭଳି ଏପିଓଙ୍କ ଦାୟିତ୍ୱ ତୁଲାଇବେ ସେ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା- ୧୮୪୩୧, ତା-୧୬।୧୦।୨୦୧୯ରେ ଜିଆରଏସ୍‌ମାନଙ୍କ ବଦଳି ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ଜିଲ୍ଲା ଭିତରେ ଏମାନଙ୍କ ବଦଳି କରିବାକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ବଳରେ ବ୍ଲକ ପ୍ରଶାସନ ଜିଆରଏସ୍‌ମାନଙ୍କୁ ବଦଳି କରିଥିବା ବେଳେ କେତେଜଣ ଏହାକୁ ସ୍ଥଗିତ ରଖିବା ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟମାନେ କାର୍ଯ୍ୟରେ ଯୋଗଦେଇଥିବା ଜଣାପଡ଼ିଛି। ତିର୍ତ୍ତୋଲ ଓ ବାଲିକୁଦା ବ୍ଲକ ଅଞ୍ଚଳର ୨ଜଣ ଜିଆର୍‌ଏସ୍‌ଙ୍କୁ ନାଉଗାଁ ବଦଳି କରାଯାଇଛି। ତିର୍ତ୍ତୋଲର ଶୁଭେନ୍ଦୁ ମୁଦୁଲିଙ୍କୁ ନାଉଗାଁର ବଛାଲୋ ଓ ବାଲିକୁଦା ବ୍ଲକର ରାଜକିଶୋର ପରିଡ଼ାଙ୍କୁ ଡାବର ପଞ୍ଚାୟତରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ବଛାଲୋରେ ଶୁଭେନ୍ଦୁ ଯୋଗଦେଇ ନ ଥିବା ବେଳେ ରାଜକିଶୋର ପରିଡ଼ା ଡାବରରେ ଯୋଗଦେଇଛନ୍ତି। ହେଲେ ରାଜକିଶୋର ପଞ୍ଚାୟତ ଦାୟିତ୍ୱ ନ ନେଇ ବ୍ଲକରେ ଏପିଓଙ୍କ କାର୍ଯ୍ୟ ସମ୍ଭାଳୁଛନ୍ତି। ବ୍ଲକରେ ଅନ୍ୟାନ୍ୟ ଉଚ୍ଚ ପଦ ପଦବୀ ଅଧିକାରୀ ରହିଥିଲେ ବି ଜଣେ ଜିଆରଏସ୍‌ଙ୍କୁ ଏପିଓ ଦାୟିତ୍ୱ ଦିଆଯାଇଥିବା ନେଇ ଜୋର୍‌ଦାର୍ ଚର୍ଚ୍ଚା ହେଉଛି। ଅପରପକ୍ଷେ ଉକ୍ତ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କୁ ପଚାରିବାରେ, ଜିଆର୍‌ଏସ୍‌ମାନେ ଉକ୍ତ ପଦବୀରେ ରହିଲେ କୌଣସି ଅସୁବିଧା ନାହିଁ। ସେମାନେ ବି ଏପିଓ କାର୍ଯ୍ୟ କରିପାରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନସେଲିଂ

**ରଘୁନାଥପୁର, ୬। ୨ (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ରାହାଡିଙ୍ଗା ଗାନ୍ଧିଜୀପୁରସ୍ଥିତ ମହେନ୍ଦ୍ରନାଥ ପୀଠରେ ୩ ପଞ୍ଚାୟତର ଛାତ୍ରୀଛାତ୍ରଙ୍କୁ ଦକ୍ଷତା ବୃଦ୍ଧି ପରେ କ୍ୟାରିୟର କାଉନ୍‌ସେଲିଂ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଏଥିରେ ସାମାଜିକ କର୍ମୀ ସ୍ୱପ୍ନ ସରିତ ରାଟସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତରେ ଦକ୍ଷତା ହାସଲ କରି ନିଜର ଉଦ୍ୟମକୁ ଯଥାର୍ଥ ପ୍ରତିପାଦନ ପାଇଁ ଛାତ୍ରୀଛାତ୍ରମାନେ ଆଗେଇ ଆସିବା ଉଚିତ ବୋଲି କହିଥିଲେ। ସେହିପରି ଜଇପୁରସ୍ଥିତ ଗୋରଖନାଥ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ଦେବାଶିଷ ଦାଶ, ସରକାରୀ ଚାକିରିକୁ ଅପେକ୍ଷା କରି ନିଜର ମୂଲ୍ୟବାନ ସମୟ ନଷ୍ଟ କରିବା ଅପେକ୍ଷା ଯେକୌଣସି ସଂସ୍ଥାରେ କାର୍ଯ୍ୟ କରି ନିଜକୁ ସ୍ୱାବଲମ୍ବୀ କରିବା ସହ ଶିକ୍ଷା ନେଇଥିବା କଳାକୌଶଳ ପ୍ରତି ଅଭ୍ୟସ୍ତ ହେବାକୁ ଆହ୍ୱାନ କରିଥିଲେ। ଯାହାକି ଆଗାମୀଦିନରେ ନିଜ ପାଇଁ ଯଥେଷ୍ଟ ଗୁରୁତ୍ୱ ଆଣିବ ବୋଲି ଦାଶ ସୂଚାଇ ଦେଇଥିଲେ। ସାମାଜିକ କର୍ମୀ ରାଟସିଂହ ତାଙ୍କ ଉଦ୍ୟମରେ ୫ ଗୋଟି ନାମିଦାମୀ କମ୍ପାନୀର ସହଯୋଗିତାରେ ଛାତ୍ରୀଛାତ୍ର ନିଯୁକ୍ତିର ସୁଯୋଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ ପାତ୍ର, ଦୀପ୍ତି ରଞ୍ଜନ ଖଟୁଆ, ସରୋଜ ବେହେରା, କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ସୁଚିସ୍ମିତା ସାହୁ, ବର୍ଷା ମଲିକ, ସୁକନ୍ୟା ସ୍ୱାଇଁ, ସଙ୍ଗିତା ଦାସ, ଶିଙ୍କି ଗୁରୁ ପ୍ରମୁଖ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଶେଷରେ ନିମାଇ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ସଂକୀର୍ତ୍ତନ ମହାମଣ୍ଡଳର ବାର୍ଷିକ ମହୋତ୍ସବ

**ତିର୍ତ୍ତୋଲ, ୬।୨ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ କୋଲର ପଞ୍ଚାୟତ ତାରତୋଲ ମହାନଦୀ ତଟସ୍ଥିତ ଶ୍ରୀଶ୍ରୀ ଜଳେଶ୍ୱର ମହାଦେବଙ୍କ ପୀଠରେ ମା'ଶାରଳା ସଂକୀର୍ତ୍ତନ ମହାମଣ୍ଡଳର ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀଶ୍ରୀ ଜଗନ୍ନାଥ ପ୍ରଭୁ ଓ ପଞ୍ଚତତ୍ତ୍ୱ ଆବାହନ କରାଯାଇ ନଗର କୀର୍ତ୍ତନ କରାଯିବା ପରେ ସଚ୍ଚ ପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଏହାପରେ ତୁଳଙ୍ଗସ୍ଥିତ ତୀର୍ଥମଠ ମହନ୍ତ ଶ୍ରୀଜଗନ୍ନାଥ ଦାସ ଗୋସ୍ୱାମୀଙ୍କ ସଭାପତିତ୍ୱରେ ଏକ ଆଧାତ୍ମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାମୀ ଭଗବତାନନ୍ଦ ସରସ୍ୱତୀ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ପୁରୁଷୋତ୍ତମ ନନ୍ଦ, ପାଲାକାର ଜଗନ୍ନାଥ ବେହେରା, ରାମାୟଣୀ ପଣ୍ଡିତ ଅଭୟ ଦାଶ, ଅଧିକାରୀ ରମାକାନ୍ତ ଦାସ, ବିଷ୍ଣୁଚରଣ ମହାନ୍ତି, ବଳଦେବ ମହାପାତ୍ର, ଆଶୁତୋଷ ସ୍ୱାଇଁ, ମହେଶ କୁମାର ଅଧିକାରୀ, କହ୍ନେଇ ଦାସ, ମଦନ ମୋହନ ଦାସ ପ୍ରମୁଖ ଯୋଗଦେଇ କଳିଯୁଗରେ ନାମର ମାହାତ୍ମ୍ୟ ଓ ସାମ୍ପ୍ରତିକି ଅବକ୍ଷୟମୁଖୀ ସମାଜରେ ହରିନାମ ସଙ୍କୀର୍ତ୍ତନର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସମାବେଶରେ ୫୫ ସଂକୀର୍ତ୍ତନ ମଣ୍ଡଳୀ ଓ ସ୍ଥାନୀୟ ଗ୍ରାମର ଜନସାଧାରଣ ଯୋଗଦେଇଥିଲେ। ହୃଷୀକେଶ ଖଣ୍ଡୁଆଳ, ଦିଲୀପ ମହାନ୍ତି, ତ୍ରିଲୋଚନ ବିଶ୍ୱାଳ, ବସନ୍ତ କୁମାର ପଣ୍ଡାୟତ ପ୍ରମୁଖ କାଯ୍ୟକ୍ରମ ପରିଚାଳନା କରିଥିଲେ। ଭଗବାନ ଦାସ ଧନ୍ୟବାଦ ଦେଇଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

**ବାଲିକୁଦା, ୬।୨ (ସ୍ୱ.ପ୍ର.):** ନୀଳାଚଳ ସାରସ୍ୱତ ସଂଘ, ପୁରୀ ଆନୁକୁଲ୍ୟରେ ବାଲିକୁଦାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ୬୯ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଉପଲକ୍ଷେ ପାରାଦୀପସ୍ଥିତ ଏସାର ବ୍ଲକ ଟର୍ମିନାଲ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ କଟକସ୍ଥିତ ଡା. ଅଗ୍ରୱାଲ ଚକ୍ଷୁ ହସ୍ପିଟାଲର ଚକ୍ଷୁ ବିଶେଷଜ୍ଞମାନେ ଯୋଗଦେଇ ମାଗଣାରେ ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଅବସରରେ ବାଲିକୁଦା ବ୍ଲକ ଅଧୀନ ୧୦ଟି ପଞ୍ଚାୟତର ଗରିବ ପରିବାରଙ୍କୁ କମ୍ବଳ ବଣ୍ଟା ଯାଇଥିଲା। ଶିବିରରେ ବାଲିକୁଦା ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଏସାର କମ୍ପାନୀ ବରିଷ୍ଠ ଅଧିକାରୀ ଯୁଗଜ୍ୟୋତି ମହାନ୍ତି, ବାଲିକୁଦା ସରପଞ୍ଚ ଅନସୂୟା ସାହୁ, ତିତିରା ସରପଞ୍ଚ ଅଜୟ କୁମାର ମହାନ୍ତି, ସାମାଜିକ କର୍ମୀ ରାଜକିଶୋର ସାହୁ, ସାରଦା କୁମାର ଦାସ, କାହ୍ନୁଚରଣ ସାହୁ, ବ୍ରହ୍ମାନନ୍ଦ ବେହେରା, ଶିଶିର କୁମାର ଦାସ, ନୃସିଂହ ଚରଣ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ପରିଷଦର ବାର୍ଷିକ କ୍ରୀଡ଼ା: ସୋଲାର ଚାମ୍ପିୟନ

**ଏରସମା, ୬।୨ (ସ୍ୱ.ପ୍ର.)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ଯୁବ ପରିଷଦ, ଅଭିଜିତ ପାଠାଗାର ଓ ସୂଚନା ଭବନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୩୨ ତମ ବାର୍ଷିକ କ୍ରୀଡ଼ା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅବସରରେ ସୋଲାର କ୍ରିକେଟ କ୍ଲବ, କଟକ ଓ ଆରସିସି କ୍ରିକେଟ କ୍ଲବ, କଟକ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୋଲାର ଟିମ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଆରସିସି ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲା। ଜବାବରେ ସୋଲାର ଦଳ ୧୭ ଓଭରରେ ୫ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିକ୍ରମ ସାମଲ ମ୍ୟାନ ଅଫ ଦି ମ୍ୟାଚ ଓ ପ୍ରଦୀପ୍ତ କୁମାର ଦାସ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ପରିଷଦର ସଭାପତି ଜ୍ୟୋତି ରଞ୍ଜନ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦସ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ପୀତବାସ ଗୋଚ୍ଛାୟତ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସରଦା ପ୍ରସନ୍ନ ଜେନା, ତହସିଲଦାର ଚିତ୍ତରଞ୍ଜନ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଦୀପ୍ତିରଞ୍ଜନ କୁଅଁର, ଗୀତାରାଣି ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ଲୋକନାଥ ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ସଚ୍ଚିଦାନନ୍ଦ ଦାସ, ଦେବବ୍ରତ ରାଉତ, ମାନସ ଖଟୁଆ, ସଂଗ୍ରାମ ଦାଶ, ରଞ୍ଜନ ସ୍ୱାଇଁ, ଶିବସୁନ୍ଦର ଜେନା, ବିଶ୍ୱନାଥ ମହାନ୍ତି, କ୍ଷୀରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱତନ୍ତ୍ର ଟିକାକରଣ ସମ୍ପର୍କିତ ବୈଠକ

**ବିରିଡ଼ି, ୬।୨ (ଡି.ଏନ୍.ଏ.):**

ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ଅବସରରେ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଓ ନୂତନ କୁଷ୍ଠରୋଗ ଚିହ୍ନଟକରଣ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଜୀବନ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରାଜେଶ ମହାନ୍ତି, ଡା. ପ୍ରାଇମ ପ୍ରିୟରଞ୍ଜନ, ସିଡିପିଓ ଗୌରୀ ଦେଈ, ଡିପିଏମ ଚକ୍ରଧର ଜେନା, ଏସଇଓ ଶରତଚନ୍ଦ୍ର ମହାରଣା, ପିଏଇଓ ଭବାନୀଶଙ୍କର ହାଲଦାର, ବିପିଏମ ସ୍ମୃତିରେଖା ମହାନ୍ତି ଯୋଗଦେଇଥିଲେ। ଆସନ୍ତା ୧୦ ଓ ୧୭ ତାରିଖରେ ପ୍ରତ୍ୟେକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରରେ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ କୃମିନାଶକ ବଟିକା ଖାଇବାକୁ ଦିଆଯିବ। ଏଥିସହ ସମ୍ପୂର୍ଣ୍ଣ ଟିକାକରଣ କରାଇ ନଥିବା ଶିଶୁମାନଙ୍କୁ ସାରଣୀ ଅନୁଯାୟୀ ସମସ୍ତ ଟିକାକରଣ ନିମନ୍ତେ ବୁଝାଇବା ସହିତ ଘରକୁ ଘର ବୁଲି ନୂତନ କୁଷ୍ଠ ରୋଗୀମାନଙ୍କୁ ଚିହ୍ନଟ କରିବା ସମ୍ବନ୍ଧରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଆରଟି ଉଲ୍ଲାସ ସ୍ୱାଇଁ, ଡା. ଇତିଶ୍ରୀ ଦାସ ପ୍ରମୁଖ ଯୋଗଦେଇଥିଲେ।

## ନାବାଳିକା ଅପହରଣକାରୀ ଗିରଫ

**କୁଜଙ୍ଗ, ୬।୨ (ଡି.ଏନ୍.ଏ.):** କୁଜଙ୍ଗ ଥାନା ହସିଣା ଗ୍ରାମର ନିସାକର ସ୍ୱାଇଁଙ୍କ ପୁଅ ସଞ୍ଜୟ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଗୁରୁବାର ଗିରଫ ହୋଇଛନ୍ତି। ଗତ ଜାନୁୟାରୀ ୨୩ ତାରିଖରୁ ସଞ୍ଜୟ ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରିନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୩୧/୨୦ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ସଞ୍ଜୟଙ୍କ ମୋବାଇଲ୍ ଟ୍ରାକ୍ କରି ପୋଲିସ ନିଶ୍ଚିନ୍ତକୋଇଲି ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିଛି।


**ODISHA TOURISM DEVELOPMENT CORPORATION LIMITED**

**Expression of Interest-cum-RFP for appointment of Operator for Tourist Bus service at Bolangir and Kalahandi**

No.CAD-920 :- O.T.D.C. Ltd. is proposing to operate Tourist Bus Service from Ex-Bolangir and Ex-Kalahandi, covering important tourist destinations of the concerned Districts. OTDC shall provide 1 No. 26 seater AC Coach for this purposes at each District H.Q to be operated by the selected tour operators for sightseeing purposes as per detail given in the RFP.

Sealed offers are invited from tour operators / passenger bus operator / travel agents to operate such sightseeing service covering specified tourist destinations on a predetermined time & route. The selected operators shall be required to operate and maintain the buses on behalf of OTDC. The RFP can be downloaded from our website www.panthanivas.com. The bid shall be received in the office of Managing Director, OTDC Ltd. till 5.00 P.M. dated 25.02.2020.

Sd./-
MANAGING DIRECTOR
OIPR-37002/11/0025/1920

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**ସୂଚନା**

**ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (IDCO)**
**ଇଡ୍‌କୋ ଟାୱାର, ଜନପଥ, ଭୁବନେଶ୍ୱର-୭୫୧୦୨୨**
**No.HO/P&A-LA-E- ୨୨୫୬ Dated- ୦୧।୦୨।୨୦୨୦**

**No.CAD-916:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (IDCO), ଭୁବନେଶ୍ୱର ନିମ୍ନ ତଫସିଲରେ ଦର୍ଶିତ ରୟତି ସ୍ୱତ୍ୱ ଜମିକୁ, ବୁଢ଼ାବଳଙ୍ଗ ନଦୀଠାରୁ ସୋମନାଥପୁର ଶିଳ୍ପାଞ୍ଚଳକୁ ଜଳ ଯୋଗାଣ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ, ବାଲେଶ୍ୱର ଜିଲ୍ଲାର ରେମୁଣା ତହସିଲ ଅନ୍ତର୍ଗତ ଗମ୍ଭାରିଆ ମୌଜାରେ ମୋଟ ଏ ୦.୦୯୦କର ରୟତି ଜମି ଆବଶ୍ୟକ ହେଉଅଛି। ତେଣୁ ଉକ୍ତ ଜମିଗୁଡ଼ିକ ସିଧାସଳଖ ଭାବେ ଭାରତୀୟ ନିବନ୍ଧନ ଆଇନ ୧୯୨୮ (Indian Registration Act, 1928) ଅନୁଯାୟୀ କ୍ରୟ କରାଯିବ। ଏଥିନିମନ୍ତେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ପତ୍ର ସଂଖ୍ୟା ୧୦୮୪ ତା. ୧୬।୦୨।୨୦୧୬ରିଖ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୨୮୪୬ ତା. ୨୭।୦୧।୨୦୧୬ରିଖ ପ୍ରକାରେ ବାଲେଶ୍ୱର ଜିଲ୍ଲାପାଳଙ୍କ ସଭାପତିତ୍ୱରେ ତା. ୨୨।୧୦।୨୦୧୮ରିଖ ଏକ ସଭା (DLC Meeting) କରାଯାଇ ନୂତନ ଭୂ ଅର୍ଜନ ଆଇନ ଅନୁଯାୟୀ (RFCTLAR&R Act-2013) ଉକ୍ତ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯାଇଅଛି।

ଏହି ଜମିର ମାଲିକାନା/ ଉତ୍ତରାଧିକାରୀ ସମ୍ପର୍କିତ ବାବଦରେ ଆପତ୍ତି ଦରଖାସ୍ତ (ଆବଶ୍ୟକୀୟ କାଗଜାତ ସହିତ) ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀଙ୍କ ନିକଟରେ, ଏହି ସର୍ବସାଧାରଣ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଦରଖାସ୍ତ ଦାଏର କରିପାରିବେ, ଯାହା ବିଚାରକୁ ନିଆଯିବ। ପ୍ରୋକ୍ତ ୧୫ ଦିନ ଅବଧି ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

ସ୍ୱା./- ମୁଖ୍ୟ ମହା ପ୍ରବନ୍ଧକ, ଭୂମି, ଇଡ୍‌କୋ
OIPR- 14003/11/0055/1920

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No. IDCO:H.O./P&C/EST/E-1493/03/2020/ 2207, Dt: 01.02.2020

No.CAD-917: **NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work :- Construction of SFRC pre tensioned & pre cast compound wall around 107.50 Ac. Land of Industrial Estate, Bamini in the district of Nawarangpur.
2. Estimated cost :- Rs. 109.68 Lakhs (Approx.)
3. Period of completion :- 04 (Four) Calendar Months.
4. Other details :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/ Bid reference No. PC/ EST/ E-58/ 2019-20 | 12.02.2020 at 16.00 Hrs. | 27.02.2020 up to 17.00 Hrs. |

Further details can be seen from the e-Procurement Portal www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tenderodisha.gov.in and www.idco.in.

Sd./- Chief General Manager (P&C) I/C, IDCO, Bhubaneswar
OIPR- 14003/11/0056/1920

**CLASSIFIED DISPLAY**

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହରଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଳି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ।
7838639856
8929313996


TEJAS MOBILE NETWORK COMPANY
ତେଜସ୍ କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ଉପରେ ଟାୱାର ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 25,000/- ଟଙ୍କା ପାଆନ୍ତୁ। (ବିମା+ ମେଡିକାଲ ଖର୍ଚ୍ଚ ମାଗଣା) ଆଜି ହିଁ ସଂମ୍ପର୍କ କରନ୍ତୁ
Digital Xpress,Mini Shop No-7, City Point Complex,Bangalore-530068
Call / SMS Now
9691833895

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ୍ୟ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ।
- ଆରିଷ୍ଟଟଲ୍



## ସଂକ୍ଷେପରେ

### ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ପ୍ରେମିକ ଅଟକ

କୋରେଇ,୬।୨(ସ୍ୱ.ପ୍ର): ପାଣିକୋଇଲି ଥାନା ମାଳଆନନ୍ଦପୁର ପଞ୍ଚାୟତର ଜନୈକା ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ଜଣେ ଯୁବକ ଅଟକ ଅଛନ୍ତି। କଣ୍ଟିଗଡ଼ିଆ ଗ୍ରାମର ଉକ୍ତ ଯୁବକଙ୍କ ସହିତ ସମ୍ପୃକ୍ତ ଯୁବତୀଙ୍କର ପ୍ରେମ ସମ୍ପର୍କ ଥିଲା। ଦୁହେଁ ହୋଟେଲରେ ରହିବା ସମୟରେ ଯୁବତୀଙ୍କର କିଛି ଅଶ୍ଳୀଳ ଫଟୋ ରଣଜିତଙ୍କ ପାଖରେ ଥିଲା। କିଛିଦିନ ପରେ ଉଭୟଙ୍କ ମଧ୍ୟରେ ଟଙ୍କା ନେଣଦେଣକୁ ନେଇ ସମ୍ପର୍କରେ ତିକ୍ତତା ଦେଖା ଦେଇଥିଲା। ଏହା ମଧ୍ୟରେ ଯୁବତୀ ଜଣକ ଉକ୍ତ ଯୁବକଙ୍କୁ ଅଣଦେଖା କରି ଅନ୍ୟ ଜଣଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ଏହା ଜାଣି ଯୁବକ ଜଣକ ଯୁବତୀଙ୍କର ଅଶ୍ଳୀଳ ଫଟୋ ଭାଇରାଲ କରିଦେଇଥିଲେ। ଫଳରେ ଯୁବତୀଙ୍କ ପରିବାର ଲୋକେ ଉତକ୍ଷିପ୍ତ ହୋଇ ଯୁବକଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ପରେ ଯୁବକ ଯୁବତୀଙ୍କ ଘରକୁ ଯାଇ ଉକ୍ତ ଯୁବତୀ ଓ ତାଙ୍କ ମା'ଙ୍କୁ ମାଡ଼ ମାରିଥିଲେ। ଏ ନେଇ ଉଭୟପକ୍ଷ ଥାନାରେ ଅଭିଯୋଗ କରିଥିଲେ। ଉଭୟଙ୍କ ଅଭିଯୋଗ କ୍ରମେ ପୋଲିସ ୨ଟି ମାମଲା ରୁଜୁ କରିବା ସହ ଯୁବକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

### ଟ୍ରକ-ବାଇକ ଧକ୍କା, ଚାଳକ ଗୁରୁତର

କୋରେଇ,୬।୨(ସ୍ୱ.ପ୍ର): କୋରେଇ ଥାନା ୨୦ ନମ୍ବର ଜାତୀୟ ରାଜପଥର ବେଣାପୁର ଛକ ନିକଟରେ ଗୁରୁବାର ଏକ ଟ୍ରକ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହେବା ଯୋଗୁ ବାଇକ ଆରୋହୀ ପାଗଳ ବିଶ୍ୱାଳ ଗୁରୁତର ହୋଇଛନ୍ତି। ତାଙ୍କୁ ଯାଜପୁରରୋଡ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ଜଳ୍ପା ଗ୍ରାମର ପାଗଳ ଏକ ବାଇକ (ଓଆର୦୪ଡି ୯୦୨୦) ଯୋଗେ ଆସୁଥିବାବେଳେ ଏକ ଟ୍ରକ (ଓଆର୨୯-୨୮୧୫) ସହ ତାଙ୍କର ସାମ୍ନାସାମ୍ନି ଧକ୍କା ହୋଇଥିଲା। ଫଳରେ ପାଗଳ ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଯାଜପୁରରୋଡ ମେଡିକାଲରେ ଭର୍ତ୍ତି କରାଯିବା ସହ ବାଇକ ଓ ଟ୍ରକକୁ ଜବତ କରାଯାଇଛି।

### କୁଷ୍ଠରୋଗୀଙ୍କୁ ସହାୟତା

କଳିଙ୍ଗନଗର,୬।୨(ଡିଏନଏ): ଯାଜପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଯାଜପୁରରୋଡ ଅଞ୍ଚଳରେ ଥିବା ଗାନ୍ଧୀନଗର କଲୋନିରେ ଥିବା କୁଷ୍ଠ ରୋଗୀଙ୍କୁ ବାସନ, ବେଡସିଟ ଓ କମ୍ବଳ ଆଦି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ଭିନ୍ନକ୍ଷମ ସାଜିଥିବା ୮୫ ଜଣଙ୍କୁ ସାହାଯ୍ୟ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଯୋଗ ଦେଇଥିବାବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ, ବ୍ୟାସନଗର ପୌରପରିଷଦର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ସାମାଜିକ ସଂଗଠନ ନିଶ୍ୱ ପକ୍ଷରୁ ପବିତ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କୁଷ୍ଠ ରୋଗୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସେମାନଙ୍କୁ ସ୍ୱାବଲମ୍ବୀ କରାଯିବା ପାଇଁ ସେମାନଙ୍କୁ କୁକୁଡ଼ା, ଛେଳି ଆଦି ପାଳନ ପାଇଁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଅବଧି ସରିଲାଣି, ସରିନି ନିର୍ମାଣ କାର୍ଯ୍ୟ

କାଳିଆପାଣି,୬।୨(ଡିଏନଏ)

ସୁକିନ୍ଦା ତହସିଲ ଅନ୍ତର୍ଗତ କୁହିକା ଗ୍ରାମ ପଞ୍ଚାୟତ ଟମକା - ମଙ୍ଗଳପୁର, ଆର୍‌ଆଣ୍ଡ୍‌ବି ରାସ୍ତା ନିକଟରୁ ଜେମାଦେଇପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଚାଲିଛି। ମାତ୍ର ଏହି ରାସ୍ତା ନିମ୍ନମାନର ହୋଇଥିବାରୁ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷରେ ୪୮ଲକ୍ଷ ୭୦ ହଜାର ଟଙ୍କା ବିନିଯୋଗରେ କାର୍ଯ୍ୟାଦେଶ ହୋଇଥିବା ଏହି ରାସ୍ତା କାର୍ଯ୍ୟ ୧୨।୯।୨୦୧୮ରୁ ଆରମ୍ଭ ହୋଇ ୧୧।୨।୨୦୧୯ରେ ଶେଷ କରିବା ନେଇ ସରକାରୀ ନାମ ଫଳକରେ ଉଲ୍ଲେଖ ରହିଛି। ମାତ୍ର ଅବଧି ଶେଷ ହେବାର ବର୍ଷେ ପରେ ବି ଏଯାବତ୍ ନିର୍ମାଣ ସରିନାହିଁ। ଯାଜପୁର ଟାଉନ୍ ଅଞ୍ଚଳର ଠିକାଦାର ଅମିତାଭ ପାଲ୍ ରାସ୍ତା ନିର୍ମାଣ ଆରମ୍ଭ କରିଥିବାବେଳେ ଏହା ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିବାରୁ ନିର୍ମାଣ କାର୍ଯ୍ୟ ଏବେ ବନ୍ଦ ରହିଥିବା ଜଣାପଡ଼ିଛି। ରାସ୍ତା କାର୍ଯ୍ୟ ଆରମ୍ଭ ପୂର୍ବରୁ ମୋରମ ବ୍ୟବହାର କରିବା ପରେ ପାଣି ପକାଇ ତାକୁ ରୋଲିଂ କରିବାର ନିୟମ ରହିଛି। କିନ୍ତୁ ଠିକାଦାର ଏହି ନିୟମକୁ ପାଳନ କରୁ ନ ଥିବା ଜଣାପଡ଼ିଛି। ରାସ୍ତାର ଉଭୟ ପାର୍ଶ୍ୱରୁ ମାଟି ଉଠାଇ ଠିକାଦାର ରାସ୍ତା କାର୍ଯ୍ୟରେ ବ୍ୟବହାର କରିଥିବା ଦେଖିବାକୁ ମିଳିଛି। ସେହିପରି ପିଚୁ ପକାଯିବା କ୍ଷେତ୍ରରେ ମଧ୍ୟ ବହୁ ଅନିୟମିତତା ହୋଇଥିବା ଅଭିଯୋଗ

**କୁହିକା-ଜେମାଦେଇପୁର ରାସ୍ତା**



- ରାସ୍ତା କାର୍ଯ୍ୟରେ ହୋଇଛି ବ୍ୟାପକ ଅନିୟମିତତା
- ତଦନ୍ତ ଦାବି କଲେ ଗ୍ରାମବାସୀ

ହୋଇଛି। ରାସ୍ତା ନିର୍ମାଣ ସମୟରେ ସରକାରୀ ଅଧିକାରୀ ଉପସ୍ଥିତ ରହୁଥିବାବେଳେ ଠିକାଦାର କିପରି କାର୍ଯ୍ୟରେ ଅନିୟମିତତା କରୁଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଏସ୍‌ଡିଓ ଭେଙ୍କଟରମଣ ମୁଦୁଲିଙ୍କୁ ପଚାରିବାରୁ, ସେ ସୁକିନ୍ଦା ସହ କୋରେଇ ଦାୟିତ୍ୱ ସମ୍ଭାଳୁ ଥିବା କହିବା ସହିତ ରାସ୍ତା ଅନିୟମିତତା ସମ୍ପର୍କରେ ଥିବା ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ। ଏହି ରାସ୍ତା ନିର୍ମାଣର ଭିଜିଲାନ୍ସ ତଦନ୍ତ କରିବାକୁ କୁହିକା- ଜେମାଦେଇପୁର ଗ୍ରାମବାସୀ ଦାବି କରିଛନ୍ତି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଧ୍ୟାନଦେଇ ଏହାର ତୁରନ୍ତ ତଦନ୍ତ କରି ବିଭାଗୀୟ ଠିକାଦାର ଲାଇସେନ୍ସ ରଦ୍ଦ କରିବାକୁ ଦାବି ହୋଇଛି। ସେହିଭଳି ବିଭାଗୀୟ ଅଧିକାରୀଙ୍କ ଅଳସୁଆ ମନଭାବକୁ ନା ପିସି ପାଇଁ ଏଭଳି କାର୍ଯ୍ୟ ହୋଇଛି ତାହା ତଦନ୍ତ ନିହାତି କରିବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ଦୁର୍ଘଟଣାରେ ଆହତ ବୃଦ୍ଧଙ୍କ ମୃତ୍ୟୁ

ରତ୍ନଗିରି,୬।୨(ଡିଏନଏ)

ବରୀ-କଳାମାଟିଆ ରାସ୍ତାର କୋରଡା ପିମ୍ପଳ ଛକ ନିକଟରେ ବାଲିବିଲି ଗ୍ରାମର ନରହରି ପରିହାରୀ(୭୫)ଙ୍କୁ ଏକ ବାଇକ୍ ମଙ୍ଗଳବାର ମଧ୍ୟାହ୍ନରେ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଥିବାବେଳେ ସୋମବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ମୃତ୍ୟୁ ଖବର ପାଇ ବରୀ ପୋଲିସ ଦୁର୍ଘଟଣା ଘଟାଇଥିବା ଖେମେଶ୍ୱର ଗ୍ରାମର ଆଲୋକ ରଞ୍ଜନ ଓଝାଙ୍କ ବାଇକଟିକୁ ଜବତ କରି ଏକ ମାମଲା (ନଂ.୨୮/୨୦୨୦) ରୁଜୁ କରିଛି।

# ଏନ୍‌ଆଇଏନ୍‌ଏଲ୍‌ର ଘରୋଇକରଣକୁ ବିରୋଧ

ଯାଜପୁର ଟାଉନ,୬।୨(ଡିଏନଏ)

ଯାଜପୁର ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍)ର ଘରୋଇକରଣ ପ୍ରତିବାଦରେ ଜିଲା ଆଇଏନ୍‌ଟିୟୁସିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭ ସଭାରେ ପୂର୍ବତନ ରାଜ୍ୟସଭା ଏମ୍‌ପି ତଥା ଆଇଏନ୍‌ଟିୟୁସିର ରାଜ୍ୟ ସଭାପତି ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତୀତରେ କଂଗ୍ରେସ ସରକାରଙ୍କ ଅମଳରେ ନୀଳାଚଳ ଇସ୍ପାତ ନିଗମ ଦୀର୍ଘଦିନ ଧରି ଏକ ଲାଭଜନକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାବେ ପରିଚାଳିତ ହେଉଥିବାବେଳେ ପରବର୍ତ୍ତୀ ସମୟରେ ଏହା ପରିଚାଳନାଗତ ତ୍ରୁଟି ବିଚ୍ୟୁତି ଯୋଗୁ କ୍ଷତିରେ ଚାଲିବାକୁ ଲାଗିଲା। କେନ୍ଦ୍ର ସରକାର ଏହାକୁ ସହାୟତା କରିବା ପରିବର୍ତ୍ତେ ରାଜ୍ୟ ସରକାରଙ୍କ ନୀରବ ସମର୍ଥନରେ ଘରୋଇକରଣ କରିବାପାଇଁ କ୍ୟାବିନେଟ୍ ନିଷ୍ପତ୍ତି ନେଲେ। ଦୀର୍ଘ ୨ମାସ ଧରି କର୍ମଚାରୀମାନେ ଦରମା ପାଇଲେ ନାହିଁ। ନୀଳାଚଳ ଇସ୍ପାତ ନିଗମର ନିଜସ୍ୱ କ୍ୟାପଟିଭ ପ୍ଲାଣ୍ଟ ଓ ଖଣି ଥିବାବେଳେ ଏହାକୁ ଶାଗମାଛ ଦରରେ ବିକ୍ରି କରିବା ଲାଗି ଯୋଜନା ଭାଜପା ସରକାରଙ୍କର ଅସଲ ମୁଖା ଖୋଲି ଦେଇଛି ବୋଲି ପ୍ରକାଶ କରିଥିଲେ। ଦିଲ୍ଲୀ ପାର୍ଲାମେଣ୍ଟରେ ଏହି ଘରୋଇକରଣକୁ ବିରୋଧ କରାଯିବ ବୋଲି କହିବା ସହିତ ସାରା ଯାଜପୁର ଜିଲାବାସୀଙ୍କୁ ଏଥିପାଇଁ ଆନ୍ଦୋଳନରେ ସାମିଲ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଆଇଟିୟୁସିର ରାଜ୍ୟ ସମ୍ପାଦକ ସୌରୀବନ୍ଧୁ କର ମୁଖ୍ୟବକ୍ତାଭାବେ ଯୋଗଦେଇ ଭାରତବର୍ଷର ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ପର୍ଯ୍ୟଟନସ୍ଥଳୀ ଯଥା ତାଜମହଲ ଓ ଲାଲକିଲ୍ଲାକୁ ଭାଜପା ସରକାର ବିକ୍ରି କରି ନିଜ ଦଳର ପାଣ୍ଠି ବଢ଼ାଇବା ପାଇଁ ଉଦ୍ୟମ କରୁଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସିପିଏମ୍ ନେତା ସନ୍ତୋଷ ଦାସ, ଏଆଇସିସିଟିୟୁ ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଆଇଏନ୍‌ଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଜେନା, ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ସନ୍ତୋଷ କୁମାର ନନ୍ଦ, ରାଜ୍ୟ ଉପସଭାପତି ମଦନ ଧଳ, ନୀଳାଚଳ ମିଳିତ ମଞ୍ଚର ଆବାହକ ରଞ୍ଜନ କୁମାର ନାୟକ, ଶ୍ରମିକ ନେତା ବାବୁଲି ପୂର୍ତ୍ତି, ମହିରାମ ପୂର୍ତ୍ତି, ଶ୍ରମିକ ନେତା ପ୍ରଫୁଲ୍ଲ ନାଏକ, ଆଲୋକ ମହାନ୍ତି, ପରମାନନ୍ଦ ସେଠୀ, ଦିଗମ୍ବର କର, ଅଞ୍ଚଳ ଦାସ, ବିଷ୍ଣୁଚରଣ ରାଉତ, ରଞ୍ଜିତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ନୀଳାଚଳ ଇସ୍ପାତ ନିଗମ କର୍ମଚାରୀଙ୍କ ବକେୟା ଦରମା ଓ ଚାକିରି ସର୍ତ୍ତାବଳୀ ଉପରେ ଆଲୋଚନା କରିବା ସହିତ ଓଡ଼ିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।




ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ହାଇୱା-ଟ୍ରକ୍ ଦୁର୍ଘଟଣା: ଚାଳକ ମୃତ

କୋରେଇ, ୬।୨(ସ୍ୱ.ପ୍ର)

କୋରେଇ ଥାନା ପାତୁଲି ଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ ଟ୍ରକ୍ ଓ ହାଇୱା ମଧ୍ୟରେ ଧକ୍କା ହେବା ଫଳରେ ହାଇୱା ଚାଳକଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ପାଣିକୋଇଲି ଥାନା ମୂଳାପାଳ ଗ୍ରାମର ଶ୍ୟାମସୁନ୍ଦର ଜେନା ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଯାଜପୁରରୋଡ ପାଣିକୋଇଲି ରାସ୍ତାର ପାତୁଲି ଛକ ନିକଟରେ ୨ଟି ଟ୍ରକ ଓଆର୦୯ଏଲ୦୪୬୫ ଓ ଓଡି ୦୪କେ୫୮୫୯ ମଧ୍ୟରେ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଫଳରେ ଦୁଇ ଗାଡି ଚାଳକ ଗୁରୁତର ହୋଇଥିଲେ। ସେମାନଙ୍କୁ ଯାଜପୁରରୋଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ହାଇୱା ଡ୍ରାଇଭରଙ୍କର ମୃତ୍ୟୁ ଘଟିଥିବାବେଳେ ଟ୍ରକ୍ ଚାଳକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଘଟଣାସ୍ଥଳରୁ ଦୁଇ ଖଲାସି ଫେରାର ହୋଇଥିବାବେଳେ କୋରେଇ ପୋଲିସ ଟ୍ରକ୍ ୨ଟିକୁ ଜବତ କରିଛି।

# ମା' ମଙ୍ଗଳା କ୍ରିକେଟ: ବ୍ୟାଚେଲର ଯାଜପୁର ଚାମ୍ପିୟନ

କୋରେଇ, ୬।୨(ସ୍ୱ.ପ୍ର)

ପଥରପଦା ପଞ୍ଚାୟତର ଖୋସାଲପୁର ଗ୍ରାମରେ ମା' ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ବ୍ୟାଚେଲର କ୍ରିକେଟ କ୍ଲବ, ଯାଜପୁର ଓ ନେତାଜୀ ୟୁଥ କ୍ଲବ ପଥରପଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପଥରପଦା ଟସ ଜିଣି ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଯାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ପଥରପଦା ପ୍ରଥମରୁ ବିପର୍ଯ୍ୟୟର ସମ୍ମୁଖିନ ହୋଇ ସମସ୍ତ ୱିକେଟ ହରାଇ ୭୦ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। କାଳନ୍ଦୀ ବାରିକ ଓ ପବନ କୁମାର ମଲିକ ଖେଳ ପରିଚାଳନ କରିଥିବାବେଳେ ଶିବ ଚରଣ ସାହୁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ବିଜୟ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ଅତିଥି ଭାବେ ବରିଷ୍ଠ ଖବରଦାତା ସୁବାସ ଧଳ, ସାମାଜିକ କର୍ମୀ ସନ୍ତୋଷ କୁମାର ବେହେରା ଯୋଗଦେଇ ରନର୍ସଅପ୍ ଓ ବିଜୟୀ ଦଳକୁ ନଗଦ ଅର୍ଥରାଶି ଓ କପ ପ୍ରଦାନ କରି ପୁରସ୍କୃତ କରିଥିଲେ। ମୁନା ସାହୁ, ସଞ୍ଜୟ ସାହୁ, ଜଟ ମଲିକ, କାର୍ତ୍ତିକ ସାହୁ, ଚକ୍ରଧର ମଲିକ, ନିରାକାର ମଲିକ, ରମେଶ ସାହୁ, ଅଜୟ ସାହୁ, ଜଳଧର ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଖେଳାଳିଙ୍କ ଗହଣରେ ଅତିଥିମାନେ।

# ସ୍କୁଲ ବୈଠକରେ ଉତ୍ତେଜନା: ଉଭୟ ପକ୍ଷରୁ ଅଭିଯୋଗ

ଚଣ୍ଡିଖୋଲ/ ଛତିଆ,୬।୨(ଡି.ଏନ.ଏ)

ରାଜ୍ୟ ସରକାର ପ୍ରତ୍ୟେକ ବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ପୁରାତନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଉନ୍ନତି ନିମନ୍ତେ ଯେତିକି ସହଯୋଗ ରାଶି ପ୍ରଦାନ କରିବେ ତାର ଦୁଇଗୁଣା ସରକାର ଆର୍ଥିକ ସହାୟତା ଯୋଗାଇ ଦେବେ। ଏନେଇ ଗୁରୁବାର ବଡଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁର ପଞ୍ଚାୟତର ସପନପୁର ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା। ସେଥିପାଇଁ କମିଟି ଗଠନ କରାଯିବାକୁ ନେଇ ବିଦ୍ୟାଳୟରେ ଉତ୍ତେଜନା ଦେଖାଦେଇଥିଲା। ବୈଠକ ଚାଲିଥିଲାବେଳେ କିଛି ପୁରାତନ ଛାତ୍ର ଆମକୁ କାହିଁକି ଡକାଯାଇ ନାହିଁ ବୋଲି ବିଦ୍ୟାଳୟରେ ପହଞ୍ଚି ବୈଠକସ୍ଥଳରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ସେହି ସମୟରେ ବୈଠକରେ ଯୁକ୍ତିତର୍କ ଆରମ୍ଭ ହେବାମାତ୍ରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ଥାନ ଛାଡି ଦେଇଥିଲେ। ଉପସ୍ଥିତ ପୁରାତନ ଛାତ୍ର ସପନପୁର ଗ୍ରାମର ସରୋଜ ପ୍ରଧାନଙ୍କ ସହ ଧନଞ୍ଜୟ ସ୍ୱାଇଁଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ଏନେଇ ସରୋଜ ପ୍ରଧାନ ଓ ଧନଞ୍ଜୟ ସ୍ୱାଇଁ ଛତିଆ ଫାଣ୍ଡିରେ ଗଣ୍ଡଗୋଳ ହୋଇଥିବାନେଇ ଦୁଇଟି ପୃଥକ ପୃଥକ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଛତିଆ ଫାଣ୍ଡି ଅଧିକାରୀ ଜଗଦୀଶ କରଙ୍କୁ ପଚାରିବାରେ ଦୁଇଟି ଅଭିଯୋଗ ହୋଇଥିବା ସ୍ୱୀକାର କରିଛନ୍ତି।

### ବାଳିକା ଆତ୍ମନିର୍ଭରଶୀଳ ସଚେତନତା କାର୍ଯ୍ୟକ୍ରମ

ସିଂହପୁର,୬।୨(ଡିଏନଏ)

ବିଞ୍ଝାରପୁର ବ୍ଲକ ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବାଳିକା ଆତ୍ମନିର୍ଭରଶୀଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଦଶମ ଶ୍ରେଣୀର ଛାତ୍ରୀମାନେ ଶିବିରରେ ଅଂଶଗ୍ରହଣ କରିଥିଲେ। ଏଥିରେ ସିଂହପୁର ଷ୍ଟେଟ୍‌ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ଅମୂଲ୍ୟ ତ୍ରିପାଠୀ, ଅଧ୍ୟାପକ ସନ୍ତୋଷ ମହାପାତ୍ର, ସିଂହପୁର ସରପଞ୍ଚ ରମାମଣି ସାହୁ, ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ପଦ୍ମନାଭ ଦାଶ, ରତିକାନ୍ତ ଦାସ ଯୋଗଦେଇ ଦଶମ ପାସ୍ ପରେ ଛାତ୍ରୀମାନେ କେଉଁ କ୍ଷେତ୍ରରେ ଯୋଗଦେଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ସର୍ବେଶ୍ୱର ବାରିକ, ନାରାୟଣ ଚନ୍ଦ୍ର ଦାସ, ସୁରେନ୍ଦ୍ର ନାୟକ, ନୀଳିମା ପ୍ରିୟଦର୍ଶିନୀ ସାମଲ, ଏସ୍‌ଏମ୍‌ସିର ସମସ୍ତ ସଦସ୍ୟମାନେ ଯୋଗଦେଇ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ରତ୍ନମାଳା ସାମଲ ଧନ୍ୟବାଦ ଦେଇଥିଲେ।

# ସିଏଏ, ଏନ୍‌ପିଆର, ଏନଆରସି ବିରୋଧରେ ବିକ୍ଷୋଭ

ଯାଜପୁର ଟାଉନ,୬।୨(ଡିଏନଏ)

ଯାଜପୁର ଜିଲା ସଂଖ୍ୟାଲଘୁ ଓ ପଛୁଆବର୍ଗ ପକ୍ଷରୁ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ନୂତନ ଆଇନ ସିଏଏ, ଏନପିଆର ଓ ଏନଆରସି ବିରୋଧରେ ଗୁରୁବାର ଏକ ବିରାଟ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯାଜପୁର ବାଳାଶ୍ରମ ପଡ଼ିଆରୁ ଗୁରୁବାର ଯାଜପୁର ଜିଲା ସଂଖ୍ୟାଲଘୁ ଓ ପଛୁଆବର୍ଗ ନାଗରିକଙ୍କ ପକ୍ଷରୁ ଯୁବନେତା ପୁଲିନ୍ କୁମାର ପୁହାଣଙ୍କ ନେତୃତ୍ୱରେ ଏକ ବିରାଟ ରାଲି ସହର ପରିକ୍ରମା କରିବା ପରେ ଗାନ୍ଧୀ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ଗୟାଧର ପଣ୍ଡାଙ୍କ ସଭାପତିତ୍ୱରେ ମୀର ଆଜାଦ ଅଲ୍ଲି କେନ୍ଦ୍ର ସରକାର ପ୍ରଣୟନ କରିଥିବା ଆଇନ୍ ବିରୋଧରେ ମତ ରଖିଥିଲେ। ଯୁବନେତା ପୁଲିନ କୁମାର ପୁହାଣ ଯୋଗଦେଇ ଯଦି ଏହି ଆଇନ କାର୍ଯ୍ୟକାରୀ ହୁଏ ତେବେ ସଂଖ୍ୟାଲଘୁ ଓ ପଛୁଆବର୍ଗ ନାଗରିକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେବେ ବୋଲି କହିଥିଲେ। ଏଆଇଟିୟୁସିର ରାଜ୍ୟ ସମ୍ପାଦକ ସୌରୀବନ୍ଧୁ କର ଯୋଗଦେଇ ଦେଶରେ ବିଭିନ୍ନ ଧର୍ମାବଲମ୍ବୀ ଥାଇ ମଧ୍ୟ ସମସ୍ତେ ଏକତାର ସୂତ୍ରରେ ବାନ୍ଧି ହୋଇଥିବାବେଳେ ଭାଜପା ସରକାରଙ୍କ ଏହି ଆଇନ ପ୍ରଣୟନ ଦ୍ୱାରା ସମଗ୍ର ବିଶ୍ୱରେ ଭାରତର ଛବି ମଳିନ ହୋଇଛି ବୋଲି କହିଥିଲେ। କେବଳ ସେତିକି ନୁହେଁ, ଏହି ଆଇନ ଦ୍ୱାରା ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାଯିବା ଓ ସମ୍ବିଧାନର ଧର୍ମ ନିରପେକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠାଯାଇଛି ବୋଲି ବକ୍ତାମାନେ ପ୍ରକାଶ କରି ଏହାର ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ପଣ୍ଡା, ସିପିଆଇର ମଳୟ କୁମାର ପଣ୍ଡା, ସେକ ନାଦାର, ସେକ୍ ଅସଲମ୍, ସେକ୍ ମୁଦାର ଅଲ୍ଲି, ମୀର କଲିମୁଦ୍ଦିନ, ମନୋରଞ୍ଜନ ଦାସ, ମନୋରଞ୍ଜନ ଜେନା, ସେକ୍ ମହମ୍ମଦ ଅଲ୍ଲି ପ୍ରମୁଖ ଯୋଗଦେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।




ସଂଖ୍ୟାଲଘୁ ଓ ପଛୁଆବର୍ଗ ପକ୍ଷରୁ ବିକ୍ଷୋଭ କରାଯାଉଛି।

### ଦଶରଥପୁର ବିଡିଓଙ୍କ ନାମରେ ମାମଲା ରୁଜୁ

ଯାଜପୁର ଅଫିସ, ୬।୨: ଦଶରଥପୁର ବ୍ଲକରେ ଗତ ୧ ତାରିଖରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ମଙ୍ଗଳପୁର ପୋଲିସ ଉଭୟପକ୍ଷଙ୍କ ଅଭିଯୋଗ ଉପରେ ୨ଟି ମାମଲା ରୁଜୁ କରିଛି। ଦଶରଥପୁର ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କ ଅଭିଯୋଗକୁ ଭିତ୍ତି କରି ଆଶୁତୋଷ ପାଣିଗ୍ରାହୀଙ୍କ ନାମରେ ଆଇପିସି ଦଫା ୫୦୬, ୧୮୬,୩୪୧,୨୯୪ରେ ଏକ ମାମଲା(ନଂ. ୪୬/୨୦) ରୁଜୁ ହୋଇଛି। ସେହିପରି ଆଶୁତୋଷଙ୍କ ଅଭିଯୋଗକୁ ଭିତ୍ତିକରି ବିଡିଓ ନାୟକଙ୍କ ନାମରେ ଆଇପିସି ଦଫା ୩୪୧,୨୯୪,୩୨୩,୫୦୬ରେ ପୋଲିସ ଏକ ମାମଲା(ନଂ. ୪୮/୨୦) ରୁଜୁ କରିଛି। ପ୍ରକାଶ ଯେ, ଗତ ୧ ତାରିଖରେ ଦଶରଥପୁର ଗ୍ରାମର ଆଶୁତୋଷ, ଓଡେଇ ଗ୍ରାମର ବିଜୟ କୁମାର ମଲ୍ଲିକ ଓ କଣ୍ଟପଡା ଗ୍ରାମର ଶ୍ରୀନିବାସ ରାଉତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଲ୍ ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ବିଡିଓଙ୍କ ନିକଟକୁ ଯାଇଥିବା ବେଳେ କୌଣସି କାରଣ ବଶତଃ ଉଭୟପକ୍ଷଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏନେଇ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଶବ୍ଦ ପ୍ରଦୂଷଣ ଚିନ୍ତାରେ ପରୀକ୍ଷାର୍ଥୀ, ଅଭିଭାବକ

ରସୁଲପୁର,୬।୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଡାକବାଜୀ ଯନ୍ତ୍ର ଓ ଉଚ୍ଚ ଶକ୍ତି ସମ୍ପନ୍ନ ଆତସବାଜୀ ପ୍ରଦର୍ଶନୀ ଯୋଗୁ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଏହାକୁ ରୋକିବାରେ ପୋଲିସ ପ୍ରସାଶନ ବିଫଳ ହୋଇଛି। ପୋଲିସ ପ୍ରଶାସନ ନିକଟରେ ଶବ୍ଦ ପ୍ରଦୂଷଣ ମାପକ ଯନ୍ତ୍ର ନାହିଁ । ଏପରି କି ଅଧିକ ମାନବ ସମ୍ବଳ ନ ଥିବାରୁ ପୋଲିସ ଶବ୍ଦ ନିୟନ୍ତ୍ରଣ କରିବାରେ ବିଫଳ ହେଉଛି। ଏବେ ପରୀକ୍ଷା ଋତୁ ହୋଇଥିବାରୁ ଶବ୍ଦ ପ୍ରଦୂଷଣ ପରୀକ୍ଷାର୍ଥୀଙ୍କ ପାଠପଢାରେ ବ୍ୟାଘାତ ପହଞ୍ଚିଛି। ଯାହାକି ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। ଗାଁ ଗଣ୍ଡାରେ ଉଚ୍ଚ ସ୍ୱରରେ ବାଜୁଥିବା ଡାକବାଜୀ ଯନ୍ତ୍ର ନିୟନ୍ତ୍ରଣ ଉପରେ ରୋକ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି ।

ପ୍ରକାଶ ଥାଉ କି ଫେବୃୟାରୀରୁ ମେ ମାସ ପର୍ଯ୍ୟନ୍ତ ପରୀକ୍ଷା ଋତୁ ଭାବରେ ବିବେଚନା କରାଯାଉଛି। ଏହି ସମୟରେ ବାହାଘର, ବ୍ରତଘର, ପୂଜାପାର୍ବଣ ବି ରହୁଛି। ବର ଶୋଭାଯାତ୍ରା, ବ୍ରତଘରରେ କର୍ମକାଣ୍ଡର ମନ୍ତ୍ରଧ୍ୱନୀ, ପୂଜା ପାର୍ବଣ ସ୍ଥଳରେ ଡାକବାଜୀ ଯନ୍ତ୍ର, ଭସାଣ ଉତ୍ସବ ସମୟରେ ଡିଜେ ଶବ୍ଦ ସାଙ୍ଗକୁ ଆତସବାଜୀ ପ୍ରତିଯୋଗିତାରେ ଗାଁଗଣ୍ଡା ଫାଟି ପଡୁଛି। ଏଥିରେ ଉଭୟ ଶବ୍ଦ ଓ ବାୟୁ ପ୍ରଦୂଷଣ ହେଉଛି। ଶବ୍ଦ ନିୟନ୍ତ୍ରଣ ପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ରହିଥିଲେ ସୁଦ୍ଧା ଏହାକୁ କଡ଼ାକଡ଼ିଭାବେ ପାଳନ କରାଯାଉ ନ ଥିବାରୁ ସମାଜରେ ନାନା ବିଘଟନ ଘଟାଉଛି। ଶବ୍ଦ ଓ ବାୟୁ ପ୍ରଦୂଷଣ ଉପରେ ରୋକ ଲଗାଯାଇ ପାରୁନାହିଁ। ଯାହାଫଳରେ ପରୀକ୍ଷା ଋତୁରେ ପରିକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବମାନେ ଚିନ୍ତାରେ ପଡି ଯାଉଛନ୍ତି । ପିଲାମାନଙ୍କ ମୁଣ୍ଡରେ ଯୁକ୍ତ ଦୁଇ, ମାଟ୍ରିକ ପରୀକ୍ଷା ରହିଥିବାରୁ ସେମାନଙ୍କ ପାଠପଢାରେ ବାଧା ଉପୁଜୁଛି। ଏ ଦିଗରେ ପୋଲିସ ନିରବଦ୍ରଷ୍ଟା ସାଜିଥିବାରୁ ପିଲାମାନଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସହରାଞ୍ଚଳରେ ଉଚ୍ଚ ଶବ୍ଦ ବ୍ୟବହାର ପାଇଁ ସମୟସୀମା ରାତି ୧୦ଟା ରହିଛି। ହେଲେ ଗାଁଗଣ୍ଡାରେ ଏହି ନିୟମର ସମୟ ନିର୍ଘଣ୍ଟ ଭିତରେ ସିମୀତ ରହୁନାହିଁ। ବିବାହ ରୋଷଣୀ ହେଉ ଅବା ଭସାଣ ଉତ୍ସବ ରାତିଅଧ ପର୍ଯ୍ୟନ୍ତ ଚାଲୁଛି। ଡିଜେ ସାଉଣ୍ଡରେ ଗାଁ ଦାଣ୍ଡ ଦୁଲୁକିବା ସହ ଘରର କବାଟ ଝରକା ଥରୁଛି। ଉଚ୍ଚ ଶବ୍ଦ ସମ୍ପନ୍ନ ବାଣ ଫୁଟିବା ଦ୍ୱାରା ରୋଗୀ, ବୃଦ୍ଧାବୃଦ୍ଧ, ହୃଦରୋଗୀଙ୍କ ପାଇଁ ସମସ୍ୟା ମଧ୍ୟ ସୃଷ୍ଟି କରୁଛି। ବିବାହ ରୋଷଣୀ ହେଉ ଅବା ଭସାଣ ଉତ୍ସବରେ ଉଚ୍ଚ ଶବ୍ଦ ସମ୍ପନ୍ନ ବାଣ ଫୁଟାଇବା, ଉଚ୍ଚ ସାଉଣ୍ଡ କ୍ଷମତା ବିଶିଷ୍ଟ ଡିଜେ ବଜାଇବା ନିଷେଧ ବୋଲି ଖୋଦ୍ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ସ୍ୱୀକାର କରୁଛନ୍ତି। ଏଥିପାଇଁ କାହାରିକୁ ଅନୁମତି ପ୍ରଦାନ କରାଯାଇ ନାହିଁ। ତେବେ କେତେକ କ୍ଷେତ୍ରରେ ନିୟମ ଉଲ୍ଲଂଘନ କରି ଏଭଳି କରାଯାଉଛି। ଅଭିଯୋଗ ଆସିଲେ ତା' ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡାକବାଜୀ ଯନ୍ତ୍ର ସହାୟତାରେ ପ୍ରଚାର ଓ ପ୍ରଚାରପତ୍ର ବାଣ୍ଟି ପୋଲିସ ଜନସାଧାରଣଙ୍କୁ ସଚେତନ କରାଯିବ। ଏହାଛଡ଼ା ବିଭିନ୍ନ ପୂଜା କମିଟି, କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଏନେଇ ଅବଗତ କରାଯିବ ବୋଲି ଥାନା ଅଧିକାରୀ ସ୍ୱାଇଁ ପ୍ରକାଶ କରିଛନ୍ତି।



ପଞ୍ଜାବର ଜଣେ ୧୬ ବର୍ଷ ବାଳକଙ୍କ ପ୍ରତିଭା ଏବେ ତାଙ୍କୁ ଗିନିଜ୍ ବୁକ୍‌ରେ ସ୍ଥାନିତ କରିଛି। ବଠିଣ୍ଡା ଜିଲାର ମୌଡ଼ ମଣ୍ଡିରେ ବାସ କରୁଥିବା ଆକାଶ ହାତେ ଉଚ୍ଚା କାଠରେ ୪୦୦ ବର୍ଷ ପୁରୁଣା ଦରବାର ସାହିବ ମଡେଲ ତିଆରି କରିଛନ୍ତି। ଦିନକୁ ୧୫ ଘଣ୍ଟାରୁ ଅଧିକ ସମୟ କାମ କରି ସେ ୪ ମାସରେ ଏହି ଅନନ୍ୟ କଳାକୃତି ନିର୍ମାଣ କରିଛନ୍ତି।

# କରୋନା ସଂକ୍ରମିତଙ୍କ ଯାଞ୍ଚ କାର୍ଯ୍ୟରେ ରୋବୋ

**ବେଜିଂ:** ଚାଇନାରେ କରୋନା ଭୁତାଣୁ ସଂକ୍ରମଣଙ୍କ ସଂଖ୍ୟା ବଢ଼ିଚାଲିଛି। ଇତିମଧ୍ୟରେ ୫୬୨ ଲୋକଙ୍କ ମୃତ୍ୟୁ କରୋନା ଭୁତାଣୁ ଯୋଗୁ ହୋଇସାରିଛି। ସେହିପରି ୨୭ ହଜାରରୁ ଅଧିକ ଲୋକଙ୍କଠାରେ ଏହି ଭୁତାଣୁ ଚିହ୍ନଟ ହୋଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ସଂକ୍ରମିତଙ୍କ ଯାଞ୍ଚରେ ରୋବୋକୁ ଲଗାଯାଇଛି। ଚାଇନାର ଉହାନ୍, ବୋଙ୍ଗ୍‌ଝୋଉ, ଶାଙ୍ଘାଇ, ଝିଆନ୍ ଏବଂ ଗୁଇୟାଙ୍ଗ୍ ଆଦି ୫ଟି ସହରରେ ହାଇ-ଟେକ୍ ରୋବୋ ଯାଞ୍ଚ କାର୍ଯ୍ୟ କରୁଛି। ରାସ୍ତାରେ ଚାଲି ଚାଲି ଯାଉଥିବା ବ୍ୟକ୍ତିଙ୍କୁ ଏହି ରୋବୋ ସ୍ୱାସ୍ଥ୍ୟ ସମ୍ପର୍କରେ ସତର୍କ ସୂଚନା ଦେଉଛି। ଖାଇବା ପୂର୍ବରୁ ହାତ ଧୋଇବା ଏବଂ ଫେସ୍ ମାସ୍କ ବ୍ୟବହାର କରିବା ଲାଗି ରୋବୋ ଲୋକଙ୍କୁ ସଚେତନ କରାଉଛି। ସ୍ୱୟଂଚାଳିତ ରୋବୋଗୁଡ଼ିକୁ ବିମାନବନ୍ଦର, ମଲ୍ ଏବଂ ରାସ୍ତାରେ ରଖାଯାଇଛି। ଏହି ରୋବୋ ୫ ମିଟର ବ୍ୟାସ ମଧ୍ୟରେ ଯାଉଥିବା ଲୋକଙ୍କ ତାପମାତ୍ରା ରେକର୍ଡ କରିବାକୁ ସକ୍ଷମ ବୋଲି କୁହାଯାଉଛି।







**ୱାଶିଂଟନ:** ମହାକାଶରେ ଅଧିକ ଦିନ ରହି ରେକର୍ଡ କରିଥିବା ଆମେରିକାର ମହାକାଶ ଯାତ୍ରୀ କ୍ରିଷ୍ଟିନା କୋଚ୍ ପୃଥିବୀକୁ ଫେରିଛନ୍ତି। ସେ ମହାକାଶରେ ୩୨୮ ଦିନ ବିତାଇ ରେକର୍ଡ କରିଛନ୍ତି। ଏନେଇ ନାସା ପକ୍ଷରୁ ସୂଚନା ଦିଆଯାଇଛି। କ୍ରିଷ୍ଟିନା କୋଚ୍‌ଙ୍କ ସହିତ ୟୁରୋପୀୟ ମହାକାଶ ଏଜେନ୍ସିର ମହାକାଶ ଯାତ୍ରୀ ଲକା ପରମିତାନୋ ଏବଂ ରୁଷିଆର ଆଲେକଜାଣ୍ଡାର ସ୍କୋଭରସୋଭ ମଧ୍ୟ ଫେରିଆସିଛନ୍ତି।ଗୁରୁବାର ଭାରତୀୟ ସମୟ ପୂର୍ବାହ୍ନ ୧୧ଟା ୨୦ରେ ସେମାନେ ଫେରିବା ଆରମ୍ଭ କରିଥିଲେ। ୩ ଘଣ୍ଟା ୨୨ ମିନିଟ୍ ପରେ ଅପରାହ୍ନ ୨ଟା ୪୨ରେ କାଜାକସ୍ତାନର ଜେଜ୍କାଜ୍ଗନ ସହରର ଦକ୍ଷିଣ ପୂର୍ବରେ ଭୂପୃଷ୍ଠରେ ପାଦଦେଇଛନ୍ତି। କ୍ରିଷ୍ଟିନା ୨୦୧୯ ମାର୍ଚ୍ଚ ୧୪ରେ ମହାକାଶ ଯାତ୍ରା କରିଥିଲେ ବୋଲି ନାସା ପକ୍ଷରୁ କୁହାଯାଇଛି।

## ମହାକାଶରୁ ଫେରିଲେ କ୍ରିଷ୍ଟିନା

**ମୁମ୍ବାଇ:**ସଞ୍ଜୟ ଗୁପ୍ତା ଏବଂ ଭୂଷଣ କୁମାରଙ୍କ ଫିଲ୍ମ 'ମୁମ୍ବାଇ ସାଗା'କୁ ନେଇ ବି-ଟାଉନ୍‌ରେ ଚର୍ଚ୍ଚା ଜୋର୍ ଧରିଛି। ଫିଲ୍ମ ଘୋଷଣା ପରଠାରୁ ହିଁ ଚାରିଆଡ଼େ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଆଉ ଏହାର କାରଣ ହେଲା, ଏହି ଗ୍ୟାଙ୍ଗଷ୍ଟର୍ ଡ୍ରାମାରେ ଜନ୍ ଆବ୍ରାହମ୍, ଇମ୍ରାନ୍ ହାଶମୀ, ସୁନୀଲ ସେଟ୍ଟୀ, ମହେଶ ମାଞ୍ଜରେକର୍, କାଜଲ୍ ଅଗ୍ରୱାଲ ଓ ପ୍ରତୀକ ବବ୍ବରଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ପୂର୍ବରୁ ଜନ୍‌ଙ୍କ ଗ୍ୟାଙ୍ଗଷ୍ଟର୍ ଲୁକ୍ ରିଲିଜ୍ ହୋଇସାରିଥିବା ବେଳେ ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ। ଏବେ ଫିଲ୍ମ ମେକର୍ସ ଇମ୍ରାନ୍‌ଙ୍କ ଲୁକ୍ ଶେୟାର କରିଛନ୍ତି, ଯାହାକୁ ନେଇ ସବୁଆଡ଼େ ଖୁବ୍ ଚର୍ଚ୍ଚା।

ଫିଲ୍ମ 'ମୁମ୍ବାଇ ସାଗା'ରେ ଇମ୍ରାନ୍‌ଙ୍କ ପ୍ରଥମ ଲୁକ୍ ରିଲିଜ୍ ହୋଇଯାଇଛି। ପ୍ରଥମ ଥର ପାଇଁ ସେ ଫିଲ୍ମରେ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ଭୂମିକାରେ ଅଭିନୟ କରିଛନ୍ତି। ଏହି ଲୁକ୍‌ରେ ଇମ୍ରାନ୍ ବେଶ୍ ଧ୍ୟାନ ଆକର୍ଷଣ କରୁଛନ୍ତି। ବଲିଉଡ୍ କିସର୍ ବୟ କୁହାଯାଉଥିବା ଇମ୍ରାନ୍‌ଙ୍କୁ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ଭୂମିକାରେ ଦେଖିବାକୁ ତାଙ୍କ ଫ୍ୟାନ୍‌ମାନେ ଅପେକ୍ଷା କରିବସିଛନ୍ତି।

ଅନ୍ୟପକ୍ଷେ, ଯେତେବେଳେ ସଞ୍ଜୟ ଗୁପ୍ତା ଏହି ରୋଲ୍ ପାଇଁ ଆପ୍ରୋଚ୍ କରିଥିଲେ, ସେତେବେଳେ ଇମ୍ରାନ୍ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ ବୋଲି କହିଛନ୍ତି। ଗ୍ୟାଙ୍ଗଷ୍ଟର୍ ଭୂମିକା ବଦଳରେ ନିର୍ଦ୍ଦେଶକ ତାଙ୍କୁ ପୋଲିସ ଭୂମିକା କିପରି ଅଫର୍ କରୁଛନ୍ତି ଚିନ୍ତା କରି ସେ କିଛି କ୍ଷଣ ବିଶ୍ୱାସ କରିପାରି ନ ଥିଲେ ବୋଲି ଇମ୍ରାନ୍ କହିଛନ୍ତି।

ଇମ୍ରାନ୍ ପୁଣି କହିଛନ୍ତି, 'ୱାନ୍ସ ଅପ୍‌ଅନ୍ ଏ ଟାଇମ୍ ଇନ୍ ମୁମ୍ବାଇ'ରେ ଶୋଏବ୍ ଖାନ୍‌ଙ୍କ ଭୂମିକା ଭଳି ମିଳିଥିବା ଅନେକ ଅଫର୍‌କୁ ମୁଁ ମନା କରିଦେଇଛି। ହୁଏତ, ମୁଁ ସଞ୍ଜୟଙ୍କ ଫିଲ୍ମ ପାଇଁ ଅପେକ୍ଷାରେ ଥିଲି ବୋଲି ଇମ୍ରାନ୍ କହିଛନ୍ତି। ତେବେ ଫିଲ୍ମରେ ସେ ଏଭଳି ଜଣେ ପୋଲିସ ଅଫିସରଙ୍କ ଭୂମିକାରେ ନଜରକୁ ଆସିବେ, ଯିଏ ନିଜ ଲକ୍ଷ୍ୟପଥରେ ଆସିଲେ, କାହାରିକୁ ଛାଡ଼ନ୍ତି ନାହିଁ, ସମସ୍ତଙ୍କୁ ଗୁଳି ମାରିଦିଅନ୍ତି। ଏଣୁ ଏକ ଗ୍ୟାଙ୍ଗଷ୍ଟର୍‌ଠାରୁ ତାଙ୍କ ଭୂମିକା କମ୍ ଭୟଙ୍କର ନୁହେଁ ବୋଲି ସେ କହିଛନ୍ତି। ଫିଲ୍ମଟି ଜୁନ୍‌ରେ ରିଲିଜ୍ ହେବାକୁ ସ୍ଥିର ହୋଇଛି।




## କିସର୍ ବୟ ହେଲେ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ



**ତ୍ରିଶୂର:** ଘରକୁ ଦିଆଯାଇଥିବା ପାଣି ପାଇପ୍‌ରୁ ପାଣି ବଦଳରେ ମଦ ବାହାରିବା ଦେଖି ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ କଥା। ତେବେ କେରଳର ତ୍ରିଶୂର ଜିଲାରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଛି। ତ୍ରିଶୂର ଚଲାକୁଡି ଅଞ୍ଚଳରେ ଥିବା ଏକ ସୋଲୋମନେ ଏଭେନ୍ୟୁ ଆପାର୍ଟମେଣ୍ଟରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ଯାହାକୁ ଦେଖିବା ପରେ ସେଠାରେ ରହୁଥିବା ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ। ତେବେ ପାଇପରୁ ବାହାରୁ ଥିବା ପାଣିରୁ ମଦ ଗନ୍ଧ ବାହାରୁଥିବା ଖବର ପ୍ରଚାର ହୋଇଯିବା ପରେ ସ୍ଥାନୀୟ ଲୋକ ନଗର ନିଗମକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ଅବକାରୀ ବିଭାଗର ଏକ ବଡ ଭୁଲ୍ ସାମ୍ନାକୁ ଆସିଥିଲା। ସୂଚନାଯୋଗ୍ୟ, ନିକଟରେ ଅବକାରୀ ବିଭାଗ ପ୍ରାୟ ୪୫୦୦ ଲିଟର ମଦ ଜବତ କରିଥିଲେ। ଯାହାକୁ ଏକ ଖାଲରେ ଫୋପାଡି ଦିଆଯାଇଥିଲା। ଏହା କାହା ନଜରକୁ ଆସି ନ ଥିଲା ଯେ ଉକ୍ତ ମଦ ବୋହିଯାଇ ନିକଟରେ ଥିବା କୂଅରେ ମିଶିଯିବ। ଯେଉଁଠାରୁ ସୋଲୋମନେ ଏଭେନ୍ୟୁ ଆପାର୍ଟମେଣ୍ଟକୁ ପାଣି ଯୋଗାଇବାର ମୁଖ୍ୟ ସ୍ରୋତ। ଏହି ଭୁଲ୍ ପାଇଁ ଆପାର୍ଟମେଣ୍ଟରକୁ ଯାଉଥିବା ପାଣିରେ ମଦ ମିଶିଯାଇଥିଲା। ଫଳରେ ପାଣି ପାଇପରେ ମଦ ମିଶା ପାଣି ଆସିବାରୁ ଲୋକେ ଅଭିଯୋଗ କରିଥିଲେ।

## ପାଣି ପାଇପ୍‌ରୁ ବାହାରିଲା ମଦ

**ନୂଆଦିଲ୍ଲୀ:** ଭାଲେଣ୍ଟାଇନ୍ ସପ୍ତାହ ରୋଜ୍ ଡେ'ରୁ ହିଁ ଆରମ୍ଭ ହୋଇଥାଏ। ଅର୍ଥାତ୍ ଫେବୃୟାରୀ ୭ରୁ ୧୪ ପର୍ଯ୍ୟନ୍ତ ଯୁବବର୍ଗ ଏହାକୁ ପାଳନ କରିଥା'ନ୍ତି। ଗୋଲାପ ମାଧ୍ୟମରେ ଆଜିର ଯୁବପିଢ଼ି ନିଜ ନିଜର ପାର୍ଟନରଙ୍କୁ ପ୍ରପୋଜ୍ କରିଥା'ନ୍ତି। କାରଣ ପ୍ରେମର ପ୍ରତୀକ ହେଉଛି ଗୋଲାପ। ଏହା ସମସ୍ତଙ୍କୁ ଆକର୍ଷିତ କରିଥାଏ। ରୋଜ୍ ଡେ'ରେ ପ୍ରେମୀଯୁଗଳ ନିଜ ମନକଥା ଗୋଲାପ ଜରିଆରେ ସାଥୀ ନିକଟରେ ପ୍ରକାଶ କରିଥାନ୍ତି। କିନ୍ତୁ ଜାଣିଛନ୍ତି, ଗୋଲାପ ଖାଲି ପ୍ରେମକୁ ସୁଦୃଢ଼ କରେ ନାହିଁ, ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅନେକ ଲାଭଦାୟକ। ଗୋଲାପକୁ ନେଇ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି, ଏହା ସୁନିଦ୍ରା ଆଣିବା ସହ ଚେହେରାରେ ଚମକ ଆଣିଥାଏ। ଗୋଲାପର ବାସ୍ନା ପଢ଼ିବା ପାଇଁ ମନରେ ଏକାଗ୍ରତା ଆଣିଥାଏ। ରିସର୍ଚ୍ଚ ଜର୍ନାଲ 'ସାଇଣ୍ଟିଫିକ୍ ରିପୋର୍ଟସ' ଅନୁଯାୟୀ, ଜର୍ମାନୀର ଏକ ସ୍କୁଲରେ ପଢୁଥିବା ୫୪ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଅଧ୍ୟୟନ କରାଯାଇଥିଲା। ଏଥିରେ ଯେଉଁମାନେ ଷ୍ଟଡିରୁମ୍‌ରେ ଗୋଲାପ ରଖି ପାଠ ପଢ଼ିଥିଲେ ବା ବାସ୍ନା ଶୁଙ୍ଘିଥିଲେ, ସେମାନଙ୍କର ଇଂରାଜୀ ଭଲ ମନେ ରହିଥିଲା। ତେଣୁ ରାତିରେ ବିଛଣାରେ ଗୋଲାପ ବିଛାଇ ଶୋଇଲେ କିମ୍ବା ଗୋଲାପର ଧୂପକାଠି କୋଠରିରେ ଲଗାଇଲେ ମନରେ ଶାନ୍ତି ଆସିବା ସହ ସ୍ମରଣଶକ୍ତି ବଢ଼ିଥାଏ। ସାବଧାନ! ଗୋଲାପ ଅଗରବତୀ ଲଗାଇଲା ସମୟରେ ଏହା ଯେମିତି ସ୍ୱାସ୍ଥ୍ୟ ପ୍ରତି କୁପ୍ରଭାବ ନ ପକାଏ। ଏଥିପାଇଁ ଯତ୍ନବାନ ହେବା ଜରୁରୀ।

ଆଜି ରୋଜ୍ ଡେ'



## ଗୋଲାପ ପ୍ରେମ ବଢ଼ାଇବା ସହ ଆଣିଥାଏ ସୁନିଦ୍ରା

## ୧୦୫ ବର୍ଷରେ ୪ର୍ଥ ପରୀକ୍ଷା ପାସ୍



**ଥିରୁଭାନନ୍ତପୁରମ:** କେରଳର ୧୦୫ ବର୍ଷର ଜଣେ ବୃଦ୍ଧା ଚତୁର୍ଥ ଶ୍ରେଣୀ ପାସ୍ କରିଛନ୍ତି। ଭଗୀରଥି ଆମ୍ମା ନାମ୍ନୀ ଏହି ବୃଦ୍ଧା ଜଣକ ଭାରତର ସବୁଠୁ ବୟସ୍କ ବିଦ୍ୟାର୍ଥୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗତବର୍ଷ ରାଜ୍ୟ ସାକ୍ଷରତା ଅଭିଯାନ ଦ୍ୱାରା କୋଲ୍ଲମରେ ଆୟୋଜିତ ପରୀକ୍ଷାରେ ସେ ସାମିଲ ହୋଇଥିଲେ। ଏହି ପରୀକ୍ଷାର ଫଳାଫଳ ବୁଧବାର ପ୍ରକାଶ ପାଇଛି। ୨୭୫ରୁ ସେ ୨୦୫ ନମ୍ବର ରଖି ପାସ୍ କରିଛନ୍ତି। ପିଲାଦିନରୁ ଆମ୍ମାଙ୍କ ପଢିବାର ନିଶା ଥିଲା। କିନ୍ତୁ ମା'ଙ୍କ ମୃତ୍ୟୁ ହୋଇଯିବାରୁ ତାଙ୍କ ପାଠପଢାରେ ଡୋରି ବନ୍ଧା ହୋଇଥିଲା। ଭାଇ-ଭଉଣୀଙ୍କ ଲାଳନପାଳନରେ ତାଙ୍କ ସମୟ ବିତିଯାଇଥିଲା। ଫଳରେ ତୃତୀୟ ଶ୍ରେଣୀରୁ ପଢା ଛାଡିଦେଇଥିଲେ। ବିବାହ ପରେ ମଧ୍ୟ ପାରିବାରିକ ଜୀବନରେ ବ୍ୟସ୍ତ ରହିଯାଇଥିଲେ। ନାତୁଣୀ ନାତି ଦେଖିବା ପରେ ଆମ୍ମା ପୁଣି ଥରେ ପାଠ ପଢିବା ପାଇଁ ମନ ବଳାଇଲେ। ସେମାନଙ୍କ ପ୍ରେରଣାରେ ପାଠ ପଢି ପରୀକ୍ଷା ଦେବା କଥା ଚିନ୍ତା କରିଥିଲି ବୋଲି କହନ୍ତି ଆମ୍ମା। ଏବେ ତାଙ୍କର ୧୪ଜଣ ଅଣ ଏବଂ ପଣ ନାତୁଣୀ ନାତି ଅଛନ୍ତି।

## ଫଳ ଖୋଳରେ ପିଅନ୍ତୁ ଜୁସ୍

**ବେଙ୍ଗାଲୁରୁ:** କର୍ଣାଟକର ଜଣେ ଜୁସ୍ ଦୋକାନୀ ଏବେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଛନ୍ତି। ସେ ଏବେ ପ୍ଲାଷ୍ଟିକ ନୁହେଁ, ଫଳ ଖୋଳରେ ଜୁସ୍ ଦେଇ ସମସ୍ତଙ୍କ ମନ ଜିତିଥିବା କୁହାଯାଉଛି। ଏଏନ୍‌ଆଇର ସୂଚନା ଅନୁଯାୟୀ, ବେଙ୍ଗାଲୁରୁର ମାଲେଶ୍ୱରମରେ 'ଇଟ୍ ରାଜା' ନାମକ ଏକ ଜୁସ୍ ଦୋକାନ ରହିଛି। ଏହି ଦୋକାନରେ ଗ୍ରାହକଙ୍କୁ ପ୍ଲାଷ୍ଟିକ ଗ୍ଲାସ ବଦଳରେ ଫଳର ଖୋଳରେ ଜୁସ୍ ଦିଆଯାଉଛି। ଗ୍ରାହକମାନେ କୁହନ୍ତି, ସୋସିଆଲ ମିଡିଆରେ ଏହି ଦୋକାନ ସମ୍ପର୍କରେ ସୂଚନା ମିଳିବା ପରେ ସେମାନେ ଏଠି ଆସି ଜୁସ୍ ପିଉଛନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥିବା ବେଳେ ଜୁସ୍ ପିଇ ସାରିବା ପରେ ଫଳର ଖୋଳକୁ ଗାଈବଳଦଙ୍କୁ ମଧ୍ୟ ଖାଇବାକୁ ଦିଆଯାଇ ପାରିବ ବୋଲି ସେମାନେ ମତ ଦିଅନ୍ତି। ବଡ ବଡ ତରଭୁଜ, ବେଲ, ନଡିଆ ଆଦି ଖୋଳରେ ଦୋକାନୀ ଜଣଙ୍କ ଜୁସ୍ ଦେଉଥିବା କୁହାଯାଏ। ସୂଚନାଯୋଗ୍ୟ, ଏବେ ପ୍ଲାଷ୍ଟିକ ଯୋଗୁ ସାରା ବିଶ୍ୱରେ ପ୍ରଦୂଷଣର ମାତ୍ରା ବଢି ଚାଲିଥିବା ବେଳେ ଏହାକୁ ଯେକୌଣସି ଉପାୟରେ ନାଁ କହିବାର ସମୟ ଆସିଛି। କାରଣ ଏହା ଶହ ଶହ ବର୍ଷ ଧରି ମାଟିରେ ମିଶୁ ନ ଥିବା ବେଳେ ଏହା ଜଳ, ସ୍ଥଳ ସବୁଠି ଅଡୁଆ ବଢାଇବାରେ ଲାଗିଛି। ତେଣୁ ଉକ୍ତ ଫଳ ଦୋକାନୀଙ୍କ ପ୍ରୟାସ ଯୋଗୁ ତାଙ୍କ ଦୋକାନରେ ବର୍ଜ୍ୟବସ୍ତୁ ବାହାରୁ ନାହିଁ କହିଲେ ଚଳେ। କାରଣ ସେ ପ୍ଲାଷ୍ଟିକର ବ୍ୟବହାର କରୁ ନାହାନ୍ତି।



## ପ୍ଲାଷ୍ଟିକ୍‌କୁ ନା

**ନୂଆଦିଲ୍ଲୀ:** ବିଭିନ୍ନ କାରଣରୁ ହେଉଥିବା କଷ୍ଟ ତଥା ବ୍ୟଥାରୁ ମୁକ୍ତି ପାଇଁ ଡାକ୍ତର ପେନ୍ କିଲର୍ ଦେଇଥାନ୍ତି। ଡାକ୍ତରଙ୍କ ବିନା ପରାମର୍ଶରେ ମଧ୍ୟ ଲୋକେ ଅନେକ ସମୟରେ ଏହାକୁ ଖାଇଥାନ୍ତି। ଆପଣ ଯଦି ଏହି ପେନ୍ କିଲର୍(ଟ୍ରାମାଡୋଲ୍) ନେଉଥାନ୍ତି, ତେବେ ସାବଧାନ। କଷ୍ଟ କମ୍ କରିବା ପାଇଁ ବିଭିନ୍ନ ପ୍ରକାର ପେନ୍ କିଲର୍ ମିଳୁଥିବାବେଳେ 'ଟ୍ରାମାଡୋଲ୍' ଏକ ଘାତକ ପେନ୍ କିଲର୍ ବୋଲି ଏକ ଗବେଷଣା ରିପୋର୍ଟରୁ ଜଣାପଡ଼ିଛି। ଏହି ରିପୋର୍ଟ ଅନୁଯାୟୀ ବିଶେଷକରି ବୟସ୍କ ରୋଗୀଙ୍କ ଅଣ୍ଟା ହାଡ଼ ଭାଙ୍ଗିବା ଆଶଙ୍କାକୁ ବଢ଼ାଇଥାଏ। ଏହା ସାଂଘାତିକ ବ୍ୟଥାକୁ କମ୍ କରିବାରେ ସକ୍ଷମ ହୋଇଥାଏ। ମାତ୍ର ଅନ୍ୟ ପେନ୍ କିଲର୍ ତୁଳନାରେ ଏହାର ଅଧିକ କୁପ୍ରଭାବ ରହିଥିବା ଜର୍ନାଲ୍ ଅଫ୍ ବୋନ୍ ଆଣ୍ଡ ମିନେରାଲ୍ ରିସର୍ଚ୍ଚରେ ପ୍ରକାଶିତ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ୧ବର୍ଷର ଗବେଷଣାରୁ ଜଣାପଡ଼ିଛି ଯେ, ୧୪୬,୯୫୬ ଜଣ ଟ୍ରାମାଡୋଲ୍ ନେଉଥିବା ରୋଗୀଙ୍କ ମଧ୍ୟରୁ ୫୧୮ଜଣଙ୍କ ଠାରେ ଅଣ୍ଟା ହାଡ଼ ଭାଙ୍ଗିଥିବା ଜଣାପଡ଼ିଥିଲା। ଏ କ୍ଷେତ୍ରରେ ଅନ୍ୟ ପେନ୍ କିଲର୍ ତୁଳନାରେ ଟ୍ରାମାଡୋଲ୍ ହାଡ଼କୁ ଅଧିକ କ୍ଷତି କରୁଥିବା ସ୍ପଷ୍ଟ ହୋଇଥିଲା। ତେଣୁ ଟ୍ରାମାଡୋଲ୍ ବଦଳରେ ବିକଳ୍ପ ଔଷଧ ପାଇଁ ଏଥିରେ ପରାମର୍ଶ ଦିଆଯାଇଛି।



## ଟ୍ରାମାଡୋଲ୍ ପେନ୍ କିଲର୍

## ସଂକ୍ଷେପରେ

### ଶିନା ବୋରା ହତ୍ୟା ମାମଲା
# ପିଟରଙ୍କୁ ଜାମିନ, ହେଲେ ଏବେ ମୁକୁଳିବେନି




**ମୁମ୍ବାଇ,୬।୨(ପି.ଟି./ ଆଇଏଏନ୍ଏସ୍):** ବହୁଚର୍ଚ୍ଚିତ ଶିନା ବୋରା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ପୂର୍ବତନ ମିଡିଆ ବାରୋନ୍ ପିଟର ମୁଖାର୍ଜୀଆଙ୍କୁ ଆଶ୍ୱସ୍ତି ମିଳିଛି। ଏହି ହତ୍ୟାକାଣ୍ଡରେ ପିଟରଙ୍କ ବିରୋଧରେ ବିଶେଷ ପ୍ରମାଣ ନ ଥିବାରୁ ଗୁରୁବାର ବମ୍ବେ ହାଇକୋର୍ଟ ତାଙ୍କୁ ଜାମିନ ଦେଇଛନ୍ତି। ଜଷ୍ଟିସ୍ ନୀତିନ ସାମ୍ବ୍ରେ ପିଟରଙ୍କୁ ୨ ଲକ୍ଷ ଟଙ୍କାର ବେଲ୍ ବଣ୍ଡରେ ଜାମିନ ଦେଇଥିବାବେଳେ ଏହି ରାୟ ଉପରେ ୬ ସପ୍ତାହ ପାଇଁ ସ୍ଥଗିତାଦେଶ ଜାରି କରାଯାଇଛି। ଏଥିଯୋଗୁ ପିଟର ଏବେ ଜେଲରେ ହିଁ ରହିବେ। ପିଟରଙ୍କୁ ମିଳିଥିବା ସସର୍ତ୍ତ ଜାମିନରେ ନିର୍ଦ୍ଦେଶ ଦିଆଯାଇଛି ଯେ, ସେ ତାଙ୍କର ପୁଅ ରାହୁଲ ମୁଖାର୍ଜୀଆ ଓ ଝିଅ ବିଧି ମୁଖାର୍ଜୀଆଙ୍କ ସମେତ ମାମଲାର ଅନ୍ୟ ସାକ୍ଷୀମାନଙ୍କୁ ଯୋଗାଯୋଗ କରିବେ ନାହିଁ। ତେବେ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସୁପ୍ରିମକୋର୍ଟରେ ଅପିଲ ଫାଇଲ୍ କରିବାକୁ ସୁଯୋଗ ଦେବା ସକାଶେ ବେଲ୍ ଅର୍ଡର ଉପରେ ୬ ସପ୍ତାହ ପାଇଁ ସ୍ଥଗିତାଦେଶ ଜାରି କରାଯାଇଛି। ରାୟ ଦେବା ବେଳେ ହାଇକୋର୍ଟ କହିଛନ୍ତି, ଯେତେବେଳେ ଏହି ଘଟଣା ଘଟିଲା ସେତେବେଳେ ପିଟର ଭାରତରେ ନ ଥିଲେ। ଆବେଦନକାରୀ ପିଟର ଜେଲରେ ୪ ବର୍ଷ ରହିସାରିଲେଣି। ଇତିମଧ୍ୟରେ ତାଙ୍କର ବାଇପାସ୍ ସର୍ଜରି କରାଯାଇଛି। ରାଜସାକ୍ଷୀ ଶ୍ୟାମବର ରାଏଙ୍କ ବୟାନକୁ ଛାଡ଼ିଦେଲେ ଏହି ଷଡ଼ଯନ୍ତ୍ରରେ ପିଟରଙ୍କ ସମ୍ପୃକ୍ତି ନେଇ ଅନ୍ୟ କିଛି ପ୍ରମାଣ ନାହିଁ। ୨୦୧୨ ଏପ୍ରିଲ ୨୪ରେ ଶିନା ବୋରା ହତ୍ୟାକାଣ୍ଡରେ ପିଟରଙ୍କ ପୂର୍ବତନ ସ୍ତ୍ରୀ ଇନ୍ଦ୍ରାଣୀ ମୁଖାର୍ଜୀଆ ଓ ତାଙ୍କର ପୂର୍ବତନ ସ୍ୱାମୀ ସଞ୍ଜୀବ ଖାନ୍ନାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିବା ସିବିଆଇ ପକ୍ଷରୁ ଅଭିଯୋଗ ହୋଇଛି। ପ୍ରକାଶ ଯେ ୨୦୧୫ ନଭେମ୍ବର ୧୯ରେ ୬୪ ବର୍ଷୀୟ ପିଟରଙ୍କୁ ତାଙ୍କ ମୁମ୍ବାଇ ବାସଭବନରୁ ଗିରଫ କରାଯାଇଥିଲା। ଏହା ପୂର୍ବରୁ ୨୦୧୫ ଏପ୍ରିଲ ମାସରେ ମୁଖ୍ୟ ଅଭିଯୁକ୍ତ ତଥା ତାଙ୍କ ପୂର୍ବତନ ସ୍ତ୍ରୀ ଇନ୍ଦ୍ରାଣୀ ଏବଂ ସଞ୍ଜୀବ ଖାନ୍ନା ମଧ୍ୟ ଗିରଫ ହୋଇ ଜେଲରେ ଅଛନ୍ତି। ପ୍ରକାଶ ଯେ ୨୪ ବର୍ଷୀୟା ଶିନା ହେଉଛନ୍ତି ଇନ୍ଦ୍ରାଣୀଙ୍କ ଝିଅ। ଡ୍ରାଇଭର ଶ୍ୟାମବର ରାଏ ୨୦୧୫ରେ ଗିରଫ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା।

# ନିଜକୁ ଶ୍ରେଷ୍ଠ ଭାବେ ଗଢ଼ି ତୋଳନ୍ତୁ ଛାତ୍ରୀଛାତ୍ର

**କଟକ ଅଫିସ,୬।୨**

## ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ



ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଉପସ୍ଥିତ ଅନ୍ୟ ଅତିଥିମାନେ।

- ୬୧ ଜଣଙ୍କୁ ସ୍ୱର୍ଣ୍ଣ ପଦକ
- ୮୧ ପିଏଚ୍‌ଡିଧାରୀ ପୁରସ୍କୃତ, ୩ଜଣଙ୍କୁ ଡକ୍ଟରେଟ ଉପାଧି

ଛାତ୍ରସମାଜ କାନ୍ଧରେ ଦେଶର ଭବିଷ୍ୟତ। ଏହାକୁ ଅସ୍ୱୀକାର କରାଯାଇ ନ ପାରେ। କେବଳ ଦେଶର ନୁହେଁ ବିଶ୍ୱର ମଙ୍ଗଳ ନିମନ୍ତେ ଛାତ୍ରସମାଜ କାର୍ଯ୍ୟ କରିବା ଦରକାର। ଛାତ୍ରୀଛାତ୍ରମାନେ ନିଜକୁ ଉତ୍ତମ ନୁହେଁ, ଶ୍ରେଷ୍ଠ ଭାବେ ଗଢ଼ି ତୋଳନ୍ତୁ। ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଅନେକ ଛାତ୍ରୀଛାତ୍ର ପାଠ ପଢ଼ି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଛନ୍ତି। ଏହି ଶିକ୍ଷାନୁଷ୍ଠାନର ମହାନ୍ ଐତିହ୍ୟକୁ ନେଇ ସମସ୍ତେ ଗର୍ବ କରିବା ଉଚିତ ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀର ଅଧ୍ୟକ୍ଷା ପ୍ରଫେସର ଚନ୍ଦ୍ରିମା ଶାହା ଯୋଗଦେଇ ଏହା କହିଛନ୍ତି। ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମସ୍ଥିତ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ପ୍ରଫେସର ଶାହା ଛାତ୍ରୀଛାତ୍ରଙ୍କ କ୍ୟାରିୟର ଗଠନ ଦିଗରେ ନିଜର ଛାତ୍ରଜୀବନର ଉଦାହରଣ ଦେଇ କହିଥିଲେ, ଡିଗ୍ରୀ ହାସଲ କରିବା ପରେ ପାଠପଢା ସରି ନ ଥାଏ। ସବୁବେଳେ କିଛି ଅଧ୍ୟୟନ କରିବା ଓ ପ୍ରଶ୍ନ ପଚାରିବାର ଦକ୍ଷତା ରହିବା ନିହାତି ଆବଶ୍ୟକ। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ବିଶ୍ୱ, ବିଶ୍ୱସ୍ତରୀୟ ଓ ବିଶ୍ୱବିଦ୍ୟାଳୟ ପରସ୍ପର ମଧ୍ୟରେ ପରିପୂରକ। ଯେଉଁମାନେ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ସେମାନେ ବିଶ୍ୱ ପାଇଁ ଚିନ୍ତା କରିବା ଦରକାର। ଏହି ଅବସରରେ ସ୍ନାତକ ପାଠ୍ୟକ୍ରମରେ ୨୪, ସ୍ନାତକୋତ୍ତର ପାଠ୍ୟକ୍ରମରେ ୩୧, ଶ୍ରେଷ୍ଠ ସ୍ନାତକ ଭାବେ ୨ଜଣ ଓ ବୋରାସମ୍ବର ବକ୍ତୃତାରେ ୪ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ସେହିପରି ୮୧ଜଣ ପିଏଚ୍‌ଡିଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟପକ୍ଷରେ ଚଳିତବର୍ଷ ପାଇଁ ସ୍ନାତକରେ ୧୩୦୧, ସ୍ନାତକୋତ୍ତରରେ ୧୦୪୭, ଏମ୍‌ଫିଲରେ ୬୧ ଜଣଙ୍କୁ ଡିଗ୍ରୀ ସହ ୩ଜଣଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ବଲିଉଡ୍‌ର ବିଶିଷ୍ଟ ଗୀତିକାର ପଦ୍ମଭୂଷଣ ଗୁଲଜାର, ଡ. ମଞ୍ଜୁ ଶର୍ମା ଓ ଡ. ସୁଜାତା ଦାସଙ୍କୁ ଏହି ଉପାଧି ଦିଆଯାଇଛି। ହେଲେ ଗୁଲଜାର ଓ ଡ. ଶର୍ମା ଉତ୍ସବରେ ଅନୁପସ୍ଥିତ ଥିଲେ। ଆଗାମୀ ଦିନରେ ଉଭୟ ବିଶ୍ୱବିଦ୍ୟାଳୟର ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ତାଙ୍କୁ ଉପାଧି ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ଉତ୍ସବରେ କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ବିବରଣୀ ପ୍ରଦାନ କରିଥିଲେ। କୁଳସଚିବ ଅଶୋକ କୁମାର ଦାସ, ସିସିଡି ପ୍ରଫେସର ସଙ୍ଗୀତା ରଥଙ୍କ ସମେତ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ମଞ୍ଚରେ ଉପସ୍ଥିତ ଥିଲେ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିଢ଼ାରେ ସଜନା ଛୁଇଁ**
**ଯେତେ ରାତି ହେଉ ଆସିବି ମୁହିଁ**
**ଭାତ ପଖାଳିବୁ ନାହିଁ।**

ସ୍ୱାମୀର ସ୍ତ୍ରୀ ପ୍ରତି ଅଭୟବାଣୀ। ନିଶ୍ଚୟ ଫେରିବି ବୋଲି ଆଶ୍ୱାସନା ଓ ଅପେକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପରକୁ କି ପାଇଁ ନିନ୍ଦୁ**
**ଘର ପୁଅ ପରଦେଶିଆ ବନ୍ଧୁ**
**କେତେ ବାହୁନାଇ କାନ୍ଦୁ।**

କେତେକ ସନ୍ତାନ ରୋଜଗାରକ୍ଷମ ହେବା ପରେ ନିଜ କର୍ମଜଞ୍ଜାଳରେ ବୁଡ଼ିରହି ଘର ପରିବାରଠୁ ଦୂରେଇ ଯାଇଥାନ୍ତି। ମୁଣ୍ଡକୁ ହାତ ପାଇଗଲା ପରେ ଘରକୁ ପର କରିଦେଇ ନିଜ ସୁଖସୁବିଧା ପ୍ରତି ଅଧିକ ଯତ୍ନଶୀଳ ହୋଇପଡ଼ିଥାନ୍ତି। ଏପରିସ୍ଥଳେ ନିଜ ପୁଅ ଯଦି ନିଜର ନ ହେଲା, ନିଜର ଦୁଃଖ ବୁଝି ନ ପାରିଲା ସେତେବେଳେ ଅନ୍ୟ ଉପରେ ଦୋଷ ଦେଇ କିଛି ଲାଭ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ୪ ମହଲା ବିଲ୍ଡିଂ ଢଳିଗଲା

**ବେଙ୍ଗାଲୁରୁ, ୬।୨:** ବେଙ୍ଗାଲୁରୁସ୍ଥିତ ବିନାୟକନଗରରେ ଥିବା ଏକ ୪ ମହଲା ବିଲ୍ଡିଂ ବୁଧବାର ହଠାତ୍ ଢ଼ଳିଯିବାରୁ ଲୋକମାନେ ଆତଙ୍କିତ ହୋଇପଡ଼ିଥିଲେ। ଘରୁ ସମସ୍ତେ ବାହାରି ସୁରକ୍ଷିତ ସ୍ଥାନକୁ ଦୌଡ଼ିବାକୁ ଆରମ୍ଭ କରିଥିଲେ। ଏଥିରେ କେହି ମୃତାହତ ହୋଇ ନ ଥିଲେ ହେଁ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଏହି ବିଲ୍ଡିଂକୁ ଭାଙ୍ଗିଦେବା ଲାଗି ଅଧିକାରୀମାନେ ସ୍ଥିର କରିଛନ୍ତି। ପ୍ରାୟ ୩୦ ପରିବାରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ମାତ୍ର ୫ ବର୍ଷ ତଳେ ଏହି ବିଲ୍ଡିଂଟି ନିର୍ମାଣ କରାଯାଇଥିବାବେଳେ ନିର୍ମାଣ କାର୍ଯ୍ୟ ଠିକ୍ ନ ଥିବା କୁହାଯାଉଛି।

# ସ୍ତ୍ରୀଙ୍କୁ ଦଳି ମାରିଲା ହାତୀ, ସ୍ୱାମୀ ଗୁରୁତର

**ରାସୋଳ, ୬।୨(ଡି.ଏନ୍.ଏ.)**


ହାତୀ ଭାଙ୍ଗି ଦେଇଥିବା ଘର।

- ବାବନ୍ଧ ଫରେଷ୍ଟ ସେକ୍ସନରେ ଆତଙ୍କ
- ମାଟିଆ ସାହିର ୩୫ ପରିବାର ଭୟଭୀତ

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅଧୀନ ବାବନ୍ଧ ଫରେଷ୍ଟ ସେକ୍ସନରେ ହାତୀ ଉପଦ୍ରବକୁ ନେଇ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ବୁଧବାର ବିଳମ୍ବିତ ରାତିରେ ମାଟିଆ ସାହିରେ ଏକ ହାତୀ ପଶି ଜଣେ ମହିଳାଙ୍କୁ ଦଳି ମାରିଦେଇଛି। ମୃତକ ହେଲେ ସଜନୀ ପଧାନ। ଏଥିରେ ତାଙ୍କ ସ୍ୱାମୀ ଭରତ ପଧାନ (୭୦) ଗୁରୁତର ହୋଇଛନ୍ତି। ଏହି ଘଟଣା ପରେ ୩୫ ପରିବାର ବିଶିଷ୍ଟ ଉକ୍ତ ସାହିବାସୀ ଭୟଭୀତ ହୋଇପଡ଼ିଛନ୍ତି।

ଅଞ୍ଚଳବାସୀଙ୍କ କହିବା କଥା, ଏକ ହାତୀପଲ ଜନବସତିଠାରୁ ଅଧା କିମି ଦୂରରେ ଅବସ୍ଥିତ ବିନନାଳୀ ଜଙ୍ଗଲରେ ରହୁଛନ୍ତି। ସନ୍ଧ୍ୟା ହେଲେ କେତୋଟି ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହେଉଛନ୍ତି। ବୁଧବାର ରାତି ପ୍ରାୟ ୧୧ଟା ବେଳେ ଏକ ହାତୀ ହଠାତ୍ ସାହି ଭିତରକୁ ଆସି ଭାସ୍କର ବେହେରାଙ୍କ ଘର ଭାଙ୍ଗିବାକୁ ଉଦ୍ୟମ କରିଥିଲା। ଏହା ଜାଣିପାରି ପାଖପଡ଼ୋଶୀ ରୁଣ୍ଡ ହୋଇ ହୋହଲ୍ଲା କରିବାରୁ ହାତୀଟି ଜଙ୍ଗଲ ଆଡ଼କୁ ପଳାଇଯାଇଥିଲା। ହାତୀ ଉପସ୍ଥିତି ସମ୍ପର୍କରେ ଲୋକମାନେ ବନ ବିଭାଗକୁ ସୂଚନା ଦେଇଥିଲେ। ହେଲେ ଏହାକୁ ବିଭାଗୀୟ ଅଧିକାରୀ ହାଲ୍‌କା ଭାବେ ନେଇଥିଲେ। ବିଳମ୍ବିତ ରାତିରେ ହାତୀଟି ପୁଣି ଜନବସତିରେ ପଶି ଭରତ ଏବଂ ସଜନୀ ଶୋଇଥିବା ଚଳିଆ ଘର ସହ ଦମ୍ପତିଙ୍କୁ ଦଳି ଦେଇଥିଲା। ଚିତ୍କାର ଶୁଣି ପାଖପଡ଼ୋଶୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ସଜନୀଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଭରତଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏ ନେଇ ରାସୋଳ ଥାନାରେ ନଂ. ୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଖବର ଲେଖାଯିବା ସୁଦ୍ଧା ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି। ଭରତ ନିଃସନ୍ତାନ ଥିବାବେଳେ ତାଙ୍କର କେହି ସାହାଭରସା ନାହାନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାହିବାସୀ ଦାବି କରିଛନ୍ତି। ଅନ୍ୟପଟେ ଉକ୍ତ ହାତୀ ଭାସ୍କର ବେହେରା, ପ୍ରଫୁଲ୍ଲ ବେହେରା, ଅଖିଳ ବେହେରାଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇଯାଇଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ନେଇ ରେଞ୍ଜର ହରମୋହନ ନାୟକ କୁହନ୍ତି, ପ୍ରାଥମିକ ପର୍ଯ୍ୟାୟରେ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯିବ। କାଗଜପତ୍ର ଦାଖଲ ପରେ ସରକାରୀ ନିୟମ ଅନୁଯାୟୀ ଅବଶିଷ୍ଟ ୩ଲକ୍ଷ ୬୦ ହଜାର ଟଙ୍କା ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ସ୍ଥାନୀୟ ବନ କର୍ମଚାରୀଙ୍କୁ ପଠାଇ ହାତୀ ଘଉଡ଼ାଇବା ବ୍ୟବସ୍ଥା କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।

# କେନ୍ଦ୍ର ପିଟିଶନର ଶୁଣାଣି ଆଜି

## ନିର୍ଭୟା ଦୋଷୀଙ୍କୁ ନୂଆ ଡେଥ୍ ୱାରେଣ୍ଟ ଉପରେ ଜବାବ ମାଗିଲେ ତଳ କୋର୍ଟ

**ନୂଆଦିଲ୍ଲୀ,୬।୨(ପି.ଟି.)**



ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କ ଭାଗ୍ୟ ସୁପ୍ରିମକୋର୍ଟରେ ଶୁକ୍ରବାର ନିର୍ଦ୍ଧାରଣ ହୋଇପାରେ। କାରଣ ସେମାନଙ୍କୁ ପୃଥକ୍ ପୃଥକ୍ ଭାବେ ଫାଶୀ ଦିଆଯାଇ ପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଶୁଣାଇଥିବା ରାୟକୁ ଚ୍ୟାଲେଞ୍ଜ କରି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଏହାର ଶୁଣାଣି କରିବାକୁ ରାଜି ହୋଇଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) କେ.ଏମ୍. ନଟରାଜ ଗୁରୁବାର ଏହି ଆବେଦନର ଜରୁରୀ ଶୁଣାଣି ପାଇଁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ। ଜଷ୍ଟିସ୍ ଏନ୍.ଭି. ରମନ୍ନା, ସଞ୍ଜୀବ ଖାନ୍ନା ଓ କ୍ରିଷ୍ଣା ମୁରାରିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ବିଚାର କରିବେ। ଏଏସ୍‌ଜି ନଟରାଜ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ ଯେ, ଦୋଷୀ ବିନୟ ଶର୍ମା(୨୬), ମୁକେଶ ସିଂ(୩୨), ଅକ୍ଷୟ ସିଂ(୩୧) ଓ ପବନ ଗୁପ୍ତା(୨୫)ଙ୍କ ରିଭ୍ୟୁ ପିଟିଶନ ଖାରଜ ହୋଇସାରିଛି। ସେହିପରି ୩ ଦୋଷୀଙ୍କ କ୍ୟୁରେଟିଭ୍ ପିଟିଶନ ଓ ରାଜକ୍ଷମା ଆବେଦନ ମଧ୍ୟ ରଦ୍ଦ ହୋଇସାରିଛି। ଏହାସତ୍ତ୍ୱେ ତିହାର ଜେଲ କର୍ତ୍ତୃପକ୍ଷ ସେମାନଙ୍କୁ ଫାଶୀ ଦେବାରେ ସକ୍ଷମ ନୁହନ୍ତି। ତେଣୁ ଦୋଷୀଙ୍କୁ ପୃଥକ୍ ପୃଥକ୍ ଭାବେ ଫାଶୀ ଦେବା ପାଇଁ ଅନୁମତି ମିଳୁ ବୋଲି ସେ ଅନୁରୋଧ କରିଛନ୍ତି।

ପ୍ରକାଶ ଯେ, ଦିଲ୍ଲୀ ହାଇକୋର୍ଟ ସମସ୍ତ ଦୋଷୀଙ୍କୁ ଏକସଙ୍ଗେ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ବୁଧବାର ସ୍ପଷ୍ଟ କରିଥିଲେ। କିନ୍ତୁ ସେମାନଙ୍କୁ ସପ୍ତାହେ ମଧ୍ୟରେ ସମସ୍ତ ଆଇନଗତ ବିକଳ୍ପ ଆପଣାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଯଦି ଦୋଷୀମାନେ ୭ ଦିନ ମଧ୍ୟରେ କୌଣସି ପିଟିଶନ ଦାଏର କରିବାକୁ ନ ଚାହାନ୍ତି ତେବେ ସମ୍ପୃକ୍ତ ସଂସ୍ଥା/ଅଧିକାରୀମାନେ ବିଳମ୍ବ ନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ହାଇକୋର୍ଟ ରାୟ ଦେଇଥିଲେ। ଏହାର କିଛି ସମୟ ପରେ କେନ୍ଦ୍ର ଓ ଦିଲ୍ଲୀ ସରକାର ସୁପ୍ରିମକୋର୍ଟରେ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରିଥିଲେ। ପ୍ରକାଶ ଯେ, ଦୋଷୀଙ୍କୁ ଫାଶୀ ଦେବା ପାଇଁ ପ୍ରଥମେ ଜାନୁୟାରୀ ୨୨ ଓ ପରେ ଫେବୃୟାରୀ ୧ରେ ଡେଥ୍ ୱାରେଣ୍ଟ ଜାରି ହୋଇଥିଲା। ଦୋଷୀଙ୍କ ଓକିଲ ଏହାକୁ ଚ୍ୟାଲେଞ୍ଜ କରିବା ପରେ ପଟିଆଲା ହାଉସ୍ କୋର୍ଟ ଡେଥ୍ ୱାରେଣ୍ଟ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ଇତିମଧ୍ୟରେ ଗୁରୁବାର ତିହାର ଜେଲ୍ କର୍ତ୍ତୃପକ୍ଷ ପଟିଆଲା ହାଉସ୍ କୋର୍ଟରେ ଆଉ ଏକ ପିଟିଶନ ଦାଏର କରିଛନ୍ତି। ରାଷ୍ଟ୍ରପତି ୩ ଦୋଷୀଙ୍କ ରାଜକ୍ଷମା ଆବେଦନକୁ ଖାରଜ କରିସାରିଛନ୍ତି ଏବଂ ଚତୁର୍ଥ ଦୋଷୀ ପବନଙ୍କ କୌଣସି ପିଟିଶନ ବିଚାରାଧୀନ ନ ଥିବାରୁ ତୁରନ୍ତ ସେମାନଙ୍କ ବିରୋଧରେ ଡେଥ୍ ୱାରେଣ୍ଟ ଜାରି କରିବା ପାଇଁ ତିହାର ଜେଲ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରାଣା ଉକ୍ତ ଆବେଦନ ଉପରେ ଶୁକ୍ରବାର ସୁଦ୍ଧା ଜବାବ ଦାଖଲ ପାଇଁ ସମସ୍ତ ଦୋଷୀଙ୍କୁ ନୋଟିସ କରିଛନ୍ତି।

# ଇଜ୍ ଅଫ୍ ଲିଭିଂ ସର୍ବେକ୍ଷଣ ଆରମ୍ଭ

**ଭୁବନେଶ୍ୱର, ୬।୨ (ବ୍ୟୁରୋ)**


- ଓଡ଼ିଶାର ଭୁବନେଶ୍ୱର, ରାଉରକେଲା ସାମିଲ
- ପ୍ରତ୍ୟେକ ନାଗରିକ ଭୋଟ ଦେବାକୁ ବିଏମ୍‌ସିର ନିବେଦନ

କେନ୍ଦ୍ରସରକାରଙ୍କ ପକ୍ଷରୁ ଦେଶରେ ଆରମ୍ଭ ହୋଇଛି ଇଜ୍ ଅଫ୍ ଲିଭିଙ୍ଗ୍ ସର୍ବେକ୍ଷଣ। କଉଁ ସହରରେ ଲୋକେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି। ସୁରକ୍ଷାଠାରୁ ଆରମ୍ଭ କରି ପରିମଳ ଆଦି ବିଭିନ୍ନ ସେବା କ୍ଷେତ୍ର ସଂକ୍ରାନ୍ତରେ ଲୋକଙ୍କଠାରୁ ଗ୍ରହଣ କରାଯାଉଛି ମତାମତ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଦେଶର ୧୦୦ ସ୍ମାର୍ଟସିଟିରେ ଏହି ସର୍ବେକ୍ଷଣ କରାଯାଉଥିବାବେଳେ ଓଡ଼ିଶାର ଦୁଇ ସହର ଭୁବନେଶ୍ୱର ଓ ରାଉରକେଲା ସ୍ଥାନ ପାଇଛି। ରାଜଧାନୀ ଭୁବନେଶ୍ୱର ସପକ୍ଷରେ ଅଧିକରୁ ଅଧିକ ମତଦେବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର, ବିଡିଏ ଉପାଧ୍ୟକ୍ଷ ତଥା ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ସିଇଓ ପ୍ରେମଚନ୍ଦ୍ର ଚୌଧାରୀ ସହରବାସୀଙ୍କୁ ନିବେଦନ କରିଛନ୍ତି।

ଗୁରୁବାର ଖବରଦାତା ସମ୍ମିଳନୀରେ କମିଶନର ଚୌଧାରୀ କହିଛନ୍ତି, ଗତ ୧ ତାରିଖରୁ ସର୍ବଭାରତୀୟ ସ୍ତରରେ ଆରମ୍ଭ ହୋଇଥିବା ଏହି ସର୍ବେକ୍ଷଣ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ନାଗରିକଙ୍କ ପାଇଁ ସହର କେତେଦୂର ବାସଉପଯୋଗୀ ତାହା ଜାଣିବା ପାଇଁ ଏହି ସର୍ବେକ୍ଷଣ କରାଯାଉଥିବାବେଳେ ଏଥିରେ ଲୋକଙ୍କ ସକ୍ରିୟ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ନାଗରିକମାନେ ଅନ୍ ଲାଇନ୍‌ରେ http://eol2019.org/citizenfeedbackକୁ ଯାଇ ନିଜର ବାସଉପଯୋଗୀ ମତାମତ ରଖନ୍ତୁ। ଗୋଟିଏ ଗୋଟିଏ ମତ ଭୁବନେଶ୍ୱରକୁ ଆହୁରି ଆଗକୁ ନେବ ବୋଲି ସେ କହିଛନ୍ତି।

ସର୍ବେକ୍ଷଣରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ସମୟରେ ସମ୍ପୃକ୍ତ ନାଗରିକ ତାଙ୍କ ନାମ ଓ ଫୋନ୍ ନମ୍ବର ଦେବା ସହ ସହରରେ ରହିଥିବା ମିଳୁଥିବା ବିଭିନ୍ନ ସେବା ଓ ସୁବିଧା ବାବଦରେ ଉଲ୍ଲେଖ କରିବେ। ସର୍ବେକ୍ଷଣରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ବର୍ଜ୍ୟ ସଂଗ୍ରହ, ପାନୀୟ ଜଳ ବ୍ୟବସ୍ଥା, ଜଳବନ୍ଦୀ, ଭଡ଼ାଘର, ଯୋଗାଯୋଗ, ମହିଳା ସୁରକ୍ଷା, ଜରୁରୀକାଳୀନ ସେବା, ରୋଜଗାରର ସୁଯୋଗ, ଆମୋଦ ପ୍ରମୋଦ, ଚିତ୍ତ ବିନୋଦନ, ବସବାସର ଖର୍ଚ୍ଚ, ଆର୍ଥିକ ସେବା, ବାୟୁମଣ୍ଡଳର ମାନ, ସବୁଜିମା ଏବଂ ବିଦ୍ୟୁତ୍ ଯୋଗାଣ ଆଦିକୁ ନେଇ ୨୧ ପ୍ରଶ୍ନ ରହିଛି। ଅନ୍‌ଲାଇନ୍ ବ୍ୟତୀତ ନାଗରିକମାନେ କ୍ୟୁଆର୍ କୋଡ୍‌କୁ ସିଧାସଳଖ ସ୍କାନିଂ କରି ମୋବାଇଲ୍ ଫୋନ୍ ମାଧ୍ୟମରେ ମତାମତ ଦେଇପାରିବେ। ଏହି ଖବରଦାତା ସମ୍ମିଳନୀରେ ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର, ବିଏମ୍‌ସି ଆଡିଶନାଲ କମିଶନର ଅବନୀକାନ୍ତ ପଟ୍ଟନାୟକ, ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ରଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।






ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ। ମତାମତ ପାଇଁ ରହିଥିବା ସର୍ବେକ୍ଷଣ ୱେବ୍‌ସାଇଟ୍।

# ଓଡ଼ିଶାର କାଜି ନଜ୍‌ରୁଲ୍ ଥିଲେ ରବି ସିଂ

## ବିପ୍ଳବୀ କବିଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

**ଭୁବନେଶ୍ୱର,୬।୨(ବ୍ୟୁରୋ)**



ବିପ୍ଳବୀ କବି ରବି ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି ଓ ବକ୍ତା।

ବିପ୍ଳବୀ କବି ରବି ସିଂ ଓଡ଼ିଆ ସାହିତ୍ୟରେ ଜଣେ ଅପରାଜେୟ ଅଗ୍ନିଶିଖା। ତାଙ୍କ ଲେଖାଗୁଡ଼ିକରେ ସାମାଜିକ ବୈଷମ୍ୟ ବିରୋଧରେ କ୍ରୋଧ ପ୍ରତିଫଳିତ ହୋଇଥାଏ। ସେ ଥିଲେ ସ୍ୱୟଂସିଦ୍ଧ ଏକଲବ୍ୟ, ନିଃସଙ୍ଗ ପଦାତିକ ଏବଂ ଓଡ଼ିଶାର କାଜି ନଜ୍‌ରୁଲ୍ ଇସ୍‌ଲାମ୍। ସିଂଙ୍କ ବିୟୋଗ ଆଜି ଓଡ଼ିଆ ସାହିତ୍ୟିକ ପାଣିପାଗରେ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଥିବା ପ୍ରମୁଖ ସାହିତ୍ୟିକ ଏବଂ ବକ୍ତାମାନେ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଗୁରୁବାର ସଂସ୍କୃତି ଭବନରେ ଆୟୋଜିତ ରବି ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିତ୍ୱମାନେ କବିଙ୍କ ସାଧାରଣ ଓ ସାହିତ୍ୟିକ ଜୀବନ ସମ୍ପର୍କରେ କହିଥିଲେ।

ଆଲୋଚକବୃନ୍ଦ ବିପ୍ଳବୀ କବିଙ୍କ ସାରସ୍ୱତ କୃତି, ଜୀବନବାଦୀ ଦୃଷ୍ଟିକୋଣ, ତାଙ୍କ ବ୍ୟକ୍ତିଗତ, ସାମାଜିକ ଓ ସାଂସ୍କୃତିକ ଜୀବନଚର୍ଯ୍ୟା ଏବଂ ଓଡ଼ିଆ ସାହିତ୍ୟକୁ ତାଙ୍କର ବିପୁଳ ଅବଦାନ ଇତ୍ୟାଦି ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦିନ, ତାରିଖ ଓ ମସିହାର ଊର୍ଦ୍ଧ୍ୱରେ ରହି ସେ ବିପୁଳ ପାଠକୀୟ ଆଦୃତି ମଧ୍ୟରେ ବଞ୍ଚି ରହିଥିବେ ବୋଲି ବକ୍ତାମାନେ କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଲୋକପ୍ରିୟତା ଓ ପାଠକୀୟତା ନିମନ୍ତେ କବି ରବି ସିଂ ପରିବର୍ତ୍ତିତ ସାହିତ୍ୟଧାରାକୁ ଆପଣାଇ ନିଷ୍ଠାପର ଭାବେ ଶେଷ ପର୍ଯ୍ୟନ୍ତ ସାହିତ୍ୟସାଧନା କରିଥିଲେ ବୋଲି କହିଥିଲେ। ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସାହିତ୍ୟିକ ସାତକଡ଼ି ହୋତା, ବିଭୂତି ପଟ୍ଟନାୟକ, ରାଜକିଶୋର ମିଶ୍ର, ବିଜୟ କୁମାର ଶତପଥୀ, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, କବି ହୁସେନ୍ ରବି ଗାନ୍ଧୀ, ପ୍ରଦ୍ୟୁମ୍ନ ଶତପଥୀ, ଶକୁନ୍ତଳା ବଳିୟାରସିଂ, କୁଳମଣି ଜେନା, ସୁରେନ୍ଦ୍ର ଦାସ ପ୍ରମୁଖ କବିଙ୍କ କୃତି, ସାରସ୍ୱତ ଅବଦାନ ଓ ପ୍ରତିଷ୍ଠା ବିରୋଧୀ ବ୍ୟକ୍ତିତ୍ୱ ସମ୍ପର୍କରେ କହିଥିଲେ। ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ତନୟା ଦାସ ଗୋସ୍ୱାମୀ ଉଦ୍‌ଯାପନୀ କବିତା ପାଠ କରିଥିଲେ।

# ନୂଆ ଟେନିସ୍ ସେନ୍‌ସେଶନ

**ମାତ୍ର ୨୧ ବର୍ଷରେ ଆମେରିକାର ସୋଫିଆ କେନିନ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୧୯ରେ ଡବ୍ଲ୍ୟୁଟିଏ ଶ୍ରେଷ୍ଠ ଉଦୀୟମାନ ମହିଳା ଖେଳାଳିର ମାନ୍ୟତା ପାଇଥିବା ଏହି ମସ୍କୋ ଜନ୍ମିତ ଖେଳାଳି ମାରିଆ ସାରାପୋଭାଙ୍କ ପରେ ସର୍ବକନିଷ୍ଠ ଖେଳାଳି ଭାବେ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ ହାସଲ କରିଛନ୍ତି...**



ବିଶ୍ୱ ଟେନିସ୍‌ର ଆଉ ଜଣେ ଖେଳାଳିଙ୍କ ଅଭ୍ୟୁଦୟ ହୋଇଛି। ସେ ହେଉଛନ୍ତି ଆମେରିକାର ସ୍ୱଳ୍ପବୟସ୍କା ମହିଳା ଖେଳାଳି ସୋଫିଆ କେନିନ୍। ସଦ୍ୟସମାପ୍ତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ରେ ଟାଇଟଲ ଜିତି ସେ ନିଜ ନାମକୁ ରେକର୍ଡ ବୁକ୍‌ରେ ସାମିଲ କରିଛନ୍ତି। ରୁଷିଆ ରାଜଧାନୀ ମସ୍କୋରେ ଜନ୍ମିତ ଏହି ମହିଳାଙ୍କ ମାତାପିତା ଆମେରିକା ଆସିଥିଲେ। ଗତ ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କେନିନ୍ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ସ୍ପେନ୍‌ର ଗାର୍ବାଇନ୍ ମୁଗୁରୁଜାଙ୍କୁ ୪-୬, ୬-୨, ୬-୨ ସେଟ୍‌ରେ ପରାସ୍ତ କରି କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ବିଜୟୀ ହେବା ପାଇଁ ତାଙ୍କୁ ୨ ଘଣ୍ଟା ୩ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ସେରେନା ୱିଲିୟମ୍ସଙ୍କ ପରେ ୨୧ ବର୍ଷୀୟା କେନିନ୍ ସର୍ବକନିଷ୍ଠ ଆମେରିକୀୟ ଖେଳାଳି ଭାବେ ମହିଳା ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ରେକର୍ଡ ସୃଷ୍ଟି କରିଛନ୍ତି। କେନିନ୍‌ଙ୍କ ପୂର୍ବରୁ ସେରେନା ୨୦୦୨ରେ ମାତ୍ର ୧୭ ବର୍ଷରେ ୟୁଏସ୍ ଓପନ୍ ଟାଇଟଲ ହାସଲ କରିଥିଲେ। ଏବେ ସେ ୨.୮୫ ମିଲିୟନ ଆମେରିକୀୟ ଡଲାର ପୁରସ୍କାର ହାସଲ କରିଛନ୍ତି। ସେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ସପ୍ତମ ସ୍ଥାନକୁ ଉଠିଛନ୍ତି। ଏଥିସହିତ ସେ ସେରେନାଙ୍କୁ ପଛରେ ପକାଇ ଆମେରିକାର ନୂଆ ନଂ.୧ ମହିଳା ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଫାଇନାଲରେ ପହଞ୍ଚିବା ପୂର୍ବରୁ କେନିନ୍ ସେମିଫାଇନାଲରେ ବିଶ୍ୱର ୧ନଂ. ଖେଳାଳି ଅଷ୍ଟ୍ରେଲିଆର ଆଲେକ୍ସ ବାର୍ଟିଙ୍କୁ ୭-୬, ୭-୬ ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ସେ କ୍ୱାର୍ଟର ଫାଇନାଲରେ ଟ୍ୟୁନିସିଆର ଓନ୍ସ ଜାବେଉରଙ୍କୁ ୬-୪, ୬-୪ ସେଟ୍‌ରେ, ଚତୁର୍ଥ ରାଉଣ୍ଡରେ ନିଜ ଦେଶର କୋରି ଗୌଫଙ୍କୁ ୬-୭, ୬-୩, ୬-୦ ସେଟ୍‌ରେ, ତୃତୀୟ ରାଉଣ୍ଡରେ ସୁଆଇ ଝାଙ୍ଗ୍‌ଙ୍କୁ ୭-୫, ୭-୬ ସେଟ୍‌ରେ, ଦ୍ୱିତୀୟ ରାଉଣ୍ଡରେ ଆମେରିକାର ଆନ୍ ଅଲିଙ୍କୁ ୬-୧, ୬-୩ ସେଟ୍‌ରେ ଓ ପ୍ରଥମ ରାଉଣ୍ଡରେ ୬-୨, ୬-୪ ସେଟ୍‌ରେ ଇଟାଲୀର ମାଟ୍ରିନା ଟ୍ରେଭିଜାନଙ୍କୁ ହରାଇଥିଲେ।

୨୦୧୭ ପରେ କେନିନ୍ ୧୧ତମ ଭିନ୍ନ ମହିଳା ଟେନିସ୍ ଖେଳାଳି ଭାବେ ମେଜର ଟୁର୍ନାମେଣ୍ଟ ହାସଲ କରିଛନ୍ତି। ଟୁର୍ନାମେଣ୍ଟରେ ୧୪ତମ ସିଡ୍ ମାନ୍ୟତା ପାଇଥିବା କେନିନ୍ ଶେଷରେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ମାତ୍ର ୫ ବର୍ଷ ବୟସରେ ସେ ଟେନିସ୍ ଖେଳିବା ଆରମ୍ଭ କରିଥିଲେ। ମସ୍କୋରେ ଜନ୍ମହେବାର କେତେମାସ ପରେ ସେ ମାତାପିତାଙ୍କ ସହ ଆମେରିକା ଚାଲିଆସିଥିଲେ। ମନୋରଞ୍ଜନ ପାଇଁ ଟେନିସ୍ ଖେଳୁଥିବା ପିତାଙ୍କଠାରୁ ସେ ପ୍ରେରଣା ପାଇଥିଲେ। ୭ ବର୍ଷରେ ସେ ୟୁନାଇଟେଡ୍ ଷ୍ଟେଟ୍ସ ଟେନିସ୍ ଆସୋସିଏଶନ (ୟୁଏସ୍‌ଟିଏ) ବାଳିକା ୧୦ ବର୍ଷରୁ କମ୍ ଟେନିସ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ୨୦୧୩ରେ ସେ ପେସାଦାର ଟେନିସ୍ ଖେଳିବା ଆରମ୍ଭ କରିଥିଲେ। ୧୪ ବର୍ଷରେ ସେ ତାଙ୍କର ପ୍ରଥମ ଦୁଇଟି ପେସାଦାର ଟେନିସ୍ ମ୍ୟାଚ୍ ଜିତିଥିଲେ। ୨୦୧୫ ୟୁଏସ୍ ଓପନ୍‌ର ମୁଖ୍ୟ ଡ୍ରରେ ଖେଳିବାର ସୁଯୋଗ ପାଇଥିଲେ ଓ ଏହା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଥିଲା। ୨୦୧୯ରେ ତାଙ୍କ ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ସେ ହୋବାର୍ଟ ଇଣ୍ଟରନ୍ୟାଶନାଲରେ ତାଙ୍କ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ଜିତିଥିଲେ। ଏହାପରେ ଫ୍ରେଞ୍ଚ୍ ଓପନ୍‌ର ସେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ମାଲୋରକା ଓ ଗୁଆନ୍‌ଝୁରେ ସେ ଟାଇଟଲ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ୨୦୧୯ରେ କେନିନ୍ ଡବ୍ଲ୍ୟୁଟିଏ ମୋଷ୍ଟ ଇମ୍ପ୍ରୁଭ୍‌ଡ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ୧୯୯୯ରେ ସେରେନା ଏହି ପୁରସ୍କାର ଜିତିଥିଲେ। ୨୦ ବର୍ଷ ପରେ ଆମେରିକା ପାଇଁ ପୁଣିଥରେ ଏହି ପୁରସ୍କାର ପାଇଥିଲେ। ମାରିଆ ସାରାପୋଭାଙ୍କ ପରେ କେନିନ୍ ୨୧ ବର୍ଷ ବୟସରେ ସର୍ବକନିଷ୍ଠ ମହିଳା ଖେଳାଳିଭାବେ ଅଷ୍ଟ୍ରେଲିଆନ ଓପନ୍ ଜିତିଛନ୍ତି। ପୂର୍ବରୁ ୨୦୦୮ରେ ସାରାପୋଭା ମାତ୍ର ୨୦ ବର୍ଷ ବୟସରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିବାରେ ସର୍ବକନିଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। କେନିନ୍‌ଙ୍କ ପ୍ରଦର୍ଶନ ଏବେ ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି। ଆଗାମୀ ଦିନରେ ସେ ବିଶ୍ୱ ଟେନିସ୍‌ରେ ଏକ ବଡ଼ ତାରକା ଭାବେ ଉଭା ହେବେ ବୋଲି ଆଶା କରାଯାଉଛି।

### ସଂକ୍ଷେପରେ...

ନାମ: ସୋଫିଆ ଆନା ସୋନ୍ୟା କେନିନ୍
ଦେଶ: ଆମେରିକା
ବୟସ: ୨୧ ବର୍ଷ
ଜନ୍ମ: ନଭେମ୍ବର ୧୪, ୧୯୯୮
ମସ୍କୋ, ରୁଷିଆ
ଉଚ୍ଚତା: ୫ ଫୁଟ ୭ ଇଞ୍ଚ
ପେସାଦାର ଟେନିସ୍: ୨୦୧୭ରୁ
କୋଚ୍: ଆଲେକ୍ସ କେନିନ୍ (ପିତା)
ଟାଇଟଲ: ୪ ଡବ୍ଲ୍ୟୁଟିଏ, ୪ ଆଇଟିଏଫ୍
ର୍‍ୟାଙ୍କିଙ୍ଗ୍: ୭
ଉଚ୍ଚତମ ର୍‍ୟାଙ୍କିଙ୍ଗ୍: ୭

# ସ୍ମରଣୀୟ ସିରିଜ



ନିର୍ମଳ କୁମାର ମିଶ୍ର

**ଟି୨୦ ଫର୍ମାଟ୍‌ରେ ପ୍ରଥମ ଦଳ ଭାବେ ଭାରତ ୫-୦ରେ ସିରିଜ୍ କ୍ଲିନ୍ ସୁଇପ୍ କରି ରେକର୍ଡ କରିଛି। ନ୍ୟୁଜିଲାଣ୍ଡକୁ ହରାଇ ଟିମ୍ ଇଣ୍ଡିଆ ର୍‍ୟାଙ୍କିଙ୍ଗ୍‌ରେ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନ ଅଧିକାର କରିଛି। ଏଥି ସହିତ ଭାରତ ଆଗାମୀ ଟି୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିଛି।**

ଟିମ୍ ଇଣ୍ଡିଆର ସୁପର ଶୋ' ଅବ୍ୟାହତ ରହିଛି। କେବଳ ନିଜ ମାଟିରେ ନୁହେଁ, ବିଦେଶ ମାଟିରେ ମଧ୍ୟ ସିରିଜ ବିଜୟୀ ହେବାର ଧାରା ବଜାୟ ରଖିଛି। ଏଥର ଟି୨୦ ସ୍ପେଶାଲିଷ୍ଟ ରୂପେ ପରିଚିତ ନ୍ୟୁଜିଲାଣ୍ଡକୁ ତା' ନିଜ ମାଟିରେ ୫-୦ରେ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି ଭାରତ। କ୍ରିକେଟ୍ ସମୀକ୍ଷକମାନଙ୍କ ଅଙ୍କକୁ ଭୁଲ୍ ପ୍ରମାଣିତ କରିବା ସହିତ ଟିମ୍ ଇଣ୍ଡିଆ ଇତିହାସ ସୃଷ୍ଟି କରିଛି। ଭାରତ କ୍ରିକେଟ ଇତିହାସରେ ଗୋଟିଏ ପରେ ଗୋଟିଏ ବ୍ୟକ୍ତିଗତ ଏବଂ ଦଳଗତ ରେକର୍ଡ ସ୍ଥାପନ କରିବା ସହିତ କିୱି ଦଳ ବିପକ୍ଷରେ କ୍ଲିନ୍ ସୁଇପ୍ କରି ନିଜ ଦକ୍ଷତା ପ୍ରତିପାଦନ କରିଛି। ବ୍ୟାକ୍ ଟୁ ବ୍ୟାକ୍ ସିରିଜ ବିଜୟ ସହିତ ବିଶ୍ୱକପ୍ ପାଇଁ ଏକ ସନ୍ତୁଳିତ ଦଳ ଗଠନ କରିବାକୁ ଭାରତ ସଫଳ ହୋଇଛି। ଟି୨୦ରେ ନ୍ୟୁଜିଲାଣ୍ଡ ସହିତ ଥିବା ଖରାପ ରେକର୍ଡକୁ କିଛିମାତ୍ରାରେ ସୁଧାରିଛି ଏହି ସିରିଜ ବିଜୟ। ଘରୋଇ ସିରିଜ୍‌ରେ ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିବା ପରେ ଟିମ୍ ଇଣ୍ଡିଆ ପାଇଁ ଏହି ଗସ୍ତ ଏସିଡ୍ ଟେଷ୍ଟ ସହ ସମାନ ଥିଲା। ସାଧାରଣତଃ ୫ଟି ଟି୨୦ ମ୍ୟାଚ୍ ଥିବା ଦ୍ୱିପାକ୍ଷିକ ସିରିଜ ବହୁତ କମ୍ ଖେଳାଯାଇଥାଏ। ନ୍ୟୁଜିଲାଣ୍ଡକୁ ସୁପର ଓଭରର ଝଟକା ବିଶ୍ୱକପ୍ ମ୍ୟାଚ୍‌ଠାରୁ ଆରମ୍ଭ କରି ଏହି ସିରିଜ ପର୍ଯ୍ୟନ୍ତ ଲାଗିଥିବା ଦେଖାଯାଇଥିଲା। ଟି୨୦ରେ ନ୍ୟୁଜିଲାଣ୍ଡ ଦଳ ମୋଟ୍ ୮ଟି ସୁପର ଓଭର ଖେଳିଥିବା ବେଳେ ୭ଟିରେ ପରାସ୍ତ ହୋଇ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛି। ଅନେକ ରେକର୍ଡ ସ୍ଥାପନ ହୋଇଛି ଏହି ଟି୨୦ ସିରିଜରେ। ହିଟ୍ ମ୍ୟାନ୍ ରୂପେ ପରିଚିତ ରୋହିତ ଶର୍ମା ଟି୨୦ ମ୍ୟାଚ୍‌ରେ ସର୍ବପ୍ରଥମେ ସର୍ବାଧିକ ୨୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି, ଯାହା ବିରାଟ କୋହଲିଙ୍କୁ ପଛରେ ପକାଇ ଦେଇଛି। ବିଦେଶ ମାଟିରେ ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ୍ ଏବଂ ନ୍ୟୁଜିଲାଣ୍ଡ ସହିତ ସିରିଜ କ୍ଲିନ୍ ସୁଇପ୍ କରିଛି ଟିମ୍ ଇଣ୍ଡିଆ। ୫-୦ରେ ସିରିଜ ବିଜୟ ହାସଲ କରିବା ଟି୨୦ ଫର୍ମାଟ୍‌ର ପ୍ରଥମ ଘଟଣା।

ଏହି ସିରିଜ୍‌ରେ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ୍ ରୂପେ ରୋହିତ ଶର୍ମା, ଲୋକେଶ ରାହୁଲ, ବିରାଟ କୋହଲି ଏବଂ ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିଥିବା ଶ୍ରେୟାସ ଆୟାର ଚମତ୍କାରିତା ଦେଖାଇଥିବା ବେଳେ ବୋଲିଂରେ ଯଶ୍‌ପ୍ରୀତ ବୁମ୍‌ରା, ମହମ୍ମଦ ସାମି ଏବଂ ଶାର୍ଦ୍ଦୂଳ ଠାକୁର ଏବଂ ସ୍ପିନର ରୂପେ ଅଭିଜ୍ଞ ରବୀନ୍ଦ୍ର ଜାଡେଜା ବେଶ୍ ପରିପକ୍ୱତା ଦେଖାଇଥିଲେ। ଯଶ୍‌ପ୍ରୀତ ବୁମ୍‌ରାଙ୍କ ବୋଲିଂରେ ସର୍ବାଧିକ କ୍ୟାଚ୍ ଛାଡ଼ିଥିଲେ ଭାରତୀୟ ଫିଲ୍‌ଡରମାନେ। ସାରା ସିରିଜ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଲୋକେଶ ରାହୁଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ।


ଏହି ଟି୨୦ ସିରିଜ୍ ବ୍ୟାଟିଂରେ କେନ୍ ୱିଲିୟମ୍‌ସନ, ବିରାଟ କୋହଲି, ରସ୍ ଟେଲର ଏବଂ ରୋହିତ୍ ଶର୍ମାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ସେହିପରି ବୋଲିଂରେ ଟିମ୍ ସୌଦି, ମହମ୍ମଦ ସାମି, ମିଚେଲ ସାଣ୍ଟନର ଏବଂ ରବୀନ୍ଦ୍ର ଜାଡେଜାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଦେଖିବାକୁ ମିଳିଥିଲା। ମାତ୍ର ଯଶ୍‌ପ୍ରୀତ ବୋଲିଂରେ ଏବଂ ବ୍ୟାଟିଂରେ ରାହୁଲ ଉନ୍ନତ ପ୍ରଦର୍ଶନ କରିଥିଲେ। ଚଳିତ ଟି୨୦ ସିରିଜ୍‌ରେ ରାହୁଲ ଦୁଇଟି ଅର୍ଦ୍ଧଶତକ ସହିତ ମୋଟ୍ ୫ଟି ମ୍ୟାଚ୍‌ରୁ ୨୨୪ ରନ୍ ସଂଗ୍ରହ କରିଥିବା ବେଳେ ଟି୨୦ରେ ୪୦୦୦ ରନ୍ ଅତିକ୍ରମ କରିଛନ୍ତି। ସମଗ୍ର ସିରିଜରେ ବୋଲିଂ କରି ଟିମ୍ ଇଣ୍ଡିଆର ଷ୍ଟ୍ରାଇକ୍ ବୋଲର ଯଶ୍‌ପ୍ରୀତ ବୁମ୍‌ରା ସର୍ବାଧିକ ୭ଟି ଉଇକେଟ ନେଇଥିବା ବେଳେ ଅନ୍ତିମ ଟି୨୦ରେ ୩ଟି ଉଇକେଟ ନେଇ ତାଙ୍କର ବୋଲିଂ ଏକାଗ୍ରତା ଫେରିପାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟକ କେନ୍ ୱିଲିୟମ୍‌ସନ୍ ସର୍ବାଧିକ ରନ୍ ସ୍କୋର କରିଥିବା ବେଳେ ବୋଲିଂରେ ସ୍ପିନର ସୋଧିଙ୍କ ବୋଲିଂ ବେଶ୍ ପ୍ରଭାବଶାଳୀ ରହିଥିଲା।

ଭାରତର ଏହି ସିରିଜ୍ ବିଜୟ ବେଶ୍ ରୋମାଞ୍ଚକ ଏବଂ ଆକର୍ଷଣୀୟ ଥିଲା। ନ୍ୟୁଜିଲାଣ୍ଡର ଛୋଟ ଗ୍ରାଉଣ୍ଡ ଏବଂ ପରିବେଶ ଆଦୌ ସହାୟକ ନ ଥିଲା। ନ୍ୟୁଜିଲାଣ୍ଡର ଖେଳାଳିମାନଙ୍କୁ ବେଶ୍ ସୁହାଉଥିବା ଏହି ଗ୍ରାଉଣ୍ଡଗୁଡ଼ିକରେ ୫-୦ରେ ସିରିଜ ବିଜୟୀ ହେବା ଏକପ୍ରକାର ଅସମ୍ଭବ ଥିଲା। ବିରାଟ ବାହିନୀ ଏହି ସଫଳତା ଆଗକୁ ବଜାୟ ରଖିବ ବୋଲି ଆଶା କରାଯାଉଛି।



ଲୋକେଶ ରାହୁଲ

## ବିଶ୍ୱକପ୍ ହକି



ଆମ ଜାତୀୟ ଖେଳ ହକି
ବିଶ୍ୱ ଦରବାରରେ ସମସ୍ତେ ଜାଣନ୍ତି
ଭାରତ ସବୁଠୁ ଲକି।୧।
ବିଶ୍ୱରେ ଭୁବନେଶ୍ୱର
ୱାର୍ଲ୍ଡକପ୍ ଅଠର ପାଇଁ ତାଲିକାରେ
ନାଆଁ ରଖିଅଛି ତା'ର।୨।
ବିସ୍ମିତ ଖେଳାଳି ଆର
ପୁରୀ, କୋଣାର୍କ, ଲିଙ୍ଗରାଜ ମନ୍ଦିର
ଓଡ଼ିଆ ଐତିହ୍ୟ ଢେର।୩।
ଦୁଇ ହଜାର ତେଇଶରେ
ନବୀନ ସରକାର ଘୋଷଣା କଲେଣି
ବିଶ୍ୱକପ୍ ଆଉଥରେ।୪।
ହକିର ଅନ୍ତୁଡି ଶାଳ
ସୁନ୍ଦରଗଡ଼ରେ ମେଗା ଇଭେଣ୍ଟରେ
(ଭାରତ) ଲକି ହବ ହେଉ ଖେଳ।୫।

-ସୁଧୀର କୁମାର ଦାସ
ତାରାବୋଇ, ଜଟଣୀ, ଖୋର୍ଦ୍ଧା

# ଜୋକୋଭିଚ୍‌ଙ୍କ ରେକର୍ଡ



ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ଗ୍ରାଣ୍ଡସ୍ଲାମ। ବର୍ଷର ଏହି ପ୍ରଥମ ଗ୍ରାଣ୍ଡସ୍ଲାମ୍ ବିଶ୍ୱର ଶ୍ରେଷ୍ଠ ଚାରୋଟି ଗ୍ରାଣ୍ଡସ୍ଲାମ୍ ମଧ୍ୟରୁ ଅନ୍ୟତମ। ପୁରୁଷ ବିଭାଗରେ ରୋଜର ଫେଡରର୍, ରାଫାଲ ନାଡାଲ୍, ଷ୍ଟାନିସ୍‌ଲାସ୍ ୱାରିଙ୍କା, ଜନ୍ ଇସ୍‌ନର, ଡେଭିଡ ଗଫିନ୍, ସାମ୍ କ୍ୟୁରେ, ନୋଭାକ ଜୋକୋଭିଚ୍‌ଙ୍କ ଭଳି ତାରକା ଖେଳାଳି ସାମିଲ ରହିଥିଲେ। ସେହିପରି ମହିଳା ବିଭାଗରେ ସିମୋନା ହାଲେପ୍, ସୋଫିଆ କେନିନ୍, ଗାର୍ବାଇନ୍ ମୁଗୁରୁଜା, ଆସେଲ ବାର୍ଟି, ଆଞ୍ଜେଲିକ୍ କର୍ବର, ନାଓମି ଓସାକା, ସେରେନା ୱିଲିୟମ୍‌ସ, କାରୋଲିନା ପ୍ଲିସ୍କୋଭାଙ୍କ ପରି ନାମୀଦାମୀ ଖେଳାଳି ସାମିଲ ରହିଥିଲେ। ପୁରୁଷ ବିଭାଗର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରୁ ନାଡାଲ, ୱାରିଙ୍କା, ମିଲୋସ ରାଓନିକ୍ ବିଦାୟ ନେଇଥିଲେ। ସେମିଫାଇନାଲରେ ଆଲେକ୍‌ଜାଣ୍ଡାର ଜେଭରେଭ୍ ଏବଂ ରୋଜର ଫେଡରରଙ୍କ ପରି ଖେଳାଳିଙ୍କ କଡ଼ା ସଂଘର୍ଷ ପରେ ପରାଜୟ ବରଣ କରି ଟେନିସ୍‌ପ୍ରେମୀମାନଙ୍କୁ ହତାଶ କରିଥିଲେ।

ପୁରୁଷ ବିଭାଗରେ ସର୍ବୀୟାର ନୋଭାକ ଜୋକୋଭିଚ୍ ଟାଇଟଲ ହାସଲ କରିଛନ୍ତି। ସେ ଏଥିସହିତ ରେକର୍ଡ ଅଷ୍ଟମଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଜୋକୋଭିଚ୍ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ୬-୪, ୪-୬, ୨-୬, ୬-୩, ୬-୪ ସେଟ୍‌ରେ ପଞ୍ଚମ ସିଡ୍ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଏଥିସହିତ ଜୋକୋଭିଚ୍ ଟେନିସ୍ ର୍‍ୟାଙ୍କିଙ୍ଗ୍‌ରେ ୧ମ ସ୍ଥାନକୁ ପ୍ରତ୍ୟାବର୍ତ୍ତନ ସହିତ କ୍ୟାରିୟରର ୧୭ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି।

**ଅଷ୍ଟ୍ରେଲିଆନ ଓପନରେ ଅଭିଜ୍ଞ ସର୍ବୀୟ ଖେଳାଳି ନୋଭାକ ଜୋକୋଭିଚ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ସେ ରେକର୍ଡ ଅଷ୍ଟମଥର ପାଇଁ ଚାମ୍ପିୟନ ହେବା ସହ କ୍ୟାରିୟରର ୧୭ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି।**

"ଆଗାମୀ ୪ରୁ ୫ ବର୍ଷ ସୁଦ୍ଧା ରେଲୱେକୁ ୧୦୦% ବିଦ୍ୟୁତ ଭିତ୍ତିକ ବ୍ୟବସ୍ଥା ଦ୍ୱାରା ପରିଚାଳନା କରାଇବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି।

– ପୀୟୂଷ ଗୋୟଲ, ରେଳ ମନ୍ତ୍ରୀ



"ବିଏସ୍ଏନ୍ଏଲ୍,ଏମ୍‌ଟିଏନ୍ଏଲ୍ ବନ୍ଦ ହେବ ନାହିଁ। ଏହାକୁ ପୁନରୁଦ୍ଧାର କରିବା ଦିଗରେ ସରକାର ଯୋଜନା ହାତକୁ ନେଉଛନ୍ତି।

– ରବି ଶଙ୍କର ପ୍ରସାଦ, ଟେଲିକମ୍ ମନ୍ତ୍ରୀ



# ରେପୋ ରେଟ୍ ଅପରିବର୍ତ୍ତିତ

ମୁମ୍ବାଇ,୬-୨

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଗୁରୁବାର ଏହାର ଦ୍ୱିମାସିକ ମୁଦ୍ରା ନୀତି ବୈଠକରେ ରେପୋ ରେଟ୍ ବା ସୁଧହାର ସମ୍ପର୍କରେ ଘୋଷଣା କରିଛି। କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାରକୁ ଚଳିତ ଥର ଅପରିବର୍ତ୍ତିତ ରଖିଛି। ମୁଦ୍ରାସ୍ଫୀତିର ଅନିଶ୍ଚିତତାକୁ ବିଚାର କରି ଆର୍‌ବିଆଇ ଏଭଳି ପଦକ୍ଷେପ ହାତକୁ ନେଇଛି। ଆଗାମୀ ଦିନରେ ସ୍ଥିତିରେ ସୁଧାର ଆସିଲେ ସୁଧହାର ପୁଣି ଥରେ ହ୍ରାସ ହୋଇପାରେ। ଏନେଇ କେନ୍ଦ୍ରୀୟ ବ୍ୟାଙ୍କ ପଥ ଉନ୍ମୁକ୍ତ ରଖିଛି। ଦେଶର ଅର୍ଥ ବ୍ୟବସ୍ଥା ଏବେ ମାନ୍ଦାବସ୍ଥା ଦେଇ ଗତି କରୁଥିବାରୁ ଆର୍ଥିକ କାର୍ଯ୍ୟକଳାପ ତ୍ୱରାନ୍ୱିତ କରିବା ଲାଗି ଋଣ ଅଭିବୃଦ୍ଧି ଉନ୍ନତ କରିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ଅଧିକ ପଦକ୍ଷେପ ନେବ ବୋଲି ଜଣାପଡିଛି। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା ୬ ସଦସ୍ୟ ବିଶିଷ୍ଟ ମୁଦ୍ରା ନୀତି କମିଟି( ଏମ୍‌ପିସି) ରେପୋ ହାରକୁ ୫.୧୫% ଅପରିବର୍ତ୍ତିତ ରଖିବା ନେଇ ଭୋଟ ଦେଇଛନ୍ତି।

ଡିସେମ୍ବରରେ ଖାଦ୍ୟ ସାମଗ୍ରୀ ଦର ଉଚ୍ଚରେ ରହିବା ଯୋଗୁ ମୁଦ୍ରାସ୍ଫୀତି ୫ ବର୍ଷର ସର୍ବୋଚ୍ଚ ସ୍ତର ୭.୩୫% ସ୍ତରରେ ରହିଛି। ଆଗାମୀ ୬ ମାସ ବା ସେପ୍ଟେମ୍ବର ଯାଏ ମୁଦ୍ରାସ୍ଫୀତି ଆକଳନକୁ କେନ୍ଦ୍ରୀୟ ବ୍ୟାଙ୍କ ୫ରୁ ୫.୪%କୁ ବଢାଇଛି। ଏହା ପୂର୍ବରୁ ୩.୮ରୁ ୪% ରହିବା ନେଇ ପୂର୍ବାନୁମାନ କରାଯାଇଥିଲା। ସେହିଭଳି ଦରଦାମ ବୃଦ୍ଧିକୁ ଅତ୍ୟୁଚ୍ଚ ଅନିଶ୍ଚିତ ବୋଲି ଆର୍‌ବିଆଇ ଅନୁମାନରେ କହିଛି। ଗତ ବର୍ଷ ରିଜର୍ଭ ବ୍ୟାଙ୍କ ଲଗାତର ୫ଥର ଏହାର ସୁଧହାର ହ୍ରାସ କରିବା ଯୋଗୁ ଏହା ୧୩୫ ବେସିସ୍ ପଏଣ୍ଟ ହ୍ରାସ ଘଟିଥିଲା। ଦରଦାମ ବଢିବା ଯୋଗୁ ଡିସେମ୍ବରରେ ସୁଧହାର ହ୍ରାସ ଧାରାରେ ବିରତି ଲାଗିଛି। କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ବର୍ଷ ଲାଗି ଜିଡିପି ବିକାଶ ଅନୁମାନ




୫% ରହିବା ବୋଲି ସ୍ପଷ୍ଟ କରିଛି। ଏହା ୧୧ ବର୍ଷ ମଧ୍ୟରେ ସବୁଠାରୁ ନିମ୍ନ ସ୍ତରର ଅଭିବୃଦ୍ଧି। ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ୬ ମାସ ଲାଗି ମଧ୍ୟ ଏହା ଜିଡିପି ଅଭିବୃଦ୍ଧିକୁ ମଧ୍ୟ ୫.୫ରୁ ୬%କୁ କମାଇଛି। ଏହି ସମୟ ମଧ୍ୟରେ ଅଭିବୃଦ୍ଧି ୫.୯%ରୁ ୬.୩% ରହିବ ବୋଲି ଆର୍‌ବିଆଇ ଡିସେମ୍ବର ପୂର୍ବାନୁମାନରେ କହିଥିଲା। ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଜିଡିପି ଅଭିବୃଦ୍ଧି ୬% ରହିବା ନେଇ ଏହା ଆକଳନ କରିଛି। ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆକଳନ ହୋଇଥିବା ୬ରୁ ୬.୫% ତୁଳନାରେ ଏହା କମ୍।

ଜୁଲାଇ ୨୦୨୦ ସୁଦ୍ଧା ରିଟେଲ ଅଟୋମୋବାଇଲ, ଆବାସିକ ବାସଗୃହ ଏବଂ କ୍ଷୁଦ୍ର ବାଣିଜ୍ୟଗୁଡିକୁ ନୂଆ ଋଣ ଅଭିବୃଦ୍ଧିକୁ ଉତ୍ସାହିତ କରିବା ଲାଗି ପଦକ୍ଷେପ ନିଆଯାଇଛି। ଏ କ୍ଷେତ୍ରରେ ବ୍ୟାଙ୍କଗୁଡିକ ଲାଗି ୪% ନଗଦ ରାଶି ନିର୍ଦ୍ଧାରିତ କରିବାର ଅନିବାର୍ଯ୍ୟତାକୁ କେନ୍ଦ୍ରୀୟ ବ୍ୟାଙ୍କ ହଟାଇ ଦେଇଛି। ରିୟଲ ଇଷ୍ଟେଟ କ୍ଷେତ୍ରକୁ ଆଶ୍ୱସ୍ତି ପ୍ରଦାନ କରିବାକୁ ଯାଇ ପ୍ରକଳ୍ପଗୁଡିକର ଋଣ ପୁନର୍ଗଠନ ସୀମାକୁ ଗୋଟିଏ ବର୍ଷ ବୃଦ୍ଧି କରାଯାଇଛି। ନଗଦ ସମସ୍ୟା ସହ ଜୁଝୁଥିବା ରିୟଲ ଇଷ୍ଟେଟ କ୍ଷେତ୍ର ଲାଗି ଏହା ବିଶେଷ ଭାବେ ସହାୟକ ହୋଇ ପାରିବ ବୋଲି ଆଶା କରାଯାଉଛି। ସୁଧ ହାର ଘୋଷଣା ପରେ ଖବରଦାତା କାର୍ଯ୍ୟକ୍ରମରେ ଗଭର୍ନର ଦାସ କହିଛନ୍ତି, ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ରିଜର୍ଭ ବ୍ୟାଙ୍କ ନିକଟରେ ବିଭିନ୍ନ ପନ୍ଥା ରହିଛି। ଏହା ଦ୍ୱାରା ଅର୍ଥ ବ୍ୟବସ୍ଥା ସାମ୍ନା କରୁଥିବା ଚ୍ୟାଲେଞ୍ଜ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ପାରିବ। ବିଶ୍ୱ ବଜାରରେ ଅଭିବୃଦ୍ଧି ନିମ୍ନଗାମୀ ଧାରାକୁ କରୋନା ଭୂତାଣୁ ଆହୁରି ପ୍ରଭାବିତ କରିବ। ହେଲେ ଏହାର ପ୍ରଭାବ କେତେ ରହିବ ସେ ନେଇ ପ୍ରକୃତ ଆକଳନ ଠିକ୍ ଭାବେ ଏବେ କରିହେବ ନାହିଁ। ସେହିଭଳି ବିତ୍ତୀୟ ନିୟଣ୍ଟ ଲକ୍ଷ୍ୟକୁ ପୂରଣ କରିବା ଲାଗି ଅଧିକ ନୋଟ ଛପାଇବା ନେଇ କେନ୍ଦ୍ରୀୟ ବ୍ୟାଙ୍କର କୌଣସି ଯୋଜନା ନ ଥିବା ଗଭର୍ନର ଦାସ କହିଛନ୍ତି। ଏହାବାଦ ବ୍ୟାଙ୍କ ଜମା ବୀମା ରାଶି ବଢିବା ଯୋଗୁ ଏହା ବ୍ୟାଙ୍କର ବାଲାନ୍ସ ସିଟ୍ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ସେହିଭଳି ଦୀର୍ଘ ମିଆଦି ରେପୋ ନଗଦ ପରିଚାଳନା ଏବଂ ବ୍ୟାଙ୍କଗୁଡିକୁ ସୁଧ ହାର ହ୍ରାସ କରିବା ଦିଗରେ ସହାୟତା କରିବ ବୋଲି ଦାସ ମତ ଦେଇଛନ୍ତି।

## ତ୍ୱରିତ ହେବ ଚେକ୍ କ୍ଲିୟରାନ୍ସ ଧାରା

ଚେକ୍ କ୍ଲିୟରାନ୍ସ ଧାରାକୁ ତ୍ୱରାନ୍ୱିତ କରିବା ଲାଗି ରିଜର୍ଭ ବ୍ୟାଙ୍କ ନୂଆ ପଦକ୍ଷେପ ହାତକୁ ନେଇଛି। ଏହା ପଦକ୍ଷେପ ଅନ୍ତର୍ଗତ ସେପ୍ଟେମ୍ବରରୁ ଚେକ୍ ଟ୍ରଙ୍କେଶନ ସିଷ୍ଟମ(ସିଟିଏସ୍) ବ୍ୟବସ୍ଥା ଆସିବ। ଏହା ସାରା ଦେଶ ଲାଗି ଲାଗୁ କରାଯିବ। ଏହି ସିଷ୍ଟମକୁ ରିଜର୍ଭ ବ୍ୟାଙ୍କ ୨୦୧୦ରେ ଆଣିଥିଲା। ଏହା ବର୍ତ୍ତମାନ କିଛି ପ୍ରମୁଖ ସହରରେ କାର୍ଯ୍ୟକାରୀ ହେଉଛି। ଦେଶର କିଛି ବଛାବଛା କ୍ଲିୟରିଂ ହାଉସରେ ଏହାକୁ ବର୍ତ୍ତମାନ କାର୍ଯ୍ୟକାରୀ କରାଯାଉଥିବା ବେଳେ ସଫଳ ଭାବେ ଏହା ପରିଚାଳିତ ହେଉଛି। ଏହାକୁ ଧ୍ୟାନରେ ରଖି ସାରା ଦେଶରେ ସିଟିଏସ୍ ଲାଗୁ କରିବା ପ୍ରସ୍ତାବ ରହିଥିବା ଆର୍‌ବିଆଇ ପକ୍ଷରୁ ସୂଚନା ରହିଛି।

## ଏମ୍‌ପିସି ବୈଠକ ମୁଖ୍ୟାଂଶ

- ରେପୋ ରେଟ୍ ୫.୧୫%
- ୨୦୨୦-୨୧ ଆର୍ଥିକ ବର୍ଷ ଅଭିବୃଦ୍ଧି ୬%
- ପନିପରିବା ଡାଲି ସମେତ ଖାଦ୍ୟ ପଦାର୍ଥ ମୂଲ୍ୟ ବଢିବା ଅନୁମାନ
- ସ୍ୱଳ୍ପମିଆଦୀ ଭିତ୍ତିରେ ବଢିବ ମୁଦ୍ରାସ୍ଫୀତି
- ଆୟକର ହ୍ରାସ ଚାହିଦା ବଢାଇବ
- ସ୍ୱଳ୍ପ ସଞ୍ଚୟ ଯୋଜନାର ବିଭିନ୍ନ ଦିଗ ଉପରେ ବିଚାର ଜରୁରୀ
- ମଧ୍ୟମ ବର୍ଗ କମ୍ପାନୀ ଲାଗି ଏପ୍ରିଲ ୧ରୁ ରେପୋ ଭିତ୍ତିକ ଋଣ
- ଜିଏସ୍‌ଟି ପଞ୍ଜିକୃତ ଏମ୍ଏସ୍ଏମ୍‌ଇ ଲାଗି ଋଣ ପୁନର୍ଗଠନ ସମୟ ଡିସେମ୍ବର ଯାଏ ବଢିଲା
- ହାଉସିଂ ଫାଇନାନ୍ସ କମ୍ପାନୀଙ୍କ ଲାଗି ଆସିବ ପରିବର୍ତ୍ତିତ ନିୟମ
- ନିୟମିତ ବ୍ୟବଧାନରେ ଆସିବ ଡିଜିଟାଲ ପେମେଣ୍ଟ ଇଣ୍ଡେକ୍ସ
- ଡିଜିଟାଲ ପେମେଣ୍ଟ ପାଇଁ ସେଲ୍ଫ ରେଗୋଲେଟୋରୀ ଅର୍ଗାନାଇଜେଶନ ଫ୍ରେମୱାର୍କ
- ସେପ୍ଟେମ୍ବର ସୁଦ୍ଧା ସାରା ଦେଶରେ ଲାଗୁ ହେବ ଚେକ୍ ଟ୍ରଙ୍କେଶନ ସିଷ୍ଟମ
- ଅସ୍ଥିର ରହିବ ତୈଳଦର
- ଫେବୃୟାରୀ ୪ ସୁଦ୍ଧା ୪୭୧.୪ ବିଲିୟନ ଡଲାର ସ୍ତରରେ ବିଦେଶୀ ମୁଦ୍ରା ଭଣ୍ଡାର
- ଏପ୍ରିଲ-ନଭେମ୍ବର ନେଟ୍ ଏଫ୍‌ଡିଆଇ ୨୪.୪ ବିଲିୟନ ଡଲାରକୁ ବୃଦ୍ଧି
- ନେଟ୍ ଫରେନ ପୋର୍ଟଫୋଲିଓ ଇନଭେଷ୍ଟମେଣ୍ଟ ଫେବୃୟାରି ୪ ସୁଦ୍ଧା ୮.୬ ବିଲିୟନ ଡଲାର
- ସୁଧହାର ଅପରିବର୍ତ୍ତିତ ରଖିବାକୁ ଭୋଟ୍ କଲେ ୬ ସଦସ୍ୟ
- ପରବର୍ତ୍ତି ଏମ୍‌ପିସି ବୈଠକ ମାର୍ଚ୍ଚ ୩୧, ଏପ୍ରିଲ ୧ ଏବଂ ୩

# ମହିନ୍ଦ୍ରାର 'ଡ୍ରିଭେନ ବାଏ ପରପସ୍' ଥିମ୍ ମଡେଲ




ନୂଆଦିଲ୍ଲୀ,୬-୨

ଗ୍ରେଟର ନଏଡାରେ ଅନୁଷ୍ଠିତ ହେଉଥିବା ଅଟୋଏକ୍ସପୋ ୨୦୨୦ରେ ପ୍ରମୁଖ ଯାନ ନିର୍ମାତା କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ 'ଡ୍ରିଭେନ ବାଏ ପରପସ୍' ଥିମ୍ ମଡେଲ ଉନ୍ମୋଚନ କରାଯାଇଛି। ଅଭିବନ, ଭବିଷ୍ୟ ଉପଯୋଗୀ ପ୍ରଡକ୍ଟ, ଟେକ୍ନୋଲୋଜି ଏବଂ ମୋବିଲିଟି ସଲ୍ୟୁଶନକୁ ବିଚାର କରି ଏହି ମଡେଲଗୁଡିକ ପ୍ରସ୍ତୁତ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ୧୮ଟି ମଡେଲ ଯାନ ଅଟୋ ଏକ୍ସପୋରେ ପ୍ରଦର୍ଶନ କରିଛି। ଏହା ମଧ୍ୟରେ ଫ୍ୟୁଚରିଷ୍ଟିକ କନସେପ୍ଟ ମଡେଲ, ଇ-ଯାନ, ଯାତ୍ରୀବାହି ଯାନ ଏବଂ ବାଣିଜ୍ୟିକ ଯାନ ସାମିଲ ରହିଛି। ଏହି ଅବସରରେ ଫନଷ୍ଟର କନସେପ୍ଟ ମଡେଲ, ନିୟୁ ଏଜ୍ ଇଲେକଟ୍ରିକ ଅର୍ବାନ ମୋବିଲିଟି ଆଟମ୍, ଇ-କେୟୁଭି-୧୦୦ ଏବଂ ଇ-ଏକ୍ସୟୁଭି-୩୦୦କୁ ଉନ୍ମୋଚନ କରାଯାଇଥିଲା। ଇ-କେୟୁଭି ୧୦୦ର ମୂଲ୍ୟ ୮.୨୫ ଲକ୍ଷ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଭବିଷ୍ୟତକୁ ଧ୍ୟାନରେ ରଖି ଡ୍ରିଭେନ ବାଏ ପର୍‌ପସ ଥିମ୍ ଶୁଭାରମ୍ଭ କରାଯାଇଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପୱନ ଗୋଏଙ୍କା କହିଛନ୍ତି।

# ନିରାପତ୍ତା କାର୍ଯ୍ୟ ଲାଗି ବାତିଲ ରହିବ ୩ ଟ୍ରେନ

ଭୁବନେଶ୍ୱର,୬-୨

ପାରାଦୀପ ରେଳ ଷ୍ଟେଶନଠାରେ ହରିଦାସପୁର-ପାରାଦୀପ ନୂଆ ରେଳ ଲାଇନ ସଂଯୋଗ ସମ୍ବନ୍ଧୀୟ ନିରାପତ୍ତା ତଥା ଆଧୁନିକୀକରଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହା ଫଳରେ କଟକ-ପାରାଦୀପ ରେଳ ସେକ୍ସନରେ ଆସନ୍ତା ୭ ତାରିଖଠାରୁ ୯ ତାରିଖ ତାରିଖ ପର୍ଯ୍ୟନ୍ତ ୩ ଟ୍ରେନ ବାତିଲ ରହିବ। ଏହା ମଧ୍ୟରେ ପୁରୀ-ପାରାଦୀପ ଇଣ୍ଟରସିଟି ଏକ୍ସପ୍ରେସ ସହ ୨ଟି ଲୋକାଲ ଟ୍ରେନ ସାମିଲ ରହିଛି। ପୁରୀ-ପାରାଦୀପ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଉଭୟ ଦିଗରୁ ବାତିଲ ହେବ। ସେହିଭଳି କଟକ-ପାରାଦୀପ-କଟକ ମେମୁ ଉଭୟ ଦିଗରୁ ଏବଂ କଟକ-ପାରାଦୀପ-କଟକ ପାସେଞ୍ଜର ଉଭୟ ଦିଗରେ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ଆଧାର ଭିତ୍ତିକ ଇ-ପାନ୍ ପ୍ରଦାନ ବ୍ୟବସ୍ଥା ଶୀଘ୍ର



**ନୂଆଦିଲ୍ଲୀ,୬-୨:** ଆଧାର ତଥ୍ୟ ପ୍ରଦାନ ଦ୍ୱାରା ତ୍ୱରିତ ଭିତ୍ତିରେ ଅନ୍‌ଲାଇନରେ ପାନ୍ କାର୍ଡ ପ୍ରଦାନ ବ୍ୟବସ୍ଥା ଚଳିତ ମାସରୁ ଆରମ୍ଭ କରାଯିବ। ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ ଏ ନେଇ ଗୁରୁବାର ସୂଚନା ଦେଇଛନ୍ତି। ବଜେଟ ୨୦୨୦-୨୧ରେ ଏନେଇ ପ୍ରସ୍ତାବ ରଖାଯାଇଛି। ବିନା କୌଣସି ଆବେଦନ ଫର୍ମ ପୂରଣ ଦ୍ୱାରା ଆଧାର ତଥ୍ୟ ଦ୍ୱାରା ଅନ୍‌ଲାଇନ ପାନ୍ ପ୍ରଦାନ ଧାରା ତ୍ୱରିତ କରିବାକୁ ଏଭଳି ପଦକ୍ଷେପ ସରକାର ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତ ସିଷ୍ଟମ ପ୍ରସ୍ତୁତ ହୋଇ ରହିଥିବା ବେଳେ ଚଳିତ ମାସରେ ସେବା ଆରମ୍ଭ ହେବ ବୋଲି ପାଣ୍ଡେ ସ୍ପଷ୍ଟ କରିଛନ୍ତି। ଆୟକର ବିଭାଗ ୱେବସାଇଟକୁ ଯାଇ ଆଧାର ନମ୍ବର ପ୍ରଦାନ କରିବାକୁ ହେବ। ଆଧାର ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏକ ୱାନ ଟାଇମ ପାସୱାର୍ଡ (ଓଟିପି) ଆସିବ। ଆଧାର ତଥ୍ୟ ଯାଞ୍ଚ ଲାଗି ଓଟିପି ବ୍ୟବହାର କରାଯିବ। ଏଭଳି ଧାରାକୁ ବ୍ୟବହାର କରି ତ୍ୱରିତ ପାନ୍ ପ୍ରଦାନ କରାଯିବ। ବ୍ୟକ୍ତିବିଶେଷ ଇ-ପାନ କାର୍ଡକୁ ଡାଉନଲୋଡ ମଧ୍ୟ କରିପାରିବେ।


## Mo College Abhijan Parichalana Sanghathan (MCAPS)

(A Government of Odisha initiative under Higher Education Department)
A1 Block, 5th Floor, Toshali Bhawan, Satya Nagar, Bhubaneswar, Odisha
E-mail – mocollege.abhijan@gmail.com N-95

**Advertisement for the Post of Chief Executive Officer (CEO)/ Consultants**

Mo College Abhijan Parichalana Sanghathan (MCAPS) invites applications from desirous candidates for filling up of its Chief Executive Officer (CEO)/ Consultant posts on contractual basis as detailed mentioned below.

| Sl. No. | Category of Post | No of Posts | Remuneration | Age Limit | Requisite Qualification | Experience |
|---|---|---|---|---|---|---|
| 1 | CEO | 1 (3 years tenure) | 60,000/ -P.M. | Born between the dates 01.01.1970 and 01.01.1980 (both dates are inclusive) | Post Graduate degree | Minimum ten years of professional work experience |
| 2 | Consultant | 4 (3 years tenure) | 45,000/ -P.M. | Born between the dates 01.01.1980 and 01.01.1990 (both dates are inclusive) | Post Graduate degree | Minimum three years of professional work experience |

Interested candidates are requested to send their application form, duly filled in, by email to mocollege.abhijan@gmail.com on or before 29.02.2020. For details, visit www.dheodisha.gov.in.

The application form can be downloaded online at www.dheodisha.gov.in from 10/02/2020 onwards. The last date for receipt of application is 29/02/2020.

Sd/- Commissioner-cum-Secretary and Vice-Chairperson, MCAPS
OIPR- 11001/11/0027/1920

## ODISHA HYDRO POWER CORPORATION LTD.

(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING VANIVIHAR CHOUK, JANPATH, BHOINAGAR, BHUBANESWAR – 751022
Tel: 91 -0674-2542983, 2542802, 2545526, Fax- 2542102, E-mail : ohpc.co@gmail.com
CIN : U40101OR1995SGC003963
CAD-923

No. OHPC: TECH: C&P: 31/2019-20/ 1279 /Date: 05.02.2020

NOTICE INVITING TENDER – 33 /2019-20

Sealed Tenders are invited from Government registered D & C class contractors in two part i.e. (i) Techno Commercial bid & (ii) Price bid in separate sealed envelopes for the work as mentioned below.

| TCN No. | Description of Services | Cost of tender papers (Non-refundable) in ₹ | EMD in shape of DD only (Refundable) in ₹ |
|---|---|---|---|
| 33/2019-20 | Repair & Maintenance work of Qr. No. 3R-19(F) at Unit-IX, Gridco Colony, Bhubaneswar | 2360.00 (₹ 2000/- + GST@18%) | 4000.00 |

For details of the tender documents, terms & conditions please visit our website www.ohpcltd.com from 11.02.2020

DGM (C&P)
OIPR-04012/11/0020/1920

## OFFICE OF THE SR. GENERAL MANAGER (ELECTRICAL)

UPPER INDRAVATI HYDRO ELECTRIC PROJECT, MUKHIGUDA,
Dist: Kalahandi-766026, Ph. NO.: 06673-252201, Fax: 252253,
E-mail: sgmel_uihep@ohpcltd.com

ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com, Web: www.ohpcltd.com, CIN: U40101OR1995SGC003963

No.CAD-921:- 'e'- Procurement Notice
Tender Call Notice No. 24/2019-20 dated 05.02.2020

1) Name of the work: "Repair of Road No. I & III, Project High School Road, Road from E-116 to E-217 and U.P. School Road at Sector-II of UIHEP, Mukhiguda".
2) Estimated cost: Rs. 15,32,745/- (Including GST)
3) Period of completion: 02 (Two) months from the date of signing of Agreement.
4) Date and time of availability of Tender Document in the portal: From 10.00 hrs. of dated 15.02.2020 to 17.00 hrs. of dated 29.02.2020.
5) Last date/ time for receipt of Tenders in the portal: Same as above.
6) Officer inviting Tender: General Manager (El.), UIHEP, Mukhiguda.

Further details can be seen and tender document can be downloaded from the e-Procurement Portal "https://tendersodisha.gov.in".

Sd./- Unit Head, UIHEP, Mukhiguda
OIPR- 32136/11/0028/1920

## ORMAS

Odisha Rural Development & Marketing Society,Nuapada
Panchayati Raj & Drinking Water Department, Govt. of Odisha
**SHORT TENDER /QUOTATION CALL NOTICE**

No. 58 Date: 03.02.2020

Sealed tender from the firm/Agencies/Organisations are invited for tantage & Allied works/Printing & Hording works/Security Services/Documentation (Videography & Photography) etc. for the state level Pallishree Mela, 2020 to be organised at Dist. Nuapada for the period from 20th - 24th February, 2020. The tender paper /Quotations Call Notice alongwith detail specification and eligibility criteria of the work are available at ORMAS office, DRDA Building, Nuapada and official website www.nuapada.nic.in. The undersigned reserves the right to accept or reject any or all the tenders/ quotations without assigning any reseon thereof.

Sd./- Project Director
DRDA, Nuapada

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR

**TENDER CALL NOTICE**

Ref No.1104 Dated: 06.02.2020

"It is for information to all the parties concerned to submit their bid for Supply & Installation of Truelab & Truenat (PCR Analyzer with Cartidge), 2019-2020" to the office of the CDM&PHO, Jajpur on or before 27.02.2020 at 4 P.M. by Speed Post / Registered Post / Courier service only. For terms and conditions regarding Tender Call, please log on to the website; www.jajpur.nic.in.

The interested parties with valid documents may participate in tender process himself or with their representatives with applicable terms and conditions".

Sd./- Chief District Medical & Public Health Officer, Jajpur

## OFFICE OF THE EXECUTIVE ENGINEER, R.W.S.S DIVISION, SONEPUR.

Telephone No.06654-220259, email-dwsm_snpr@nic.in
Govt. of Odisha e-Procurement Notice
Bid Identification No. 09/ 2019-20.

No.O-1001 :- The Executive Engineer, RWS&S Division, Sonepur on behalf of Governor of Odisha invites Percentage bid through e-Procurement in double cover system according to norm of e- Procurement system in on-line mode for the work " Const. of OHT, Const. of Pump Chamber, SV Chamber, laying of PVC/HDPE/ G.I Pipe, Compound Wall including Maintenance of the project in different blocks under Subarnapur District.

1. Nature of Work- Different PWS Schemes of Sonepur District.
2. Total No. of Work-05nos
3. Tender Paper Cost- Rs.6000/- to Rs.10000/-
4. Value of Work- Rs.22.75 lakhs to Rs.61.41 lakhs.
5. Class of Contractor- 'C', 'B'& "A"
6. Period of Completion- 300 days.(Refer DTCN available in the website **Tendersorissa.gov.in**)

| Procurement Officer | Bid Identification No. | Availability of tender online for bidding | | Last date & time of seeking teder clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, RWSS Division, Sonepur | Notification No.09 of 2019-20 | Dt.12.02.20 11.00 A.M. | 26.02.20 upto 5.00 P.M. | Dt.25.02.20 up to 5.00PM | 27.02.20 at 12.00 hours | To be announced later. |

Sd./- Executive Engineer
RWSS Division, Sonepur
OIPR-25037/11/0009/1920

## WATCO

No. C-487

OFFICE OF THE GENERAL MANAGER, WATCO DIVISION-II, BHUBANESWAR,
Near Rajiv Bhawan, Unit-V, Bhubaneswar-751001, Odisha, India
Telefax: - +91-674-2390322 E-mail – gmdivtwowatco@gmail.com

NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
Dtd.05.02.2020

| | | |
|---|---|---|
| 01 | Name of the work | : 2 (Two nos works) |
| 02 | Estimate cost | : Rs.173.34 lakhs to 450.62 lakhs |
| 03 | Period of completion | : 3 (Three Months) |
| 04 | Class of contractor | : B, A & Special Class |
| 05 | Date & Time of availability of bid document In the portal | : From 11.00 AM of Dt.10.02.2020 to 5.00 PM of 24.02.2020 |
| 06 | Last date / time of receipt of bids in the portal | : 5.00 PM of 24.02.2020 |
| 07 | Last date & time of seeking clarification | : 5.00 PM of 15.02.2020 |
| 08 | Date & Time of opening of bids | : At 12.30 PM of 25.02.2020 |
| 09 | Name and Address of the Officer Inviting Bid | : General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"

GENERAL MANAGER, WATCO DIVISION-II, BHUBANESWAR
OIPR-13089/11/0011/1920

## ଟେଣ୍ଡର ବିଜ୍ଞାପନ

No.: MM-146: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଖୋର୍ଦ୍ଧା ବନଖଣ୍ଡ ଅଧିନସ୍ଥ ଖୋର୍ଦ୍ଧା, ବାଲୁଗାଁ, ଟାଙ୍ଗି, ରଣପୁର ଓ ଡେଲାଙ୍ଗ ବନାଞ୍ଚଳମାନଙ୍କରେ ୨୦୧୯-୨୦ ବର୍ଷ ପାଇଁ ତା ୨୮।୦୧।୨୦୨୦ରିଖ ପର୍ଯ୍ୟନ୍ତ ବିକ୍ରି ହୋଇ ନଥିବା କାଜୁ ଜଙ୍ଗଲସ୍‌ଗୁଡ଼ିକ (ନିମ୍ନରେ ପ୍ରଦତ୍ତ କରାଗଲା) ବିକ୍ରି ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡରତ୍‌ଗୁଡ଼ିକ ତା୨୪।୦୨।୨୦୨୦ରିଖ ଦିବା ୧୦ଘଟିକା ଠାରୁ ତା୨୫।୦୨।୨୦୨୦ରିଖ କାର୍ଯ୍ୟାଳୟରେ ଦିବା ୧ ଘଟିକା ପର୍ଯ୍ୟନ୍ତ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଗ୍ରହଣ କରାଯିବ ଏବଂ ଉକ୍ତ ଟେଣ୍ଡରଗୁଡ଼ିକ ଉକ୍ତ ଦିନ ୩ ଘଟିକା ସମୟରେ ଟେଣ୍ଡରଧାରୀ କିମ୍ବା ତାଙ୍କ ସମ୍ପର୍କ ଲୋକ ଲିଖିତ ଆବେଦନକାରୀ ସମ୍ମୁଖରେ ଖୋଲାଯିବ।

| ବନାଞ୍ଚଳ ନାମ | ଡି.ଏଲ୍ ନମ୍ବର ଓ ବର୍ଷ | କାଜୁ ଜଙ୍ଗଲର ନାମ |
|---|---|---|
| ଖୋର୍ଦ୍ଧା | ୦୮/୨୦୧୯-୨୦ | ବୈଦେଶ୍ୱର ପି.ଆର୍.ଏଫ୍. |
| ଏଜନ | ୦୯/୨୦୧୯-୨୦ | ମାଣିବନ୍ଧ ଆର୍.ଏଫ୍. |
| ଏଜନ | ୧୦/୨୦୧୯-୨୦ | କପିଳେଶ୍ୱର ଡି.ପି.ଏଫ୍. |
| ଏଜନ | ୧୧/୨୦୧୯-୨୦ | ବାଣିଆ ଭି.ଏଫ୍. |
| ବାଲୁଗାଁ | ୧୨/୨୦୧୯-୨୦ | ଭାଲେରି ଡି.ପି.ଏଫ୍. |
| ଏଜନ | ୧୩/୨୦୧୯-୨୦ | ଶୋଲାରୀ ଡି.ପି.ଏଫ୍. |
| ଏଜନ | ୧୪/୨୦୧୯-୨୦ | ଚୁଲିଝିଙ୍କା ଡି.ପି.ଏଫ୍. |
| ଟାଙ୍ଗି | ୧୫/୨୦୧୯-୨୦ | କାଣ୍ଡଗାଡ଼ିଆ ଡି.ପି.ଏଫ୍.(କ) |
| ଏଜନ | ୧୬/୨୦୧୯-୨୦ | କାଣ୍ଡଗାଡ଼ିଆ ଡି.ପି.ଏଫ୍.(ଖ) |
| ଏଜନ | ୧୭/୨୦୧୯-୨୦ | ଜାଲ୍‌ଭାର ଡି.ପି.ଏଫ୍. |
| ଏଜନ | ୧୮/୨୦୧୯-୨୦ | ନାଲସିଙ୍ଗ ଡି.ପି.ଏଫ୍.(କ) |
| ଏଜନ | ୧୯/୨୦୧୯-୨୦ | ନାଲସିଙ୍ଗ ଡି.ପି.ଏଫ୍.(ଖ) |
| ଏଜନ | ୨୦/୨୦୧୯-୨୦ | ନାଲସିଙ୍ଗ ଡି.ପି.ଏଫ୍. (ଗ) |
| ଏଜନ | ୨୧/୨୦୧୯-୨୦ | ଭୁଷଣ୍ଡପୁର ଡି.ପି.ଏଫ୍. (କ) |
| ଏଜନ | ୨୨/୨୦୧୯-୨୦ | ଭୁଷଣ୍ଡପୁର ଡି.ପି.ଏଫ୍. (ଖ) |
| ଏଜନ | ୨୩/୨୦୧୯-୨୦ | ଭୁଷଣ୍ଡପୁର ଡି.ପି.ଏଫ୍. (ଗ) |
| ଏଜନ | ୨୪/୨୦୧୯-୨୦ | ଚକଡ଼ାପଥର ଡି.ପି.ଏଫ୍. |
| ଏଜନ | ୨୬/୨୦୧୯-୨୦ | ରାମେଶ୍ୱର ଡି.ପି.ଏଫ୍. (କ) |
| ଏଜନ | ୨୭/୨୦୧୯-୨୦ | ରାମେଶ୍ୱର ଡି.ପି.ଏଫ୍. (ଖ) |
| ଏଜନ | ୨୯/୨୦୧୯-୨୦ | ବଡ଼ପାରୀ ଡି.ପି.ଏଫ୍. |
| ଏଜନ | ୩୦/୨୦୧୯-୨୦ | ଧାନି (ଏସ୍) ଆର୍.ଏଫ୍ |
| ରଣପୁର | ୩୧/୨୦୧୯-୨୦ | ଚମ୍ପାଗଡ଼ ଆର୍.ଏଫ୍. |
| ଡେଲାଙ୍ଗ | ୩୨/୨୦୧୯-୨୦ | କୁମୁକା ବ୍ଲକ |

ଟେଣ୍ଡର ସମ୍ବନ୍ଧୀୟ ସର୍ତ୍ତବଳୀ ସହିତ ଅନ୍ୟାନ୍ୟ ବିଷଦ ବିବରଣୀ ଉପରୋକ୍ତ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ଦିବସରେ ଦିବା ୧୦ ଘଟିକା ଠାରୁ ୫ଘଟିକା ମଧ୍ୟରେ ମିଳିପାରିବ।

ସ୍ୱା./- ଖଣ୍ଡୀୟ ବନାଧିକାରୀ
ଖୋର୍ଦ୍ଧା ବନଖଣ୍ଡ, ଖୋର୍ଦ୍ଧା
OIPR-08035/11/0010/1920

## ODISHA BRIDGE & CONSTRUCTION CORPORATION LTD.

(A Government of Odisha Undertaking)
SETU BHAVAN, NAYAPALLI, BHUBANESWAR-12
PH.NO. 0674 -2390043
FAX NO. 0674-2396326
E Mail: mdobcc@gmail.com

'e'-PROCUREMENT NOTICE
BID IDENTIFICATION NO.06/TOLL/OBCC/2019-20.
No. CAD-925

1. General Manager(Civil), Odisha Bridge & Construction Corporation on behalf of the Governor of Odisha, invites **'online'** tender in **double cover system** for the toll gate as detailed in the table below from the intending bidders for collection of toll for a period of one year.

| Sl. No. | Name of the R.D. R&B toll gates. | Upset Price (In Rs.) | E.M.D. (In Rs.) | Cost of Bid document (In Rs.) | Operation Period. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Veden Bridge toll gate,Soida-Kalpara. ( **R.D. Toll gate**) | 11,30,000/- | 1,13,000/- | 6,000/- | 15.04.20 to 14.04.21 |
| 2. | H.L.Bridge over river Kolab near Pithaguda on Similiguda-Handiput Road. | 33,79,773/- | 3,37,977/- | 6,000/- | 01.05.20 to 30.04.21 |
| 3. | Mahanadi bridge toll gate near Sonepur on Sambalpur-Sonepur Road. | 2,09,99,999/- | 21,00,000/- | 10,000/- | 01.05.20 to 30.04.21 |
| 4. | Toll gate on Balasore-Mitrapur-Baincha road toll gate. | 29,82,000/- | 2,98,200/- | 6,000/- | One year from the effective date of Agmt. |

2. Date and time **for online bidding for the above toll gate starts from 10.00 A.M. of dt. 11.02.2020 to 5.00 P.M. of dt. 24.02.2020 .**
3. Bid shall be received **only in "online" on or before 5.00 P.M. of dt. 24.02.2020** & shall be opened at **11.30 A.M. on dt.25.02.2020.**
4. EMD and Cost of bid document as specified against the toll gate in the above table Column-4 & 5 will be **transferred through online** only as per the procedure mentioned in the DTCN. Further details can be seen from the web site https://tendersodisha.gov.in
5. Any changes/corrigendum will be displayed in the web site only.

Sd/- GENERAL MANAGER (CIVIL)
OIPR-34106/11/0040/1920

ଭାରତ ବିପକ୍ଷ ଟି୨୦ ସିରିଜରେ ପରାଜୟର ପ୍ରଭାବ ଆମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଦଳ ଉପରେ ପଡ଼ିବ ନାହିଁ ।

–ହେନ୍‌ରୀ ନିକୋଲ୍ସ, ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ



କ୍ଲବର ସ୍ପୋର୍ଟିଂ ଡାଇରେକ୍ଟର ଏରିକ୍ ଆବିଡାଲଙ୍କ ସହିତ ଲିଓନେଲ ମେସିଙ୍କ ବିବାଦରେ ମୁଁ ମୁଣ୍ଡ ଖେଳାଇବାକୁ ଚାହେଁନା ।

–କୁଇକ୍ ସେଟିନ୍, ବାର୍ସିଲୋନା କୋଚ୍



## ସଂକ୍ଷେପରେ

### 'ଅଲିମ୍ପିକ୍ ଆୟୋଜନରେ କୌଣସି ବାଧା ନାହିଁ

ଟୋକିଓ,୬।୨(ଏଏଫ୍‌ପି)- କାର୍ଯ୍ୟସୂଚୀ ଅନୁଯାୟୀ ଚଳିତବର୍ଷ ଅଲିମ୍ପିକ୍ସ ଅନୁଷ୍ଠିତ ହେବ। ଏହାକୁ ଚାଇନିଜ ଭାଇରସ କରୋନା ପ୍ରଭାବିତ କରିପାରିବ ନାହିଁ ବୋଲି ଟୋକିଓ ୨୦୨୦ ଅଲିମ୍ପିକ୍ସ ଆୟୋଜନକାରୀ କହିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ତୋଶିରୋ ମୁଟୋ ପ୍ରକାଶ କରିଛନ୍ତି ଯେ, ଆୟୋଜକମାନେ ମାରାତ୍ମକ ଭାଇରସର ମୁକାବିଲା ପାଇଁ ଟାସ୍କ ଫୋର୍ସ ଗଠନ କରିଛନ୍ତି। କାର୍ଯ୍ୟସୂଚୀ ଅନୁଯାୟୀ ଅଲିମ୍ପିକ୍ସ ଆୟୋଜନ ହେବ। ଏଭଳି ସ୍ଥିତିରେ ଆମକୁ ମୁଣ୍ଡ ଥଣ୍ଡା ରଖି ଚିନ୍ତା କରିବାକୁ ପଡ଼ିବ। ଲୋକଙ୍କୁ ଡରାଇବା ଉଚିତ ନୁହେଁ। ପାରାଅଲିମ୍ପିକ୍ ପ୍ରୋଜେକ୍ଟ ରିଭ୍ୟୁବେଳେ ଉପସ୍ଥିତ ଥିବା ଅନ୍ତର୍ଜାତୀୟ ପାରାଅଲିମ୍ପିକ୍ କମିଟି (ଆଇପିସି)ର ପ୍ରବକ୍ତା କ୍ରେଗ ସ୍ପେନ୍ସ କହିଛନ୍ତି, ଭାଇରସଠାରୁ ଜନସାଧାରଣଙ୍କ ଡର ଅଧିକ ବ୍ୟାପୁଛି। ଏହାକୁ ରୋକିବାକୁ ପଡ଼ିବ। ଚାଇନା ବାହାରେ ମୋଟ ୧୯୧ କରୋନା ଭାଇରସ ଆକ୍ରାନ୍ତ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ଏପର୍ଯ୍ୟନ୍ତ ପୂରା ବିଶ୍ୱ ପାଇଁ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିନାହିଁ। ଗତଥର ବ୍ରାଜିଲର ରିଓଠାରେ ଜିକା ଭାଇରସର ଭୟ ଥିଲା। ସେଠାରେ ବିଶେଷଜ୍ଞଙ୍କ ଉପରେ ଭରସା କରିବାକୁ ପଡ଼ିଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ କ୍ରମେ ଆମେ କାର୍ଯ୍ୟ କରିବୁ। ଉଲ୍ଲେଖଯୋଗ୍ୟ, ଅଲିମ୍ପିକ୍ସ ଜୁଲାଇ ୨୪ରୁ ଓ ପାରାଅଲିମ୍ପିକ୍ ଅଗଷ୍ଟ ୨୫ ତାରିଖରୁ ଆରମ୍ଭ ହେବ।

### ଧୋନୀଙ୍କ ନୂଆ ଅବତାର

ନୂଆଦିଲ୍ଲୀ, ୬।୨- ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଗତ ବିଶ୍ୱକପ୍ ପରଠାରୁ ସାମୟିକ ଭାବେ କ୍ରିକେଟ୍‌ରୁ ଦୂରେଇ ଯାଇଛନ୍ତି। ତେବେ କ୍ରିକେଟ୍ ପଡ଼ିଆରୁ ଦୂରେଇ ଯାଇଥିଲେ ମଧ ପଡ଼ିଆ ବାହାରେ କିଛି ନା କିଛି କାମକରି ସେ ସର୍ବଦା ଚର୍ଚ୍ଚାରେ ରହିଆସିଛନ୍ତି। ସେହିଭଳି ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯେଉଁଥିରେ ଧୋନୀ ଗୁପ୍‌ଚୁପ୍ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଏବେ ବେଶ୍ ଚର୍ଚ୍ଚାରେ ରହିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏହି ଭିଡିଓରେ ଧୋନୀଙ୍କ ସହିତ ତାଙ୍କର ଦୁଇ ସାଥୀ କ୍ରିକେଟର୍ ଆର୍.ପି. ସିଂ ଓ ପୀୟୂଷ ଚାଓ୍ୱଲା ମଧ ନଜରକୁ ଆସିଛନ୍ତି। ଧୋନୀ ଏକ ଚାମଚ ସାହାଯ୍ୟରେ ଗୁପ୍‌ଚୁପ୍ ବନାଇ ଆର୍.ପି. ସିଂଙ୍କୁ ଖାଇବା ଲାଗି ଦେଉଛନ୍ତି। ଭିଡିଓରେ ଆର୍.ପି. ସିଂ ଶୀଘ୍ର ଗୁପ୍‌ଚୁପ୍ ଦେବା ଲାଗି ଧୋନୀଙ୍କୁ କହୁଛନ୍ତି। ଧୋନୀ କିନ୍ତୁ ସମୟ ଲାଗିବ ବୋଲି କହୁଥିବାର ଦେଖିବାକୁ ମିଳୁଛି। ଏହି ଭିଡିଓ ମାଲଦ୍ୱୀପରେ ଶୁଟିଂ କରାଯାଇଛି ବୋଲି ଜଣାପଡ଼ିଛି। ନିକଟରେ ଧୋନୀ ସେଠାରେ ଭଲିବଲ ଖେଳୁଥିବାର ଭିଡିଓ ମଧ ଭାଇରାଲ ହୋଇଥିଲା।

# ଭାରତ- ବାଂଲାଦେଶ ଫାଇନାଲ

**ପେଚେଫ୍‌ଷ୍ଟ୍ରୁମ୍, ୬।୨(ପି.ଟି.)**

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ବିଶ୍ୱକପ୍‌ର ଏହି ୧୩ତମ ସଂସ୍କରଣରେ ଭାରତ ଓ ପଡୋଶୀ ବାଂଲାଦେଶ ଟାଇଟଲ ପାଇଁ ସ୍ଥାନୀୟ ଜେ.ବି. ମାର୍କ୍ସ ଓଭାଲ ଗ୍ରାଉଣ୍ଡରେ ରବିବାର ପରସ୍ପରକୁ ଭେଟିବେ। ପୂର୍ବରୁ ମଙ୍ଗଳବାର ପ୍ରଥମ ସେମିଫାଇନାଲରେ ଭାରତ ୧୦ ଉଇକେଟରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଫାଇନାଲକୁ ଉଠିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଗୁରୁବାର ବାଂଲାଦେଶ ୩୫ଟି ବଲ ବାକି ରଖି ୬ ଉଇକେଟରେ ନ୍ୟୁଜିଲାଣ୍ଡକୁ ଅତି ସହଜରେ ହରାଇ ଫାଇନାଲରେ ପ୍ରବେଶ କରିଛି।

ସ୍ଥାନୀୟ ସେନୱେଜ ପାର୍କ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ସେମିରେ ବାଂଲାଦେଶ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂକରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୧୧ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୪୪.୧ ଓଭରରେ ୪ ଉଇକେଟ ହରାଇ ୨୧୫ ରନକରି ବିଜୟୀ ହେବା ସହ ଫାଇନାଲ ଟିକେଟ ହାସଲ କରିଛି। ବାଂଲାଦେଶ ତରଫରୁ ମହମ୍ମୁଦୁଲ ହାସନ ଜୟ ୧୦୦ ରନର ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ତୋହିଦ ହୃଦୟ ୪୦ ରନ କରି ଆଉଟ ହେଇଥିବା ବେଳେ ଶାହଦତ ହାସନ ୪୦ ରନକରି ଅପରାଜିତ ରହି ଦଳକୁ ଜିତାଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ କ୍ରିଷ୍ଟିଆନ କ୍ଲାର୍କ, ଡେଭିଡ ହାନକୋକ, ଆଦିତ୍ୟ ଅଶୋକ ଓ ଜେସ୍ ଟାସକୋଫ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ବେକ୍‌ହାମ ହ୍ୱିଲର-ଗ୍ରୀନାଲ ସର୍ବାଧିକ ୭୫ ରନର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକୋଲାସ ଲିଡଷ୍ଟୋନ ୪୪, ଫର୍ଗୁସ ଲେଲମାନ ୨୪ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ସୋରିଫୁଲ ଇସ୍‌ଲାମ ୩, ସାମିମ ହୋସେନ ଓ ହାସନ ମୁରାଦ ୨ ଟି ଲେଖାଏ, ରାକିବୁଲ ହାସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୫୦ ଓଭରରେ ୨୧୧/୮ (ହ୍ୱିଲର- ଗ୍ରୀନାଲ- ୭୫, ଲିଡଷ୍ଟୋନ- ୪୪, ଲେଲମାନ- ୨୪, ସୋରିଫୁଲ ଇସ୍‌ଲାମ- ୩/ ୪୫, ସାମିମ୍- ୨/୩୧, ମୁରାଦ- ୨/୩୪)।

ବାଂଲାଦେଶ ୪୪.୧ ଓଭରରେ ୨୧୫/୪ (ମହମ୍ମୁଦୁଲ- ୧୦୦, ତୋହିଦ ହୃଦୟ- ୪୦, ଶାହଦତ- ୪୦, ହାନକୋକ- ୧/୩୧)।




# ଅଧିନାୟକ ପଦ ବଜାୟ ରଖିଲେ ରାଜପାଲ

**ନୂଆଦିଲ୍ଲୀ,୬।୨(ପି.ଟି.)**

ଆସନ୍ତା ମାସରେ କ୍ରୋଏସିଆ ବିପକ୍ଷରେ ଖେଳାଯିବାକୁ ଥିବା ଡେଭିସ୍ କପ୍ ମ୍ୟାଚ ପାଇଁ ଗୁରୁବାର ୬ ଜଣିଆ ଭାରତୀୟ ଡେଭିସ କପ୍ ଦଳ ଘୋଷଣା କରାଯାଇଛି। ରୋହିତ ରାଜପାଲ ଅଣଖେଳାଳି ଅଧିନାୟକ ପଦ ବଜାୟ ରଖିଛନ୍ତି। ଭେଟେରାନ ଲିଆଣ୍ଡର ପେସ୍ ମଧ ଦଳରେ ରହିଛନ୍ତି। ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) ପକ୍ଷରୁ ସୂଚନା ଦିଆଯାଇଛି। ଗତ ନଭେମ୍ବରରେ ପାକିସ୍ତାନ ଟୁର୍‌ରେ ନ ଯିବା ଲାଗି ଦେଶର ଟପ୍ ଖେଳାଳି ଏବଂ ତତ୍‌କାଳୀନ ଅଧିନାୟକ ମହେଶ ଭୂପତି ରାଜି ନ ହେବାରୁ ରାଜପାଲ ଅଧିନାୟକ ଦାୟିତ୍ୱ ନେଇଥିଲେ। ଭାରତ ମାର୍ଚ୍ଚ ୬ ଓ ୭ ତାରିଖରେ ଏହାର ପରବର୍ତ୍ତୀ ମ୍ୟାଚ ଖେଳିବା ଲାଗି କ୍ରୋଏସିଆ ଗସ୍ତ କରିବ। ରାଜପାଲ ଦିଲ୍ଲୀ ଲନ୍ ଟେନିସ ଆସୋସିଏଶନ (ଡିଏଲ୍‌ଟିଏ)ର ସଭାପତି ଅଛନ୍ତି। ତାଙ୍କୁ୨୦୨୦ ସିଜନ ପାଇଁ ଅଧିନାୟକ କରାଯାଇଥିବାରୁ ସେ ଆନନ୍ଦିତ ବୋଲି ପ୍ରକାଶ କରିଛନ୍ତି। ରାଜପାଲ କହିଛନ୍ତି, କ୍ରୋଏସିଆ ଦଳରେ ବହୁ ବିଶ୍ୱଶ୍ରେଣୀୟ ଖେଳାଳି ରହିଛନ୍ତି। ଏହି ଦେଶ ୨୦୧୮ରେ ବିଜେତା ମଧ। ଘରୋଇ ପରିବେଶରୁ ଏହି ଦଳ ଫାଇଦା ଉଠାଇବାକୁ ଚେଷ୍ଟା କରିବ ନିଶ୍ଚୟ। ହେଲେ ଆମ ଦଳ ବିନା ଚାପରେ ଏହି ମ୍ୟାଚ ଖେଳିବ। ବିଶ୍ୱର ଯେ କୌଣସି ଦଳକୁ ଟକ୍କର ଦେବାର ସାମର୍ଥ୍ୟ ଆମ ଦଳ ନିକଟରେ ଅଛି। ବାହାଘର ପାଇଁ ପାକିସ୍ତାନ ଟୁର୍‌ରେ ସାମିଲ ହୋଇପାରି ନ ଥିବା ପ୍ରଜନେଶ ଗୁଣେଶ୍ୱରନ ଦଳକୁ ଫେରିଛନ୍ତି। ୬ ଜଣିଆ ଦଳରେ ଅନ୍ୟ ଦୁଇଜଣ ସିଙ୍ଗଲ୍ସ ଖେଳାଳି ହେଲେ ସୁମିତ ନାଗପାଲ ଏବଂ ରାମକୁମାର ରମାନାଥନ। ବଳରାମ ସିଂଙ୍କ ଅଧ୍ୟକ୍ଷତାରେ ଆଇଟା ସିଲେକ୍ସନ କମିଟି ଡବଲ୍ସ ଖେଳାଳି ଭାବେ ପେସ୍‌ଙ୍କ ବ୍ୟତୀତ ଡିଭିଜ ଶରନ ଏବଂ ରୋହନ ବୋପାନ୍ନାଙ୍କୁ ମନୋନୀତ କରିଛି। ମୁକାବିଲା ପୂର୍ବରୁ ଚୂଡ଼ାନ୍ତ ୫ ଜଣିଆ ଦଳ ଘୋଷଣା କରାଯିବ।

### ଭାରତୀୟ ଡେଭିସ କପ୍ ଟିମ୍



**ଭାରତୀୟ ଡେଭିସ କପ୍ ଦଳ:** ପ୍ରଜନେଶ ଗୁଣେଶ୍ୱରନ, ସୁମିତ ନାଗାଲ, ରାମକୁମାର ରମାନାଥନ, ରୋହନ ବୋପାନ୍ନା, ଡିଭିଜ ଶରଣ ଏବଂ ଲିଆଣ୍ଡର ପେସ୍।

ଅଧିନାୟକ: ରୋହିତ ରାଜପାଲ, କୋଚ୍: ଜିଶାନ ଅଲୀ।

# ଓଡ଼ିଶାରୁ ୩ ଅଫିସିଆଲ

### ଜାତୀୟ ଜୁନିୟର କବାଡ଼ି


ଅରବିନ୍ଦ କୁମାର ପାତ୍ରୋ


ପ୍ରକାଶ ଚନ୍ଦ୍ର ନାୟକ


ରାଜେଶ ଶେଠ୍

**ଭୁବନେଶ୍ୱର, ୬।୨(କ୍ରୀଡ଼ା ପ୍ରତିନିଧି)**

ଜାତୀୟ ଜୁନିୟର କବାଡ଼ି ଚାମ୍ପିୟନଶିପ୍‌ର ୪୬ତମ ସଂସ୍କରଣ ହରିୟାଣାର ରୋହତକଠାରେ ଚଳିତମାସ ୧୩ ତାରିଖରୁ ଆରମ୍ଭ ହେବ। ପ୍ରତିଯୋଗିତାକୁ ପରିଚାଳନା କରିବା ପାଇଁ ଆମେଚର କବାଡ଼ି ଫେଡେରେଶନ ଅଫ ଇଣ୍ଡିଆ (ଏକେଏଫଆଇ) ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ତୁଲାଇବା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ମୋଟ ୪୪୨ ଜଣ ଆବେଦନ କରିଥିଲେ। ଯୋଗ୍ୟତା, ଅଭିଜ୍ଞତା, ବୟସ ଓ ଅନ୍ୟ ଦୃଷ୍ଟିକୋଣକୁ ବିଚାରକୁ ନିଆଯାଇ ମୋଟ ୩୦(ମହିଳା, ପୁରୁଷ)ଙ୍କୁ ମନୋନୀତ କରାଯାଇଥିଲା। ଏହି ଗୁରୁଦାୟିତ୍ୱ ତୁଲାଇବା ପାଇଁ ଓଡ଼ିଶାରୁ ୩ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଅରବିନ୍ଦ କୁମାର ପାତ୍ରୋ, ପ୍ରକାଶ ଚନ୍ଦ୍ର ନାୟକ ଓ ରାଜେଶ ଶେଠ୍। ଟେକ୍ନିକାଲ ଅଫିସିଆଲ ମାନଙ୍କୁ ଏକେଏଫଆଇର ସମସ୍ତ ନିୟମ ମାନି କାର୍ଯ୍ୟ କରିବାକୁ ସଚେତନ କରି ଦିଆଯାଇଛି।

# ଫାଇନାଲରେ ୟୁନିୟନ୍ ସ୍ପୋର୍ଟିଂ, ଫରେଷ୍ଟ ଇଲେଭେନ

### ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

**ଯାଜପୁର ଟାଉନ,୬।୨(ଡିଏନ୍‌ଏ)**

ଯାଜପୁରସ୍ଥିତ ବାଳାଶ୍ରମ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆରୱାଇସିସି ରାଉରକେଲା ସହିତ ୟୁନିୟନ୍ ସ୍ପୋର୍ଟିଂ କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଆରୱାଇସିସି ରାଉରକେଲା ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆରୱାଇସିସି ନିର୍ଦ୍ଧାରିତ ୨୦ ଓଭରରୁ ୧୬ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୫୮ରନ୍ ସଂଗ୍ରହ କରିଥିଲା। ଜବାବରେ ୟୁନିୟନ୍ ସ୍ପୋର୍ଟିଂ କଟକର ଅନୁରାଗ କାନୋଜିଆ ୪ଓଭର ବୋଲିଂ କରି ୭ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ୟୁନିୟନ୍ ସ୍ପୋର୍ଟିଂ କଟକ ୧୧.୫ ଓଭରରେ ୬ ୱିକେଟ୍ ହରାଇ ୬୧ ରନ୍ କରି ବିଜୟ ହାସଲ କରି ଫାଇନାଲକୁ ଉନ୍ନୀତ ହୋଇଛି। ୟୁନିଅନ୍ ସ୍ପୋର୍ଟିଂର ଅନୁରାଗ କାନୋଜିଆ ମ୍ୟାନ୍ ଅଫ୍ ଦି ମ୍ୟାଚଭାବେ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ରାଇଜିଂ ଷ୍ଟୁଡେଣ୍ଟ କଟକ ଏବଂ ଛତିଶଗଡ଼ ଫରେଷ୍ଟ ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ରାଇଜିଂ ଷ୍ଟୁଡେଣ୍ଟ କଟକ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭର ଖେଳି ୮ ୱିକେଟ୍ ବିନିମୟରେ ୧୨୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଛତିଶଗଡ଼ ଫରେଷ୍ଟ ଇଲେଭେନ୍ ତରଫରୁ ବିଶାଳ ୪ ଓଭର ବୋଲିଂ କରି ୨୦ରନ୍ ଦେଇ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଛତିଶଗଡ଼ ଫରେଷ୍ଟ ଇଲେଭେନ୍ ୧୮.୧ ଓଭରରେ ୪ ୱିକେଟ୍ ହରାଇ ୧୨୮ ରନ୍ ସଂଗ୍ରହ କରି ବିଜୟ ହାସଲ କରିବା ସହିତ ଫାଇନାଲକୁ ଉନ୍ନୀତ ହୋଇଥିଲା। ବିଶାଳ ମ୍ୟାନ୍ ଅଫ୍ ଦି ମ୍ୟାଚଭାବେ ଘୋଷିତ ହୋଇଥିଲେ। ମ୍ୟାଚକୁଅମ୍ପାୟାରଭାବେ ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବାବେଳେ ସ୍କୋରରଭାବେ ସ୍ୱସ୍ତିକ ପହୀ ଏବଂ ଶୁଭ୍ରାଂଶୁ ଶେଖର ବେହୁରିଆ ପରିଚାଳନା କରିଥିଲେ। ଶୁକ୍ରବାର ଫାଇନାଲ ମ୍ୟାଚ୍ ୟୁନିୟନ୍ ସ୍ପୋର୍ଟିଂ କଟକ ଓ ଛତିଶଗଡ଼ ଫରେଷ୍ଟ ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହେବ।


ମ୍ୟାନ ଅଫ୍ ଦି ମ୍ୟାଚ୍ ଅନୁରାଗ ଓ ବିଶାଳଙ୍କୁ ପୁରସ୍କୃତ କରାଯାଉଛି।

# ଓଡ଼ିଶା ଆଗରେ ଏଟିକେ ଚ୍ୟାଲେଞ୍ଜ

### ଇଣ୍ଡିଆନ୍ ସୁପର ଲିଗ୍

**ଭୁବନେଶ୍ୱର, ୬।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଏଟିକେକୁ ଭେଟିବ। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଶନିବାର ଏହି ମ୍ୟାଚ୍ ଖେଳାଯିବ। ଚଳିତ ସିଜନରେ ଓଡ଼ିଶା ଏଫ୍‌ସିର ବାହାର ପରିବେଶରେ ଏହା ଅନ୍ତିମ ମ୍ୟାଚ୍। ଏହାପରେ ଓଡ଼ିଶା ଏଫ୍‌ସି ଶେଷ ଦୁଇ ଲିଗ୍ ମ୍ୟାଚ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ (ଫେବୃୟାରୀ ୧୪) ଓ କେରଳ ବ୍ଲାଷ୍ଟର୍ସ (ଫେବୃୟାରୀ ୨୩)କୁ ଘରୋଇ କଳିଙ୍ଗ ଷ୍ଟାଡିୟମରେ ଭେଟିବାର କାର୍ଯ୍ୟସୂଚୀ ରହିଛି। ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୨୪ରେ ଶକ୍ତିଶାଳୀ ଏଟିକେ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଲିଗ୍ ମ୍ୟାଚ୍‌କୁ ଓଡ଼ିଶା ଗୋଲଶୂନ୍ୟ ଭାବେ ଡ୍ର ରଖିବାରେ ସଫଳ ହୋଇଥିଲା। ତେଣୁ ଶନିବାର ଏଟିକେ ବିପକ୍ଷରେ ସମ୍ପୂର୍ଣ୍ଣ ପଏଣ୍ଟ ହାସଲ କରି ଓଡ଼ିଶା ପୁନର୍ବାର ଟପ୍-୪ରେ ପ୍ରବେଶ କରିବା ଲକ୍ଷ୍ୟରେ ରହିଛି।

ଚଳିତ ବର୍ଷ ଆଇଏସ୍‌ଏଲ୍ ପଦାର୍ପଣ କରିଥିବା ଓଡ଼ିଶା ଏଫ୍‌ସି ବର୍ତ୍ତମାନ ସୁଦ୍ଧା ୧୫ ମ୍ୟାଚ୍‌ରୁ ୬ଟି ଲେଖାଏ ବିଜୟ, ପରାଜୟ ଓ ୩ଟି ଡ୍ର ସହ ୨୧ ପଏଣ୍ଟ ପାଇ ଟେବୁଲ ତାଲିକାର ୬ଷ୍ଠ ସ୍ଥାନରେ ରହିଛି। ଅପରପକ୍ଷରେ ଏଟିକେ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୩୦ ପଏଣ୍ଟ ସହ ୧୦ ଦଳୀୟ ଟେବୁଲ ତାଲିକାର ୨ୟ ସ୍ଥାନରେ ରହି ସେମିଫାଇନାଲ ଖେଳିବା ଆଶା ଏକପ୍ରକାର ନିଶ୍ଚିତ କରିସାରିଛି। ଓଡ଼ିଶା ପାଇଁ ଏହାର ଅନ୍ତିମ ୩ ମ୍ୟାଚ୍ ସହଜସାଧ ହେବନାହିଁ ବୋଲି କୋଚ୍ ଜୋସେଫ୍ ଗୋମ୍ବାଉ କହିଛନ୍ତି। 'ପ୍ଲେ-ଅଫ୍ ଅର୍ଥାତ୍ ଟପ୍-୪କୁ ଆସିବା ପାଇଁ ଆମ ପାଖରେ ଗାଣିତିକ ସୁଯୋଗ ରହିଛି। ଏହାକୁ ହାସଲ କରିବାକୁ ହେଲେ ଆମକୁ ଫାଇଟ୍ କରିବାକୁ ପଡ଼ିବ। ସମସ୍ତେ ଜାଣନ୍ତି ଏଟିକେ ଗୋଟିଏ ଶକ୍ତିଶାଳୀ ଦଳ। ଆମେ ବାହାର ପରିବେଶରେ ଏହି ମ୍ୟାଚ୍ ଖେଳୁଥିବାରୁ ଏହା ଆମ ପାଇଁ କଷ୍ଟସାଧ ରହିବ। ସେଠାରେ ଭଲ ପ୍ରଦର୍ଶନ କରି ଜିତିବା ପାଇଁ ଆମେ ଚେଷ୍ଟା କରିବୁ ଏବଂ ଏଥିଲାଗି ଆମେ କଠିନ ଅଭ୍ୟାସ କରୁଛୁ' ବୋଲି ଗୁରୁବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଅଭ୍ୟାସ ସେସନ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋମ୍ବାଉ ଏହା କହିଛନ୍ତି। ବାର୍ସିଲୋନା ଏଫ୍‌ସି ଜୁନିୟର ଦଳର ଏହି ପୂର୍ବତନ ମ୍ୟାନେଜର ଆହୁରି ମଧ କହିଛନ୍ତି, ଆମେ ବର୍ତ୍ତମାନ କେବଳ ଏଟିକେ ମ୍ୟାଚ୍ ଉପରେ ଗୁରୁତ୍ୱ ଦେଉଛୁ। ଏହାପରେ ଆମେ ଘରୋଇ ପରିବେଶରେ ମ୍ୟାଚ୍ ଖେଳିବୁ। ଘରୋଇ ପରିବେଶରେ ବିଜୟ ହାସଲ କରିବୁ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ସମସ୍ତେ କଠିନ ପରିଶ୍ରମ ଜାରି ରଖିଛନ୍ତି ଏବଂ ପଜିଟିଭ୍ ଆଶା ରଖିଛୁ। ଆମର ସମସ୍ତ ଖେଳାଳି ଆଘାତମୁକ୍ତ ରହିଛନ୍ତି। ସମସ୍ତେ ଖେଳିବାକୁ ବର୍ତ୍ତମାନ ପ୍ରସ୍ତୁତ। ଅନ୍ତିମ ୩ ମ୍ୟାଚ୍ ପୂର୍ବରୁ ଏହା ଏକ ଭଲ ଖବର ବୋଲି ୪୧ ବର୍ଷୀୟ ଗୋମ୍ବାଉ କହିଛନ୍ତି। ସେହିଭଳି ଆଘାତପ୍ରାପ୍ତ ହୋଇ ସିଜନ ଅଧାରୁ ପ୍ରତିଯୋଗିତାରୁ ବାଦ୍ ପଡ଼ିଥିବା ଓଡ଼ିଶା ଏଫ୍‌ସିର ପ୍ରମୁଖ ଖେଳାଳି ଆରିଡାନେ ସାଣ୍ଟାନାଙ୍କ ସ୍ଥାନରେ ଆସିଥିବା ମାନୁଏଲ୍ ଓନୁ ପ୍ରଥମ ମ୍ୟାଚ୍‌ରେ ଡବଲ୍ ଗୋଲସ୍କୋର କରିଥିବାରୁ ନିଜକୁ ଭାଗ୍ୟବାନ ମନେକରିଛନ୍ତି। 'ମୁଁ ବହୁତ ଖୁସୀ। ସାଥୀ ଖେଳାଳି ଓ କୋଚିଂ ଷ୍ଟାଫ୍‌ଙ୍କ ସହ ସହଜ ଅନୁଭବ କରୁଛି। ପ୍ରଥମ ମ୍ୟାଚ୍‌ରେ ଗୋଲସ୍କୋର ତାଲିକାରେ ମୋ ନାମକୁ ଯୋଡ଼ିପାରିଥିବାରୁ ନିଜକୁ ଭାଗ୍ୟବାନ୍ ମନେକରୁଛି। ତେବେ ପରବର୍ତ୍ତୀ ମ୍ୟାଚ୍ ଲାଗି ନିଜକୁ ପ୍ରସ୍ତୁତ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯଦି ମୁଁ ପୁଣିଥରେ ଗୋଲସ୍କୋର କରେ ତେବେ ଏହା ଦଳ ପାଇଁ ଫାଇଦା ଆଣିବ' ବୋଲି ମାନୁଏଲ୍ ଏହି ଅବସରରେ କହିଛନ୍ତି।


ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଅବସରରେ ଓଡ଼ିଶା ଏଫ୍‌ସି ଦଳ।

# ଭୁବନେଶ୍ୱରରେ ଏଫ୍‌ଆଇଏଚ୍ ଏକାଡେମୀର ଲେଭଲ ୨, ୩ କୋର୍ସ

**ଭୁବନେଶ୍ୱର,୬।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଆଗକୁ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍ ମ୍ୟାଚ୍ ଅବସରରେ ଭୁବନେଶ୍ୱରରେ ପୁଣି ଥରେ ଟେକ୍‌ନିକାଲ ଅଫିସିଆଲ କୋର୍ସ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୨୦୧୮ ଏଫ୍‌ଆଇଏଚ୍ ପୁରୁଷ ହକି ୱର୍ଲ୍ଡ କପ୍ ଓ ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସ ୨୦୧୯ ଅବସରରେ ମଧ ଏଫ୍‌ଆଇଏଚ୍ ଏକାଡେମୀ ହକି ଇଣ୍ଡିଆ ଲେଭଲ ୨ ଓ ଲେଭଲ ୩ କୋର୍ସ ସଫଳତାର ସହ ଆୟୋଜିତ ହୋଇଥିଲା।

ଏହି ଟେକ୍‌ନିକାଲ ଅଫିସିଆଲ କୋର୍ସ ପାଇଁ ଏଫ୍‌ଆଇଏଚ୍ ଏଜୁକେଟର୍ସ ବା ପ୍ରଶିକ୍ଷକ ଭାବେ ଏଡ୍‌ନା ରୁଛେନ (ନେଦରଲାଣ୍ଡ୍ସ, ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପ୍ୟାନେଲ) ଓ ରୋଜିଏର ୱାରିସ୍ (ନେଦରଲାଣ୍ଡ୍ସ, ଏଫ୍‌ଆଇଏଚ୍ ଅଲିମ୍ପିକ୍ ପ୍ୟାନେଲ) ଦାୟିତ୍ୱରେ ରହିବେ। ରୁଛେନଙ୍କ ତତ୍ତ୍ୱାବଧାନରେ ଲେଭଲ -୨ କୋର୍ସ ଆସନ୍ତା ୭ ତାରିଖରୁ ଆରମ୍ଭ ହୋଇ ୯ ତାରିଖରେ ଶେଷ ହେବ। ସେହିପରି ୱାରିସ୍‌ଙ୍କ ତତ୍ତ୍ୱାବଧାନରେ ଲେଭଲ- ୩ କୋର୍ସ ମଧ ଏହି ଦିନରେ ଆୟୋଜନ ହେବ। ଏହି କୋର୍ସରେ ୨୫ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଭାଗ ନେବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଏଫ୍‌ଆଇଏଚ୍ ଏକାଡେମୀ- ହକି ଇଣ୍ଡିଆ ଲେଭଲ ୨ ଅମ୍ପାୟର କୋର୍ସ, ଲିଭେଲ ୩ ଅମ୍ପାୟର କୋର୍ସ, ଗୋଲ କିପର କୋଚିଂ କୋର୍ସ ଲିଭେଲ ୧ ଆସନ୍ତା ୨୧ରୁ ୨୩ ତାରିଖ ମଧ୍ୟରେ ଆୟୋଜନ ହେବ। ଅମ୍ପାୟର ଓ କୋଚ୍‌ମାନଙ୍କ ବୈଷୟିକ ଜ୍ଞାନରେ ଉନ୍ନତି ଆଣିବା ପାଇଁ ଏଭଳି କୋର୍ସର ଆୟୋଜନ କରାଯାଇଛି ବୋଲି କୁହାଯାଇଛି। ରେଲୱେର ଟେକ୍‌ନିକାଲ ଅଫିସିଆଲ ରେଣୁବାଳା ଓ ବିହାରର ରାବି ରୋଶନ ଲେଭଲ ୨ ଟେକ୍‌ନିକାଲ ଅଫିସିଆଲ କୋର୍ସର ନେଇ ବେଶ୍ ଉତ୍ସାହ ପ୍ରକଟ କରିଛନ୍ତି। ମଧ୍ୟପ୍ରଦେଶର ବନ୍ଦନା ରଘୁବଂଶୀ ଓ ଛତିଶଗଡ଼ର ସତିନ୍ଦର ଶର୍ମା ଏହି କୋର୍ସଗୁଡ଼ିକରେ ଅଂଶଗ୍ରହଣ କରି ଅଧିକ ଜ୍ଞାନ ଆରୋହଣ କରିବା ଲକ୍ଷ୍ୟରେ ରହିଛନ୍ତି । ଏ କୋର୍ସ ନେଇ ଏମାନେ ବେଶ୍ ଉତ୍ସାହ ପ୍ରକଟ କରିଛନ୍ତି ।

## ସଂକ୍ଷେପରେ

### ଚାୱ୍ଲାଙ୍କ ଆବେଦନକୁ ୟୁରୋପିଆନ କୋର୍ଟଙ୍କ ପ୍ରତ୍ୟାଖ୍ୟାନ

ଲଣ୍ଡନ, ୬।୨ (ପି.ଟି.): ୟୁରୋପିଆନ କୋର୍ଟ ଅଫ୍ ହ୍ୟୁମ୍ୟାନ ରାଇଟ୍ସ (ଇସିଏଚ୍ଆର୍)ଅଭିଯୁକ୍ତ ବୁକି ସଞ୍ଜୀବ ଚାୱ୍ଲାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ମ୍ୟାଚ୍ ଫିକ୍ସିଂ ମାମଲାରେ ଅଭିଯୁକ୍ତ ଚାୱ୍ଲାଙ୍କୁ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରୁ ଭାରତ ପ୍ରତ୍ୟର୍ପଣ ପ୍ରକ୍ରିୟା ଚାଲିଥିବାବେଳେ ଏଥିରୁ ମୁକୁଳିବା ଲାଗି ଚାୱ୍ଲା ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ଶେଷରେ ସେ ମାନବାଧିକାର କାରଣ ଦର୍ଶାଇ ଏଥିରୁ ଖସିବାକୁ ଚେଷ୍ଟା କରିଥିଲେ। ମାତ୍ର ସେ ବିଫଳ ହୋଇଛନ୍ତି। ଫଳରେ ୟୁକେ ସେଣ୍ଟ୍ରାଲ ଅଥରିଟିଙ୍କ ଜରିଆରେ ପ୍ରତ୍ୟର୍ପଣ ପ୍ରକ୍ରିୟା ଆଗେଇବ। ଆଉ କିଛି ଦିନ ମଧ୍ୟରେ ସ୍କଟଲାଣ୍ଡ ପୋଲିସ ବୁକି ଚାୱ୍ଲାଙ୍କୁ ଦିଲ୍ଲୀ ପୋଲିସକୁ ହସ୍ତାନ୍ତର କରିବ। ପୂର୍ବତନ ୟୁକେ ଗୃହସଚିବ ସାଜିଦ୍ ଜାଭିଦ୍‌ଙ୍କ ପ୍ରତ୍ୟର୍ପଣ ନିର୍ଦ୍ଦେଶ ମାନବାଧିକାର କାରଣ ଦର୍ଶାଇ ହାଇକୋର୍ଟରେ ଅପିଲ କରିଥିଲେ। ଗତ ମାସରେ ଲଣ୍ଡନସ୍ଥିତ ରୟାଲ କୋର୍ଟ୍ସ ଅଫ୍ ଜଷ୍ଟିସ ମାମଲାର ଶୁଣାଣି କରିଥିଲେ। ଚାୱ୍ଲାଙ୍କୁ ୨୮ ଦିନ ମଧ୍ୟରେ ଭାରତ ପ୍ରତ୍ୟାର୍ପଣ କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୦୦ରେ ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟ ଅଧିନାୟକ ହାନ୍ସି କ୍ରୋନିଏଙ୍କୁ ନେଇ ମ୍ୟାଚ ଫିକ୍ସିଂ ସ୍କାଣ୍ଡାଲରେ ବ୍ରିଟିଶ ନାଗରିକ ୫୦ ବର୍ଷୀୟ ଚାୱ୍ଲା ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ। ଦକ୍ଷିଣ ଆଫ୍ରିକାର ଭାରତ ଟୁର୍‌କୁ ଫିକ୍ସ କରିବା ଲାଗି କ୍ରୋନିଏଙ୍କ ସହିତ ହୋଇଥିବା ଷଡ଼ଯନ୍ତ୍ରରେ ଚାୱ୍ଲା ମୁଖ୍ୟଭୂମିକା ଗ୍ରହଣ କରିଥିବା ଅଭିଯୋଗ ହୋଇଛି।

### ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ଆର୍ଚର

ଲଣ୍ଡନ,୬।୨(ପି.ଟି.)- ଇଂଲଣ୍ଡ ଦଳର ଅଗ୍ରଣୀ ପେସର ଜୋଫ୍ରା ଆର୍ଚର ଗୁରୁବାର ଆଇପିଏଲ୍‌ର ୧୩ତମ ସଂସ୍କରଣରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଡାହାଣ କହୁଣିରେ ଆଘାତ ଲାଗିଛି। ଆଇପିଏଲରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଥିବା ଆର୍ଚର ୩ ମାସ ପାଇଁ ପଡ଼ିଆଠୁ ଦୂରେଇ ରହିବେ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ରେ ମଧ ଖେଳିପାରିବେ ନାହିଁ। ଜୁନରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ଫେରିପାରନ୍ତି ବୋଲି ଇସିବି ପକ୍ଷରୁ କୁହାଯାଇଛି। ବାର୍ବାଡସରେ ଜନ୍ମିତ ୨୪ ବର୍ଷୀୟ ପେସର ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୭ ଟେଷ୍ଟ ଓ ୧୪ ଦିନିକିଆ ଖେଳି ଯଥାକ୍ରମେ ୩୦ ଓ ୨୩ ଉଇକେଟ ହାତେଇଛନ୍ତି। ତାଙ୍କ ଅନୁପସ୍ଥିତି ରାଜସ୍ଥାନ ଫ୍ରାଞ୍ଚାଇଜ ପାଇଁ ଏକ ବଡ଼ କ୍ଷତି। ସେ ୨୧ ଆଇପିଏଲ ମ୍ୟାଚ୍‌ରେ ୨୬ ଉଇକେଟ ହାସଲ କରିଛନ୍ତି।

# ଅଙ୍କିତଙ୍କ ଦ୍ୱିଶତକ: ମହାରାଷ୍ଟ୍ର ଅଗ୍ରଣୀ

**ରଣଜୀ ମୁକାବିଲା**

କଟକ ଅଫିସ,୬।୨



ଅଙ୍କିତ ବାୱନେ

ମହାରାଷ୍ଟ୍ରର ନାଗୋଥାନେସ୍ଥିତ ରିଲାଏନ୍ସ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା-ମହାରାଷ୍ଟ୍ର ରଣଜୀ ଟ୍ରଫି କ୍ରିକେଟ ମ୍ୟାଚର ତୃତୀୟ ଦିବସ ଖେଳ ଗୁରୁବାର ଶେଷ ହୋଇଛି। ମହାରାଷ୍ଟ୍ର ପ୍ରଥମ ଇନିଂସ ୫୪୩/୫ରେ ଘୋଷଣା କରିବା ସହ ଅଗ୍ରଣୀ ହାସଲ କରିଛି। ଅଧିନାୟକ ଅଙ୍କିତ ବାୱନେ ଅପରାଜିତ ଦ୍ୱିଶତକୀୟ ଇନିଂସ(୨୦୪ରନ) ଖେଳିଛନ୍ତି। ୨୯୩ ରନରେ ପ୍ରଥମ ଇନିଂସ ଶେଷ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ବିନା ଉଇକେଟରେ ୨୪ରନ କରିଛି। ଦଳ ୨୨୬ରନ ପଛରେ ରହିଛି।

ବୁଧବାର ଷ୍ଟମ୍ପ ଅପସାରଣ ସୁଦ୍ଧା ମହାରାଷ୍ଟ୍ର ୨ ଉଇକେଟ ହରାଇ ୨୧୯ରନ କରିଥିଲା। ଋତୁରାଜ ଗାଏକ୍ୱାଡ ୧୧୦ ଓ ଅଧିନାୟକ ଅଙ୍କିତ ୮୦ରନରେ ଅପରାଜିତ ଥିଲେ। ୩ୟ ଦିବସ ଖେଳଟି ସମ୍ପୂର୍ଣ୍ଣ ଭାବେ ଘରୋଇ ମହାରାଷ୍ଟ୍ର ଦଳର ଅକ୍ତିଆରରେ ରହିଥିଲା। ଋତୁରାଜ ୧୨୯ରନରେ ଦେବବ୍ରତ ପ୍ରଧାନଙ୍କ ବଲରେ ଆଉଟ ହୋଇଥିଲେ। ଏହି ଉଇକେଟ ପତନ ବେଳକୁ ମହାରାଷ୍ଟ୍ରର ଦଳୀୟ ସ୍କୋର ଥିଲା ୨୪୯/୩। ୪ର୍ଥ ଉଇକେଟରେ ଅଧିନାୟକ ଅଙ୍କିତ ଓ ନୌସାଦ ଶେଖ ପୁନର୍ବାର ଏକ ବିଶାଳ ଭାଗୀଦାରି ସୃଷ୍ଟି କରିଥିଲେ। ଉଭୟ ୧୮୦ରନ ଯୋଡ଼ିବା ସହ ଦଳୀୟ ସ୍କୋର ୪୦୦ଅତିକ୍ରମ କରିଥିଲା। ନୌସାଦ ୧୦୦ରନ କରିଥିବା ବେଳେ ଅଭିଷେକ ରାଉତଙ୍କ ସ୍ପିନ ବୋଲିଂରେ କ୍ୟାଚ୍ ଆଉଟ ହୋଇଥିଲେ। ୬ନଂ ବ୍ୟାଟିଂ କ୍ରମରେ କ୍ରିଜ୍‌କୁ ଆସିଥିଲେ ରାଜସ୍ଥାନ ରୟାଲ୍ସ, ରାଇଜିଂ ପୁଣେ ସୁପରଜ୍ୟାଣ୍ଟସ ଭଳି ଆଇପିଏଲ ଦଳରୁ ପ୍ରତିନିଧିତ୍ୱ କରିଥିବା ରାହୁଲ ତ୍ରିପାଠୀ। ରାହୁଲ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ସେ ୪୧ବଲରୁ ଅର୍ଦ୍ଧଶତକ ପୂରଣ କରିବା ସହ ୭ ଚୌକା ଓ ୪ ଛକା ବଳରେ ୬୫ରନ କରି ଆଉଟ ହୋଇଥିଲେ। ଇତି ମଧ୍ୟରେ ଅଧିନାୟକ ଅଙ୍କିତ ୨୨୦ବଲରୁ ଶତକ ଓ ୪୦୪ ବଲରୁ ଦ୍ୱିଶତକ ହାସଲ କରିସାରିଥିଲେ। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ୨ଟି ଉଇକେଟ ମିଳିଥିବା ବେଳେ ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ ଓ ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ସ୍ପିନର ପପୁ ରାୟ ୪୦ଓଭର ବୋଲିଂ କରି ୧୫୧ରନ ବ୍ୟୟ କରିଥିଲେ ମଧ ଗୋଟିଏ ବି ଉଇକେଟ ହାସଲ କରି ପାରି ନ ଥିଲେ। ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୧୧ଓଭର ଖେଳି ୨୪ରନ କରିଛି। ଦୁଇ ଓପନର ଶାନ୍ତନୁ ମିଶ୍ର ୧୪ ଓ ଅନୁରାଗ ଷଡ଼ଙ୍ଗୀ ୧୦ରନରେ ଅପରାଜିତ ଅଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୯୩।

ମହାରାଷ୍ଟ୍ର ପ୍ରଥମ ଇନିଂସ: ୫୪୩/୫/ଘୋଷଣା(ଅଙ୍କିତ ବାୱନେ-୨୦୪*, ଋତୁରାଜ ଗାଏକ୍ୱାଡ-୧୨୯, ନୌସାଦ ଶେଖ-୧୦୦, ରାହୁଲ ତ୍ରିପାଠୀ-୬୫, ସୂର୍ଯ୍ୟକାନ୍ତ ପ୍ରଧାନ-୨/୯୨, ରାଜେଶ ମହାନ୍ତି-୧/୨୪, ଦେବବ୍ରତ ପ୍ରଧାନ-୧/୮୫, ଅଭିଷେକ ରାଉତ-୧/୯୮)।

ଓଡ଼ିଶା ଦ୍ୱିତୀୟ ଇନିଂସ: ୨୪/୦(ଶାନ୍ତନୁ ମିଶ୍ର-୧୪, ଅନୁରାଗ ଷଡ଼ଙ୍ଗୀ-୧୦)।

**ପ୍ରଥମ ଜନ୍ମଦିନର ଶୁଭେଚ୍ଛା**



(ସିଦ୍ଧି)
ସାଇଲକ୍ଷ୍ମୀ ବେଉରା
(ବାଙ୍କି, ନିସ୍ତିପୁର)
ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ:
ମା', ମାମା, ବାବା ଏବଂ ପରିବାରବର୍ଗ।
ଧ-୬୮୯୯୨

**୧୨ତମ ଜନ୍ମଦିନ ଶୁଭେଚ୍ଛା**



ଶ୍ରୀତେଶ୍ ବରାଳ
ପ୍ଲଟ୍ ନଂ: କି.ଏ. ୬୨, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆଜି ତୋର ୧୨ତମ ବର୍ଷ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ, ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ କରିବା ସଙ୍ଗେ ସଙ୍ଗେ ଭଲ ମଣିଷ କରନ୍ତୁ।
ଶୁଭେଚ୍ଛା ସହ:
ନାନୁ, ଚୁନୁ ମାଉସୀ, ଇତୁ ମାଉସୀ, ମଉସା ଓ ପରିବାରବର୍ଗ।
ଧ-୧୬୫୪୭

## ଜାତୀୟ ଭାରୋତ୍ତୋଳନ: ସୁରେଶଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୬।୨(କ୍ରୀଡ଼ା ପ୍ରତିନିଧି)

କୋଲକାତାରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୁରେଶ ଯାଦବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ପୁରୁଷ ୯୬ କେଜି ବିଭାଗରେ ସେ ସ୍ନାଚ୍‌ରେ ୧୪୦, କ୍ଲିନ୍ ଆଣ୍ଡ ଜର୍କରେ ୧୭୦ ଏହିପରି ମୋଟ ୩୧୦ କେଜି ଭାରୋତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ଏହି କାଟେଗୋରିରେ ଏସଏସସିବିର ବିକାଶ ଠାକୁର ୩୪୬(୧୫୪+୧୯୨) ଓ ଛତିଶଗଡ଼ର ଜଗଦୀଶ ବିଶ୍ୱକର୍ମା ୩୨୭(୧୪୭+୧୮୦) କେଜି ଭାର ଉଠାଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ଏହି ପ୍ରତିଯୋଗିତାରେ ପୂର୍ବରୁ ଓଡ଼ିଶାର ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସର ଝିଲ୍ଲୀ ମହିଳା ୪୫ କେଜି କାଟେଗୋରିରେ ମୋଟ ୧୬୦(୬୯+୯୧) କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ।

## ଶୀର୍ଷକୁ ଉଠିବା ଲକ୍ଷ୍ୟରେ ଭାରତ

**ମହିଳା ତ୍ରି-ରାଷ୍ଟ୍ରୀୟ କ୍ରିକେଟ୍**

ମେଲବୋର୍ନ, ୬।୨(ପି.ଟି.)

ତ୍ରି-ରାଷ୍ଟ୍ରୀୟ ସିରିଜ ଖେଳିବା ଲାଗି ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଶୁକ୍ରବାର ଇଂଲଣ୍ଡକୁ ଭେଟିବ। ଭାରତ ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ଦୁଇ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇ ରନ୍‌ରେଟ୍ ଆଧାରରେ ଅଷ୍ଟ୍ରେଲିଆ ପଛକୁ ୨ୟ ସ୍ଥାନରେ ରହିଛି। ତେଣୁ ଏହି ମ୍ୟାଚ୍‌କୁ ଜିତି ହରମନ୍‌ପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିବାକୁ ଲକ୍ଷ୍ୟ ରଖିଛି। ତେବେ ବ୍ୟାଟିଂ ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ପୂର୍ବ ମ୍ୟାଚ୍‌ରେ ଓପନର୍ ସ୍ମୃତି ମନ୍ଧାନା (୩୫) ଓ ଅଧିନାୟିକା ହର୍‌ମନପ୍ରୀତ୍ (୨୮)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଏପରି କି ୮ଜଣ ବ୍ୟାଟ୍ସଓମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଫଳରେ ଭାରତ ଏହାର ଅନ୍ତିମ ୬ ଉଇକେଟ୍ ମାତ୍ର ୨୧ ରନ୍‌ରେ ହରାଇଥିଲା। ଭାରତୀୟ ମହିଳା କ୍ରିକେଟର ଭବିଷ୍ୟତର ଦୁଇ ଷ୍ଟାର୍ ଖେଳାଳି ବିବେଚନା କରାଯାଉଥିବା ଶେଫାଳି ବର୍ମା (୫ ରନ, ୩ ବଲ) ଓ ଜେମିମା ରୋଡ୍ରିଗୁଏଜ (୧ ରନ, ୧୧ ବଲ୍) ନିରାଶ କରିଥିଲେ। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ଏହି ତ୍ରୁଟିକୁ ସୁଧାରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଭାରତ ନିକଟରୁ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ୫ ଉଇକେଟ୍‌ରେ ପରାସ୍ତ ହୋଇଥିଲେ ମଧ ପରବର୍ତ୍ତୀ ମ୍ୟାଚ୍‌ରେ ସୁପର୍ ଓଭରରେ ଆୟୋଜକ ଅଷ୍ଟ୍ରେଲିଆକୁ ହରାଇଥିଲା। ଶୁକ୍ରବାର ମ୍ୟାଚ୍‌ରେ ଭାରତକୁ ହରାଇ ଇଂଲଣ୍ଡ ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। ଇଂଲଣ୍ଡ ଏହି ମ୍ୟାଚ୍ ଜିତିଲେ ଟେବୁଲର ଶୀର୍ଷକୁ ଉଠିବାର ସୁଯୋଗ ରହିଛି।

## ପଦାର୍ପଣ ଦିନିକିଆରେ ହାରିଲା ନେପାଳ

କାଠମାଣ୍ଡୁ, ୬।୨

ନେପାଳ କ୍ରିକେଟ୍ ଦଳ ଏହାର ଘରୋଇ ମାଟିରେ ପ୍ରଥମଥର ଏକ ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍ ଖେଳିଛି। ଓମାନ୍ ବିପକ୍ଷ ଏହି ମ୍ୟାଚ୍ ସହ ନେପାଳ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍‌ରେ ପଦାର୍ପଣ କରିଥିଲା। ତେବେ ଏହି ମ୍ୟାଚ୍‌ରେ ନେପାଳକୁ ପରାଜୟ ବରଣ କରିବାକୁ ପଡ଼ିଛି। ତ୍ରିରାଷ୍ଟ୍ରୀୟ ସିରିଜର ଏହି ମ୍ୟାଚ୍ କୀର୍ତ୍ତିପୁର କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିଲା। ଏହି ମ୍ୟାଚ୍‌କୁ ଦେଖିବା ଲାଗି ହଜାର ହଜାର ନେପାଳ କ୍ରିକେଟ୍‌ପ୍ରେମୀ ଷ୍ଟାଡିୟମକୁ ଆସିଥିଲେ, ଯାହାକି ହିମାଳୟ ଦେଶ ପାଇଁ ଏକ ସ୍ୱତନ୍ତ୍ର ଦିବସ ରହିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓମାନ ମହମ୍ମଦ ନଦିମ (୬୯)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ଉଇକେଟ୍ ହରାଇ ୧୯୭ ରନ୍ କରିଥିଲା। ଘରୋଇ ଦଳ ପକ୍ଷରୁ କେ.ସି. କରନ ସର୍ବାଧିକ ୪ ଉଇକେଟ୍ ନେଇଥିଲେ। ଜବାବରେ ନେପାଳ ଶରଦ ଭେଶ୍ୱକର (୫୫) ଓ ଦୀପେନ୍ଦ୍ର ସିଂ (୩୬)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ୪୬.୫ ଓଭରରେ ୧୭୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ଜିସାନ ମାକ୍‌ସୁଦ ସର୍ବାଧିକ ୩ ଉଇକେଟ୍ ଅକ୍ତିଆର କରିଥିଲେ।

## କ୍ୱାର୍ଟରରେ ହାରିଲା ଓଡ଼ିଶା

**ଜାତୀୟ ମହିଳା ହକି**

କୋଲ୍ଲାମ(କେରଳ), ୬।୨(ପି.ଟି.)

ହକି ଇଣ୍ଡିଆ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୧୦ମ ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପ୍(ଡିଭିଜନ-ଏ)ର କ୍ୱାର୍ଟର ଫାଇନାଲରେ ଓଡ଼ିଶା ପରାସ୍ତ ହୋଇଛି। ଓଡ଼ିଶା ଦଳ ୨-୪ ଗୋଲରେ ହରିୟାଣା ନିକଟରୁ ହାରି ଯାଇଛି। ଅନ୍ୟପକ୍ଷରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ଶୁଟ୍ ଆଉଟ ୩-୨(ନିର୍ଦ୍ଧାରିତ ସମୟର ମ୍ୟାଚ ୨-୨) ଗୋଲରେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର ୨-୧ ଗୋଲରେ ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ହକି ଏକାଡେମୀ ୧-୦ ଗୋଲରେ ପଞ୍ଜାବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସାଇ-ମଧ୍ୟପ୍ରଦେଶ ଏକାଡେମୀ ଏବଂ ହରିୟାଣା-ମହାରାଷ୍ଟ୍ର ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।

## ବିଶାଖାପାଟଣା, ଏୟାରଇଣ୍ଡିଆ ମୁମ୍ବାଇ ବିଜୟୀ

**ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ ଟିଲୋ କପ୍**

ବନ୍ତ,୬।୨(ଡି.ଏନ.ଏ./ସ୍ୱ.ପ୍ର.)



ଏୟାର ଇଣ୍ଡିଆ ମୁମ୍ବାଇର ବଦ୍ରି ଆଲାମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନିଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ ଟିଲୋ କପ୍‌ର ଗୁରୁବାର ପ୍ରଥମ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ ବିଶାଖାପାଟଣା ଓ ବିସିଏ ଚିଟାଗଙ୍ଗ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବିସିଏ ବାଂଲାଦେଶ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ୍ ହରାଇ ୭୧ ରନ୍ କରିଥିଲା। ଦଳର ଓସ୍‌ମାନ୍ ଗାନି ୨୨ ଓ ସାହାବାଜ୍ ହୋସେନ ୧୮ ରନ୍ କରିଥିଲେ। ପ୍ରତିପକ୍ଷର ଜୟରାମ୍ ଓ ଲୋଭା ରାଜୁ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ଇଷ୍ଟକୋଷ୍ଟ ରେଲୱେ ୯ ଓଭରରେ ୫ ଉଇକେଟ୍ ହରାଇ ୭୫ ରନ୍ କରି ବିଜୟୀ ହୋଇଥିଲା। ଦଳର ଗୌତମ ୧୯ ଓ କାଶ୍ୟପ ୧୫ ରନ୍ କରିଥିଲେ। ପ୍ରତିପକ୍ଷର ହୋସେନ ସାଇମନ୍ ୨ ଓ ଜାୟରୁଲ ଗୋଟିଏ ଉଇକେଟ୍ ନେଇଥିଲେ। ବିଜୟୀ ଦଳର ଗୌତମଙ୍କୁ ମା' ବେଲେଶ୍ୱରୀ ପେଟ୍ରୋଲ ପମ୍ପ ପ୍ରଦତ୍ତ ସ୍ୱର୍ଗତ ନିଶାକର ବେହେରାଙ୍କ ସ୍ମୃତିରେ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଅତିଥି କୈଳାସ ବରାଳ, ନୃସିଂହ ସାହୁ, ରାଜୀବ ପାଣିଗ୍ରାହୀ ଓ ଶରତ ସ୍ୱାଇଁ ପ୍ରଦାନ କରିଥିଲେ।

ଦ୍ୱିତୀୟ ମ୍ୟାଚ୍ ଏୟାର ଇଣ୍ଡିଆ ମୁମ୍ବାଇ ଓ ସେଣ୍ଟ୍ରାଲ ଡିଫେନ୍ସ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେଣ୍ଟ୍ରାଲ ଡିଫେନ୍ସ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏୟାର ଇଣ୍ଡିଆ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୪ ରନ୍ କରିଥିଲା। ଦଳର ମାନନ ଖାଖର ୪୨, ବିକାଶ ସିଂ ୨୪ ରନ୍ କରିଥିଲେ। ପ୍ରତିପକ୍ଷର ଶିବମ୍ ଶର୍ମା ୩ ଓ ଅଙ୍କିତ୍ ଚୌଧୁରୀ ୨ଟି ଉଇକେଟ ନେଇଥିଲେ। ଡିଫେନ୍ସ ଦିଲ୍ଲୀ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ୍ କରି ପରାଜିତ ହୋଇଥିଲା। ଦଳର ଉଭାସ ଅହମ୍ମଦ ୩୮ ଓ ନାମନ ଶର୍ମା ୨୦ ରନ୍ କରିଥିଲେ। ପ୍ରତିପକ୍ଷର ବଦ୍ରି ଆଲାମ୍ ୪ ଓ ସୁଜିତ୍ ନାୟକ ୩ଟି ଉଇକେଟ ନେଇଥିଲେ। ବିଜୟୀ ଦଳର ବଦ୍ରି ଆଲାମଙ୍କୁ ଭରସା ଆଇଟିଆଇ ପ୍ରଦତ୍ତ ସ୍ୱର୍ଗତ ପ୍ରଦୀପ ନାୟକଙ୍କ ସ୍ମୃତିରେ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଅତିଥି ଡାକ୍ତର ମୁରଲୀଧର ସୂତାର, ମନମୋହନ ସାହୁ ଓ ରଘୁନାଥ ଚଣ୍ଡ ପ୍ରଦାନ କରିଥିଲେ। ଦୁଇଟି ମ୍ୟାଚ୍‌କୁ ସାର୍ଥକ ବିଶ୍ୱାଳ, ହିମାଂଶୁ ବେହେରା ପରିଚାଳନା କରିଥିଲେ। ରେଫରି ଇଂ.ସୁଧାଂଶୁ ଶେଖର ନାୟକ, ଭାଷ୍ୟକାର ପି.ଏଲ୍. ଶେଖର, ସୁଧାଂଶୁ ମହାନ୍ତି, ସେକ୍ ଆଖାରୁଦ୍ଦିନ୍, ସଞ୍ଜୟ ମଜୁମଦାର, ସ୍କୋରର ସୁଚୀବ୍ରତ ରାଉତ, ମିଥୁନ ସ୍ୱାଇଁ, ଡିଜିଟାଲ ଅନ୍‌ଲାଇନ ସ୍କୋରର ଭାବେ ଅକ୍ଷୟ ରେଡ୍ଡି ଓ ଜଗତେଜ୍ ସିଂ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାରର ପ୍ରଥମ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ବନାମ ଟାଟା ସ୍ପୋର୍ଟ୍ସ ମୁମ୍ବାଇ ଏବଂ ୨ୟ ମ୍ୟାଚ୍ ଏୟାର ଇଣ୍ଡିଆ, ମୁମ୍ବାଇ ବନାମ ଏ ଆଣ୍ଡ ଏସ୍ କୋଲକତା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ଇଂ.ଲକି ମାଷ୍ଟର ସ୍ୱାଇଁ ସୂଚନା ଦେଇଛନ୍ତି।

## ଫିଲ୍ଡିଂକୁ ନେଇ ଦୁଃଖିତ

ଭିଭିଏସ୍ ଲକ୍ଷ୍ମଣ

ବୁଧବାର ରାତିରେ ନ୍ୟୁଜିଲାଣ୍ଡ ଏହାର ଦିନିକିଆ କ୍ରିକେଟ ଇତିହାସରେ ଯେପରି ରେକର୍ଡ ରନ୍ ଚେଜ୍ କଲା ତାକୁ ଯେତେ ପ୍ରଶଂସା କଲେ କମ୍ ହେବ। ଭାରତର ୩୪୭ ରନକୁ ଅତିକ୍ରମ କରିବା ନିଶ୍ଚିତ ଦଳପାଇଁ ଅବିସ୍ମରଣୀୟ ରହିବ। ବିଶେଷକରି ଟି୨୦ ସିରିଜରେ ୦-୫ରେ ପରାଜୟ ପରେ ଏହି ବିଜୟ ଦଳର ନମନୀୟତା ଓ ଆତ୍ମବିଶ୍ୱାସକୁ ଦର୍ଶାଉଛି। ଟି୨୦ ହ୍ୱାଇଟୱାଶ୍ ପରେ କୋଚ୍ ଗ୍ୟାରୀ ଷ୍ଟେଡ୍‌ଙ୍କୁ ନେଇ ମଧ ବିବାଦ ଉପୁଜିଥିଲା। ଏସବୁକଥା ବିଚାରକୁ ନେଲେ ଗତ ମ୍ୟାଚରେ ୪ ଉଇକେଟରେ ବିଜୟୀ ଦଳକୁ ଅନେକ ପରିମାଣରେ ଆଶ୍ୱସ୍ତ କରିଛି। ରନ ଚେଜ୍ ସମୟରେ ରସ୍ ଟେଲର ଅଠାଭଳି କ୍ରିଜ୍‌ରେ ଲାଗି ରହିଲେ। ଅଧିନାୟକ କେନ୍ ୱିଲିୟମସନଙ୍କ ଅନୁପସ୍ଥିତିରେ ତାଙ୍କୁ ହେନରି ନିକୋଲସ ଓ ଟମ୍ ଲଥାମ ଉପଯୁକ୍ତ ସହଯୋଗ କଲେ। ସବୁଠାରୁ ବଡ଼ କଥା ହେଲା ବୃହତ୍ ସ୍କୋର ପିଛା କରିବାବେଳେ ନ୍ୟୁଜିଲାଣ୍ଡ ଶୀର୍ଷଭାଗରେ ଶୀଘ୍ର ଉଇକେଟ ହରାଇ ନ ଥିଲା ଏବଂ ରନହାର ବଜାୟ ରଖିଥିଲା। ଏପରିକି ମାର୍ଟିନ ଗୁପଟିଲ ସ୍ୱାଭାବିକ ଖେଳି ନ ପାରିଥିବାବେଳେ ନିକୋଲସ ଆଗକୁ ଆସି ଦଳକୁ ଲକ୍ଷ୍ୟପଥରେ ଆଗେଇ ନେଇଥିଲେ। ଗୁପଟିଲ ଓ ବ୍ଲଣ୍ଡେଲ ଅଳ୍ପ ବ୍ୟବଧାନରେ ଆଉଟ ହେବାପରେ ନିକୋଲସ ଓ ଟେଲର ଇନିଂସ ସମ୍ଭାଳି ନେଇଥିଲେ। ୩୦ରୁ ୪୦ ଓଭର ମଧ୍ୟରେ ୧୧୭ ରନ ସଂଗ୍ରହ କରି ନ୍ୟୁଜିଲାଣ୍ଡ ମ୍ୟାଚକୁ ନିୟନ୍ତ୍ରଣକୁ ନେଇ ଯାଇଥିଲା। ୪୧ ଓଭର ଆରମ୍ଭ ବେଳକୁ ଆବଶ୍ୟକ ରନ ହାର ୫-୬କୁ ଖସି ଆସିଥିଲା। ଟାର୍ଗେଟ ୩୫୦ ପାଖାପାଖି ଥିବାରୁ ଏପରି ହେବ ବୋଲି କଳ୍ପନା କରି ହେଉ ନ ଥିଲା।

ହାମିଲଟନରେ ଫିଲ୍ଡିଂକୁ ନେଇ ଭାରତ ନିଶ୍ଚିତ ଦୁଃଖିତ ହୋଇଥିବ। କ୍ରମାଗତ ୩ଟି ସିରିଜରେ ଦଳ ପ୍ରଥମ ମ୍ୟାଚରେ ପରାଜିତ ହୋଇଛି। ମାତ୍ର ଘରୋଇ ପରିବେଶରେ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପରି ଭାରତ ଏଥର ମଧ ସଫଳ ପ୍ରତ୍ୟାବର୍ତ୍ତନ କରିବା ନେଇ ମୁଁ ଦୃଢ଼ ଆଶାୟୀ। ଏଥିପାଇଁ ଦଳକୁ ପଡ଼ିଆରେ ଅଧିକ ଉର୍ଜା ଦେଖାଇବା ସହ ଶୃଙ୍ଖଳିତ ବୋଲିଂ କରିବାକୁ ହେବ ଏବଂ ବ୍ୟାଟିଂ ସମୟମରେ ପାର୍ଟନରଶିପ୍ ଗଢ଼ିବାରେ ମନୋନିବେଶ କରିବାକୁ ପଡ଼ିବ। ଟେଲର ୧୦ ରନ କରିଥିବାବେଳେ କୁଲଦୀପ ତାଙ୍କ କ୍ୟାଚ ହାତଛଡ଼ା କରିଥିଲେ। ଏହା ମ୍ୟାଚର ଅନ୍ୟତମ ଟର୍ନିଂ ପଏଣ୍ଟ ଥିଲା। ଆଗକୁ ଭାରତ ଏପରି ନ ହେବା ଉପରେ ଧ୍ୟାନଦେବା ଉଚିତ। ପଦାର୍ପଣକାରୀ ମୟଙ୍କ ଅଗ୍ରୱାଲ ଓ ପୃଥ୍ୱୀ ଶ'ଙ୍କ ଠାରୁ ଆରମ୍ଭ କରି ବିରାଟ କୋହଲି, ଶ୍ରେୟାସ ଆୟାର ଓ ଲୋକେଶ ରାହୁଲଙ୍କ ପର୍ଯ୍ୟନ୍ତ ଭାରତର ବ୍ୟାଟିଂ ଅତ୍ୟନ୍ତ ପ୍ରଭାବୀ। ଇନିଂସ ଗଢ଼ିବା ସହିତ ଦଳକୁ ବଡ଼ ସ୍କୋର ଆଡ଼କୁ ନେଇଯିବାକୁ ସେ ସକ୍ଷମ ବୋଲି ଆୟାର ପ୍ରମାଣିତ କରିଛନ୍ତି। ରାହୁଲଙ୍କ ବିସ୍ଫୋରକ ଇନିଂସ ଟପ୍ ଫିନିଶର ମହେନ୍ଦ୍ର ସିଂ ଧୋନୀ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କଥା ମନେପକାଇ ଦେଇଛି। ବ୍ୟାଟିଂ ଚମତ୍କାରିତାକୁ ବୋଲିଂ ଓ ଫିଲ୍ଡିଂରେ ପ୍ରଦର୍ଶନ କରିପାରିଲେ ଭାରତ ଅକ୍‌ଲାଣ୍ଡରେ ସିରିଜକୁ ବରାବର ନ କରିବାର କୌଣସି କାରଣ ମୁଁ ଦେଖିବାକୁ ପାଉନାହିଁ।

(ଗେମ୍ ପ୍ଲାନ)

ROYAL STAG CUP
INDIA vs NEW ZEALAND
ODI & TEST
*MEGA MUSIC CDs

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମଦନମୋହନ ପରିଡ଼ା
ସର୍ବୋଦୟନଗର, ପୁରୀ-୨
ତିରୋଧାନ: ୦୧।୦୨।୨୦୧୫
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଦୃଢ଼ମନା, ନିର୍ଭୀକତା, କର୍ତ୍ତବ୍ୟନିଷ୍ଠା, ସାଧୁତା, ପରୋପକାରିତା ଓ ତ୍ୟାଗ ଆମ୍ଭମାନଙ୍କ ପାଇଁ ଆଦର୍ଶ ଓ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭେ ଅନୁଭବ କରିଛୁ। ଆଜି ପଞ୍ଚମ ଶ୍ରାଦ୍ଧ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ସ୍ତ୍ରୀ: ନିରୁପମା, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବାନ୍ଧବ।
ଧ-୬୭୨୮୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




ସ୍ୱର୍ଗତ ଅଶୋକ କୁମାର ସାମନ୍ତରାୟ
ପାତ୍ରପଡ଼ା
ଧରାବତରଣ: ୧୮।୦୫।୧୯୬୧
ମୃତ୍ୟୁବରଣ: ୨୨।୦୨।୨୦୦୫
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପତ୍ନୀ: ନଳିନୀ, ଝିଅ: ଆନି ଓ ମୁନୁ, ଜ୍ୱାଇଁ: ଦୀପୁ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୭୮୦

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ମହାଲକ୍ଷ୍ମୀ ପାଠୀ
ଆବିର୍ଭାବ: ଭାଦ୍ର ଶୁକ୍ଳ ଚତୁର୍ଦ୍ଦଶୀ (ଅନନ୍ତ ବ୍ରତ) ୧୯୪୨
ତିରୋଧାନ: ମାଘ ଶୁକ୍ଳ ତ୍ରୟୋଦଶୀ ୨୦.୦୨.୨୦୧୬
ଚାହୁଁ ଚାହୁଁ ଚାରିବର୍ଷ ପୁରିଗଲା। ଶରୀର ସିନା ନାହିଁ ପାଖରେ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଉପଦେଶ, ତୁମର ସର୍ବଦା ପ୍ରେରଣୀୟ ହୋଇଥାଉ ଆମ ହୃଦୟରେ। ଜଗନ୍ନାଥ ମହାପ୍ରଭୁ ତୁମର ଅମ୍ଳାନ ଆତ୍ମାର ସଦ୍‌ଗତି କରାନ୍ତୁ ଏହାହିଁ ଆମର ଭୂମିଷ୍ଠ ପ୍ରାର୍ଥନା।
-: ଶୋକ ସନ୍ତପ୍ତ :-
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତୀ ଓ ନାତୁଣୀ ଏବଂ ବନ୍ଧୁ ପରିବାର ବର୍ଗ।
ଧ-୧୬୫୭୬

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ଭାମାମଣି ବଳ
(ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସାଧୁ ଚରଣ ବଳଙ୍କ ପତ୍ନୀ)
ଏଡତାଳ, (ବଳସାହି) ଉଆସଡିହ, ବାସୁଦେବପୁର, ଭଦ୍ରକ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ:
ପୁଅ: ପ୍ରେମାନନ୍ଦ, ଦୁଃଶାସନ, ପୁତ୍ରବଧୂ: ନିରୁପମା, ନାତି: ଧନେଶ୍ୱର, ମହେଶ୍ୱର ଓ ଆତ୍ମୀୟସ୍ୱଜନ।
ଧ-୧୬୫୭୪

**ଦଶାହ ଉପଲକ୍ଷେ**



ସ୍ୱର୍ଗତ ଶ୍ରୀଯୁକ୍ତ ଲକ୍ଷ୍ମଣ ପାଣିଗ୍ରାହୀ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଦାଶରଥି ହାଇସ୍କୁଲ, ଓଳସିଂ, ଖୋର୍ଦ୍ଧା
ଜଗନ୍ନାଥ ଶାସନ, ବାଣପୁର, ଖୋର୍ଦ୍ଧା
ଆବିର୍ଭାବ: ୦୧।୧୦।୧୯୩୫
ତିରୋଧାନ: ୨୯।୦୧।୨୦୨୦
"ହସି ହସି ଚାଲିଗଲ ଡ଼ାକି ଜଗନ୍ନାଥ, ସ୍ୱର୍ଗଦ୍ୱାରେ ସ୍ୱର୍ଗପ୍ରାପ୍ତି ହେଲ ଦିବଂଗତ।"
ହେ ପୂଜ୍ୟ, ଆପଣଙ୍କର ତ୍ୟାଗ, କଠୋର ସତ୍ୟନିଷ୍ଠା ତଥା ପରୋପକାରିତା ଆମପାଇଁ ପଥ ପ୍ରଦର୍ଶକ ହେବ। ଆପଣଙ୍କ ଋଣ ଆମପାଇଁ ଚିର ଅଶୁଝା। ପ୍ରତ୍ୟେକ ମୁହୂର୍ତ୍ତ ଆପଣ ଆମ ପାଖରେ ଅଛନ୍ତି, ରହିବେ। ଦିବଂଗତ ଆତ୍ମା ସଦ୍‌ଗତି ଲଭୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ: ସରସ୍ୱତୀ, କନ୍ୟା: ନମିତା, ମମତା, ସସ୍ମିତା, କସ୍ମିତା, ଜ୍ୱାଇଁ: ପଦ୍ମଚରଣ, ଦୁର୍ଯ୍ୟୋଧନ, ହେମନ୍ତ, ପୁତ୍ର: ନିରୋଦକାନ୍ତ, ନାତି: ପ୍ରତୀକ, ଦୀପ୍ତିମାନ, ନାତୁଣୀ: ମୌସୁମୀ, ସମନ୍ୱିତା, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୬୮୮୧୬

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୭/୨୦୨୦ Bhubaneswar, Friday, February 7/2020




# ବଜେଟରେ ୧୦୦ କୋଟି, ମାର୍ଚ୍ଚ ସୁଦ୍ଧା ଗଡ଼ିବ ରେଳ

**କେନ୍ଦ୍ରାପଡା ଅଫିସ, ୬।୨**

## ହରିଦାସପୁର- ପାରାଦୀପ ରେଳପଥ

ଶିଳ୍ପ ଅଭିବୃଦ୍ଧି ଓ ସାମାଜିକ ବିକାଶ ପାଇଁ ଦେଶରେ ରେଳସେବା ଜରୁରୀ । ଏହା ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନତୀକରଣ ସହ ପରିବହନ କ୍ଷେତ୍ରରେ ଥିବା ସମସ୍ୟାକୁ ଅନେକାଂଶରେ ସମାଧାନ କରିଥାଏ । ତେବେ କେନ୍ଦ୍ରାପଡା ଜିଲାବାସୀ ଅଦ୍ୟାବଧି ରେଳସେବା ପାଇ ପାରି ନାହାନ୍ତି । ହରିଦାସପୁର- ପାରାଦୀପ ନୂଆ ବ୍ରଡଗେଜ୍ ରେଳଲାଇନ ପାଇଁ ୨୧ ବର୍ଷ ଧରି କେନ୍ଦ୍ରାପଡାବାସୀ ଚାହିଁ ବସିଛନ୍ତି। ତେବେ ଏହି ପ୍ରକଳ୍ପ ପାଇଁ ଚଳିତବର୍ଷ ରେଳ ବଜେଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ଯାହା ଫଳରେ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଜିଲାରେ ରେଳ ଗଡିବା ସମ୍ଭାବନା ସୃଷ୍ଟି ହୋଇଛି । ଏହି ରେଳପଥ ନିର୍ମାଣ ପରେ ପାରାଦୀପ ସହ ଦୈତାରୀ- ବାଂଶପାଣି ରେଳପଥ ଯୋଡି ହୋଇଯିବ। ଫଳରେ ଦୈତାରୀ, ବାଂଶପାଣି ଅଞ୍ଚଳରୁ ଲୁହାପଥର ପାରାଦୀପ ପର୍ଯ୍ୟନ୍ତ ପରିବହନ ହେବ । ସେହିପରି ପାରାଦୀପ- କଟକ ରେଳପଥର ବ୍ୟବହାର ହ୍ରାସ ପାଇବ । ଫଳରେ ଉକ୍ତ ଦୁଇଟି ରେଳପଥରେ ଅଧିକ ଯାତ୍ରୀବାହୀ ଓ ପଣ୍ୟବାହୀ ରେଳ ଚଳାଚଳ କରିପାରିବ । ସେହିପରି ପୂର୍ବତଟର ଏହି ୮୨ କିଲୋମିଟର ରେଳପଥ ନିର୍ମାଣ ଦ୍ୱାରା ଖଡଗପୁର ଓ କଲିକତା ପାଇଁ ପାରାଦୀପରୁ ନୂଆ ପଥ ଖୋଲିଯିବ । ଫଳରେ ଯାତ୍ରୀ ଓ ମାଲ ପରିବହନ କ୍ଷେତ୍ରରେ ଥିବା ମୂଲ୍ୟ ହ୍ରାସ ଘଟିବ। ଏହି ରେଳପଥ ପାଇଁ ୧୯୯୫- ୯୬ ଆର୍ଥିକ ବର୍ଷରେ ଯୋଜନା କରାଯାଇଥିଲା । ଏଥିପାଇଁ ଆବଶ୍ୟକ ଥିବା ୧୭୮୦ ଏକର ଜମିକୁ ହାତକୁ ଆଣିବା ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ସର୍ବେକ୍ଷଣ ଆରମ୍ଭ କରିଥିଲା । ୧୯୯୯ ମସିହା ଏପ୍ରିଲ ୪ ତାରିଖରେ ତତ୍କାଳୀନ ରେଳମନ୍ତ୍ରୀ ନୀତୀଶ କୁମାର ଜିଲାର ମାର୍ଶାଘାଇ ଠାରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ରେଳମନ୍ତ୍ରୀ ନୀତୀଶ କୁମାର ୨୦୦୪ ମସିହା ସୁଦ୍ଧା କେନ୍ଦ୍ରାପଡା ଜିଲା ମଧ୍ୟ ଦେଇ ରେଳ ଗଡିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ରେଳପଥ ମଧ୍ୟରେ ଥିବା ନଦୀନାଳ ପୋଲ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା । ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକର ସୂଚନା ଅନୁଯାୟୀ ଇତିମଧ୍ୟରେ ରେଳପଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି । ଦ୍ରୁତଗତିରେ ରେଳପଥ ନିର୍ମାଣ ଚାଲୁଥିବାରୁ ଖୁବଶୀଘ୍ର ଜିଲାବାସୀ ରେଳର ସୁବିଧା ସୁଯୋଗ ପାଇ ପାରିବେ । ଜିଲାରେ ରେଳ ଲାଇନ ସମ୍ପର୍କରେ ଭାଜପାର ବରିଷ୍ଠ ନେତା ଭୁବନ ମୋହନ ଜେନା କହିଛନ୍ତି ଯେ, କେନ୍ଦ୍ରାପଡାରେ ରେଳପଥ ନିର୍ମାଣ ବହୁ ଦିନ ଧରି ପଡି ରହିଥିଲା । ୨୦୧୫ ମସିହାରେ ରାଜ୍ୟ ସରକାର ଏଥିପାଇଁ ୩୦୦ କୋଟି ଟଙ୍କା ଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିଲେ। ତେବେ କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ଏହି ପ୍ରକଳ୍ପ ପାଇଁ ଅର୍ଥ ବାଧକ ସାଜିନାହିଁ । ପୂର୍ବ ୪ଟି ବଜେଟରେ ଏଥିପାଇଁ ୧୦୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା । ଚଳିତବର୍ଷ ପ୍ରକଳ୍ପର ଗୁରୁତ୍ୱ ଦୃଷ୍ଟିରୁ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଫଳରେ ଅଧୁରା କାମ ଶୀଘ୍ର ଶେଷ ହୋଇପାରିବ। ଏ ସମ୍ପର୍କରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ପ୍ରକାଶ କରିଛନ୍ତି ଯେ, ଏହି ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ଅବଦାନ ବହୁତ। ଏହି ଏସପିଭି (ସ୍ପେଶାଲ ପର୍‌ପୋଜ ଭେହିକିଲ) ପ୍ରୋଜେକ୍ଟରେ ରାଜ୍ୟର ୨୬.୫୪ ପ୍ରତିଶତ ଅଂଶଧନ ଅଛି। ଏହାବ୍ୟତୀତ ଜମି ଅଧିଗ୍ରହଣ ସମୟରେ ନଦୀ, ନାଳ, କେନାଲ, ମାହାରା ଆଦିରେ ରେଳପଥ ସମ୍ପ୍ରସାରଣ ପାଇଁ ଅନୁମୋଦନ ଦେବା ସହିତ ରେଜିଷ୍ଟ୍ରେଶନ ଓ ଷ୍ଟାମ୍ପ ଫିଶ ଛାଡ କରାଯାଇଛି । ରେଳପଥ ନିର୍ମାଣ ଶେଷ ପରେ ଆସନ୍ତା ଏପ୍ରିଲ ମାସରୁ ଯାତ୍ରୀବାହୀ ରେଳ ଗଡିବା ଆଶା କରାଯାଉଛି ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

**କେନ୍ଦ୍ରାପଡା ଅଫିସ, ୬।୨ :** ସଦର ଥାନା ଅଧୀନ କୁହୁଡି ଗ୍ରାମର ଖୁଲଣା ବେହେରା ଏକ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି କେନ୍ଦ୍ରାପଡା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗୁରୁବାର ଧାରଣାରେ ବସିଥିଲେ । ଥାନା ଅଧିକାରୀ ପ୍ରମୋଦ ମଲ୍ଲିକ ଅଭିଯୁକ୍ତଙ୍କ ବିରୋଧରେ ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ଏ ସମ୍ପର୍କରେ ଖୁଲଣା କହିଛନ୍ତି ଯେ, ଏକ ଜମି ସମସ୍ୟାକୁ କେନ୍ଦ୍ର କରି ସଦର ଥାନା କୁହୁଡି ଗ୍ରାମର ଜଣେ ବ୍ୟକ୍ତି ବାରମ୍ବାର ପରିବାର ସଦସ୍ୟଙ୍କୁ ମାଡ ମାରିବା ସହିତ ଜମି ହଡପ କରିବା ପାଇଁ ଉଦ୍ୟମ କରିଛନ୍ତି । ଏନେଇ ଥାନାରେ ଦୁଇଟି ମାମଲା ହୋଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଧାରଣା ଦେଇଥିବା ସେ ପ୍ରକାଶ କରିଛନ୍ତି ।

## ଗୋଟିଏ ଦିନରେ ପୋଖରୀରେ ବୁଡ଼ି ୨ ମୃତ

**ମାର୍ଶାଘାଇ/ ମହାକାଳପଡା, ୬।୨ (ଡି.ଏନ୍.ଏ.)**

ଗୋଟିଏ ଦିନରେ ପୃଥକ ଭାବେ ପୋଖରୀରେ ବୁଡି ଜଣେ ବୃଦ୍ଧା ଓ ଏକ ଦୁଇ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି । ପ୍ରକାଶ ଯେ, ମାର୍ଶାଘାଇ ଥାନା ବଡକୂଳ ଗ୍ରାମର ବୃଦ୍ଧା ମାଳତୀ ନାଥ (୮୯) ଗୁରୁବାର ସକାଳେ ଶୌଚ ହେବାକୁ ନିଜ ଜମି ପାଖରେ ଥିବା ପୋଖରୀକୁ ଯାଇଥିଲେ । ଏହି ସମୟରେ ଅସାବଧାନତା ବଶତଃ ପୋଖରୀରେ ବୁଡିଯାଇ ମୃତ୍ୟୁବରଣ କରିଥିଲେ । ଶୌଚ ହେବାକୁ ଯାଇ ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ସଦସ୍ୟ ଏବଂ ପଡୋଶୀ ଖୋଜାଖୋଜି କରି ତାଙ୍କୁ ପୋଖରୀରୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୃଦ୍ଧାଙ୍କ ପୁଅ ନବଘନ ନାଥ ପୋଲିସକୁ ସୂଚନା ଦେବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ଏ ନେଇ ମାମଲା ରୁଜୁ କରାଯାଇଛି। ସେହିପରି ମହାକାଳପଡା ବ୍ଲକ ମହାକାଳପଡା ପଞ୍ଚାୟତ ଅଧୀନ କିଆରବାଙ୍କ ଗ୍ରାମର ଗଗନ ବିହାରୀ ଦାସଙ୍କ ଶିଶୁପୁତ୍ର ସକାଳେ ବାଡି ପୋଖରୀର ହୁଡାରେ ଖେଳୁଥିବା ସମୟରେ ତାର ଗୋଡ ଖସି ଯିବାରୁ ପୋଖରୀରେ ବୁଡି ଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ଶେଷରେ ପୋଖରୀରୁ ଶିଶୁକୁ ଉଦ୍ଧାର କରି ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ଶିଶୁପୁତ୍ର ଅମିତାଭକୁ ମୃତ ଘୋଷଣା କରିଥିଲେ ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଘରୋଇ ଚିକିତ୍ସାଳୟରେ ଲାଗିବ ଲଗାମ

**ନୟାଗଡ ଅଫିସ,୬।୨**

ନୟାଗଡ଼ ଜିଲାର ସମସ୍ତ ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ର ଉପରେ ଲଗାମ ଲାଗିବ। ଜିଲାରେ ଥିବା ଏସବୁ କେନ୍ଦ୍ରଗୁଡ଼ିକରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ ହେବ। ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲାପାଳ ଡା. ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବିଶେଷ କରି ବିଭିନ୍ନ ଅସ୍ତ୍ରୋପଚାର ସମୟରେ ଘରୋଇ ଚିକିତ୍ସାଳୟର ମାଲିକମାନେ ଆବେଦନ ପତ୍ରରେ ଉଲ୍ଲେଖ ଥିବା ନିଶ୍ଚେତକ ଡାକ୍ତର, ସ୍ତ୍ରୀରୋଗ ବିଶେଷଜ୍ଞ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଦୈନିକ ଉପସ୍ଥାନ ବାୟୋମେଟ୍ରିକ ବ୍ୟବସ୍ଥା ମାଧ୍ୟମରେ ସୁନିଶ୍ଚିତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଅଣଦେଖା କଲେ ସମ୍ପୃକ୍ତ ସଂସ୍ଥା/କେନ୍ଦ୍ର ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ସରକାରୀ ନିର୍ଦ୍ଦେଶାବଳୀ ଅନୁସାରେ ବର୍ଜ୍ୟବସ୍ତୁ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମସ୍ତ ସ୍ୱତ୍ୱାଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ମାସିକ ବିବରଣୀ ଠିକ୍ ସମୟରେ ପ୍ରଦାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ୱେତ କୁମାର ମହାପାତ୍ର, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା. ନୌଷଦ ଅଲ୍ଲୀ ଖାଁ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ଯକ୍ଷ୍ମା) ଡା. ଶରତ କୁମାର ଦାସ, ଜିଲାର ସମସ୍ତ ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରର ସ୍ୱତ୍ୱାଧିକାରୀମାନେ ଉପସ୍ଥିତ ଥିଲେ।

- କାର୍ଯ୍ୟକାରୀ ହେବ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା
- ବର୍ଜ୍ୟବସ୍ତୁ ପରିଚାଳନାକୁ ଗୁରୁତ୍ୱ


ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା କକ୍ଷ ସମ୍ମୁଖରେ ଆବର୍ଜନା।

### ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରଗୁଡ଼ିକରେ ଜିଲାପାଳ ଲଗାମ ଲଗାଇବାକୁ ଯାଉଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ଦେଖାଦେଇଛି। ଏଠାରେ ଜୈବିକ ବର୍ଜ୍ୟବସ୍ତୁ ଠିକ୍ ଭାବେ ପରିଚାଳନା ହେଉ ନ ଥିବାବେଳେ ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରରେ କିଭଳି ତାହା କାର୍ଯ୍ୟକାରୀ ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସିରିଞ୍ଜ, ଔଷଧ ଖୋଳ ପରି ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା କକ୍ଷ ସମ୍ମୁଖରେ ପଡିରହୁଛି। ଦିନେ କି ଦୁଇଦିନ ନୁହେଁ ମାସ ମାସ ଧରି ଏହା ପଡି ରହୁଥିଲେ ମଧ୍ୟ ସଫେଇ କରାଯାଉ ନାହିଁ। ଏପରି ଅବ୍ୟବସ୍ଥା ରୋଗକୁ ଆମନ୍ତ୍ରଣ କରୁଛି। ଏହାବ୍ୟତୀତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସ୍ୱେରେଜ ବ୍ୟବସ୍ଥା କାମ କରୁ ନାହିଁ। ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା କକ୍ଷ ନିକଟରେ ଥିବା ଡ୍ରେନ ପାଣି ଜମା ହୋଇ ରହୁଥିବାରୁ ଦୁର୍ଗନ୍ଧ ବାହାରୁଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ପି.ପି. ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା କକ୍ଷ ସମ୍ମୁଖରେ ଯେଉଁ ଅଳିଆ ଆବର୍ଜନା ପଡୁଛି ତାହା ତୁରନ୍ତ ସଫା କରାଯିବ। ମ୍ୟୁନିସିପାଲିଟିକୁ ଅବଗତ କରାଇ ସବୁବେଳେ ଯେପରି ଉକ୍ତ ଅଞ୍ଚଳ ପରିଷ୍କାର ରହିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଚୋରାକାଠ ଜବତ, ଜଣେ ଗିରଫ



**ଦଶପଲ୍ଲା,୬।୨(ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକର ପଙ୍କାଲସାହି ନିକଟରେ ଗୁରୁବାର ବନ ବିଭାଗ ଚଢ଼ାଉ କରି ୭ ଖଣ୍ଡ ଶାଳକାଠ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ନାରାୟଣ ମଲିକ, ଘର ଶିଉଳି ବୋଲି ଜଣାଯାଇଛି। ନିକଟ ଜଙ୍ଗଲରୁ ଶାଳଗଛ କଟାଯାଇ ବାହାରକୁ ଚାଲାଣ ଉଦ୍ଦେଶ୍ୟରେ ସାଇଜ୍ କରାଯାଉଥିବାବେଳେ ବନ ବିଭାଗ ତରଫରୁ ଚଢ଼ାଉ କରାଯାଇ ତାହାକୁ ଜବତ କରାଯାଇଥିଲା। ନାରାୟଣ ସେଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗୀୟ ଅଫିସ ସୂତ୍ରରୁ ପ୍ରକାଶ। ଗିରଫ ଅଭିଯୁକ୍ତଙ୍କୁ ଦଶପଲ୍ଲା କୋର୍ଟ ଚାଲାଣ କରାଯାଇଥିବା ଫରେଷ୍ଟର ମନୋଜ ପ୍ରଭାକର ସାହୁ ପ୍ରକାଶ କରିଛନ୍ତି।

### ଖଣ୍ଡପଡ଼ାରେ ବିଶ୍ୱଶାନ୍ତି ଅଖଣ୍ଡ ନାମଯଜ୍ଞ

**ଖଣ୍ଡପଡା,୬।୨(ସ୍ୱ.ପ୍ର.)-**ଖଣ୍ଡପଡା ସହରାଞ୍ଚଳସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସରରେ ବୁଧବାରଠାରୁ ବିଶ୍ୱଶାନ୍ତି ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ଖଣ୍ଡପଡା ଜଗନ୍ନାଥ ମନ୍ଦିର ସତସଙ୍ଗ ସମିତି ଆନୁକୂଲ୍ୟରେ ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମାଜର ମୁଖ୍ୟ ପୁରୋଧାମାନେ ଯୋଗଦେଇ ସମସ୍ତ ମାଙ୍ଗଳିକ କାର୍ଯ୍ୟ ତୁଲାଇଥିଲେ। ଦିବସ ଓ ରାତ୍ରବ୍ୟାପୀ ଅଖଣ୍ଡ ନାମଯଜ୍ଞ ଓ ବିଶ୍ୱଶାନ୍ତି ଯଜ୍ଞ ନିମନ୍ତେ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଚନ୍ଦ୍ରଶେଖର ଦେବଙ୍କ ମନ୍ଦିର ପ୍ରତିଷ୍ଠା

**କୃଷ୍ଣପ୍ରସାଦ,୬।୨ (ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବୁଦ୍ଧିବର ଗାଁରେ ଚନ୍ଦ୍ରଶେଖର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଶ୍ରଦ୍ଧାଳୁମାନେ ବଙ୍ଗୋପସାଗରରୁ ୧୦୮ କଳସରେ ଜଳ ଧରି ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ଅଙ୍କୁରାରୋପଣ ପରେ ବୁଧବାର ଜଳାଧିବାସ ଓ କର୍ମାରମ୍ଭ ହୋଇଥିଲା। ଗୁରୁବାର ଚନ୍ଦ୍ରଶେଖର ଦେବ ଓ ପାର୍ଶ୍ୱ ଦେବତାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ଶେଷ ହୋଇଛି। ଶୁକ୍ରବାର ବିଗ୍ରହଙ୍କ ସିଂହାସନ ଆରୋହଣ, ଧ୍ୱଜା ପରିକ୍ରମା ଓ ପୂର୍ଣ୍ଣାହୁତି ସମ୍ପନ୍ନ ହେବ। ପ୍ରତ୍ୟହ ହୋମଯଜ୍ଞ, ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହେଉଛି। ୨୨ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ସଂକୀର୍ତ୍ତନ କରୁଛନ୍ତି।

# ୧୧ରୁ ଟିକାକରଣ: ୧୪ରେ କୁଷ୍ଠ ରୋଗୀ ଚିହ୍ନଟ ଅଭିଯାନ

**ନୟାଗଡ଼ ଅଫିସ,୬।୨**

ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ସ୍ୱତନ୍ତ୍ର ଟିକାକରଣ ଓ କୁଷ୍ଠ ରୋଗୀ ଚିହ୍ନଟ ଅଭିଯାନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡା. ପୋମା ଟୁଡୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆସନ୍ତା ୧୧ରୁ ଟିକାକରଣ ଓ ୧୪ରେ କୁଷ୍ଠ ରୋଗୀ ଚିହ୍ନଟ ଅଭିଯାନ କରାଯିବ ବୋଲି ସୂଚନା ଦିଆଯାଇଛି। ଜିଲାର ଓଡ଼ଗାଁ, ନୟାଗଡ଼, ନୂଆଗାଁ ଓ ଭାପୁର ବ୍ଲକରେ ଚଳିତମାସ ୧୧, ୧୨, ୧୪ ମାର୍ଚ୍ଚ, ୧୪ ଏପ୍ରିଲ ଓ ୧୪ ମେ ମାସରେ ସମସ୍ତ ଉପକେନ୍ଦ୍ରରେ ସ୍ୱତନ୍ତ୍ର ଟିକାକରଣ ଅଭିଯାନ କରାଯିବ। ସେହିପରି ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଫେବୃୟାରୀ ୧୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଜିଲାବ୍ୟାପୀ କରାଯିବ। ଉଭୟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

# ବାଲୁଗାଁରେ ଚାଷୀ ପଦଯାତ୍ରା

**ନୟାଗଡ ଅଫିସ,୬।୨**

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆରମ୍ଭ ହୋଇଥିବା ୧୦୦ ଦିନିଆ ନ୍ୟାୟ ଯାତ୍ରା ଗୁରୁବାର ୧୫ତମ ଦିବସରେ ବାଲୁଗାଁରେ ପହଞ୍ଚିଛି। ଚାଷୀମାନେ ପଦଯାତ୍ରା କରି ଚାଷୀଙ୍କ ସମସ୍ୟା ବୁଝିବା ସହ ଅଭିଯୋଗ ସଂଗ୍ରହ କରୁଛନ୍ତି। ଏଥିରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗ ଦେଇ କହିଥିଲେ, ଶାନ୍ତି ଓ ଅହିଂସାରେ ଚାଷୀ ଆନ୍ଦୋଳନ କରି ସରକାରଙ୍କ ହୋସ ଉଡାଇଦେବେ। କାରଣ ଚାଷୀ ସମସ୍ୟାରେ ଜର୍ଜରିତ ହେଉଥିବାବେଳେ ସରକାର ସବୁ କିଛି ଠିକ୍ ଅଛି ଦର୍ଶାଇ ନୀରବତା ଅବଲମ୍ବନ କରୁଛନ୍ତି। ଏଠାରେ ଚାଷୀମାନେ କହିଥିଲେ ଚାଷୀଙ୍କୁ ମିଲର ଶୋଷଣ କରି ଚାଲିଛି। ଭଲ ଧାନ ଆଣିଲେ ବି କୁଇଣ୍ଟାଲ ପିଛା ୫ରୁ ୬ କେଜି କଟାଯାଉଛି। ଜିଲାପାଳ, ଉପଜିଲାପାଳ, ଯୋଗାଣ ଅଧିକାରୀଙ୍କୁ ଅବଗତ କରାଇଲେ ସୁଫଳ ମିଳୁନି। ବାଲୁଗାଁ ନିକଟ ପାଣିପୋଇଲାଠାରେ ଥିବା ଚିନି କାରଖାନାରେ ୫ ବର୍ଷ ହେଲା ତାଲା ଝୁଲୁଛି। ଏହାର ପ୍ରତିକାର କରାଯାଉନି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଯୋଜକ ମହେଶ୍ୱର ଜେନା, ପ୍ରସନ୍ନ ପ୍ରଧାନ, ମନୋଜ ଦ୍ୱାରି, ରଣଜିତ ଦଳବେହେରା, ଭାଗବତ ପରିଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ।


ପଦଯାତ୍ରାରେ ସାମିଲ ହୋଇଥିବା ଚାଷୀ।

# କୋରଡ଼ାଗଡ଼ରେ ବିଶ୍ୱଶାନ୍ତି ମହାଯଜ୍ଞ

**ନୂଆଗାଁ,୬।୨(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ କୋରଡାଗଡରେ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇଛି। କୋରଡାଗଡରେ ଅନୁଷ୍ଠିତ ତ୍ରୟୋବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ମଙ୍ଗଳବାର ରାତ୍ର ୭ଟାରେ ଅଙ୍କୁରାରୋପଣ କରାଯାଇଥିବା ବେଳେ ବୁଧବାର ସକାଳୁ ତୀର୍ଥଜଳ ଆବାହନ ଓ ଘୃତାହୁତି ଆରମ୍ଭ କରାଯାଇଥିଲା। ଗୁରୁବାର ସକାଳ ୮ଟାଠାରୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅପରାହ୍ନରେ ମହାଯଜ୍ଞ କମିଟି ତରଫରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ସେହିପରି ଶୁକ୍ରବାର ଗୋ ସମ୍ବର୍ଦ୍ଧନା ଓ ଗୋ ଜାଗରଣ କାର୍ଯ୍ୟକ୍ରମ ରହିଛି। ଶନିବାର ଓ ରବିବାର ଘୃତାହୁତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରେ ରବିବାର ସନ୍ଧ୍ୟା ୭ରେ ପୂର୍ଣ୍ଣାହୁତି ପ୍ରଦାନ କାର୍ଯ୍ୟକ୍ରମ ରହିଥିବା ମହାଯଜ୍ଞ କମିଟି ତରଫରୁ ସୂଚନା ମିଳିଛି।

# ଅପହରଣ କରି ନାବାଳିକାଙ୍କୁ ବିବାହ ସନ୍ଦେହ


ପୋଲିସକୁ ଅଟକ ରଖିଛନ୍ତି ଉତ୍ତ୍ୟକ୍ତ ଲୋକେ।

**ନୟାଗଡ ଅଫିସ,୬।୨**

- ଘର ଆଗରେ ନାଁ ଦେଖି ଉଠାଇନେଲା ପୋଲିସ
- ଛାଡିବା ପରେ ବି ଥମିଲାନି ଉତ୍ତେଜନା
- ଜଟଣୀ ଓ ଇଟାମାଟି ପୋଲିସ ୧ ଘଣ୍ଟା ଅଟକ

ଅପହରଣ କରି ନାବାଳିକାଙ୍କୁ ବିବାହ କରିଥିବା ସନ୍ଦେହରେ ଜଣଙ୍କ ଘର ଆଗରେ ନାଁ ଦେଖି ପୋଲିସ ଜଣେ ଯୁବକଙ୍କୁ ଉଠାଇ ନେବା ପରେ ନୟାଗଡ ଜିଲା ଇଟାମାଟି ଥାନା ଗମ୍ଭାଡିରେ ଗୁରୁବାର ରାତିରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ତ୍ରୁଟି ସ୍ୱୀକାର କରି ଅଟକ ଯୁବକଙ୍କୁ ଛାଡି ଦେଇଥିଲେ ମଧ୍ୟ ଉତ୍ତେଜନା ଥମି ନ ଥିଲା। ଉତ୍ତ୍ୟକ୍ତ ଲୋକେ ଖୋର୍ଦ୍ଧା ଜିଲାର ଜଟଣୀ ଓ ଇଟାମାଟି ଥାନା ପୋଲିସକୁ ୧ ଘଣ୍ଟା ଧରି ଅଟକ ରଖିଥିଲେ। ଏପରି କି ଭ୍ୟାନ ଚକାରୁ ପମ୍ପ ଖୋଲି ଦେଇଥିଲେ। ଘଟଣାସ୍ଥଳରେ ନୟାଗଡ଼ ଏସ୍‌ଡିପିଓ, ନୟାଗଡ ସଦର ଥାନା ଆଇଆଇସିଙ୍କ ସମେତ ଇଟାମାଟି ଆଇଆଇସି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ସୁଫଳ ମିଳି ନ ଥିଲା। ତେବେ ସ୍ୱୀକାରୋକ୍ତି ପରେ ଉତ୍ତ୍ୟକ୍ତ ଲୋକେ ଅଟକ ପୋଲିସକୁ ଛାଡି ଦେଇଥିଲେ। ପ୍ରାପ୍ତ ସୂଚନା ଅନୁସାରେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳର ଜଣେ ନାବାଳିକା ଗତ କିଛିଦିନ ହେଲା ନିଖୋଜ ଅଛନ୍ତି। ନିଖୋଜ ନାବାଳିକାଙ୍କ ସମ୍ପର୍କୀୟ ଘର ଗମ୍ଭାଡିରେ। ନାବାଳିକା ଗମ୍ଭାଡିରେ ବିବାହ କରିଥିବା ଜଣାପଡିଥିଲା। ନାବାଳିକାଙ୍କ ମା'ବାପା ଜଟଣୀ ଓ ଇଟାମାଟି ପୋଲିସ ସହାୟତାରେ ଗୁରୁବାର ସନ୍ଧ୍ୟାରେ ଗମ୍ଭାଡିରେ ପହଞ୍ଚିଥିଲେ। ସେମାନେ ଗମ୍ଭାଡିରେ ଜଣେ ଲୋକଙ୍କ ଘର ଆଗରେ ବିବାହ ପାଇଁ ଲେଖାଯାଇଥିବା କାନ୍ଥରେ ଝିଅର ନାଁ ଦେଖିଥିଲେ। ପରେ ପୋଲିସ ଦ୍ୱାରା ଝିଅକୁ ଆଣିବାକୁ ଉଦ୍ୟମ କରିଥିଲେ। ପ୍ରଥମେ ପୋଲିସ ଜଳଖିଆ ଖାଉଥିବା ଜଣେ ଯୁବକଙ୍କୁ ଉଠାଇ ନେଇଥିଲା। ପରେ ପୁଅ ଘରେ ପଶି ଝିଅର ମତାମତ ନେଇଥିଲେ। ହେଲେ ଝିଅ ଜଟଣୀ ଅଞ୍ଚଳର ନୁହଁ କହିବା ପରେ ଇଟାମାଟିକୁ ନେଇଯାଇଥିବା ଯୁବକଙ୍କୁ ପୋଲିସ ଫେରାଇ ଆଣିଥିଲା। ଏହା ପରେ ଗାଁରେ ଉତ୍ତେଜନା ଲାଗି ରହିଥିଲା। ରାତି ୮ଟାରୁ ୯ଟା ପର୍ଯ୍ୟନ୍ତ ପୋଲିସ ଲୋକଙ୍କ ଘେରାଉ ଭିତରେ ରହିଥିଲେ। ଏ ସମ୍ପର୍କରେ ନୟାଗଡ଼ ଏସ୍‌ଡିପିଓ ନିରଞ୍ଜନ ପାଢୀ କୁହନ୍ତି, ନାବାଳିକାଙ୍କ ମା'ବାପା ଘର ଚିହ୍ନଟ କରି ନ ପାରିବାରୁ ପୋଲିସ ଅସୁବିଧାର ସମ୍ମୁଖୀନ ହୋଇଥିଲା। ପରେ ପରିସ୍ଥିତି ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲା।

# ମଦଦୋକାନ ଓ ବାର୍ ଉପରେ ଲଗାମ ଢିଲା

**ନୟାଗଡ ଅଫିସ,୬।୨**

**ନୟାଗଡ଼ ସହରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା**

ଜିଲା ସଦର ମହକୁମାରେ ସରକାରୀ ମଦ ଦୋକାନ ଓ ବାର ଉପରେ ନିୟନ୍ତ୍ରଣ ନାହିଁ। ରାତି ୧୦ଟାରେ ବନ୍ଦ ହେବାକୁ ଥିବା ମଦ ଦୋକାନ ଓ ବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲାରହୁଥିବା ଅଭିଯୋଗ ହେଉଛି। ମଦ ଦେକାନଗୁଡିକ ୧୧ରୁ ୧୨ଟା ମଧ୍ୟରେ ବନ୍ଦ ହେଉଥିବାବେଳେ ବାରଗୁଡିକ ରାତି ୧ରୁ ୨ଟା ପର୍ଯ୍ୟନ୍ତ ଚାଲୁଛି। ଅନ୍ୟପକ୍ଷେ ଠିପିବନ୍ଦ ମଦ ଦୋକାନ ସମ୍ମୁଖରେ ମଦ ପିଆ ଚାଲିଛି। ଏ ଦିଗରେ ପୋଲିସ ଓ ଅବକାରୀ ବିଭାଗ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସହରରେ ଅସାମାଜିକ କାର୍ଯ୍ୟକଳାପ ବଢୁଛି। ଅଧିକାଂଶ ସମୟରେ ରାତିରେ ମଦ ଦୋକାନ ଓ ବାର ସମ୍ମୁଖରେ ଗଣ୍ଡଗୋଳ, ମାରପିଟ୍ ହେଉଛି। ଏପରି କି ଜିଲା ମୁଖ୍ୟାଳୟରେ ଏହା ନିତିଦିନିଆ ଘଟଣାରେ ପରିଣତ ହେଲାଣି।

# ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ

**ଗଣିଆ,୬।୨(ଡି.ଏନ.ଏ.)**

ନୟାଗଡ ଜିଲା ଗଣିଆ ବ୍ଲକ ବେଲପଡା ପାଟଣା ପଞ୍ଚାୟତ ୱାଲିପୁର ଗ୍ରାମରେ ଗୁରୁବାର ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ମଙ୍ଗଳବାର ଶୁଭାଧିବାସ, ଅଖଣ୍ଡ ହନୁମାନ ଚାଳିଶା ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ବୁଧବାର ନିକଟସ୍ଥ ମହାନଦୀ ଘାଟରୁ ୧୦୮କଳସରେ ଜଳ ଅଣାଯାଇ ଯଜ୍ଞମଣ୍ଡପ ପରିସରରେ ସ୍ଥାପନ କରାଯାଇଥିଲା। ପରେ ଯାଜ୍ଞିକ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଆରମ୍ଭ କରାଯାଇ ଘୃତାହୁତି ପ୍ରଦାନ କରାଯାଇଥିଲା। ଗୁରୁବାର ସକାଳୁ ନୂତନ ମନ୍ଦିର ପ୍ରତିଷ୍ଠା, ମହାବୀର ହନୁମାନଙ୍କର ବିଗ୍ରହ ସ୍ଥାପନ ପରେ ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ଏବଂ ନଗର କୀର୍ତ୍ତନ କରାଯାଇଥିଲା। ଗ୍ରାମବାସୀଙ୍କ ତରଫରୁ ୩ଦିନ ଧରି ଅନୁଷ୍ଠିତ ଏହି ଧର୍ମୀୟ କାର୍ଯ୍ୟକ୍ରମରେ ପ୍ରତ୍ୟହ ନାମଭଜନ କୀର୍ତ୍ତନରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଦେଖିବା ପାଇଁ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁଙ୍କର ଆଗମନ ହୋଇଥିଲା।


ମହାନଦୀ ଘାଟରୁ ୧୦୮ କଳସ ଶୋଭାଯାତ୍ରା।

# ରାସ୍ତାକଡ଼ କମାରଶାଳରେ ବଢୁଛି ବେପାର

## ହଜିବାକୁ ବସିଲାଣି ଗାଁ କମାର ଶାଳ

**ଅଜୟ କୁମାର ମହାରଣା**
**ଖଣ୍ଡପଡା,୬।୨**

କମାରଶାଳ ଏବେ ଅଲୋଡା ହୋଇ ପଡିଥିବା ବେଳେ ଏହି ଶିଳ୍ପ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା କାରିଗର ଏବେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। କମାରଶାଳରୁ ପ୍ରସ୍ତୁତ ସାମଗ୍ରୀ ପରିବର୍ତ୍ତେ ଲୋକେ ମେଶିନ ତିଆରି ସରଞ୍ଜାମ ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ଗ୍ରାମରେ ମଧ୍ୟପ୍ରଦେଶରୁ ଆସିଥିବା କେତେକ ଲୋହାପିଟା(ଲୋହାର) କାରିଗରଙ୍କୁ ଦେଖିବାକୁ ମିଳୁଛି। ସେମାନେ ଯେପରି ଭାବେ ଲୁହାର ବିଭିନ୍ନ ସାମଗ୍ରୀମାନ ତିଆରି କରୁଛନ୍ତି ତାହା ଦେଖିବାକୁ ଅବା ଖଣ୍ଡେ କିଣି ନେବାକୁ ଲୋକେ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି।

ଏକଦା ନୟାଗଡ ଜିଲା ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗାଁରେ ବହୁ କମାରଶାଳ ଗଢି ଉଠିଥିଲା। ସେଠାରେ କାରିଗରମାନେ ବିଭିନ୍ନ ଲୁହା ସାମଗ୍ରୀ ପ୍ରସ୍ତୁତ କରି ଜୀବିକା ନିର୍ବାହ କରି ଆସୁଥିଲେ। ମାତ୍ର ସମୟ ବଦଳିବା ସହ ପାରମ୍ପରିକ ସରଞ୍ଜାମ ପ୍ରତି ଲୋକଙ୍କ ଆଗ୍ରହ କମିଯାଇଛି। ଗାଁଗଣ୍ଡାରେ ଆଉ କମାରଶାଳ ଦେଖିବାକୁ ମିଳୁନି। କେଉଁଠି କେମିତି କମାରଶାଳ ରହିଥିଲେ ମଧ୍ୟ ସେଠାରେ କାମ ହେବାର ଦେଖିବାକୁ ମିଳୁନି। କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ଖୁଦବେହେରା ପାଟଣା ଗ୍ରାମର କୃଷ୍ଣଚନ୍ଦ୍ର ମହାରଣା, ଛେତ ମହାରଣା କୁହନ୍ତି, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ଜଙ୍ଗଲ ଥିବାରୁ ଆମେମାନେ କାଠ କୋଇଲା ସହଜ ଓ ସୁଲଭ ମୂଲ୍ୟରେ ପାଇ ପାରୁଥିଲୁ। ମାତ୍ର ଜଙ୍ଗଲଗୁଡିକର ଦ୍ରୁତ ଅବକ୍ଷୟ ଘଟିଲାଣି। ପୁଣି ଜଙ୍ଗଲ ନିକଟରେ ରହୁଥିବା ଲୋକେ ଜଙ୍ଗଲ ସୁରକ୍ଷା କମିଟି କରି ଜଗାରଖା ଦାୟିତ୍ୱ ନେଉଛନ୍ତି। ଅପରପକ୍ଷେ ଲୁହା ଦର ବୃଦ୍ଧି ସାଙ୍ଗକୁ କାଠ କୋଇଲା ଅଭାବ ଯୋଗୁ ଉତ୍ପାଦିତ ସାମଗ୍ରୀ ମୂଲ୍ୟରେ ବୃଦ୍ଧି ଘଟିଛି। ଏହାଛଡା କମାରଶାଳରେ ତିଆରି ସାମଗ୍ରୀ ଅପେକ୍ଷା ମେଶିନ ତିଆରି ସାମଗ୍ରୀ ବହୁ କମ ମୂଲ୍ୟରେ ମିଳୁଛି। ଫଳରେ ଲୋକେ କମାରଶାଳ ପ୍ରସ୍ତୁତ ସାମଗ୍ରୀ ପ୍ରତି ବିମୁଖ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳର କମାର ସମ୍ପ୍ରଦାୟର କାରିଗରମାନେ ଜୀବିକା ହରାଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଏହି ପରିପ୍ରେକ୍ଷୀରେ ମଧ୍ୟପ୍ରଦେଶରୁ ଆସି ରାସ୍ତା କଡରେ ନିଜର କାର୍ଯ୍ୟ ସମ୍ପାଦନ କରୁଥିବା ଲୋହାପିଟା କାରିଗର ମହିଳା, ପୁରୁଷଙ୍କ କାରିଗରି କୌଶଳ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଆକୃଷ୍ଟ କରୁଥିବା ଦେଖାଯାଇଛି। ଏଇ କିଛିଦିନ ହେବ ମହିଳା ଓ ପୁରୁଷ କାରିଗରମାନେ ଖଣ୍ଡପଡା ଅଞ୍ଚଳର କଣ୍ଟିଲୋ, ବାଣପୁର, ବେଣାଗାଡିଆ, ବଳରାମପ୍ରସାଦ, ସିଧାମୂଳା ଆଦି ବିଭିନ୍ନ ଅଞ୍ଚଳକୁ ଆସି ଯେଉଁଭଳି ବେପାର କରୁଛନ୍ତି ସେଥିରେ ଗାଁଗହଳିର ଲୋକେ ଚକିତ ହୋଇଯାଉଛନ୍ତି। ପ୍ରତ୍ୟହ ଶତାଧିକ ଲୋକ ସେମାନଙ୍କଠାରୁ ଟାଙ୍ଗିଆ, କୁରାଢି ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀମାନ ପ୍ରସ୍ତୁତ କରି ନେଉଥିବାର ପରିଲକ୍ଷିତ ହେଉଛି। ସୂଚନା ଯୋଗ୍ୟ ଯେ, ଆମରାଜ୍ୟର କମାରଶାଳରେ ଜଣେ ଲେଖାଏଁ କାରିଗର କିମ୍ବା ତାଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟଜଣେ ସହଯୋଗୀ ରହିଥାନ୍ତି। ମାତ୍ର ମଧ୍ୟପ୍ରଦେଶରୁ ଆସିଥିବା ଏହି ସମ୍ପ୍ରଦାୟର ଶାଳରେ ମହିଳା ପୁରୁଷ ମିଶି ୪ଜଣ କାମ କରୁଥିବା ଦେଖିବାକୁ ମିଳୁଛି। ପୁରୁଷଙ୍କ ପରି ମହିଳାମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଯେଉଁଭଳି କାମ କରୁଛନ୍ତି ତାହା ଦେଖଣାହାରିଙ୍କୁ ଚକିତ କରୁଛି। ଏହି କାରିଗରଙ୍କ ମଧ୍ୟରେ ରାଜା ରାମ(୭୦), ଫୁଲ ସିଂହ(୪୬), ସୁବନ ବାଇ(୫୫),ଲକ୍ଷ୍ମଣ ଲୋହାର, କାକୁ ବାଇ(୫୩) ଓ ମୋହନ ବାଇ(୪୩)ଙ୍କୁ ସେମାନଙ୍କ ବେପାର ସମ୍ପର୍କରେ ପଚାରିବାରେ ସେମାନଙ୍କ ମଧ୍ୟରୁ ବୟସ୍କ ବ୍ୟକ୍ତି କହିଲେ, ଅଭାବ ଅସୁବିଧା ଯୋଗୁ ଦୀର୍ଘ ବର୍ଷ ହେଲା ରାଜସ୍ଥାନର ଚିତୋରଗଡରୁ ପରିବାର ସହ ମଧ୍ୟପ୍ରଦେଶ ରାଇସଙ୍ଗ ଓ ସାଗର ଜିଲାକୁ ଚାଲି ଆସିଲୁ। ସେଠାରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବସତି ସ୍ଥାପନ କରି ରହିଲେଣି। ସରକାରଙ୍କ ବିଭିନ୍ନ ଯୋଜନା ଆମ ପାଇଁ ସ୍ୱପ୍ନ। ଆମର କୌଣସି ଜମି ବାଡି ନ ଥିବାରୁ ଏହି ହସ୍ତଶିଳ୍ପ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଛୁ। ବର୍ଷର ଜୁନ, ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ଏପରି ୪ମାସ ଏବଂ ଦୋଳ(ହୋଲି) ସମୟରେ ଘରେ ରହୁଥିବା ବେଳେ ଅବଶିଷ୍ଟ ୭/୮ମାସ ବିଭିନ୍ନ ସ୍ଥାନକୁ ଯାଇ ଏହି ଲୁହା କାମ କରି ଭଲ ଦିପଇସା ପାଉଛୁ ବୋଲି ସୂଚନା ଦେଇଥିଲେ। ଏହି ଦଳରେ ଆସିଥିବା ଲକ୍ଷ୍ମଣ କୁହନ୍ତି ମହିଳାମାନେ ଆମ ସାଙ୍ଗରେ କାମ କରୁଥିବା ବେଳେ ଅବସର ଦେଖି ଆମମାନଙ୍କ ପାଇଁ ରୋଷେଇ କରିଥାନ୍ତି। ଲୁହା ସାମଗ୍ରୀ ପ୍ରସ୍ତୁତ କରି କିଲୋ ପିଛା ୨ଶହ ଟଙ୍କାରେ ବିକ୍ରି କରୁଛୁ। ଗୋଟିଏ ଗୋଟିଏ ପରିବାର ଦିନକୁ ପ୍ରାୟ ୪ରୁ ୫ହଜାର ରୋଜଗାର କରିଥାଉ ବୋଲି ସେ ପ୍ରକାଶ କରିଥିଲେ।


ରାସ୍ତା କଡ଼ରେ କମାରଶାଳ।

# ସୁରକ୍ଷିତ ନୁହେଁ ବନ୍ୟଜନ୍ତୁ

**ବୋଲଗଡ଼,୬।୨(ଡି.ଏନ.ଏ.)**

ଖୋର୍ଦ୍ଧା ରେଞ୍ଜର ବୋଲଗଡ ବନପାଳ ଅଧୀନରେ ରହିଛି ୬ଟି ଜଙ୍ଗଲ। ଏହିସବୁ ଜଙ୍ଗଲ ବର୍ଷକୁ ବର୍ଷ ଘଞ୍ଚ ହେଉଥିବାରୁ ବିଭିନ୍ନ ପ୍ରକାରର ବନ୍ୟଜନ୍ତୁ ରହୁଥିବା ଦେଖାଯାଇଛି। ହେଲେ ଶିକାରୀ ସକ୍ରିୟ ହୋଇପଡିଥିବାରୁ ବନ୍ୟଜନ୍ତୁ ବର୍ତ୍ତମାନ ସୁରକ୍ଷିତ ନୁହନ୍ତି। ୬ ଜଙ୍ଗଲର ସୁରକ୍ଷା ପାଇଁ ୬ଟି ବିଟ୍‌ହାଉସ ରହିଛି। ଏଥିମଧ୍ୟରେ ୩ଟିର ଘର ଥିବାବେଳେ ଆଉ ୩ଟି କାଗଜ କଲମରେ ଚାଲିଛି। ସେହିପରି ୬ ବିଟ୍‌ହାଉସ ପାଇଁ ୬ଜଣ ବନରକ୍ଷୀ ରହିବା ସ୍ଥଳେ ଅଛନ୍ତି ମାତ୍ର ୨ଜଣ ବନରକ୍ଷୀ ଓ ଜଣେ ବନପାଳ। ବନ୍ୟଜନ୍ତୁଙ୍କ ସୁରକ୍ଷା ସହିତ ନାଗାପଲ୍ଲୀ ସଂରକ୍ଷିତ ଜଙ୍ଗଲରେ ରହୁଥିବା କଲରାପତରିଆ ବାଘ ପାଇଁ ବିଭାଗ ପକ୍ଷରୁ ବିଶେଷ ଦୃଷ୍ଟି ଦିଆଯିବା ଜରୁରୀ ହୋଇପଡିଛି। ଏଥି ପାଇଁ ପଦକ୍ଷେପ ନେବା ଆବଶ୍ୟକ ବୋଲି ପରିବେଶ ପ୍ରେମୀ ଇଂ. ଅକ୍ଷୟ କୁମାର ପଟ୍ଟନାୟକ କହିଛନ୍ତି। ସେହିପରି ପ୍ରାଥମିକ ପର୍ଯ୍ୟାୟରେ ବନ କର୍ମଚାରୀ ପଦବୀ ପୂରଣ ସାଙ୍ଗକୁ ବନସୁରକ୍ଷା ସମିତି ଓ ଜନସାଧାରଣଙ୍କ ସହଯୋଗ ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବା ଦରକାର ବୋଲି ପରିବେଶପ୍ରେମୀ ହୃଷୀକେଶ ଚମ୍ପତି କହିଛନ୍ତି।

ସୂଚନାଯୋଗ୍ୟ, ବୋଲଗଡ ଅଞ୍ଚଳରେ ନାଗାପଲ୍ଲୀ, ୧୮୩୨ ଏକର ପରିମିତ ପାଞ୍ଚଗଡ ଓ ମାଣିବନ୍ଧ ସଂରକ୍ଷିତ ଜଙ୍ଗଲ ରହିଛି। ସେହିପରି ବ୍ରାହ୍ମଣୀଦେବୀ,୧୦୦୧ ଏକର ପରିମିତ ଡୁବୁରୀ, ୭୯୪ଏକର ପରିମିତ ମଣ୍ଡଳସିଂହ ଚିହ୍ନିତ ସଂରକ୍ଷିତ ଜଙ୍ଗଲ ରହିଛି। ଏହି ଜଙ୍ଗଲଗୁଡ଼ିକରେ ପ୍ରତିବର୍ଷ ଚାରା ରୋପଣ ପାଇଁ ଡୁବୁର ସଂରକ୍ଷିତ ଜଙ୍ଗଲଠାରେ ରହିଛି ଏକ ସେଣ୍ଟ୍ରାଲ ନର୍ସରୀ। ଜଙ୍ଗଲଗୁଡ଼ିକ ବର୍ଷକୁ ବର୍ଷ ଘଞ୍ଚ ହେଉଥିବା କାରଣରୁ ବିଭିନ୍ନ ପ୍ରକାର ବନ୍ୟଜନ୍ତୁ ରହିଲେଣି। ନାଗାପଲ୍ଲୀ ଜଙ୍ଗଲରେ ଗତବର୍ଷ ଅକ୍ଟୋବର ମାସରେ ବାଘ ରହୁଥିବା ଜଣାପଡିଥିଲା। ଉକ୍ତ ଜଙ୍ଗଲକୁ ଚରିବାକୁ ଯାଉଥିବା ଗାଈ, ଛେଳି, ମେଣ୍ଢା ଆଦିକୁ ବାଘ ଶିକାର କରୁଥିବା ପ୍ରଚାର ହୋଇଥିଲା। ପରେ ବନ କର୍ମଚାରୀ ଯାଇ ବାଘର ପାଦଚିହ୍ନ ଦେଖିଥିଲେ। ସେବେଠାରୁ ଏହି ଜଙ୍ଗଲରେ ୨ଟି କଲରାପତରିଆ ବାଘ ରହୁଥିବା ଅନୁମାନ କରାଯାଉଛି। ବୁଧବାର ଏହି ଜଙ୍ଗଲରେ ଏକ ଗାଈକୁ ମଧ୍ୟ ବାଘ ଶିକାର କରିଥିବା ଜଣାପଡିଛି। ବନ ବିଭାଗ ପକ୍ଷରୁ ଏହାର ଅନୁଧ୍ୟାନ କରାଯାଉଥିବା ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକ କହିଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଅପରପକ୍ଷେ ଜଙ୍ଗଲ ଘଞ୍ଚ ହେଉଥିବାରୁ ବାର୍‌ହା, କୁଟୁରା, ଝିଙ୍କ ଆଦି ବନ୍ୟଜନ୍ତୁ ଅବାଧରେ ବିଚରଣ କରୁଛନ୍ତି। ହେଲେ ଏହି ବନ୍ୟଜନ୍ତୁଙ୍କୁ ଶିକାରୀମାନେ ଶିକାର କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। କେଉଁଠି ବିଦ୍ୟୁତ୍ ତାର ବିଛାଇ ବାର୍‌ହା ଶିକାର ହେଉଛି ତ ଆଉ କେତେବେଳେ ବନ୍ଧୁକରେ ଝିଙ୍କ, କୁଟୁରା ଆଦି ଶିକାର ହେଉଥିବା କୁହାଯାଉଛି। ଆଗାମୀ କିଛିଦିନ ପରେ ଖରାଦିନ ଆସିଲେ ଜଙ୍ଗଲ ଗୁଡିକରେ ପ୍ରତିବର୍ଷ ଭଳି ନିଆଁ ଲାଗିବା ସମ୍ଭାବନା ରହିଛି। ସେ ସମୟରେ କିପରି ଜଙ୍ଗଲକୁ ରକ୍ଷା କରିହେବ ସେଥିପାଇଁ ବିଭାଗ ପକ୍ଷରୁ ବେଳ ଥାଉ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

ଏ ସମ୍ପର୍କରେ ବୋଲଗଡ ବନପାଳ ପଟ୍ଟନାୟକ କହନ୍ତି, ଆମେ ଜନସାଧାରଣ ଓ ବନସୁରକ୍ଷା ସମିତି ସହାୟତାରେ ଜଙ୍ଗଲ, ବନ୍ୟଜନ୍ତୁ ସୁରକ୍ଷା ପାଇଁ କାର୍ଯ୍ୟ କରୁଛୁ। ତେବେ ନାଗାପଲ୍ଲୀ ଜଙ୍ଗଲରେ ୨ଟି କଲରାପତରିଆ ବାଘ ଥିବାର ପାଦଚିହ୍ନ ଚିହ୍ନଟ ହୋଇଥିଲା। ଏଥିପାଇଁ ଜନସାଧାରଣଙ୍କୁ ଆମେ ସଚେତନ କରାଉଛୁ। ଅନ୍ୟପକ୍ଷରେ ଜଙ୍ଗଲଗୁଡିକ ଦିନକୁ ଦିନ ଘଞ୍ଚ ହେଉଥିବାରୁ ବନ୍ୟଜନ୍ତୁ ଆଶ୍ରୟ ନେଉଛନ୍ତି। ଶିକାରୀମାନେ ଯେପରି ଶିକାର ନ କରିବେ ସେଥିପାଇଁ ଆମେ ଯତ୍ନବାନ ଅଛୁ। ବିଭିନ୍ନ ସମୟରେ ଚଢାଉ କରି ସେମାନେ ବିଛାଇଥିବା ବିଦ୍ୟୁତ୍ ତାର ଜବତ କରୁଛୁ। ଏ ଦିଗରେ ଜନସାଧାରଣଙ୍କ ସହଯୋଗ ପାଇଁ ଅନୁରୋଧ କରୁଛୁ।



କଲରାପତରିଆ ବାଘ ରହୁଥିବା ନାଗାପଲ୍ଲୀ ଜଙ୍ଗଲ।

- ସୁରକ୍ଷା ପାଇଁ ନାହାନ୍ତି ଆବଶ୍ୟକ କର୍ମଚାରୀ
- ୬ ଜଙ୍ଗଲ ପାଇଁ ଅଛନ୍ତି ୩ କର୍ମଚାରୀ

## ସଂକ୍ଷେପରେ

### ମାଘମେଳା ପାଇଁ ସ୍ୱତନ୍ତ୍ର ଏନ୍‌ଏସ୍‌ଏସ୍ କ୍ୟାମ୍ପ ଉଦ୍‌ଘାଟିତ

**ଖଣ୍ଡପଡା,୬।୨(ସ୍ୱ.ପ୍ର.)**-ଗୁରୁବାର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟଠାରେ ମାଘମେଳା ଉପଲକ୍ଷେ ଏକ ସାତ ଦିନିଆ ମହିଳା ଓ ପୁରୁଷ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ ହୋଇଛି। ପ୍ରକାଶ ଯେ, ନୟାଗଡ଼ ଜିଲାରେ ୨ୟ ଥର ପାଇଁ ନୀଳମାଧବଜୀଉଙ୍କ ମାଘମେଳା ଉପଲକ୍ଷେ ଏକ ୭ ଦିନିଆ ସ୍ୱତନ୍ତ୍ର ଜାତୀୟ ସେବାସଂସ୍ଥା(ଏନଏସଏସ) ଶିବିର ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟ ଜାତୀୟ ସେବାସଂସ୍ଥା ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ଡ.ପବିତ୍ର କୁମାର ସୁବୁଦ୍ଧି ଯୋଗଦେଇ ସେବା ଏକ କର୍ମ, ଧର୍ମ ଓ ବୃତ୍ତି ନୁହେଁ ଏକ ବ୍ରତ ବୋଲି ପ୍ରକାଶ କରିଥିଲେ। ଏହି ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସମାବେଶରେ ଏନଏସଏସ ପ୍ରୋଗ୍ରାମ ଅଫିସର ଅଧାପକ ହୃଷୀକେଶ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରି ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏନଏସଏସର ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ମାନଗୋବିନ୍ଦ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଖବରଦାତା ପ୍ରଭାକର ଶିରୋମଣି, ଅଧାପକ ପ୍ରକାଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ମହାରଣା ପ୍ରାରମ୍ଭରେ ଭଜନ ପରିବେଷଣ କରିଥିଲେ। ମହିଳା ଉଇଙ୍ଗ୍‌ର କାର୍ଯ୍ୟକ୍ରମ ଅଧିକାରିଣୀ ଅଧାପିକା ସରଳା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ମହିଳା ଓ ପୁରୁଷ ଉଇଙ୍ଗ୍‌ର ୫୦ ସ୍ୱେଚ୍ଛାସେବୀ ଯୋଗ ଦେଇଛନ୍ତି। ଏହି ଶିବିର ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି।

### ଖୋର୍ଦ୍ଧାରୁ ୮ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୩ ଗିରଫ

**ଜଟଣୀ,୬।୨(ଡି.ଏନ.ଏ.):** ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଅଞ୍ଚଳରେ ଏକ ଘର ଉପରେ କଟକ ଅବକାରୀ ଗୁଇନ୍ଦା ବିଭାଗ ଓ ଖୋର୍ଦ୍ଧା ଅବକାରୀ ବିଭାଗ ଗୁରୁବାର ଚଢ଼ାଉ କରି ୧ କୁଇଣ୍ଟାଲ ୬୦ କିଗ୍ରା ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ଟାଉନ୍ ଥାନା ଅଞ୍ଚଳର ଚନ୍ଦ୍ରକାନ୍ତ ଧିର, ଫୁଲବାଣୀ ଜିଲା କେ. ନୂଆଗାଁ ଥାନା ଅଞ୍ଚଳର ଯୁଧିଷ୍ଠିର ବିନ୍ଧାଣୀ ଓ ନାରାୟଣ ବେହେରା। ଫୁଲବାଣୀରୁ ଗଞ୍ଜେଇ ଆଣି ଅଭିଯୁକ୍ତମାନେ ମୁକୁନ୍ଦପ୍ରସାଦ ଅଞ୍ଚଳର ଏକ ଘରେ ରଖି ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନ ସମେତ ଭୁବନେଶ୍ୱର, କଟକ, ପୁରୀ ଅଞ୍ଚଳକୁ ଚାଲାଣ କରିଥାନ୍ତି। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଗୁଇନ୍ଦା ବିଭାଗର ଇନ୍‌ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ଉନ୍ମତ୍ତ ହାତୀ କବଳରୁ ବର୍ତ୍ତିଲେ ଦୁଇଛାତ୍ର

**ବେଗୁନିଆ,୬।୨(ଡି.ଏନ.ଏ.):** ବେଗୁନିଆ ବ୍ଲକ ସିକୋ ଅଞ୍ଚଳରେ ବୁଧବାର ରାତିରେ ଏକ ଦନ୍ତା ହାତୀ ପଶି ଆସି ଉନ୍ମତ୍ତକାଣ୍ଡ ଭିଆଇଛି। ହାତୀଟି ଚାଷ ଜମିରେ କରାଯାଇଥିବା ପରିବା ଫସଲକୁ ଦଳି ଚକଟି ନଷ୍ଟ କରି ଦେଇଛି। ସ୍କୁଲରେ ପଢୁଥିବା ଦୁଇଜଣ ଛାତ୍ରଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ ଉଦ୍ୟମ କରୁଥିଲା। ସେମାନେ ଦୌଡି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳରେ ହାତୀଙ୍କ ଉତ୍ପାତ ଯୋଗୁ ଗାଁ ଗଣ୍ଡାରେ ଭୟର ବାତାବରଣ ଲାଗି ରହିଛି। ମିଳିଥିବା ଖବର ମୁତାବକ, ବୁଧବାର ସନ୍ଧ୍ୟାରେ ନାରଗୋଦା ଗାଁର ଦୁଇ ଛାତ୍ର ଅଶୁତୋଷ ମହାନ୍ତି ଏବଂ ନିଶିକାନ୍ତ ମହାନ୍ତି ସାଇକେଲ ଯୋଗେ ଟିଉସନ ସାରି ଘରକୁ ଫେରୁଥିଲେ। ନାରଗୋଦା ଜଙ୍ଗଲ ନିକଟରେ ଏକ ଦନ୍ତା ହାତୀ ସେମାନଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିଲା। ଉଭୟ ଛାତ୍ର ଦୌଡିବା ସହ କୌଶଳ କ୍ରମେ ଖସି ପଳାଇ ଆସିଥିଲେ। ମାତ୍ର ଅନ୍ଧାର ରାତିରେ ଉଭୟ ଛାତ୍ର ଦୌଡି କି ଆସିବା ବେଳେ ପଡି ଶରୀରର ଅନେକ ସ୍ଥାନ ଖଣ୍ଡିଆ ହୋଇଯାଇଛି। ଉଭୟଙ୍କୁ ପରିବାର ଲୋକେ ପ୍ରାଥମିକ ଚିକିତ୍ସା କରାଇବା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟ ଛାତ୍ର ନିକଟସ୍ଥ ସିକୋ ଚନ୍ଦ୍ରଶେଖର ଦେବ ବିଦ୍ୟାପୀଠରେ ପାଠ ପଢୁଛନ୍ତି। ସୂଚନାଥାଉ କି, ଚନ୍ଦକା ଜଙ୍ଗଲରୁ ହାତୀ ପଲ ଆସି ଦୀର୍ଘ ୫ବର୍ଷ ହେଲା ନାରଗୋଦା ଜଙ୍ଗଲରେ ରହୁଛନ୍ତି। ସେମାନେ ବେଗୁନିଆ ବ୍ଲକର ୭ଟି ପଞ୍ଚାୟତ ଅଞ୍ଚଳରେ ବହୁ ଧନ ସମ୍ପତ୍ତି ନଷ୍ଟ କରି ପକାଇଛନ୍ତି।

## କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

**ଭାପୁର,୬।୨(ଡି.ଏନ୍.ଏ.)**

ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ସୁନାତଇଲା ଗ୍ରାମର ପ୍ରଭାସିନୀ ଦେବୀ ସ୍ମୃତି ସଂସଦ ଏହାର ୩ୟ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଓଡ଼ିଶାର ଦୁଇ ବିଶିଷ୍ଟ କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଛି। ବୁଧବାର ରାତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ ଉପସ୍ଥିତ ସମସ୍ତ କଳାକାରଙ୍କୁ ସ୍ୱାଗତ କରିଥିଲେ। ସୁରଗନ୍ଧର୍ବ ନବକିଶୋର ମିଶ୍ର ବିଶିଷ୍ଟ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥ ଓ ହାଇକୋର୍ଟର ବରିଷ୍ଠ ଆଇନଜୀବୀ



ସଂଘମିତ୍ରା ରାଜଗୁରୁ ଭିକାରୀ ମହାନ୍ତିଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କଣ୍ଠଶିଳ୍ପୀ ନବକିଶୋର ମିଶ୍ର, ପ୍ରଭାତ କୁମାର ଦାଶ, ପ୍ରୟାତାତ୍ମା ରଥ, ରାଗେଣୀ ଦାସ, ସୁଚିସ୍ମିତା ନନ୍ଦ, ଜ୍ୟୋତିର୍ମୟୀ ତ୍ରିପାଠୀ, ମାଧବ ଡାକୁଆ, ସବିତା ଶୁକ୍ଳା ଓ ଶିଶୁକବି ପଲ୍ଲବୀ ଭଜନ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ।

## ଆର୍‌ଡିସିସି କ୍ରିକେଟ: ଫାଇନାଲରେ ନୂଆଗାଁ

**ଗଣିଆ,୬।୨(ଡି.ଏନ.ଏ.)**

ଗଣିଆ ବ୍ଲକ ରାଜିଙ୍ଗି ଗ୍ରାମ ଆରଡିସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗୁରୁବାର ୨ଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ବର୍ଷା ଯୋଗୁ ହୋଇପାରି ନ ଥିଲା। ପ୍ରଥମ ସେମିଫାଇନାଲରେ ନୂଆଗାଁ କ୍ରିକେଟ କ୍ଲବ ଗଣିଆ କ୍ରିକେଟ କ୍ଲବକୁ ୫ ଉଇକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ଟସ୍ ଜିଣି ଗଣିଆ କ୍ରିକେଟ କ୍ଲବ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୨ରନ୍ ସଂଗ୍ରହ କରିଥିଲା । ଜବାବରେ ନୂଆଗାଁ କ୍ରିକେଟ କ୍ଲବ୧୩.୨ ଓଭରରେ ୫ ଉଇକେଟ ହରାଇ ୯୪ ରନ ସଂଗ୍ରହ କରି ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି। ନୂଆଗାଁ କ୍ରିକେଟ କ୍ଲବର ସୁର ୩୫ରନ୍ ସଂଗ୍ରହ କରିବା ସହ ୨ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ । ସେହିପରି ୨ୟ ସେମିଫାଇନାଲ ଖେଳ ନୟାଗଡ କ୍ରିକେଟ କ୍ଲବ ସହ ଦଶପଲ୍ଲା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦଶପଲ୍ଲା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୩୪ରନ ସଂଗ୍ରହ କରିଥିଲା । ଜବାବରେ ନୟାଗଡ କ୍ରିକେଟ କ୍ଲବ ୧୪ ଓଭରରେ ୬ ଉଇକେଟ ହରାଇ୧୩୧ରନ୍ ସଂଗ୍ରହ କରିଥିଲା । ତେବେ ନୟାଗଡ କ୍ରିକେଟ କ୍ଲବକୁ ଜିତିବା ପାଇଁ ୧ ଓଭରରେ ୪ରନ୍ ଆବଶ୍ୟକ କରୁଥିବା ବେଳେ ବର୍ଷା ଯୋଗୁ ଖେଳ ସ୍ଥଗିତ ରଖାଯାଇଥିବା ଆୟୋଜକ କମିଟି ତରଫରୁ ସୂଚନା ମିଳିଛି । ଶୁକ୍ରବାର ପ୍ରଥମାର୍ଦ୍ଧରେ ଅବଶିଷ୍ଟ ୧ଓଭର ଖେଳ ପରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଖେଳ ପରିଚାଳନା କରିଥିଲେ ଅଶୋକ କୁମାର ନାୟକ ଓ ଜ୍ଞାନରଞ୍ଜନ ସାମଲ । ଖେଳରେ ମୁଖ୍ୟ ଅତିଥି ଭାବେ ଛାମୁଣ୍ଡିଆ ପୂର୍ବତନ ସରପଞ୍ଚ ଉଦ୍ୟନାଥ ଦଳେଇ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ବିକ୍ରମ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ବେହେରା, ଶୁଭ୍ରରଞ୍ଜନ ସାହୁ, ବିଶ୍ୱନାଥ ମାଝି ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।


ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

## ମୁସଲମାନ ସମ୍ପ୍ରଦାୟଙ୍କ ଚଦର ଯାତ୍ରା

**କୃଷ୍ଣପ୍ରସାଦ,୬।୨(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଗୁରୁବାର ଚଦର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ପ୍ରଦାୟ ଲୋକେ ପ୍ରତ୍ୟୁଷରୁ ସନ୍ଧ୍ୟା ପର୍ଯ୍ୟନ୍ତ ୩ ଥର ସମୂହ ନମାଜ ପାଠ ସହ ଧର୍ମଗ୍ରନ୍ଥ କୋରାନ ପଢିଥିଲେ। ଅପରାହ୍ନ ୫ଟାରେ ମସ୍‌ଜିଦରୁ ଚଦର ଆଣି ଲୋକଙ୍କ ଉପରେ ଟାଣି ଧରି ରାଜାବଜାର ଓ ଗ୍ରାମ ଭ୍ରମଣ କରିଥିଲେ। ସମସୁଦ୍ଦିନ ଖାନ କହନ୍ତି, ଆକବରଙ୍କ ଇସଲାମ ଧର୍ମ ପ୍ରଚାରରେ ଅଉଲିଆ ସାହେଦ ସାହାବାଜ ବାବା ବିଭିନ୍ନ ଦେଶ ବୁଲିଥିଲେ। ସେ କୃଷ୍ଣପ୍ରସାଦର ଭଗବାନପୁର ମାଲୁଦରେ ଧର୍ମ ପ୍ରଚାର କରି ଶେଷରେ ମାଲୁଦଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମାଲୁଦରେ ଥିବା ମୁସଲମାନମାନେ ତାଙ୍କର ସେହି ମୃତ୍ୟୁ ଦିବସକୁ ଚଦରଯାତ୍ରା ଭାବେ ପାଳନ କରିଆସୁଛନ୍ତି। ଚଦର ଧରି ଗ୍ରାମ ଭ୍ରମଣ ପରେ ତାହାକୁ ସତ୍ୟପୀରଙ୍କ ଉପରେ ଘୋଡାଇଥିଲେ। ସେଠାରେ ବିଭିନ୍ନ ପ୍ରକାର ଫଳ ଓ ଅନ୍ନ ପ୍ରସାଦ ଭୋଗଲାଗି କରାଯାଇଥିଲା। ଏହି ଯାତ୍ରାରେ ୨ ହଜାରରୁ ଉର୍ଦ୍ଧ୍ୱ ମୁସଲମାନ ଯୋଗ ଦେଇଥିଲେ।

## ନବନିର୍ମାଣ କୃଷକ ସଂଗଠନର ପଦଯାତ୍ରା, ପଥପ୍ରାନ୍ତ ସଭା


ପଥପ୍ରାନ୍ତ ସଭାରେ ସଙ୍ଗଠନର ସଦସ୍ୟ ଓ କୃଷକମାନେ।

**ଖଣ୍ଡପଡା,୬।୨(ସ୍ୱ.ପ୍ର.)**

ନୟାଗଡ ଜିଲାର ଓଡଗାଁ ଶ୍ରୀରଘୁନାଥଙ୍କ ପୀଠରୁ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବାହାରିଥିବା ସଚେତନତା ପଦଯାତ୍ରା ଗୁରୁବାର ଖଣ୍ଡପଡା ବ୍ଲକ ଅଧୀନ ଯୋଗିଆପଲ୍ଲୀ ପଞ୍ଚାୟତରେ ପହଞ୍ଚିଥିଲା। ପଦଯାତ୍ରାକାରୀ ଦଳକୁ ଗ୍ରାମବାସୀ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ । ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ସହ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ଗ୍ରାମ ପରିକ୍ରମା କରିଥିଲେ । ବିଭିନ୍ନ ସ୍ଥାନରେ ଆୟୋଜିତ ପଥପ୍ରାନ୍ତ ସଭା ଜରିଆରେ କୃଷକନେତାମାନେ ସରକାରଙ୍କ କୃଷକ ମାରଣ ନୀତିକୁ ନେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଚାଷୀମାନଙ୍କ ହକ୍ ପାଇଁ ଲଢେଇ ଜାରି ରହିଛି ଓ ଆଗାମୀ ଦିନରେ ଜାରି ରହିବ ବୋଲି ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ। କୃଷକମାନଙ୍କ ସ୍ୱାର୍ଥ ବିରୋଧୀ ରାଜ୍ୟସରକାରଙ୍କୁ ଉଚିତ ଜବାବ ଦେବାକୁ ସାରା ରାଜ୍ୟର କୃଷକମାନଙ୍କୁ ନେଇ ଆଗାମୀ ଦିନରେ ଭୁବନେଶ୍ୱରଠାରେ ବଡଧରଣର ଆନ୍ଦୋଳନ କରାଯିବ ବୋଲି କୃଷକନେତାମାନେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନବ ନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ ମହେଶ୍ୱର ଜେନା, ସହ ସଂଯୋଜିକା ମମତା ନାଥ, ଉପଦେଷ୍ଟା ସନ୍ତୋଷ ପ୍ରଧାନ, ଭାଗବତ ପରିଡା, ବିନୋଦ ସାହୁ ପ୍ରମୁଖ କୃଷକ ନେତାମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ ।

## ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଟେନିସ ଭଲିବଲ ଟିମ୍‌ର ତେଲଙ୍ଗାନା ଗସ୍ତ

**ଖଣ୍ଡପଡା,୬।୨(ସ୍ୱ.ପ୍ର.)**

ଆସନ୍ତା ୮ ତାରିଖରେ ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଜାତୀୟ ଟେନିସ ଭଲିବଲ ପ୍ରତିଯୋଗୀତା ତେଲଙ୍ଗାନା ପ୍ରଦେଶରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ପ୍ରତିଯୋଗୀତାରେ ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗୁରୁବାର ଟ୍ରେନ ଯୋଗେ ସେଠାକୁ ଗସ୍ତ କରିଥିବା ଜଣା ପଡିଛି । ତେଲଙ୍ଗାନା ଗସ୍ତ କରିଥିବା ଉକ୍ତ ଟିମରେ ନୟାଗଡର ଦେବାନନ୍ଦ ଦଳବେହେରା, ପ୍ରିୟ ଦର୍ଶନ ସାହୁ, ଅର୍ପିତ ସାହୁ, ସଙ୍ଗୀତା ପ୍ରଧାନ, ଐଶ୍ୱର୍ଯ୍ୟା ବଳିୟାର ସିଂ, ଶ୍ୱେତାରାଣୀ ସାହୁ, କନ୍ଧମାଳ ଜିଲାର ଲୋଟ ପ୍ରଧାନ, ରମେଶ ମାଝି, ସିପ୍ରାମୟୀ ପ୍ରଧାନ, ରୀତିକା ପ୍ରଧାନ, କଳ୍ପନା କହଁର ଏବଂ କେନ୍ଦୁଝର ଜିଲାରୁ ନରହରି ଖଟୁଆ ପ୍ରମୁଖ ସାମିଲ ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ । ଉକ୍ତ ଟିମରେ ସହ ପ୍ରଶିକ୍ଷକ ଭାବେ କନ୍ଧମାଳର ଶ୍ରୀଚନ୍ଦା ପ୍ରଧାନ, ରଙ୍କନିଧି ବେହେରା ସେଠାକୁ ଗସ୍ତ କରିଛନ୍ତି । ଟିମର ସମସ୍ତ ଖେଳାଳୀଙ୍କୁ ଭୁବନେଶ୍ୱର ରେଳ ଷ୍ଟେସନଠାରେ ଓଡିଶା ଶାରୀରିକ ଶିକ୍ଷା ଉପ ନିର୍ଦ୍ଦେଶକ ସତ୍ୟନାରାୟଣ ରାୟଗୁରୁ, ସିଧାମୂଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ, ରାଜ୍ୟ ଟେନିସ ଭଲିବଲ ଆସୋସିଏଶନର ସମ୍ପାଦକ ଶଶିକାନ୍ତ ନାୟକ, ସଭାପତି ଦେବେନ୍ଦ୍ର କୁମାର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।


ତେଲେଙ୍ଗାନା ଗସ୍ତ ଅଭିମୁଖେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ବନ ବିଭାଗ ଓ ରେଲୱେ କର୍ମଚାରୀଙ୍କ ସମୀକ୍ଷା

**ଦଶପଲ୍ଲା,୬।୨(ଡି.ଏନ୍.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ରେଲ ଲାଇନ ଦଶପଲ୍ଲା ଦେଇ ଗଲେ ଦଶପଲ୍ଲା ବନାଞ୍ଚଳର ଜଙ୍ଗଲ ଓ ବନ୍ୟଜନ୍ତୁ କେତେଦୂର ପ୍ରଭାବିତ ହେବେ ତାହାର ଏକ ସମୀକ୍ଷା ଗୁରୁବାର କରାଯାଇଥିଲା। ନୟାଗଡ଼ ଡିଏଫଓ ଧନରାଜ ଏଚ୍‌ଡ଼ି, ଏସିଏଫ୍ ଅରବିନ୍ଦ ମହାନ୍ତି, ଦିଲୀପ ରାଉତଙ୍କ ସମେତ ରେଲୱେ କର୍ମଚାରୀ ଦଶପଲ୍ଲାର ବରପଲ୍ଲୀ, ଟାକେରା, ବାଣିଗୋଛା ପ୍ରଭୃତି ଅଞ୍ଚଳ ପରିଦର୍ଶନ କରି ଫେରିଯାଇଛନ୍ତି।

## ବଢୁଛି ଅପରାଧ, ପୋଲିସ ଉପରୁ ତୁଟୁଛି ଲୋକଙ୍କ ଭରସା

**ନୂଆଗାଁ,୬।୨ (ଡି.ଏନ.ଏ.)**

ନୂଆଗାଁ ଥାନା ଅଞ୍ଚଳରେ ଚୋରି ଡକାୟତି, ବଳକ୍ତାର, ଦୁର୍ଘଟଣା ଆଦି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଥିରେ ପ୍ରଭାବିତ ହେଉଥିବା ଲୋକମାନେ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରୁଥିଲେ ମଧ୍ୟ ସେମାନଙ୍କୁ କୌଣସି ସୁଫଳ ମିଳୁ ନାହିଁ। ଫଳରେ ପୋଲିସ ଉପରୁ ଭରଷା ତୁଟି ଯାଉଛି । ଏପରିକି ଚୋରି ହେବା ପରେ ମଧ୍ୟ ପୋଲିସ ନିକଟରେ ଅଭିଯୋଗ କରିବା ପାଇଁ ଲୋକେ ଚାହୁଁ ନାହାନ୍ତି।

ଗତ ଜୁଲାଇ ମାସରେ ଖାଲମଡାର ଶ୍ରୀଧର ପରିଡା ପତ୍ନୀଙ୍କ ସହ ବାଇକରେ ଯାଉଥିବା ବେଳେ ଡକାୟତମାନେ ୨୦ ଗ୍ରାମ ସୁନା ,ଦୁଇଗୋଟି ମୋବାଇଲ ଓ ଟଙ୍କା ଲୁଟି ନେଇଥିଲେ। ଡକାୟତମାନେ ଉକ୍ତ ମୋବାଇଲକୁ ବ୍ୟବହାର କରୁଥିଲେ ମଧ୍ୟ ପୋଲିସ ତାଙ୍କୁ ଧରିବାକୁ ଇଚ୍ଛା ପ୍ରକାଶ କରି ନଥିଲା। ପୋଲିସ ଚୋରଙ୍କୁ ଧରିବାକୁ ଚାହୁଁ ନଥିବା ଜାଣି ଅଭିଯୋଗକାରୀ ନୀରବ ରହିଥିଲେ । ସେପ୍ଟେମ୍ବର ୫ ତାରିଖରେ ଫରେଷ୍ଟର ଶୁଭେନ୍ଦୁ ନାୟକଙ୍କ ଘର ଝରକା ତାଡି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ଯାଇଥିବା ଅଭିଯୋଗ ପାଇ ମଧ୍ୟ ପୋଲିସ ନୀରବ । ସେହିପରି ଗତ ଜାନୁଆରୀ ମାସରେ ଲଗାତର ଭାବେ ୫ଦିନ ଧରି ଚୋରି ହୋଇଥିଲା। ପ୍ରଥମେ ଗଦାଧରପୁରରୁ ସୁବାସ ଖଣ୍ଡୁଆଳଙ୍କ ବାଇକ ଚୋରି ଯାଇଥିଲେ ମଧ୍ୟ ପୋଲିସର କାର୍ଯ୍ୟକଳାପ ଜାଣି ସେ ଅଭିଯୋଗ କରିବାକୁ ଉଚିତ ମଣି ନ ଥିଲେ। ଥାନାଠାରୁ ମାତ୍ର ୪୦୦ ମିଟର ଦୂର ଧନେଶ୍ୱର ସାହୁଙ୍କ ଘର ଝରକା ତାଡି ଲକ୍ଷାଧିକ ଟଙ୍କାର ସୁନା ଗହଣା, ଟଙ୍କା ଆଦି ଲୁଟି ନେଇଥିବା ବେଳେ ଡଗସ୍ୱାର୍ଡ ଓ ତଦନ୍ତକାରୀ ଦଳ ଆସି ଚୋର ଛାଡି ଯାଇଥିବା ପ୍ରମାଣ ଖୋଜିଥିଲେ ଏବଂ ଚୋର କିଛି ଛାଡି ଯାଇ ନ ଥିବାରୁ କୌଣସି ସୁଫଳ ମିଳି ନଥିଲା । ପରଦିନ ମହିତମା ଲକ୍ଷ୍ମୀଧର ମହାପାତ୍ରଙ୍କ ଘର କବାଟ ଭାଙ୍ଗି ଚୋରି ହୋଇଥିବା ବେଳେ ତାପର ଦିନ ସରସ୍ୱତୀ ପ୍ରଧାନଙ୍କ ଘରେ ଚୋର ପଶିଥିଲେ । ସରସ୍ୱତୀଙ୍କ ସାହସିକତା ଯୋଗୁଁ ଚୋରମାନେ ବିଫଳ ହୋଇଥିଲେ । କିଛି ସମୟ ଧସ୍ତାଧସ୍ତି ପରେ ତିନି ହଜାର ଟଙ୍କା ନେଇଯାଇଥିବା ବେଳେ ପ୍ରମାଣ ସ୍ୱରୂପ ସେମାନେ ଘର ତାଡିବାରେ ବ୍ୟବହାର କରୁଥିବା ହତିଆର ଛାଡି ଯାଇଥିଲେ । ଏହାକୁ ନେଇ ଥାନାରେ ଦେବା ପରେ ମଧ୍ୟ ଚୋର ଧରିବାରେ ବିଫଳ ନୂଆଗାଁ ପୋଲିସ । ପୁଣି ତାପର ଦିନ ଗାଁ ଭିତରୁ ଅଟୋ ଚୋରିରେ ବିଫଳ ହୋଇ ଅଟୋରୁ ବ୍ୟାଟେରୀ ଖୋଲି ନେଇଥିଲେ ଦୁର୍ବୃତ୍ତ। ଅଭିଯୋଗ ପରେ କେବଳ ମାମଲା ରୁଜୁ କରି ଅନୁସନ୍ଧାନ ଚାଲିଛି କହିଛନ୍ତି ନୂଆଗାଁ ଆଇଆଇସି ମନୋରମା ମଲିକ। ନୂଆଗାଁ ଥାନା କର୍ମଚାରୀଙ୍କ କାର୍ଯ୍ୟକଳାପ ବିଷୟରେ ଏସଡିପିଓ ନିରଞ୍ଜନ ପାଢୀଙ୍କୁ ପଚାରିବାରେ ମୁଁ କିଛି କରି ପାରିବି ନାହିଁ, ଆଇଆଇସିଙ୍କୁ କୁହନ୍ତୁ ବୋଲି କହିଥିଲେ। ପୋଲିସର ନିଷ୍କ୍ରିୟତା ନେଇ ନୂଆଗାଁ ଥାନା ଅଞ୍ଚଳର କେତେକ ଲୋକ ପୋଲିସ ମହାନିର୍ଦ୍ଦେଶକଙ୍କୁ ସାକ୍ଷାତ କରିବା ସହ ଲୋକମାନଙ୍କୁ ପୋଲିସର ପ୍ରକୃତ ସେବା ଯୋଗାଇ ଦେବା ପାଇଁ ନିବେଦନ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି।



ନୂଆଗାଁ ଥାନା।